

ଫାଇନାଲ୍‌ରେ ସାବାଲେଙ୍କା

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-79 ♦SATURDAY ♦12 SEPTEMBER 2026 ♦PAGE-12 ♦₹ 7.00

PANIKOILI

♦ବର୍ଷ-୪୪ ♦ସଂଖ୍ୟା-୭୯ ♦ଶନିବାର ♦୧୨ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ସ୍କୁଲରେ ଭୟାବହ ଅଗ୍ନିକାଣ୍ଡ
# ଜିଅନ୍ତା ଜଳିଗଲେ ୨୯ ଛାତ୍ରଛାତ୍ରୀ



■ ବୁକାଭୁ, ୧୧।୯ (ଏଜେନ୍ସି): କଙ୍ଗୋର ପୂର୍ବାଞ୍ଚଳ ସହର ବୁକାଭୁରେ ଦୁଇଟି ସ୍କୁଲରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୯ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୯ ଜଣ ଛାତ୍ରୀ ଓ ୧୦ ଜଣ ଛାତ୍ର ଅଛନ୍ତି। ଆହତ ୨୯ ଜଣଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସ୍ଥାନୀୟ ପ୍ରଶାସନ ଅନୁସାରେ, ନିକଟସ୍ଥ ଏକ ଘରୁ ପ୍ରଥମେ ନିଆଁ ଲାଗିଥିଲା। ପରେ ଏହା ଫୁରାହା ସେକେଣ୍ଡାରୀ ସ୍କୁଲ ଓ ଉଜାମା ପ୍ରାଥମିକ ସ୍କୁଲକୁ ବ୍ୟାପିଯାଇଥିଲା। ନିଆଁ ଲାଗିବା ସମୟରେ ଅନେକ ଛାତ୍ରଛାତ୍ରୀ ସ୍କୁଲ ଭିତରେ ଫସିଯାଇଥିଲେ। କେତେକ ଛାତ୍ରଛାତ୍ରୀ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି।

# କାର୍ ଭିତରେ ସମିତି ସଭ୍ୟଙ୍କୁ ଗୁଳି କରି ହତ୍ୟା



■ ଡୁଙ୍ଗୁରିପାଲି, ୧୧।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଧୀନ ଚିନାଜୁରୀ-କେବାଡ ରାସ୍ତାରେ ବରଗଡ଼ ଜିଲ୍ଲା ଆଗଲପୁର ସମିତି ସଭ୍ୟ ଅଚ୍ୟୁତାନନ୍ଦ ନାଏକ (୩୬)ଙ୍କୁ କାର୍ ଭିତରେ ଗୁଳି କରି ହତ୍ୟା କରାଯାଇଛି। ସେ ବରଗଡ଼ ଜିଲ୍ଲା ବରପାଲି ଥାନା ଅଧୀନ କେବାଡ଼ ଗ୍ରାମର ସଭାପତି ନାଏକ (୬୪)ଙ୍କ ପୁଅ। ଗୁରୁବାର ରାତିରେ ଏହି ଘଟଣା ଘଟିଛି। ଦୁର୍ବୃତ୍ତ ତାଙ୍କୁ କାର୍ ଭିତରେ ତାଙ୍କୁ ଗୁଳି କରି ଫେରାର୍ ମାରିଛନ୍ତି। ତେବେ ଗୁଳିକାଣ୍ଡର କାରଣ ଜଣା ପଡିନି। ଗୁରୁବାର ରାତିରେ ଖାଇ ସାରି ସେ ନିଜ ସ୍ୱିଫ୍ଟ ଡିଜାୟର୍ କାର୍ (ଓଡି-୧୫-ଏ-୮୧୯୧)ଯୋଗେ କେବାଡ଼ ଗ୍ରାମସ୍ଥିତ ନିଜ ଘରୁ ଚିନାଜୁରି ଅଭିମୁଖେ ବାହାରିଥିଲେ; ହେଲେ ଘରକୁ ଫେରି ନ ଥିଲେ। ଟଙ୍କା ଦେବାକୁ ତାଙ୍କୁ ବରଗଡ଼ ଜଣେ ବ୍ୟକ୍ତି ଫୋନ୍ କରି ଡାକିଥିଲେ। ଜମିବାଡିକୁ କେନ୍ଦ୍ର କରି ହତ୍ୟା ▶ପୃଷ୍ଠା-୭

# ବଢ଼ିଲେ ଦେଶୀୟ ପକ୍ଷୀ; ଭିତରକନିକା ମୁଖରିତ



**ଅଭୟାରଣ୍ୟରେ ୧ ଲକ୍ଷ ୩୨ ହଜାର ୨୭୯ ପକ୍ଷୀ ଠାବ**

■ ରାଜନଗର, ୧୧।୯ (ସମିସ): ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତବର୍ଷଠାରୁ ଅଧିକ ରହିଛି। ଗତବର୍ଷ ଭିତରକନିକାରେ ୧,୩୦,୧୨୩ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୧,୩୨,୨୭୯କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷଠାରୁ ଚଳିତବର୍ଷ ୨୧୫୬ ଅଧିକ ସଂଖ୍ୟକ ପକ୍ଷୀ ଭିତରକନିକାରେ ଭିଡ଼ ଜମାଇଛନ୍ତି। ୧୪୧୯ଟି ଗଛରେ ୨୮,୦୬୪ ବସାରେ ଏହି ପକ୍ଷୀଙ୍କୁ ଗଣନା କରାଯାଇଯାଇଥିବା ଜଣାପଡ଼ିଛି।

## ଆଜିଠୁ ବ୍ରିକ୍ସ ଶିଖର ସମ୍ମିଳନୀ
# ଦିଲ୍ଲୀ ଉପରେ ବିଶ୍ୱର ନଜର

## ଜାତୀୟ ରାଜଧାନୀରେ ବିଶ୍ୱର ପ୍ରମୁଖ ନେତା
## ପୁଟିନ୍, ପେଜେସ୍କିଆନ୍‌ଙ୍କୁ ଭେଟିବେ ମୋଦୀ
## ଯୁଦ୍ଧ ଓ ବିଶ୍ୱ ଅର୍ଥନୀତି ଉପରେ ଆଲୋଚନା

■ ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ରାଜଧାନୀ ନୂଆଦିଲ୍ଲୀ ସଜେଇ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ଇରାନ୍ ରାଷ୍ଟ୍ରପତି ମସୌଦ ପେଜେସ୍କିଆନ୍‌ଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ। ଦୁଇ ନେତାଙ୍କ ସହ ଆଲୋଚନାରେ ବାଣିଜ୍ୟ, ଅର୍ଥନୈତିକ ସହଯୋଗ ଓ ଦ୍ୱିପାକ୍ଷିକ ସମ୍ପର୍କ ପ୍ରମୁଖ ପ୍ରସଙ୍ଗ ହେବା ଆଶା କରାଯାଉଛି। ବ୍ରିକ୍ସର ୧୮ତମ ଶିଖର ବୈଠକ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ହେଉଛି। ଏହି ବୈଠକରେ ବ୍ରିକ୍ସର ସଦସ୍ୟ ଓ ସହଭାଗୀ ଦେଶଗୁଡ଼ିକର ନେତାଙ୍କ ସହ ଆମନ୍ତ୍ରିତ ଦେଶର ପ୍ରତିନିଧିମାନେ ମଧ୍ୟ ଯୋଗଦେବେ। ଭାରତ ଚଳିତ ବର୍ଷ ବ୍ରିକ୍ସର ଅଧ୍ୟକ୍ଷତା କରୁଛି। ରୁଷିଆର ରାଷ୍ଟ୍ରପତି ପୁଟିନ୍ ଓ ଇରାନ୍‌ର ରାଷ୍ଟ୍ରପତି ପେଜେସ୍କିଆନ୍‌ଙ୍କ ବ୍ୟତୀତ ଚୀନ୍‌ର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ମଧ୍ୟ ଭାରତ ଗସ୍ତରେ ଆସିଛନ୍ତି। ୨୦୨୦ ଗଲୱାନ୍ ଘାଟି ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ବଢ଼ିଥିଲା। ତେବେ ସମ୍ପ୍ରତି ଦ୍ୱିପାକ୍ଷିକ ସମ୍ପର୍କରେ ଧୀରେଧୀରେ ସୁଧାର ଦେଖାଯାଉଥିବାରୁ ମୋଦୀ-ସି ଜିନ୍‌ପିଙ୍ଗ୍ ସାକ୍ଷାତ୍‌କୁ ଗୁରୁତ୍ୱ ଦିଆଯାଉଛି। ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା, ବେଲାରୁଷର ରାଷ୍ଟ୍ରପତି ଆଲେକ୍ସାଣ୍ଡର ଲୁକାଶେଙ୍କ, ଇଜିପ୍ଟର ରାଷ୍ଟ୍ରପତି ▶ପୃଷ୍ଠା-୭




## ଭାରତ-ରୁଷ ଦ୍ୱିପାକ୍ଷିକ ବାଣିଜ୍ୟିକ ଆଲୋଚନା
# ୨୦୩୦ ସୁଦ୍ଧା ୧୦୦ ବିଲିୟନ୍ ଡଲାର ବ୍ୟବସାୟ ଲକ୍ଷ୍ୟ


■ ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ବ୍ରିକ୍ସ ଶିଖର ସମ୍ମିଳନୀ ୧୮ ତମ ସଂସ୍କରଣ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦମିର ପୁଟିନ୍‌ଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦୁଇ ନେତା ଦ୍ୱିପାକ୍ଷିକ ଆର୍ଥିକ ଓ ବାଣିଜ୍ୟିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ବ୍ୟାପକ ସମୀକ୍ଷା କରିଛନ୍ତି। ଉଭୟ ଦେଶ ମଧ୍ୟରେ ବାର୍ଷିକ ବାଣିଜ୍ୟକୁ ୨୦୩୦ ମସିହା ସୁଦ୍ଧା ୧୦୦ ବିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ଭାରତ-ରୁଷ୍ ବାଣିଜ୍ୟ ୬୫ ବିଲିୟନ୍ ଡଲାର ରହିଛି। ରୁଷୀୟ ବଜାରରେ ଭାରତୀୟ ରପ୍ତାନିକାରୀଙ୍କ ବଜାର ଅଂଶ ବୃଦ୍ଧି କରି ଦୁଇ ଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଅସନ୍ତୁଳନ ଦୂର କରିବା ପାଇଁ ଆଲୋଚନା ହୋଇଥିଲା। ଏତଦ୍‌ବ୍ୟତୀତ 'ଆର୍ଥିକ ସହଯୋଗ କାର୍ଯ୍ୟକ୍ରମ ୨୦୩୦'ର କାର୍ଯ୍ୟକାରିତା, ଭିତ୍ତିଭୂମି, ଶକ୍ତି, ବେସାମରିକ ପରମାଣୁ ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜ, ପ୍ରତିରକ୍ଷା ଏବଂ ସାର ଯୋଗାଣ କ୍ଷେତ୍ରରେ ସହଯୋଗ ▶ପୃଷ୍ଠା-୭

# ୟୁଏଇରୁ ୨.୪୩ ଲକ୍ଷ କୋଟିର ନିବେଶ ପ୍ରସ୍ତାବ
## ଓଡ଼ିଶାକୁ ଭାରତର ପରବର୍ତ୍ତୀ ଉତ୍ପାଦନ ଓ ନିବେଶ କେନ୍ଦ୍ର ଭାବରେ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୧।୯ (ସମିସ): ଓଡ଼ିଶାକୁ ବ୍ୟାପକ ପୁଞ୍ଜିନିବେଶ ଆଣିବା ଓ ନିବେଶ କେନ୍ଦ୍ର ଭାବେ ଗଢ଼ିବା ଲକ୍ଷ୍ୟରେ ୟୁଏଇରେ ଚାଲିଥିବା ତିନିଦିନିଆ ନିବେଶ ଅଭିଯାନ ଶୁକ୍ରବାର ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ ଓଡ଼ିଶା ପାଇଁ ମୋଟ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଥିବା ବେଳେ ଏଥିରୁ ୬ ଲକ୍ଷ ୧୮ ହଜାର ୭୨୫ଟି ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା ରହିଛି। ତିନିଦିନିଆ କାର୍ଯ୍ୟକ୍ରମରେ ଆବୁଧାବି ଓ ଦୁବାଇରେ ନିବେଶକଙ୍କ ସହ ୨୬ଟି ୱାନ ଟୁ ୱାନ ବୈଠକ ଓ ୬ଟି ରାଉଣ୍ଡଟେବୁଲ୍ ଆଲୋଚନା ହୋଇଥିଲା। ଏହାସହ ୮ଟି ଏମ୍ଓୟୁ ଏବଂ ୧୬ଟି ନିବେଶ ଆଗ୍ରହ ପତ୍ର (ଆଇଆଇଏଫ୍) ସ୍ୱାକ୍ଷରିତ ହୋଇଛି। ରାଉଣ୍ଡଟେବୁଲ୍ ବୈଠକଗୁଡ଼ିକରେ ପ୍ରାୟ ୧୬୦ ଜଣ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ଅଭିଯାନର ଶେଷ ଦିନ ଦୁବାଇରେ 'ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍–ୟୁଏଇ ୨୦୨୬' ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୪୦୦ ଜଣ ବ୍ୟବସାୟୀ, ନିବେଶକ ଓ ୟୁଏଇ ବ୍ୟବସାୟିକ ସମୁଦାୟର ପ୍ରତିନିଧି ଯୋଗଦେଇଥିଲେ। ପର୍ଯ୍ୟଟନ, ଲଜିଷ୍ଟିକ୍ସ, ଆର୍ଥିକ ▶ପୃଷ୍ଠା-୭



## କ୍ରସ୍ ଭୋଟିଂ ଅଭିଯୋଗରେ ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗ
# ବାଚସ୍ପତିଙ୍କ ନିଷ୍ପତ୍ତିକୁ ବିଜେଡିର ଚାଲେଞ୍ଜ



**ହାଇକୋର୍ଟରେ ଆବେଦନ**

■ କଟକ, ୧୧।୯ (ସମିସ): ରାଜ୍ୟସଭା ନିର୍ବାଚନରେ ଦଳୀୟ ନିଷ୍ପତ୍ତି ବିରୋଧରେ ଭୋଟ୍ ଦେଇଥିବା ଅଭିଯୋଗରେ ବିଜେଡିର ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ସଂକ୍ରାନ୍ତ ରାଜନୈତିକ ବିବାଦ ଏବେ ନ୍ୟାୟିକ ଲଢେଇରେ ପରିଣତ ହୋଇଛି। ବିଜେଡିର ଆବେଦନକୁ ବାଚସ୍ପତି ସୁରମା ପାଢ଼ୀ ଖାରଜ କରିବା ପରେ ଦଳ ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ବିଜେଡିର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବାଚସ୍ପତିଙ୍କୁ ପକ୍ଷଭୁକ୍ତ କରି ହାଇକୋର୍ଟରେ ରିଟ୍ ପିଟିସନ୍ (ସିଭିଲ୍) ଦାଖଲ କରିଛନ୍ତି। ଦଳର ପକ୍ଷ ଶୁଣିବାର ସୁଯୋଗ ନଦେଇ ବାଚସ୍ପତି ଏକତରଫା ଭାବେ ଆବେଦନ ଖାରଜ କରିଥିବାରୁ ଏହା ବିରୋଧରେ ଦଳ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ସେ କହିଛନ୍ତି। ଦଳୀୟ ନିଷ୍ପତ୍ତି ଓ ହ୍ୱିପ୍‌କୁ ଅବମାନନା କରିଥିବା ୮ ବିଧାୟକଙ୍କ ବିରୋଧରେ ଆବେଦନ କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ୍ ଅମାନ୍ୟ କରି ▶ପୃଷ୍ଠା-୭

## ପାଞ୍ଚ ରାଜ୍ୟ ନିର୍ବାଚନ ସମୟରେ ଚାନ୍ଦା
# ବିଜେପିକୁ ମିଳିଛି ୧,୪୭୩ କୋଟି

**କଂଗ୍ରେସକୁ ମିଳିଥିବା ଚାନ୍ଦାଠାରୁ ୭ ଗୁଣରୁ ଅଧିକ**

**୫୦ ଦିନରେ ବିଜେପି ପାଣ୍ଠି ୯୦୪ କୋଟି ବୃଦ୍ଧି**

■ ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ପାଞ୍ଚ ରାଜ୍ୟର ବିଧାନସଭା ନିର୍ବାଚନ ପରେ ରାଜନୈତିକ ଦଳଗୁଡ଼ିକର ନିର୍ବାଚନୀ ପାଣ୍ଠିକୁ ନେଇ ଆସିଛି ବିସ୍ତୃତ ତଥ୍ୟ। ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ ହୋଇଥିବା ଖର୍ଚ୍ଚ ଓ ଆୟ ସମ୍ପର୍କିତ ବିବରଣୀ ଅନୁସାରେ ବିଜେପିର କେନ୍ଦ୍ରୀୟ ମୁଖ୍ୟାଳୟକୁ ନିର୍ବାଚନ ସମୟରେ ପ୍ରାୟ ୧,୪୭୨.୮ କୋଟି ଟଙ୍କା ମିଳିଛି। ଏହା କଂଗ୍ରେସର କେନ୍ଦ୍ରୀୟ ଓ ପାଞ୍ଚ ରାଜ୍ୟ ୟୁନିଟ୍‌ର ମିଳିତ ପାଣ୍ଠି ୨୦୭.୧୭ କୋଟି ଟଙ୍କାରୁ ୭ ଗୁଣରୁ ଅଧିକ।

୨୦୨୬ରେ ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଓ ପୁଡୁଚେରୀରେ ନିର୍ବାଚନ ହୋଇଥିଲା। ମାର୍ଚ୍ଚ ୧୫ରୁ ମେ' ୬ ପର୍ଯ୍ୟନ୍ତ ଚାଲିଥିବା ଏହି ନିର୍ବାଚନୀ ଅବଧିରେ କଂଗ୍ରେସ ୨୦୭.୧୭ କୋଟି ଟଙ୍କାର ଶୁଦ୍ଧ ପ୍ରାପ୍ତି (ଟିକସ ପରେ) ଦର୍ଶାଇଥିବା ବେଳେ ମୋଟ ନିର୍ବାଚନୀ ଖର୍ଚ୍ଚ ୨୪୮.୫୫ କୋଟି ଟଙ୍କା ଦର୍ଶାଇଛି। ଅନ୍ୟପଟେ ବିଜେପି କେବଳ କେନ୍ଦ୍ରୀୟ ମୁଖ୍ୟାଳୟରେ ୧,୪୭୨.୮ କୋଟି ଟଙ୍କା ଚାନ୍ଦା ପାଇଛି। ତେବେ ବିଜେପିର କେରଳ ଓ ପଶ୍ଚିମବଙ୍ଗ ନିର୍ବାଚନ ସମ୍ପର୍କିତ ଖର୍ଚ୍ଚ ବିବରଣୀ ଏପର୍ଯ୍ୟନ୍ତ ସାର୍ବଜନୀନ କରି ନ ▶ପୃଷ୍ଠା-୭

## ସର୍କିଟ ହାଉସରେ ଆଡଲ୍ଟ ଅଭିନେତ୍ରୀଙ୍କ ରହଣି
# ବ୍ୟବସ୍ଥା କରିଥିଲେ ପୂର୍ବତନ ଏସ୍‌ପିଙ୍କ ପୁଅ

**ଅଡ଼ି କାର୍ ଜବତ, ଗାଡ଼ି ମାଲିକଙ୍କୁ ପଚରାଉଚରା**

**କମ୍ପାନୀ ସିଇଓ କୁହାଯାଉଥିବା ବ୍ୟକ୍ତିଙ୍କ ପତ୍ତା ମିଳୁନି**

■ ରାଉରକେଲା, ୧୧।୯ (ସମିସ): ରାଉରକେଲା ସର୍କିଟ୍ ହାଉସ୍‌ରେ ଆଡ଼ଲ୍ଟ ୱେବ୍ ସିରିଜ୍ ତଥା ସଫ୍ଟ ପର୍ଣ୍ଣ ଅଭିନେତ୍ରୀ ଟିନା ନନ୍ଦୀଙ୍କ ରହଣି ଭିଡ଼ିଓ ଭାଇରାଲ ହେବା ପରେ ତଦନ୍ତ ଜୋରଦାର କରିଛି ରାଉରକେଲା ପୁଲିସ। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଟିନା ବ୍ୟବହାର କରିଥିବା ଅଡ଼ି କାର୍‌କୁ ଜବତ କରିବା ସହ ଏହାର ମାଲିକ ଶୁଭେନ୍ଦୁ ପଣ୍ଡାଙ୍କୁ ଥାନାକୁ ଆଣିଛି । ସେହିପରି ଛେଣ୍ଡରୁ ଆଶିଷ ମହାନ୍ତି ନାମକ ଜଣେ ଯୁବକଙ୍କୁ ମଧ୍ୟ ଥାନାକୁ ଅଣାଯାଇଛି।

ମିଳିଥିବା ସୂଚନା ଅନୁସାରେ ଟିନା ନନ୍ଦୀଙ୍କୁ ଏକ କାର୍ଯ୍ୟକ୍ରମ ପାଇଁ ରାଉରକେଲା ଅଣାଯାଇଥିଲା। ଝାରସୁଗୁଡ଼ା ବିମାନବନ୍ଦରରୁ ଶୁଭେନ୍ଦୁ ପଣ୍ଡା ତାଙ୍କୁ ରାଉରକେଲା ▶ପୃଷ୍ଠା-୭



### ସର୍କିଟ୍‌ହାଉସ୍ ନା ଧର୍ମଶାଳା!

ଟିନା ନନ୍ଦୀ କେଉଁ କାମ ପାଇଁ ଆସିଥିଲେ ଓ କାହା ସହ ମିଶିଲେ ତାହା ସବୁ ସମ୍ପୂର୍ଣ୍ଣ ବ୍ୟକ୍ତିଗତ। ମାତ୍ର ଏହା ଯଦି ସରକାରୀ କାର୍ଯ୍ୟ ସହ ଜଡ଼ିତ, ତେବେ ତାହା ତଦନ୍ତ ସାପେକ୍ଷ। ମାତ୍ର ମୁଖ୍ୟ ପ୍ରଶ୍ନ ହେଉଛି ସର୍କିଟ ହାଉସରେ ରୁମ୍ କେଉଁ ପ୍ରକ୍ରିୟାରେ, କାହା ଇଙ୍ଗିତରେ, କାହା ଅନୁରୋଧରେ ବା କାହା ସୁପାରିସରେ ଟିନା ନନ୍ଦୀଙ୍କୁ ଦିଆଯାଇଥିଲା। ରାଉରକେଲା ନୂଆ ସର୍କିଟ ହାଉସ ▶ପୃଷ୍ଠା-୭

## ଓଲଟ ପାଲଟ



ଯଥା ରୀତି ଆମ ଭାରତ ବର୍ଷରେ
ଚାଲେ ରାଜନୀତି ଭୋଟ,
ସମ ତାଳ ଦେଇ ଓଡ଼ିଶା ରାଇଜେ
ଚାଲିଅଛି ସେଇ ନାଟ !
କଲେଜ ପାଇଁ କପଟ !
କଲେଜର ନିର୍ବାଚନ ହେଉନାହିଁ
ଛାତ୍ର ଛାତ୍ରୀ ଛଟ ପଟ !
ଏଥରକ ନିର୍ବାଚନ ନ ହୋଇଲେ
ରାଜ୍ୟକୁ ମହା ସଙ୍କଟ !!
-ଯାଯାବର

## ଆସିଲା ଚିଠି
# ଓରାଙ୍ଗଉଟାନ୍‌ଙ୍କୁ ସ୍ୱଦେଶ ଫେରାଅ
## ଭାରତ ସରକାରଙ୍କୁ ନିବେଦନ କଲା ଇଣ୍ଡୋନେସିଆ

■ ଭୁବନେଶ୍ୱର, ୧୧।୯ (ସମିସ): ବାଲେଶ୍ୱରରୁ ଉଦ୍ଧାର ହୋଇ ନନ୍ଦନକାନନହ କ୍ୱାରେଣ୍ଟାଇନ୍‌ରେ ଥିବା ୫ ଶିଶୁ ଓରାଙ୍ଗଉଟାନ୍‌ଙ୍କୁ ସେମାନଙ୍କ ମୂଳ ଦେଶକୁ ଫେରାଇବା ପାଇଁ ଦାବି ଜୋର୍ ଧରିଛି। ବନ୍ୟଜନ୍ତୁ ଚୋରାଚାଲାଣର ଶିକାର ହୋଇ ଏମାନଙ୍କୁ ବେଆଇନ ଭାବେ ଭାରତକୁ ଅଣାଯାଇଥିବା ଆଶଙ୍କା କରାଯାଉଛି। ତେବେ ତୁରନ୍ତ ଏହି ଓରାଙ୍ଗଉଟାନଙ୍କ ଡିଏନ୍‌ଏ ପରୀକ୍ଷଣ କରି, ସେମାନେ କେଉଁ ଦେଶର ଚିହ୍ନଟ କରିବା ସହ ସ୍ୱଦେଶ ଫେରାଇବାକୁ ଦାବି ହୋଇଛି। ଏନେଇ ଇଣ୍ଡୋନେସିଆ ବନ ବିଭାଗ ପକ୍ଷରୁ ଭାରତ ସରକାରଙ୍କୁ ଚିଠି ଲେଖାଯାଇ ଓରାଙ୍ଗଉଟାନଙ୍କୁ ଫେରାଇ ଦେବାକୁ ଦାବି ହୋଇଥିବା ବେଳେ ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା (ଡବ୍ଲ୍ୟୁଏସ୍ଓ) ମଧ୍ୟ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ବନ ମହାନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବଙ୍କୁ ଚିଠି ଲେଖି ସମାନ କଥା କହିଛି। ସଂସ୍ଥାର ସମ୍ପାଦକ ଡ଼ଃ ବିଶ୍ୱଜିତ ମହାନ୍ତି ୧୦ ସେପ୍ଟେମ୍ବରରେ ଲେଖିଥିବା ଚିଠିରେ କହିଛନ୍ତି, ପ୍ରାଥମିକ ତଦନ୍ତ ଓ ଶାରୀରିକ ପରୀକ୍ଷାରୁ ୫ ଓରାଙ୍ଗଉଟାନ୍ ଅନ୍ତର୍ଜାତୀୟ ବନ୍ୟଜନ୍ତୁ ଚୋରାଚାଲାଣର ଶିକାର ହୋଇଥିବା ନେଇ ସଙ୍କେତ ମିଳୁଛି। ବିଦେଶୀ ବନ୍ୟପ୍ରାଣୀଙ୍କ ବେଆଇନ ବାଣିଜ୍ୟ ଓ ଏକ୍ସୋଟିକ୍ ପୋଷା ପ୍ରାଣୀ ବଜାର ପାଇଁ ଏମାନଙ୍କୁ ଭାରତକୁ ଅଣାଯାଇଥିବା ଆଶଙ୍କା ପ୍ରକାଶ କରାଯାଇଛି। 'ସାଇଟସ୍' ନିୟମରେ ଏହି ପ୍ରଜାତିଗୁଡ଼ିକୁ ନେଇ ବାଣିଜ୍ୟିକ କାରବାର ଉପରେ କଠୋର ପ୍ରତିବନ୍ଧକ ରହିଛି। ବେଆଇନ ଭାବେ ସୀମା ପାର କରାଯାଇ ଜବତ ହୋଇଥିବା ଜୀବନ୍ତ ପ୍ରାଣୀଙ୍କୁ ସମ୍ପୃକ୍ତ ରପ୍ତାନିକାରୀ ଦେଶକୁ କିମ୍ବା ଉପଯୁକ୍ତ ରେସ୍କ୍ୟୁ ସେଣ୍ଟରକୁ ▶ପୃଷ୍ଠା-୭

**ଇଣ୍ଡୋନେସିଆ ବନ ବିଭାଗ ପକ୍ଷରୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟାରେ ସହଯୋଗ ପ୍ରସ୍ତାବ**

**ଡିଏନ୍‌ଏ ପରୀକ୍ଷା ପରେ ମୂଳ ଦେଶକୁ ଫେରାଇବାକୁ 'ଡବ୍ଲ୍ୟୁଏସ୍ଓ'ର ଦାବି**



# ଦୀଘା ହୋଟେଲ୍‌ରେ ଛାନ୍‌ଭିନ୍
## ୩ ଜଣଙ୍କୁ ଉଠାଇଆଣିଲା ଏସ୍‌ଟିଏଫ୍

**▶▶ ହୋଟେଲ୍ ମାଲିକଙ୍କୁ ପଚରାଉଚରା**

**▶▶ ଚର୍ଚ୍ଚାରେ କଳାରଙ୍ଗର ଥାର୍ ଗାଡି**

■ ବାଲେଶ୍ୱର(ଉତ୍ତର)/ ଚନ୍ଦନେଶ୍ୱର, ୧୧।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବିଚିତ୍ରପୁର-ବଡପାହି ଅଞ୍ଚଳରୁ ୫ଟି ଓରାଙ୍ଗଉଟାନ ଉଦ୍ଧାର ଘଟଣା ଏବେ ନୂଆ ମୋଡ଼ ନେଇଛି। ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ସ୍ପେସିଆଲ୍ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)ତଦନ୍ତ ଜାରି ରହିଥିବାବେଳେ ପଶ୍ଚିମବଙ୍ଗର ଦୀଘାସ୍ଥିତ ଏକ ଘରୋଇ ହୋଟେଲରୁ ୩ ଜଣ ଅଭିଯୁକ୍ତଙ୍କୁ ଉଠାଇ ପଚରାଉଚରା କରାଯାଉଥିବା ସୂଚନା ମିଳିଛି। ଏହି ଘଟଣା ପରେ ଓରାଙ୍ଗଉଟାନକୁ କେଉଁଠାରୁ, କିପରି ଏବଂ କେଉଁ ରାସ୍ତା ଦେଇ ଭୋଗରାଇ ଅଞ୍ଚଳକୁ ଅଣାଯାଇଥିଲା, ସେନେଇ ତଦନ୍ତକାରୀ ଟିମ୍‌ର ଅଫିସର ମାନଙ୍କୁ ସୁରାକ ମିଳିଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଦୀଘାର ଏକ ଘରୋଇ ହୋଟେଲରେ ଥିବା ୩ ଜଣ ଅଭିଯୁକ୍ତଙ୍କୁ ଏସ୍‌ଟିଏଫ୍ ଅଫିସରମାନେ ଚିହ୍ନଟ କରି ନିଜ ହେପାଜତକୁ ନେଇଥିବା କୁହାଯାଉଛି। ସେମାନଙ୍କୁ ଘଟଣା ସମ୍ପର୍କରେ ଘନଘନ ପଚରାଉଚରା କରାଯାଉଛି। ହୋଟେଲର ମାଲିକ ମଧ୍ୟ ତଦନ୍ତ ପରିସର ମଧ୍ୟକୁ ଆସିଥିବା ସୂଚନା ମିଳିଛି।

## ମହାରାଷ୍ଟ୍ରରେ ଟ୍ରକ୍-ବୋଲେରୋ ଧକ୍କା; ୩ ଶିଶୁଙ୍କ ସମେତ ୯ ମୃତ

ଭଣ୍ଡାରା, ୧୧।୯(ଏଜେନ୍ସି): ମହାରାଷ୍ଟ୍ରର ଭଣ୍ଡାରା ଜିଲ୍ଲା ଦେଇ ଯାଇଥିବା ନାଗପୁର-ରାୟପୁର ଜାତୀୟ ରାଜପଥରେ ଶୁକ୍ରବାର ସକାଳେ ସଡ଼କ ଦୁର୍ଘଟଣାରେ ୩ ଶିଶୁଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଜଣ ମହିଳା ଅଛନ୍ତି। ପିମ୍ପଲଗାଓଁ ନିକଟରେ ଏକ ଟ୍ରକ୍ ପେଟ୍ରୋଲ ପମ୍ପରୁ ରାଜପଥକୁ ଆସୁଥିବା ବେଳେ ପଛପଟୁ ଦ୍ରୁତଗତିରେ ଆସୁଥିବା ବୋଲେରୋ ତା'ର ପଛରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୮ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ ହୋଇଛି। ଆହତମାନଙ୍କୁ ସାକୋଲି ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାଜପଥ ନିକଟରେ ଲାଗିଥିବା ସିସିଟିଭିରେ ଦୁର୍ଘଟଣା ପୂର୍ବରୁ ବୋଲେରୋଟି ଦ୍ରୁତଗତିରେ ଯାଉଥିବା ଦୃଶ୍ୟ କଏଦ ହୋଇଛି। ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଘଟଣାର ତଦନ୍ତ କରୁଛି।

## ୧୭ ଥର ଛୁରାମାଡ଼ ପରେ ଦିଲ୍ଲୀରେ ଯୁବକ ମୃତ

ନୂଆଦିଲ୍ଲୀ, ୧୧।୯(ଏଜେନ୍ସି): ପୂର୍ବ ଦିଲ୍ଲୀର ମଣ୍ଡାୱାଲି ଅଞ୍ଚଳରେ ଦୁଇ ଜଣଙ୍କ ସହ ବଚସା ପରେ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ୧୭ ଥର ଛୁରାମାଡ଼ କରାଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଅନୁସାରେ, ଗୁରୁବାର ସନ୍ଧ୍ୟାରେ ଏକ ସ୍କୁଲ ନିକଟରେ ଏହି ଘଟଣା ଘଟିଥିଲା। ମୃତ ଯୁବକଙ୍କୁ ବଂଶ ଦେଢା ବୋଲି ଚିହ୍ନଟ କରାଯାଇଛି। ଆହତ ଅବସ୍ଥାରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଚସା ପରେ କେଶବ କୁମାର ନାମକ ଜଣେ ଯୁବକ ତାଙ୍କ ସହଯୋଗୀଙ୍କ ସହ ମିଶି ବଂଶଙ୍କୁ ପିଛା କରିଥିଲେ ଏବଂ ସ୍କୁଲ ନିକଟରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣା ପରେ ଉଭୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପୁଲିସ କେଶବ କୁମାରଙ୍କୁ ଗିରଫ କରିଥିବା ବେଳେ ଦ୍ୱିତୀୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରହିଛି। ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ତଥ୍ୟ ଯାଞ୍ଚ କରି ପୁଲିସ ତଦନ୍ତ ଜାରି ରଖିଛି।

## ୭୫.୪ କୋଟି ଟଙ୍କାର ଠକେଇ: ବନ ଅଧିକାରୀ, ପତ୍ନୀ, କମ୍ପାନୀ ବିରୋଧରେ ସିବିଆଇ ଚାର୍ଜସିଟ୍

ଚଣ୍ଡିଗଡ଼, ୧୧।୯(ଏଜେନ୍ସି): ଚଣ୍ଡିଗଡ଼ର ସିଆରଇଏସ୍‌ଟି ଜନସାଧାରଣଙ୍କ ଅର୍ଥ ହେରଫେର ମାମଲାରେ ସିବିଆଇ ଭାରତୀୟ ବନ ସେବା ଅଧିକାରୀ ନବନୀତ ଶ୍ରୀବାସ୍ତବ, ତାଙ୍କ ପତ୍ନୀ ଓ ତାଙ୍କ କମ୍ପାନୀ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଏହି ମାମଲାରେ ପ୍ରାୟ ୭୫.୪ କୋଟି ଟଙ୍କାର ଅର୍ଥ ହେରଫେର ହୋଇଥିବା ଅଭିଯୋଗ ରହିଛି। ଶ୍ରୀବାସ୍ତବ ସିଆରଇଏସ୍‌ଟ ସିଇଓ ଥିବା ସମୟରେ ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ଷଡ଼ଯନ୍ତ୍ର କରି ଅର୍ଥ ହେରଫେର କରିଥିବା ସିବିଆଇ ଅଭିଯୋଗ କରିଛି। ତାଙ୍କ ପତ୍ନୀଙ୍କ କମ୍ପାନୀକୁ ହେରଫେର ହୋଇଥିବା ଅର୍ଥରୁ ୯୫ ଲକ୍ଷ ଟଙ୍କା ମିଳିଥିବା ଏବଂ ଏହାରେ ସ୍ଥାବର ସମ୍ପତ୍ତି କିଣାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ଏହି ମାମଲାରେ ସିବିଆଇ ଏପର୍ଯ୍ୟନ୍ତ ମୋଟ ୧୬ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି।

## ଆଖିରେ ଲଙ୍କାଗୁଣ୍ଡ ପକାଇ ୪.୫୩ ଲକ୍ଷ ଲୁଟ୍: ଅଧ ଘଣ୍ଟାରେ ଧରାପଡ଼ିଲେ

ନାଗପୁର, ୧୧।୯(ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ବ୍ୟାଙ୍କ କର୍ମଚାରୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ୪.୫୩ ଲକ୍ଷ ଟଙ୍କା ଲୁଟ୍‌ର ଏକ ଘଟଣା ସାମ୍ନାକୁ ଆସିଛି। ଲୁଟ୍ ପରେ ଅଭିଯୁକ୍ତ ଫେରାର ହେବାକୁ ଉଦ୍ୟମ କରିଥିଲେ ମଧ୍ୟ ବ୍ୟାଙ୍କ କର୍ମଚାରୀ ଓ ପୁଲିସ ତାଙ୍କୁ ପିଛା କରି ପ୍ରାୟ ୩୦ ମିନିଟ୍ ମଧ୍ୟରେ ଧରିଥିଲେ। ଘଟଣାଟି ବ୍ୟାଙ୍କ ଭିତରେ ଓ ଆଖପାଖରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ପୁଲିସ ଅଭିଯୁକ୍ତଙ୍କଠାରୁ ଲୁଟ୍ ହୋଇଥିବା ସମ୍ପୂର୍ଣ୍ଣ ୪.୫୩ ଲକ୍ଷ ଟଙ୍କା ଉଦ୍ଧାର କରିଛି। ଗୁରୁବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ଜଣେ ବ୍ୟକ୍ତି ପଛପଟୁ ଆସି କର୍ମଚାରୀଙ୍କ ମୁହଁ ଓ ଆଖିରେ ଲଙ୍କାଗୁଣ୍ଡ ପକାଇଥିଲେ। ଆଖିରେ ଲଙ୍କାଗୁଣ୍ଡ ପଡ଼ିବାରୁ କର୍ମଚାରୀମାନେ ଠିକ୍ ଭାବେ ଦେଖିପାରି ନ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ୪.୫୩ ଲକ୍ଷ ଟଙ୍କା ଥିବା ବ୍ୟାଗ୍ ଛଡ଼ାଇ ଫେରାର ହୋଇଥିଲେ। ଅଭିଯୁକ୍ତ ଦୌଡ଼ି ପଳାଉଥିବା ଦେଖି ବ୍ୟାଙ୍କ କର୍ମଚାରୀମାନେ ପାଟି କରି ତାଙ୍କ ପିଛା କରିଥିଲେ କର୍ମଚାରୀ ଓ ପୁଲିସର ମିଳିତ ଉଦ୍ୟମରେ ବ୍ୟାଙ୍କଠାରୁ ପ୍ରାୟ ୧ କିଲୋମିଟର ଦୂରରେ ଅଭିଯୁକ୍ତ ଧରାପଡ଼ିଥିଲେ। ଗିରଫ ଅଭିଯୁକ୍ତଙ୍କ ନାମ ୨୮ ବର୍ଷୀୟ ସୂରଜ ଭୋଜରାଜ ବୋରକର ବୋଲି ଜଣାପଡ଼ିଛି।

## ୧୬ ବର୍ଷ ଜେଲ୍‌ରେ ରହିବା ପରେ ନିର୍ଦ୍ଦୋଷ ଘୋଷିତ ହେଲେ ରଣଜିତ

ପାଟନା, ୧୧।୯(ଏଜେନ୍ସି): ୨୦୦୦ ମସିହାର ଏକ ହତ୍ୟା ମାମଲାରେ ୧୬ ବର୍ଷ ଜେଲ୍‌ରେ ରହିଥିବା ରଣଜିତ କୁମାର ଝାଙ୍କୁ ମୁକ୍ତ କରିଛନ୍ତି ପାଟନା ହାଇକୋର୍ଟ। ତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣ କରିବାରେ ଅଭିଯୋଗପକ୍ଷ ବିଫଳ ହୋଇଥିବା ଏବଂ ତାଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନଥିବା କୋର୍ଟ କହିଛନ୍ତି। ପାୱନ କୁମାର ଝାଙ୍କ ହତ୍ୟା ମାମଲାରେ ରଣଜିତଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ନିମ୍ନ ଅଦାଲତର ରାୟକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସାକ୍ଷୀଙ୍କ ବୟାନରେ ଅନେକ ଅସଙ୍ଗତି ଥିବା ସହ ସ୍ୱାଧୀନ ସାକ୍ଷୀଙ୍କୁ କାହିଁକି ପରୀକ୍ଷା କରାଯାଇନଥିଲା, ସେନେଇ ମଧ୍ୟ କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଘଟଣାସ୍ଥଳର ଆଲୋକ ବ୍ୟବସ୍ଥା, ହତ୍ୟାରେ ବ୍ୟବହୃତ ପିସ୍ତଲର ଫରେନସିକ୍ ପରୀକ୍ଷା ନ କରିବା ଏବଂ ଏଫ୍‌ଆଇଆର୍ ପଞ୍ଜୀକରଣରେ ବିଳମ୍ବ ଭଳି ପ୍ରସଙ୍ଗକୁ ମଧ୍ୟ କୋର୍ଟ ଗୁରୁତ୍ୱ ଦେଇଛନ୍ତି। ପୁଲିସ ଅଧିକାରୀମାନେ 'ଶତ୍ରୁତାପୂର୍ଣ୍ଣ ସାକ୍ଷୀ'ଙ୍କ ସହ ମିଶି ମିଥ୍ୟା ମାମଲା ପ୍ରସ୍ତୁତ କରିଥିବା ଅଭିଯୋଗ ଉପରେ ବିହାର ଡିଜିପିଙ୍କୁ ଦୁଇ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ସମୟ ଜେଲ୍‌ରେ ରହିବା ଯୋଗୁଁ ରଣଜିତ ମାନସିକ ଅବସାଦର ଶିକାର ହୋଇଥିବା ମଧ୍ୟ କୋର୍ଟ ଉଲ୍ଲେଖ କରିଛନ୍ତି। ତାଙ୍କ ପୁନର୍ବାସ ତଥା ଥଇଥାନ୍ ଓ ଚିକିତ୍ସା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କୁ କୋର୍ଟ କହିଛନ୍ତି।

## ମୁଣ୍ଡକୁ ଇଟାରେ ଛେଚି ପତ୍ନୀ, ୩ ଝିଅଙ୍କୁ ନିର୍ମମ ହତ୍ୟା



ଜୟପୁର, ୧୧।୯(ଏଜେନ୍ସି): ରାଜସ୍ଥାନର ଜୟପୁରରେ ଏକ ହୃଦୟବିଦାରକ ଘଟଣାରେ ଜଣେ ବ୍ୟକ୍ତି ନିଜ ପତ୍ନୀ ଓ ୩ ଝିଅଙ୍କୁ ଇଟାରେ ମୁଣ୍ଡ ପିଟି ହତ୍ୟା କରିଥିବା ପୁଲିସ କହିଛି। ମୃତକଙ୍କ ମଧ୍ୟରେ ୪୦ ବର୍ଷୀୟ ଗୀତା ଝା ଏବଂ ତାଙ୍କ ୩ ଝିଅ ନନ୍ଦିନୀ, ଗିରିଶା ଓ ରାଧିକା ଅଛନ୍ତି। ତିନି ଝିଅଙ୍କ ବୟସ ୧୭ରୁ ୨୩ ବର୍ଷ ମଧ୍ୟରେ। ପୁଲିସ ଅନୁସାରେ, ମୃତକଙ୍କ ସ୍ୱାମୀ ତଥା ଝିଅମାନଙ୍କ ବାପା ରାହୁଲ ଝା ଘଟଣା ପରେ ଫେରାର ହୋଇଯାଇଛନ୍ତି। ପ୍ରାଥମିକ ତଦନ୍ତରୁ ପାରିବାରିକ ବିବାଦ ହତ୍ୟାକାଣ୍ଡର କାରଣ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ତେବେ ହତ୍ୟାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ଘଟଣା ସାମ୍ନାକୁ ଆସିଥିଲା। ଘରେ କୌଣସି ଗତିବିଧି ଦେଖାଯାଉ ନ ଥିବାରୁ ପଡ଼ୋଶୀ ଓ ସମ୍ପର୍କୀୟମାନଙ୍କ ସନ୍ଦେହ ହୋଇଥିଲା। ପରେ ଖବର ପାଇ ପୁଲିସ ଗୋବିନ୍ଦପୁରାସ୍ଥିତ ଘରେ ପହଞ୍ଚି ଚାରିଜଣଙ୍କ ମୃତଦେହ ଉଦ୍ଧାର କରିଥିଲା। ସେତେବେଳେ ଅଭିଯୁକ୍ତଙ୍କ ୮୫ ବର୍ଷୀୟ ବାପା ଘରେ ଉପସ୍ଥିତ ଥିଲେ। ଘଟଣାସ୍ଥଳରେ ଫରେନସିକ୍ ସାଇନ୍ସ ଲାବରେଟୋରି ଟିମ୍ ଓ ସନ୍ଧାନୀ କୁକୁର ଦଳ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଘଟଣାସ୍ଥଳରୁ ରକ୍ତ ନମୁନା ସମେତ ବିଭିନ୍ନ ଫରେନସିକ୍ ପ୍ରମାଣ ସଂଗ୍ରହ କରିଛି। ହତ୍ୟାରେ ବ୍ୟବହୃତ ହୋଇଥିବା ସନ୍ଦେହରେ ଏକ ଇଟାକୁ ମଧ୍ୟ ଜବତ କରାଯାଇଛି। ଡିସିପି ପଶ୍ଚିମ ପ୍ରଶାନ୍ତ କିରଣ କହିଛନ୍ତି ଯେ ଘଟଣା ପଛରେ ପାରିବାରିକ ବିବାଦ ଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତ କାହିଁକି ଏଭଳି ଆକ୍ରମଣ କଲେ, ତାହା ଜାଣିବାକୁ ତଦନ୍ତ ଚାଲିଛି। ରାହୁଲ ଝାଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଛି। ସହରର ପ୍ରବେଶ ଓ ପ୍ରସ୍ଥାନ ପଥରେ ଯାଞ୍ଚ କଡ଼ାକଡ଼ି କରାଯିବା ସହ ସମ୍ଭାବ୍ୟ ଲୁଚିଥିବା ସ୍ଥାନରେ ଚଢ଼ାଉ ଜାରି ରହିଛି।

**ବ୍ରିକ୍ସ ସମ୍ମିଳନୀ**

# ଭାରତ ମଣ୍ଡପମ୍‌ରେ ମୋଦୀ-ପୁତିନ ଆଲୋଚନା

ନୂଆଦିଲ୍ଲୀ, ୧୧।୯(ଏଜେନ୍ସି): ପ୍ରଧାନମନ୍ତ୍ରୀ ଓ ପୁତିନ୍ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ପ୍ରାୟ ୪୫ ମିନିଟ୍ ଧରି ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ବୈଠକ ପରେ ଦୁଇ ନେତା ଏକାଠି ଇନୋପ୍ରମ୍ ପ୍ରଦର୍ଶନୀ ପରିଦର୍ଶନ କରି ବିଭିନ୍ନ ବୈଷୟିକ ପ୍ରଦର୍ଶନୀ ଦେଖିଥିଲେ। ଦୁଇ ନେତା ରାଷ୍ଟ୍ରପତି ପୁତିନ୍‌ଙ୍କ ସୁରକ୍ଷିତ ଅର୍ମର୍ଡ ଆରୁସ୍ ସେନାଟ୍ ଗାଡ଼ିରେ ଭାରତ ମଣ୍ଡପମ୍‌ରେ ପହଞ୍ଚିଥିଲେ। ଏହି ବିଶେଷ ଗାଡ଼ିଟି ଅତ୍ୟନ୍ତ ମଜବୁତ ସୁରକ୍ଷା ବ୍ୟବସ୍ଥା ସହ ନିର୍ମିତ ହୋଇଛି। ଇନୋପ୍ରମ୍ ପ୍ରଦର୍ଶନୀରେ ଉନ୍ନତ ପ୍ରଯୁକ୍ତି ସହ ଭାରତ-ରୁଷ୍ ସହଯୋଗର ବିଭିନ୍ନ ସମ୍ଭାବନା ପ୍ରଦର୍ଶିତ ହୋଇଥିଲା। ଏଥିରେ ଟନେଲ୍ ନିର୍ମାଣ ଯନ୍ତ୍ର, ବିରଳ ମୃତ୍ତିକା ଖଣିଜ, ଚୁମ୍ବକ ଏବଂ ଯୁଦ୍ଧବିମାନ ଇଞ୍ଜିନ୍ ବିକାଶ ଭଳି କ୍ଷେତ୍ର ସାମିଲ ଥିଲା। ବୈଠକରେ 'ଆତ୍ମନିର୍ଭର ଭାରତ' ଅଭିଯାନ ଅଧୀନରେ ଉଚ୍ଚ ପ୍ରଯୁକ୍ତି, ପ୍ରତିରକ୍ଷା ଉତ୍ପାଦନ ଓ ଅନ୍ୟାନ୍ୟ ରଣନୈତିକ କ୍ଷେତ୍ରରେ ଭାରତର ସ୍ୱାବଲମ୍ବନକୁ ଆହୁରି ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ବିଦେଶ ସଚିବ ବିକ୍ରମ ମିସ୍ରିଙ୍କ ସମେତ ଉଭୟ ଦେଶର ବରିଷ୍ଠ ପ୍ରତିନିଧିମାନେ ଦୁଇ ନେତାଙ୍କ ସହ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ।

### ପୁତିନଙ୍କୁ 'ତିରୁକ୍କୁରଲ' ଉପହାର ଦେଲେ ମୋଦୀ




ବ୍ରିକ୍ସ ଶିଖର ସମ୍ମିଳନୀ ପୂର୍ବରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାଚୀନ ତାମିଲ୍ ଗ୍ରନ୍ଥ 'ତିରୁକ୍କୁରଲ'ର ରୁଷୀୟ ଅନୁବାଦ ଉପହାର ଦେଇଛନ୍ତି। ଭାରତ-ରୁଷିଆ ସମ୍ପର୍କରେ ଏହି ଉପହାରର ବିଶେଷ ସାଂସ୍କୃତିକ ମହତ୍ତ୍ୱ ରହିଛି। ୨୦୨୬ରେ ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ଲାସିକାଲ୍ ତାମିଲ୍ ପକ୍ଷରୁ ପ୍ରକାଶିତ ଏହି ସଂସ୍କରଣରେ ମୂଳ ତାମିଲ୍ ପଦ୍ୟ, ତାହାର ଲିପି ଅନ୍ତରଣ ସହ ରୁଷୀୟ ଅନୁବାଦ ରହିଛି। ରୁଷୀୟ ଅନୁବାଦ ନାଇରା ଏମ୍‌କର୍ଟଚ୍ୟାନ୍‌ଙ୍କ ଦ୍ୱାରା କରାଯାଇଛି। ଭାରତୀୟ ଦର୍ଶନ ଓ ସାହିତ୍ୟ ପ୍ରତି ରୁଷିଆର ଆଗ୍ରହ ଅନେକ ଶତାବ୍ଦୀ ପୁରୁଣା। ତିରୁକ୍କୁରଲ ମଧ୍ୟ ୟୁରୋପୀୟ ଭାଷାଗୁଡ଼ିକରେ ଅନୁବାଦ ହେବା ପରେ ରୁଷୀୟ ବିଦ୍ୱାନ ଓ ସାହିତ୍ୟିକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ରୁଷିଆର ପ୍ରସିଦ୍ଧ ସାହିତ୍ୟିକ ଲିଓ ଟଲଷ୍ଟୟ ମଧ୍ୟ ତିରୁକ୍କୁରଲ ସହ ପରିଚିତ ଥିବା କୁହାଯାଏ। ଏହି ଗ୍ରନ୍ଥରେ ନୈତିକତା, କରୁଣା ଓ ଅହିଂସା ଉପରେ ଦିଆଯାଇଥିବା ଗୁରୁତ୍ୱ ଟଲଷ୍ଟୟଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିଥିବା ମତ ରହିଛି। ଟଲଷ୍ଟୟ ଓ ମହାତ୍ମା ଗାନ୍ଧୀଙ୍କ ମଧ୍ୟରେ ହୋଇଥିବା ପତ୍ରାଳାପ ସହ ମଧ୍ୟ ତିରକ୍କୁରଲର ସମ୍ପର୍କ ଥିବା ଦାବି କରାଯାଏ। ତେବେ ଏହାର ପ୍ରଭାବ କେତେଦୂର ଥିଲା, ସେନେଇ ଇତିହାସବିତ୍‌ମାନଙ୍କ ମଧ୍ୟରେ ନିଶ୍ଚିତ ମତ ନାହିଁ। ତାମିଲ୍ କବି-ଦାର୍ଶନିକ ତିରୁବଲ୍ଲୁଭରଙ୍କ ରଚିତ ତିରୁକ୍କୁରଲରେ ୧, ୩୩୦ଟି ଦ୍ୱିପଦୀ ରହିଛି, ଯାହା ୧୩୩ଟି ଅଧ୍ୟାୟରେ ବିଭକ୍ତ। ପ୍ରାୟ ଖ୍ରୀଷ୍ଟପୂର୍ବ ୩୦୦ରୁ ଖ୍ରୀଷ୍ଟାବ୍ଦ ୫୦୦ ମଧ୍ୟରେ ଏହା ରଚିତ ହୋଇଥିବା ଅନୁମାନ କରାଯାଏ। ନୈତିକତା, ଶାସନ ଓ ମାନବୀୟ ସମ୍ପର୍କ ଉପରେ ଏହାର ଚିନ୍ତନ ତିରୁକ୍କୁରଲକୁ ତାମିଲନାଡୁର ସୀମା ପାର କରାଇ ବିଶ୍ୱର ବିଭିନ୍ନ ଭାଷାରେ ପହଞ୍ଚାଇଛି।

### ଗୁଡି ବ୍ୟାଗ୍‌ରେ ବିହାରର ସତ୍ତୁ, ଓଡ଼ିଶାର କଫି

ଭାରତରେ ଆୟୋଜନ ହେବାକୁ ଯାଉଥିବା ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀକୁ ନେଇ ଦେଶର ବିଭିନ୍ନ ଅଞ୍ଚଳର ସ୍ଥାନୀୟ ଉତ୍ପାଦ ଓ ସଂସ୍କୃତିକୁ ବିଶ୍ୱସ୍ତରରେ ପରିଚିତ କରାଇବାର ପ୍ରୟାସ କରାଯାଇଛି। ସମ୍ମିଳନୀରେ ଯୋଗଦେଉଥିବା ସାମ୍ବାଦିକ ଓ ପ୍ରତିନିଧିମାନଙ୍କ ପାଇଁ ପ୍ରସ୍ତୁତ ଗୁଡି ବ୍ୟାଗ୍‌ରେ ୯ଟି ସାମଗ୍ରୀ ରହିଛି। ଆସନ୍ତା ୧୨ ଓ ୧୩ରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ହେବାକୁ ଥିବା ଏହି ସମ୍ମିଳନୀ ପାଇଁ ପ୍ରସ୍ତୁତ ବ୍ୟାଗ୍‌ରେ ଦେଶର ବିଭିନ୍ନ ରାଜ୍ୟର ପ୍ରସିଦ୍ଧ ସାମଗ୍ରୀ ସ୍ଥାନ ପାଇଛି। ଏହା ମଧ୍ୟରେ ବିହାରର ସତ୍ତୁ (ଛତୁଆ) ଓ ମଖାନା, ଓଡ଼ିଶାର ଜନଜାତି ଅଞ୍ଚଳର ୧୦୦% ଆରାବିକା କଫି ବିଶେଷ ରହିଛି। ଭଜା ଚଣାରୁ ପ୍ରସ୍ତୁତ ସତ୍ତୁ ପ୍ରୋଟିନ୍‌ରେ ସମୃଦ୍ଧ ଏବଂ ବିହାରର ଏକ ପାରମ୍ପରିକ ଖାଦ୍ୟ ଭାବେ ପରିଚିତ। ସେହିପରି ମଖାନା ମଧ୍ୟ ଦେଶର ଏକ ଲୋକପ୍ରିୟ ପୌଷ୍ଟିକ ଖାଦ୍ୟ। ବିଦେଶୀ ସାମ୍ବାଦିକ ଓ ପ୍ରତିନିଧିମାନେ ଏହି ଦେଶୀ ଖାଦ୍ୟର ସ୍ୱାଦ ନେବାର ସୁଯୋଗ ପାଇବେ। ଗୁଡି ବ୍ୟାଗ୍‌ରେ ଓଡ଼ିଶାର ଜନଜାତି ପାହାଡ଼ିଆ ଅଞ୍ଚଳର କଫି ରଖାଯାଇଥିବା ବେଳେ ଭାରତର ସ୍ଥାନୀୟ ଉତ୍ପାଦକୁ ବିଶ୍ୱ ମଞ୍ଚରେ ପ୍ରୋତ୍ସାହନ ଦେବାର ଏକ ପ୍ରୟାସ। ଏଥିସହ ଗୁଜରାଟର ବ୍ଲକ-ପ୍ରିଣ୍ଟ୍ ଷ୍ଟୋଲ୍, କଫି ମଗ୍ ଓ ଟୋଟ୍ ବ୍ୟାଗ୍ ମଧ୍ୟ ରହିଛି। ବ୍ୟାଗ୍‌ର ଏକ ବିଶେଷତ୍ୱ ହେଉଛି ଏଥିରେ ଚାର୍ଜିଂ ପୋର୍ଟ ବ୍ୟବସ୍ଥା ରହିଛି। ଫଳରେ ସାମ୍ବାଦିକମାନେ ବ୍ୟାଗ୍ ସାଙ୍ଗରେ ରଖିଥିବା ସମୟରେ ମୋବାଇଲ୍ ଓ ଅନ୍ୟ ଉପକରଣ ଚାର୍ଜ କରିପାରିବେ। ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀର ଖବର ସଂଗ୍ରହ ପାଇଁ ପ୍ରାୟ ୧, ୨୦୦ରୁ ୧, ୩୦୦ ସାମ୍ବାଦିକ ଦିଲ୍ଲୀରେ ପହଞ୍ଚିବା ଆଶା କରାଯାଉଛି। ସେମାନଙ୍କ ପାଇଁ ଭାରତ ମଣ୍ଡପମ୍‌ରେ ସ୍ୱତନ୍ତ୍ର ଆନ୍ତର୍ଜାତିକ ମିଡିଆ ସେଣ୍ଟର ମଧ୍ୟ ସ୍ଥାପନ କରାଯାଉଛି।

## ବ୍ରିକ୍ସ ସମ୍ମିଳନୀକୁ ନେଇ କଂଗ୍ରେସର ମତଭେଦ


**ଚିଦାମ୍ବରମ୍-ଥରୁର୍ ମୁହାଁମୁହିଁ**

ନୂଆଦିଲ୍ଲୀ, ୧୧।୯(ଏଜେନ୍ସି): ବ୍ରିକ୍ସ ସମ୍ମିଳନୀରୁ ଭାରତକୁ ବାସ୍ତବରେ କେତେ ଲାଭ ମିଳିଛି, ତାହାକୁ ନେଇ କଂଗ୍ରେସରେ ମତଭେଦ ସାମ୍ନାକୁ ଆସିଛି। ଦଳର ବରିଷ୍ଠ ନେତା ପି. ଚିଦାମ୍ବରମ୍ ସମ୍ପ୍ରତି ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀଗୁଡ଼ିକରୁ ଭାରତର ଠୋସ୍ ଲାଭ କ'ଣ ହୋଇଛି ବୋଲି ପ୍ରଶ୍ନ ଉଠାଇଥିବା ବେଳେ କଂଗ୍ରେସ ସାଂସଦ ଶଶୀ ଥରୁର୍ ବ୍ରିକ୍ସର ଗୁରୁତ୍ୱକୁ ସମର୍ଥନ କରିଛନ୍ତି। ଥରୁର୍ କହିଛନ୍ତି, ଭାରତରେ ବ୍ରିକ୍ସ ସମ୍ମିଳନୀ ଆୟୋଜନ ଦେଶର କୂଟନୈତିକ ଶକ୍ତି ଓ ଅନ୍ତର୍ଜାତୀୟ ପ୍ରଭାବର ପ୍ରମାଣ। ସଦସ୍ୟ ଓ ପର୍ଯ୍ୟବେକ୍ଷକ ଦେଶଗୁଡ଼ିକର ବହୁ ପ୍ରମୁଖ ନେତା ଭାରତ ଆସୁଥିବା ତଥ୍ୟକୁ ସେ ଏକ ବଡ଼ ସଫଳତା ବୋଲି ଅଭିହିତ କରିଛନ୍ତି। ଥରୁରଙ୍କ ମତରେ, ବ୍ରିକ୍ସ ହେଉଛି 'ଗ୍ଲୋବାଲ୍ ସାଉଥ୍' ବା ବିଶ୍ୱ ଦକ୍ଷିଣ ଦେଶଗୁଡ଼ିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ବିକାଶଶୀଳ ଦେଶଗୁଡ଼ିକର ବ୍ୟାପକ ଗୋଷ୍ଠୀରେ ୧୦୦ରୁ ଅଧିକ ଦେଶ ରହିଥିବା ସେ କହିଛନ୍ତି। ବର୍ତ୍ତମାନ ବ୍ରିକ୍ସରେ ଥିବା ୧୧ଟି ପ୍ରମୁଖ ଦେଶ ବିଶ୍ୱ ଜନସଂଖ୍ୟାର ଏକ ବଡ଼ ଅଂଶ ଏବଂ ବିଶ୍ୱ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ପ୍ରାୟ ୪୧ ପ୍ରତିଶତ ପ୍ରତିନିଧିତ୍ୱ କରୁଛନ୍ତି। ତେଣୁ ବ୍ରିକ୍ସକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ଥରୁର୍ କହିଛନ୍ତି। ତେବେ ବ୍ରିକ୍ସ ସମ୍ମୁଖୀନ ହେଉଥିବା ବିଭିନ୍ନ ବଡ଼ ଆହ୍ୱାନ ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ଥରୁରଙ୍କ ମନ୍ତବ୍ୟ ପୂର୍ବରୁ ଚିଦାମ୍ବରମ୍ ବ୍ରିକ୍ସରେ ଭାରତର ଯୋଗଦାନରୁ ମିଳିଥିବା ପ୍ରକୃତ ଲାଭକୁ ନେଇ ପ୍ରଶ୍ନ ଉଠାଇଥିଲେ। ଭାରତ ଜି-୨୦, କ୍ୱାଡ୍ ଏବଂ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଭଳି ଅନ୍ୟାନ୍ୟ ବହୁପକ୍ଷୀୟ ମଞ୍ଚର ମଧ୍ୟ ସଦସ୍ୟ ଥିବା ସେ ଉଲ୍ଲେଖ କରିଥିଲେ। ଏହି ସମସ୍ତ ସଂଗଠନରୁ ଭାରତକୁ ବାସ୍ତବରେ କେଉଁ କେଉଁ ଠୋସ୍ ଲାଭ ମିଳିଛି, ତାହାର ଗୁରୁତର ମୂଲ୍ୟାୟନ ହେବା ଆବଶ୍ୟକ ବୋଲି ଚିଦାମ୍ବରମ୍ କହିଥିଲେ। କଂଗ୍ରେସର ଦୁଇ ବରିଷ୍ଠ ନେତାଙ୍କ ଭିନ୍ନ ମତକୁ ନେଇ ବିଜେପି କଂଗ୍ରେସକୁ ଟାର୍ଗେଟ୍ କରିଛି। ଏହି ମତଭେଦକୁ ଆଧାର କରି ବିଜେପି କଂଗ୍ରେସର ବ୍ରିକ୍ସ ନୀତି ଓ ଭାରତର ବ୍ରିକ୍ସ ସହ ଯୋଗଦାନ ଉପରେ ଦଳର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛି।

## ନେପାଳର ପୁନଃନିର୍ମାଣରେ ଖର୍ଚ୍ଚ ହେବ ୪.୫୨ ଲକ୍ଷ କୋଟି: ବନ୍ୟାରେ ୧୬ ଲକ୍ଷ ପ୍ରଭାବିତ

କାଠମାଣ୍ଡୁ, ୧୧।୯(ଏଜେନ୍ସି): ଅଗଷ୍ଟ ୨୬ରେ ନେପାଳରେ ଆସିଥିବା ଭୟଙ୍କର ବନ୍ୟା ଓ ଭୂସ୍ଖଳନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ନଷ୍ଟ ହୋଇଥିବା ଘର, ରାସ୍ତା ଓ ସେତୁ ସମେତ ସମ୍ପୂର୍ଣ୍ଣ ଭିତ୍ତିଭୂମିର ପୁନର୍ନିର୍ମାଣ ପାଇଁ ପ୍ରାୟ ୪.୫୨ ଲକ୍ଷ କୋଟି ଟଙ୍କା ଆବଶ୍ୟକ ହେବ ବୋଲି ଆକଳନ କରାଯାଇଛି। ଏହି ରାଶି ନେପାଳର ମୋଟ ଜିଡିପି ୪.୩୨ ଲକ୍ଷ କୋଟି ଟଙ୍କାଠାରୁ ମଧ୍ୟ ଅଧିକ। ବନ୍ୟାରେ ପ୍ରାୟ ୧୬ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୧, ୩୮୫ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୫, ୧୩୦ ଜଣ ନିଖୋଜ ଅଛନ୍ତି। ପୁନର୍ନିର୍ମାଣ ଖର୍ଚ୍ଚର ପ୍ରାୟ ୭୫ ପ୍ରତିଶତ, ଅର୍ଥାତ୍ ୨.୯୬ ଲକ୍ଷ କୋଟି ଟଙ୍କା, ରାସ୍ତା, ସେତୁ, ବିଦ୍ୟୁତ୍ ଓ ଅନ୍ୟାନ୍ୟ ଜରୁରୀ ଭିତ୍ତିଭୂମି ପୁନର୍ନିର୍ମାଣରେ ଖର୍ଚ୍ଚ ହେବ। ବନ୍ୟାରେ ୭, ୫୭୦ଟି ଘର, ୪୮ଟି ସରକାରୀ କୋଠା, ୧୮ଟି ସ୍କୁଲ୍ ଏବଂ ୭ଟି ସ୍ୱାସ୍ଥ୍ୟକେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ଏହି ବିପର୍ଯ୍ୟୟ ପରେ ଭାରତ ନେପାଳକୁ ସହଯୋଗ କରୁଛି। ଅଗଷ୍ଟ ୨୬ରୁ ଆଠଟି ସ୍ୱତନ୍ତ୍ର ବିମାନରେ ୧୩୦ ଟନ୍‌ରୁ ଅଧିକ ରିଲିଫ୍ ସାମଗ୍ରୀ ନେପାଳ ପଠାଯାଇଛି। ଏଥିସହ ୫୪ ଜଣ ବିଶେଷଜ୍ଞଙ୍କୁ ମଧ୍ୟ ନେପାଳ ପଠାଇଛି ଭାରତ। ନେପାଳ ପାଇଁ ଏବେ ତୁରନ୍ତ ରିଲିଫ୍ ଯୋଗାଇବା ସହ ପରବର୍ତ୍ତୀ କିଛି ବର୍ଷ ଧରି ରାସ୍ତା, ସେତୁ, ବିଦ୍ୟୁତ୍, ସ୍କୁଲ୍, ସ୍ୱାସ୍ଥ୍ୟକେନ୍ଦ୍ର ଓ ଘର ପୁନର୍ନିର୍ମାଣ କରିବା ଏକ ବଡ଼ ଆର୍ଥିକ ଆହ୍ୱାନ ହୋଇ ରହିବ।

## ଏଲ୍ ନିନୋ ପ୍ରଭାବରେ ପ୍ରଶାନ୍ତ ମହାସାଗରରେ ସାମୁଦ୍ରିକ ଉତ୍ପାଦନ ହ୍ରାସ



ବେଙ୍ଗାଲୁରୁ, ୧୧।୯(ଏଜେନ୍ସି): ଏଲ୍ ନିନୋ ପ୍ରଭାବରେ ଭୂମଧ୍ୟରେଖା ସ୍ଥିତ ପ୍ରଶାନ୍ତ ମହାସାଗରରେ ସାମୁଦ୍ରିକ ଜୈବ ଉତ୍ପାଦନ ହ୍ରାସ ପାଉଥିବା ଇସ୍ରୋର 'ଓସନ୍‌ସାଟ୍-୩' ଉପଗ୍ରହ ତଥ୍ୟରୁ ଜଣାପଡ଼ିଛି। ବିଶେଷକରି ସମୁଦ୍ରପୃଷ୍ଠରେ 'କ୍ଲୋରୋଫିଲ୍-ଏ'ର ମାତ୍ରା ହ୍ରାସ ପାଇଛି। ଏଲ୍ ନିନୋ ସମୟରେ ପ୍ରଶାନ୍ତ ମହାସାଗରର ସମୁଦ୍ରପୃଷ୍ଠ ଅସ୍ୱାଭାବିକ ଭାବେ ଉଷ୍ମ ହୋଇଥାଏ। ଏହା ଯୋଗୁଁ ପବନ ଓ ସମୁଦ୍ର ଜଳର ପ୍ରବାହରେ ପରିବର୍ତ୍ତନ ଘଟେ। ଫଳରେ ଗଭୀର ସମୁଦ୍ରର ପୋଷକତତ୍ତ୍ୱଯୁକ୍ତ ଥଣ୍ଡା ଜଳ ଉପରକୁ ଆସିବା କମିଯାଏ। ଇସ୍ରୋର ଜାତୀୟ ରିମୋଟ୍ ସେନ୍ସିଂ କେନ୍ଦ୍ର ପକ୍ଷରୁ ୨୦୨୩ରୁ ୨୦୨୬ ମଧ୍ୟରେ ଏପ୍ରିଲ୍‌ରୁ ଜୁନ୍ ପର୍ଯ୍ୟନ୍ତର ତଥ୍ୟ ବିଶ୍ଳେଷଣ କରାଯାଇଛି। ୨୦୨୬ ଜୁନ୍‌ର ତଥ୍ୟରେ କ୍ଲୋରୋଫିଲ୍-ଏର ଉଲ୍ଲେଖନୀୟ ହ୍ରାସ ଏବଂ ସମୁଦ୍ରପୃଷ୍ଠ ପବନର ଦିଗ ପରିବର୍ତ୍ତନ ଦେଖାଯାଇଛି। କ୍ଲୋରୋଫିଲ୍-ଏ ହ୍ରାସ ପାଇଲେ ଫାଇଟୋପ୍ଲାଙ୍କଟନ୍‌ର ବୃଦ୍ଧି କମିଥାଏ। ଏହା ସାମୁଦ୍ରିକ ଖାଦ୍ୟଶୃଙ୍ଖଳାକୁ ପ୍ରଭାବିତ କରି ମାଛ ଓ ଅନ୍ୟ ସାମୁଦ୍ରିକ ଜୀବଙ୍କ ପାଇଁ ଖାଦ୍ୟ ଉପଲବ୍ଧତା କମାଇପାରେ। ଏଲ୍ ନିନୋ ଆହୁରି ତୀବ୍ର ହେଲେ ଆଗାମୀ ମାସଗୁଡ଼ିକରେ ଏହି ପ୍ରଭାବ ବଢ଼ିପାରେ ବୋଲି ଇସ୍ରୋ ପକ୍ଷରୁ ସତର୍କ କରାଯାଇଛି।

# ହିଜବୁଲ୍ଲାର ୨ କିମି ଲମ୍ବା ସୁଡ଼ଙ୍ଗ ଧ୍ୱଂସ କଲା ଇସ୍ରାଏଲ୍

- ବିସ୍ଫୋରଣରେ ୪.୧ ତୀବ୍ରତାର କମ୍ପନ
- ନେତାନ୍ୟାହୁ କହିଲେ, 'ମିଶନ୍ ସଫଳ, ନୂଆବର୍ଷର ଶୁଭେଚ୍ଛା'
- ସୁଡ଼ଙ୍ଗ ଭିତରୁ ରକେଟ୍, କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଜବତ



ବେରୁଟ୍, ୧୧।୯(ଏଜେନ୍ସି): ଦକ୍ଷିଣ ଲେବାନନରେ ଇସ୍ରାଏଲ ତା'ର ସାମରିକ ଆକ୍ରମଣକୁ ଆହୁରି ବ୍ୟାପକ କରିଛି। ହିଜବୁଲ୍ଲାର ୨ କିଲୋମିଟରରୁ ଅଧିକ ଲମ୍ବା ସୁଡ଼ଙ୍ଗ ନେଟୱର୍କକୁ ବିସ୍ଫୋରକ ବ୍ୟବହାର କରି ଧ୍ୱଂସ କରିଛି ଇସ୍ରାଏଲୀ ସେନା। ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ, ଏହାର ପ୍ରଭାବରେ ଅଞ୍ଚଳରେ ୪.୧ ତୀବ୍ରତାର ଭୂକମ୍ପ ଭଳି କମ୍ପନ ଅନୁଭୂତ ହୋଇଥିବା ଜଣାପଡ଼ିଛି। ଲେବାନନର ସରକାରୀ ସମ୍ବାଦ ସଂସ୍ଥା ଅନୁସାରେ, ବିସ୍ଫୋରଣ ପରେ ଆଖପାଖ ଅଞ୍ଚଳରେ ମାଟି ଥରିଉଠିଥିଲା। ଏହି ସାମରିକ ଅଭିଯାନ ପରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି, 'ମିଶନ୍ ସଫଳ ହୋଇଛି। ନୂଆବର୍ଷର ଶୁଭେଚ୍ଛା।' ଇସ୍ରାଏଲୀ ସେନାର କହିବା ଅନୁସାରେ, ଏହି ଭୂତଳ ସୁଡ଼ଙ୍ଗ ନେଟୱର୍କ ଭିତରେ ଇରାନରେ ନିର୍ମିତ ଡଜନ୍?ରୁ ଅଧିକ ରକେଟ୍, କ୍ଷେପଣାସ୍ତ୍ର ଓ ଡ୍ରୋନ୍ ରଖାଯାଇଥିଲା। ଏହା ବ୍ୟତୀତ ସେଠାରୁ ମେସିନ୍‌ଗନ୍, ଡଜନ୍‌ରୁ ଅଧିକ ଟ୍ୟାଙ୍କବିରୋଧୀ କ୍ଷେପଣାସ୍ତ୍ର ଏବଂ ଶହ ଶହ ଲ୍ୟାଣ୍ଡମାଇନ୍ ସହ ଅନ୍ୟାନ୍ୟ ବିସ୍ଫୋରକ ମଧ୍ୟ ମିଳିଥିବା ଇସ୍ରାଏଲୀ ସେନା ଦାବି କରିଛି। ସେନା ଅନୁସାରେ, ଏହି ଭୂତଳ ପରିସରରେ ହିଜବୁଲ୍ଲାର 'ବଦର୍ ୟୁନିଟ୍'ର କମାଣ୍ଡ ସେଣ୍ଟର ମଧ୍ୟ ରହିଥିଲା। ନେତାନ୍ୟାହୁ ଏବଂ ଇସ୍ରାଏଲୀ ପ୍ରତିରକ୍ଷାମନ୍ତ୍ରୀ ଇସ୍ରାଏଲ୍ କାଟ୍ଜ୍ ଏହି ଭୂତଳ ପରିସରକୁ ହିଜବୁଲ୍ଲାର ପ୍ରମୁଖ ଆତଙ୍କବାଦୀ ଢାଞ୍ଚାର ଏକ ଅଂଶ ବୋଲି ବର୍ଣ୍ଣନା କରିଛନ୍ତି। ଇସ୍ରାଏଲୀ ଅଧିକାରୀଙ୍କ ଅନୁସାରେ, ପ୍ରାୟ ଦୁଇ ଦଶନ୍ଧି ଧରି ଇରାନର ଆର୍ଥିକ ସହାୟତା ଓ ଯୋଜନା ଅନୁସାରେ ଏହି ସୁଡ଼ଙ୍ଗ ନେଟୱର୍କ ନିର୍ମାଣ କରାଯାଇଥିଲା। ଇସ୍ରାଏଲ୍ କହିଛି, ଏହି ଅଭିଯାନ ପରେ ଅଲି ଅଲ୍-ତାହେର୍ ପାହାଡ଼ର ଉପରିଭାଗ ଓ ଭୂତଳ ଅଞ୍ଚଳ ଉପରେ ତା'ର ସାମରିକ ନିୟନ୍ତ୍ରଣ ଆହୁରି ସୁଦୃଢ଼ ହୋଇଛି। ଗତ ସପ୍ତାହରେ ଇସ୍ରାଏଲୀ ସେନା ଏହି ରଣନୈତିକ ପାହାଡ଼ ଉପରେ ନିୟନ୍ତ୍ରଣ ନେଇଥିବା ଦାବି କରିଥିଲା। ସେନାର ଜଣେ ଅଧିକାରୀଙ୍କ କହିବା ଅନୁସାରେ, କିଛି ହିଜବୁଲ୍ଲା ଯୋଦ୍ଧା ଅଞ୍ଚଳ ଛାଡ଼ି ପଳାଇଥିବା ବେଳେ ଅନ୍ୟ କିଛି ଇସ୍ରାଏଲୀ ବିମାନ ଆକ୍ରମଣ ଓ ତୋପ ମାଡ଼ରେ ନିହତ ହୋଇଛନ୍ତି। କିଛି ସମୟ ଧରି ହିଂସା କମିବା ପରେ ଦକ୍ଷିଣ ଲେବାନନରେ ପୁଣି ଇସ୍ରାଏଲୀ ଆକ୍ରମଣ ତୀବ୍ର ହୋଇଛି। ଜୁନ୍‌ରେ ଇରାନ ଓ ଆମେରିକା ମଧ୍ୟରେ ବୁଝାମଣା ପରେ ଏବଂ ପରବର୍ତ୍ତୀ ସମୟରେ ଲେବାନନ-ଇସ୍ରାଏଲ୍ ମଧ୍ୟରେ ଏକ ଚୁକ୍ତି ହେବା ପରେ ଲଢେଇ କିଛି ମାତ୍ରାରେ ହ୍ରାସ ପାଇଥିଲା। ତେବେ ଗତ କିଛି ଦିନ ଧରି ଦକ୍ଷିଣ ଲେବାନନରେ ଇସ୍ରାଏଲୀ ସାମରିକ ଅଭିଯାନ ପୁଣି ବଢ଼ିଛି। ଏଏଫ୍‌ପି ଅନୁସାରେ, ଆଲୋଚନା ସମୟରେ ଆମେରିକା ଅଲି ଅଲ୍-ତାହେର୍ ପାହାଡ଼ର ନିୟନ୍ତ୍ରଣ ଲେବାନନ ସେନାକୁ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବ ଦେଇଥିଲା। କିନ୍ତୁ ହିଜବୁଲ୍ଲା ଏହି ପ୍ରସ୍ତାବରେ ସହମତ ହୋଇନଥିଲା। ଲେବାନନର ଅଧିକାରୀମାନେ କହିଛନ୍ତି, ମାର୍ଚ୍ଚରୁ ଆରମ୍ଭ ହୋଇଥିବା ଇସ୍ରାଏଲୀ ଆକ୍ରମଣରେ ୪, ୩୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଏହା ସତ୍ତ୍ୱେ ଦକ୍ଷିଣ ଲେବାନନର କିଛି ଅଞ୍ଚଳକୁ ନେଇ ଗଠିତ ତଥାକଥିତ 'ସୁରକ୍ଷା ଜୋନ୍'ରେ ଇସ୍ରାଏଲୀ ସେନାର ଉପସ୍ଥିତି ଜାରି ରହିଛି।

## ହୁତି ବିଦ୍ରୋହୀଙ୍କ କବ୍‌ଜାରେ ୟେମେନର ମାୟୁନ୍ ଦ୍ୱୀପ

- ହର୍ମୁଜ ପରେ ଲୋହିତ ସାଗରରେ ବଢ଼ିଲା ବିପଦ

ସାନା/କାଏରୋ, ୧୧।୯(ଏଜେନ୍ସି): ୟେମେନର ଇରାନ-ସମର୍ଥିତ ହୁତି ବିଦ୍ରୋହୀମାନେ ଲୋହିତ ସାଗରର ପ୍ରବେଶ ପଥରେ ଥିବା ବାବ୍ ଏଲ ମାଣ୍ଡେବ ପ୍ରଣାଳୀର ଗୁରୁତ୍ୱପୂର୍ଣ୍ଣ ମାୟୁନ୍ ଦ୍ୱୀପ ଏବଂ ମୁଖ୍ୟ ବନ୍ଦର ସହର ମୋଖାକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି। ୟେମେନର ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ସରକାରୀ ସେନା ଏବଂ ହୁତି ଅଧିକାରୀ ଏହି ସୂଚନା ପ୍ରଦାନ କରିଛନ୍ତି। ୟେମେନର ପଶ୍ଚିମ ଉପକୂଳରୁ ପ୍ରାୟ ୩.୫ କିଲୋମିଟର ଦୂରରେ ଅବସ୍ଥିତ ପେରିମ୍ ନାମରେ ପରିଚିତ ଏହି କ୍ଷୁଦ୍ର ଆଗ୍ନେୟଗିରି ଦ୍ୱୀପକୁ ଆଜି ହୁତି ବିଦ୍ରୋହୀ ଦଖଲ କରିଛନ୍ତି। ଏହାଦ୍ୱାରା ସାଉଦି ଆରବର ତୈଳ ରପ୍ତାନି ଏବଂ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ପ୍ରତି ଗମ୍ଭୀର ସଙ୍କଟ ସୃଷ୍ଟି ହୋଇଛି। ଏହାର ଜବାବରେ ସାଉଦି ଆରବ ମୋଖା ବିମାନବନ୍ଦର ଉପରେ ବିମାନ ଆକ୍ରମଣ କରିଛି। ତେବେ ଏଥିରେ କ୍ଷତିଗ୍ରସ୍ତ କିମ୍ବା ମୃତାହତଙ୍କ ବିଷୟରେ ତୁରନ୍ତ କୌଣସି ରିପୋର୍ଟ ମିଳିନାହିଁ। ଅନ୍ୟପଟେ, ଇରାନ ବୈଦେଶିକ ମନ୍ତ୍ରଣାଳୟ ସାଉଦି ଆରବର ଅବରୋଧ ପ୍ରତ୍ୟାହାର କରିବାକୁ ଦାବି କରିବା ସହ ହୁତି ବିଦ୍ରୋହୀଙ୍କ ସହ ପୁନର୍ବାର ଶାନ୍ତି ଆଲୋଚନା ଆରମ୍ଭ କରିବାକୁ ନିବେଦନ କରିଛି। ଉଲ୍ଲେଖଯୋଗ୍ୟ, ବିଶ୍ୱର ପ୍ରାୟ ୧୨% ବାଣିଜ୍ୟ ଏହି ବାବ୍ ଏଲ ମାଣ୍ଡେବ ଜଳପଥ ଦେଇ ଅତିକ୍ରମ କରିଥାଏ।

# ଆସିକା ବିଧାୟକ ନ ସୁଧୁରିଲେ ରାଜରାସ୍ତାକୁ ଓହ୍ଲାଇବ ସରପଞ୍ଚ ମହାସଂଘ



ବ୍ରହ୍ମପୁର,୧୧।୯(ସମିସ): ଆସିକା ବିଧାୟକ ସୁଧୁରି ଯାଆନ୍ତୁ ନଚେତ ତାଙ୍କୁ ଉଚିତ ଜବାବ ଦିଆଯିବ ବୋଲି ସ୍ପଷ୍ଟ କରିଛି ସରପଞ୍ଚ ମହାସଂଘ। ନିର୍ବାଚିତ ଜନ ପ୍ରତିନିଧିଙ୍କୁ ହେୟ ଜ୍ଞାନ କରିବା ଓ ଅସମ୍ମାନ ପ୍ରଦର୍ଶନକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ବ୍ରହ୍ମପୁର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଭଳି ଚେତାବନୀ ଦେଇଛି ମହାସଂଘ। ପଞ୍ଚାୟତ ଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିର୍ବାଚିତ ଜନ ପ୍ରତିନିଧିଙ୍କର ସରକାରଙ୍କୁ ପ୍ରଶ୍ନ କରିବାର ଅଧିକାର ରହିଛି। ତେବେ ଆସିକା ବ୍ଲକରେ ଏହି ନିୟମ ତଥା ଜନ ପ୍ରତିନିଧିଙ୍କ ଅଧିକାରକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ବିରୋଧୀ ଦଳର ଜନ ପ୍ରତିନିଧିଙ୍କ ଇଲାକାରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟକୁ ଉଦ୍ଦେଶ୍ୟମୂଳକ ଭାବେ କରାଯାଉନାହିଁ। ଏନେଇ ପ୍ରଶ୍ନ କଲେ ନାଲି ଆଖି ଦେଖାଯାଉଛି। ଗତ ୯ତାରିଖରେ ଆସିକା ପଞ୍ଚାୟତ ସମିତି ବୈଠକରେ ଘଟିଥିଲା ଏଭଳି ଘଟଣା। ଆସିକା ବିଧାୟକ ସରୋଜ ପାଢୀଙ୍କୁ କିଛି ସରପଞ୍ଚ ନିଜ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ଏବଂ ବକେୟା ବିଲ ବନ୍ଦ କରାଯିବା ନେଇ ପ୍ରଶ୍ନ କରିବା ପରେ ସେ ଉତକ୍ଷିପ୍ତ ହୋଇପଡ଼ିଥିଲେ। ଏହାପରେ ବିଧାୟକଙ୍କ ଦୁଇ ପୁଅ ଓ ତାଙ୍କ ସହଯୋଗୀ ବୈଠକ ଗୃହକୁ ପ୍ରବେଶ କରି ହରିଡାପଦର ମହିଳା ସରପଞ୍ଚ ଜୟନ୍ତୀ ବେହେରାଙ୍କୁ ସର୍ବସମକ୍ଷରେ ଅଶ୍ଳୀଳ କଟୁ ଓ ଅଶାଳୀନ ଭାଷାରେ ଗାଳିଗୁଲଜ କରାଯାଇଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ଡବଲ ଇଞ୍ଜିନ ସରକାର ମହିଳା ବନ୍ଦନ ଓ ମହିଳା ସଶକ୍ତିକରଣ କଥା କହୁଥିବା ବେଳେ ମହିଳାଙ୍କ ପ୍ରତି ଏଭଳି ଆଚରଣକୁ ବିଜୁ ଜନତା ଦଳ ତିବ୍ର ନିନ୍ଦା କରିଛି। ଆସିକା ବିଧାୟକ ସରୋଜ ପାଢୀଙ୍କ ଦୁଇ ପୁଅ ସଙ୍ଗୀତ ପାଢୀ ଓ ସମ୍ପ୍ରିତ ପାଢୀଙ୍କ ସମେତ ତାଙ୍କ ସହଯୋଗୀଙ୍କୁ ତୁରନ୍ତ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜୁ ଜନତା ଦଳ ପକ୍ଷରୁ ବ୍ରହ୍ମପୁର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଛତ୍ରପୁରର ପୂର୍ବତନ ବିଧାୟକ ସୁବାସ ବେହେରାଙ୍କ ସମେତ ହରିଡାପଦର ସରପଞ୍ଚ ଜୟନ୍ତୀ ବେହେରା, ନିମିନା ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଜି, ଗଞ୍ଜାମ ଜୋନ ସରପଞ୍ଚ ମହାସଂଘ ସଭାପତି ଟୁଟୁ ମଲ୍ଲିକ ଓ ସମିତି ସଭ୍ୟ ନବିତା ସ୍ୱାଇଁଙ୍କ ପ୍ରମୁଖଙ୍କ ସମେତ ବହୁ ଜନ ପ୍ରତିନିଧି ଉପସ୍ଥିତ ଥିଲେ। ଦିର୍ଘ ୧୭ମାସ ବ୍ୟବଧାନରେ ସମିତି ବୈଠକ ଆହୂତ ହୋଇଥିବା ବେଳେ ସମଗ୍ର ବ୍ଲକରେ ସରକାରଙ୍କ କୌଣସି ଯୋଜନା ପହଞ୍ଚିନଥିବା ବେଳେ ଲୋକଙ୍କୁ ଭତ୍ତା ଓ ରାସନ କାର୍ଡ ମଧ୍ୟ କରାଇ ଦିଆଯାଉନଥିବା ଅଭିଯୋଗ ହୋଇଛି। ବ୍ଲକରେ ବିକାଶ ପରିବର୍ତ୍ତେ ଅଣ୍ଡା, ଛତୁଆ ଓ ବାଲି ଚୋରି ବୃଦ୍ଧି ପାଉଥିବା ସିଧାସଳଖ ଅଭିଯୋଗ ହୋଇଛି। ପୂର୍ବ ସରକାର ଅମଳରେ ଆସିକା ବ୍ଲକ ରାଜ୍ୟରେ ଶୀର୍ଷରେ ଥିବା ବେଳେ ବର୍ତ୍ତମାନ ୨୨ସ୍ଥାନକୁ ଖସି ଯାଇଛି। ପୂର୍ବ ବିଜେଡି କ୍ଷମତାରୁ ଯିବା ପରଠାରୁ ଶାସକ ଦଳ ଲୋକଙ୍କୁ ଓ ଜନପ୍ରତିନିଧିଙ୍କୁ ଦାଉ ସାଧୁଛନ୍ତି। ଜନ ପ୍ରତିନିଧିଙ୍କୁ ବିଜେପିରେ ମିଶିବାକୁ ଖୋଦ୍ ବିଧାୟକ ସରୋଜ ପାଢୀ ଚାପ ପକାଇବା ସହିତ ବାଧ କରୁଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଥାନାରେ ମାମଲା ଦାଏର ହୋଇଥିବା ବେଳେ ପୁଲିସ ପକ୍ଷପାତିତା କରୁଥିବା ଅଭିଯୋଗ କରି ଆଜି ଏକ ପ୍ରତିନିଧି ଦଳ ଗଞ୍ଜାମ ଏସପିଙ୍କୁ ଭେଟି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେପଟେ ଆସିକାର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ସରପଞ୍ଚ ଜୟନ୍ତୀ ବେହେରା, ସମିତି ସଭ୍ୟ ନବିତା ସ୍ୱାଇଁ ଓ ଅନ୍ୟ ଜନ ପ୍ରତିନିଧିଙ୍କ ଫଟୋକୁ ଏଆଇରେ ପ୍ରସ୍ତୁତ କରି ଭାଇରାଲ କରାଯାଉଥିବା ଏସପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏସପିଙ୍କ ପରାମର୍ଶ କ୍ରମେ ବ୍ରହ୍ମପୁର ସାଇବର ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ପୂର୍ବ ସରକାରରେ ୧ନମ୍ବରରେ ଥିବା ଆସିକା ବ୍ଲକ ବର୍ତ୍ତମାନ ୨୨ନମ୍ବରକୁ ଯାଇଛି। ଆଗାମୀ ଦିନରେ ସମସ୍ୟାର ସମାଧାନ ନକରିଲେ ଓ ମହିଳାଙ୍କୁ ସମ୍ମାନ ନମିଳିଲେ ଓ ଜନ ପ୍ରତିନିଧିଙ୍କୁ ଗୁରୁତ୍ୱ ନଦେଲେ ରାଜରାସ୍ତାକୁ ଓହ୍ଲାଇବାକୁ ସରପଞ୍ଚ ମହାସଂଘ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛନ୍ତି ଗଞ୍ଜାମ ଜୋନ ସରପଞ୍ଚ ମହାସଂଘ ସଭାପତି ଟୁଟୁ ମଲ୍ଲିକ।

- 'ଏଆଇ'ରେ ମହିଳା ସରପଞ୍ଚ ଓ ପୂର୍ବତନ ବିଧାୟିକାଙ୍କ ଚରିତ୍ର ସଂହାରକୁ ବିଜେଡିର ତୀବ୍ର ନିନ୍ଦା
- ବିଧାୟକଙ୍କ ଦୁଇ ପୁଅ ଓ ସହଯୋଗୀଙ୍କୁ ତୁରନ୍ତ ଗିରଫ କରିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି
- ଆସିକା ଥାନା ଅଧିକାରୀଙ୍କ ପକ୍ଷପାତିତା ବିରୋଧରେ ଏସପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା ସରପଞ୍ଚ

### ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ ପ୍ରସଙ୍ଗ

# ପଦବୀ ଲାଳସାରେ ଅମର ପଟ୍ଟନାୟକ ଏମ୍‌ଏମ୍‌ଡିଆର ସପକ୍ଷରେ ଯୁକ୍ତି ବାଢୁଛନ୍ତି: ବିଜେଡି

- ରାଜ୍ୟବାସୀଙ୍କ ରୋଷରୁ ବର୍ତ୍ତିବା ପାଇଁ ବିଜେପି ନେତାମାନେ ବିତଣ୍ଡା ଯୁକ୍ତି ବାଢୁଛନ୍ତି
- ବିଜେପିର ୨୫ ସାଂସଦ ଓଡ଼ିଶାର ସ୍ୱାର୍ଥକୁ ବଳି ପକାଇଛନ୍ତି

ଭୁବନେଶ୍ୱର,୧୧।୯(ସମିସ): ଏମଏମଡିଆର ସଂଶୋଧନ ଆଇନ ଯୋଗୁଁ ଓଡ଼ିଶାର କୌଣସି କ୍ଷତି ହେବ ନାହିଁ ବୋଲି ବିଜେପି ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକଙ୍କ ମନ୍ତବ୍ୟକୁ ଦୃଢ଼ ଖଣ୍ଡନ କରିଛି ବିଜୁ ଜନତା ଦଳ। ବିଜେପିରେ ଯୋଗଦେବା ପରେ କୌଣସି ପଦବୀ ପାଇନଥିବାରୁ ହତୋତ୍ସାହିତ ହୋଇପଡ଼ିଥିବା ଶ୍ରୀ ପଟ୍ଟନାୟକ ପଦବୀ ପାଇବା ଲୋଭରେ ଏଭଳି ଭ୍ରମାତ୍ମକ ଓ ଓଡ଼ିଶା ସ୍ୱାର୍ଥ ବିରୋଧୀ ଯୁକ୍ତି ବାଢୁଛନ୍ତି ବୋଲି ବିଜେଡି କହିଛି।



ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଅମର ପଟ୍ଟନାୟକଙ୍କ ଯୁକ୍ତିକୁ ତଥ୍ୟ ଓ ପ୍ରମାଣ ମାଧ୍ୟମରେ ଦୃଢ଼ ଖଣ୍ଡନ କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ପ୍ରତିନିଧିତ୍ୱ କରି ଖଣି ଟିକସର ବକେୟା ବାବଦକୁ ମିଳିବାକୁ ଥିବା ୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଓଡ଼ିଶାର ନ୍ୟାଯ୍ୟ ପ୍ରାପ୍ୟ ବୋଲି କହିବା ସହିତ ଏହା ନ ମିଳିଲେ ଓଡ଼ିଶା ବ୍ୟାପକ କ୍ଷତି ସହିବ ବୋଲି ଯୁକ୍ତି କରିଥିଲେ। ଶ୍ରୀ ଆଚାର୍ଯ୍ୟଙ୍କ ଏହି ଯୁକ୍ତିର ଭିଡିଓ ସେ ସାମ୍ବାଦିକ ମାନଙ୍କ ଆଗରେ ପ୍ରଦର୍ଶିତ କରିଥିଲେ। ଏହାଛଡା ରାଜ୍ୟ ସରକାରଙ୍କ ମୁଖପତ୍ର ଓଡ଼ିଶା ରିଭ୍ୟୁରେ ମଧ୍ୟ ବକେୟା ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ମିଳିବାକୁ ଅଛି ବୋଲି କୁହାଯିବା ସହିତ ଖଣି ରାଜସ୍ୱ ବାବଦକୁ ବାର୍ଷିକ ୧୨,୦୦୦ କୋଟି ଟଙ୍କା ମିଳିବ ବୋଲି କୁହାଯାଇଥିଲା। ଆଡଭୋକେଟ ଜେନେରାଲଙ୍କ ମନ୍ତବ୍ୟ ଓ ଓଡ଼ିଶା ରିଭ୍ୟୁରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଠିକ୍ ନା ଅମର ପଟ୍ଟନାୟକଙ୍କ କଥା ଠିକ୍? ଶାଗ ମାଛ ଦରରେ ପୂର୍ବ ସରକାର ଖଣି ଆବଣ୍ଟନ କରିଥିବା ନେଇ ଅମର ପଟ୍ଟନାୟକ ଦେଇଥିବା ମନ୍ତବ୍ୟ ସମ୍ପର୍କରେ ଡ. ମହାନ୍ତି କହିଥିଲେ ଯେ ବିଜେଡି ସମୟରେ ସ୍ୱଚ୍ଛତାର ସହ ଇ-ନିଲାମ କରି ୮ ଗୁଣ ଖଣି ରାଜସ୍ୱ ବୃଦ୍ଧି ପାଇଥିଲା । ଯେତେବେଳେ ଅନ୍ୟ ବିଜେପି ଶାସିତ ରାଜ୍ୟ ମାନଙ୍କରେ ଏହା ହୋଇପାରି ନଥିଲା। ୨୦୨୦-୨୧ରୁ ୨୦୨୩-୨୪ ମଧ୍ୟରେ କ୍ୟୁମୁଲେଟିଭ୍ ନିଲାମ ପ୍ରିମିୟମ ୮୭ ହଜାର କୋଟିରୁ ଊର୍ଦ୍ଧ୍ୱର୍ ଟଙ୍କା ଆଦାୟ ହୋଇପାରିଥିଲା । ସର୍ବାଧିକ ୧୭୩ ପ୍ରତିଶତରୁ ଊର୍ଦ୍ଧ୍ୱର୍ ମାଇନିଂ ପ୍ରିମିୟମ ଖଣି ନିଲାମଧାରୀଙ୍କ ଠାରୁ ଆଦାୟ କରାଯାଇ ପାରିଥିଲା । ବିଜେପିରେ ଯୋଗଦେବା ପରେ ଶ୍ରୀ ପଟ୍ଟନାୟକଙ୍କୁ କୌଣସି ପଦବୀ ମିଳିନଥିବାରୁ ସେ ହତୋତ୍ସାହିତ ହୋଇ ଏଭଳି ରାଜ୍ୟ ସ୍ୱାର୍ଥ ବିରୋଧୀ ମନ୍ତବ୍ୟ ଦେଇଛନ୍ତି । ଜଣେ ଦଳ ଡିଆଁ ନେତା ପଦବୀ ଲୋଭରେ ଦେଇଥିବା ମନ୍ତବ୍ୟ ରାଜ୍ୟର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହି ବିଲକୁ ସଂସଦରେ ଥିବା ବିଜେପିର ୨୦ ଲୋକସଭା ସାଂସଦ ଓ ୫ ରାଜ୍ୟସଭା ସାଂସଦ ଓଡ଼ିଶାର ସ୍ୱାର୍ଥକୁ ବଳି ଦେଇ ସମର୍ଥନ କରିଛନ୍ତି, ଯାହାକୁ ନେଇ ଓଡ଼ିଶାର ଜନସାଧାରଣଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଲୋକଙ୍କ ରୋଷରୁ ବର୍ତ୍ତିବା ପାଇଁ ବିଜେପି ନେତା ମାନେ ବିଭିନ୍ନ ବିତଣ୍ଡା ଯୁକ୍ତି ବାଢୁଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

### ● 'ଥାଲାସେମିଆ' ନିର୍ଦ୍ଦିଷ୍ଟ ଦିବ୍ୟାଙ୍ଗ ଶ୍ରେଣୀଭୁକ୍ତ'

# ମେଡିକାଲ ବୋର୍ଡ ରିପୋର୍ଟକୁ ରଦ୍ଦକଲେ ହାଇକୋର୍ଟ

କଟକ,୧୧।୯(ସମିସ): 'ଥାଲାସେମିଆ' ଦିବ୍ୟାଙ୍ଗ ଶ୍ରେଣୀଭୁକ୍ତ ନୁହେଁ ବୋଲି ଦର୍ଶାଇ ନିଟ୍‌ରେ ଉତ୍ତୀର୍ଣ୍ଣ ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରା ନଯିବା ପ୍ରସଂଗରେ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। 'ଥାଲାସେମିଆ' ଏକ ନିର୍ଦ୍ଦିଷ୍ଟ ଦିବ୍ୟାଙ୍ଗତା ଶ୍ରେଣୀଭୁକ୍ତ ବୋଲି ହାଇକୋର୍ଟ ସ୍ପଷ୍ଟ କରିବା ସହ ମେଡିକାଲ ଆସେସମେଣ୍ଟ ବୋର୍ଡର ରିପୋର୍ଟକୁ ରଦ୍ଦ କରିଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ନିଟ୍ ଉତ୍ତୀର୍ଣ୍ଣ ଛାତ୍ରୀଙ୍କ ଆବେଦନର ଶୁଣାଣି କରି ଏପରି ରାୟ ଦେଇଛନ୍ତି। ଦିବ୍ୟାଙ୍ଗ ଅଧିକାର ଅଧିନିୟମ, ୨୦୧୬ର ଅନୁସୂଚୀ ଅନୁଯାୟୀ 'ଥାଲାସେମିଆ' ଏକ 'ରକ୍ତସମ୍ବନ୍ଧୀୟ ବିକୃତି' ଏବଂ ଏହା ନିର୍ଦ୍ଦିଷ୍ଟ ଦିବ୍ୟାଙ୍ଗତା ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି କହିଛନ୍ତି ଖଣ୍ଡପୀଠ। ପୂର୍ବରୁ ଦିଆଯାଇଥିବା ମେଡିକାଲ ଆସେସମେଣ୍ଟ ରିପୋର୍ଟକୁ କୋର୍ଟ ରଦ୍ଦ କରିବା ସହ ସ୍ୱାସ୍ଥ୍ୟ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କୁ ତୁରନ୍ତ ଏକ ନୂତନ ମେଡିକାଲ ଆସେସମେଣ୍ଟ ବୋର୍ଡ ଗଠନ କରି ଆବେଦନକାରୀଙ୍କ ଦିବ୍ୟାଙ୍ଗତାର ଶତକଡ଼ା ଆକଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନାମଲେଖା କାଉନସେଲିଂ ପ୍ରକ୍ରିୟା ଜାରି ରହିଥିବାରୁ ୪ ଦିନ ମଧ୍ୟରେ ଏହି ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଓଜେଇଇ ଚେୟାରମ୍ୟାନଙ୍କ ଦ୍ୱାରା ଗତ ଅଗଷ୍ଟ ୨୫ରେ ନିର୍ଦ୍ଦିଷ୍ଟ ଭାବେ ପରୀକ୍ଷାର୍ଥୀଙ୍କ ପାଇଁ ଜାରି କରାଯାଇଥିବା ନୋଟିସକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ଜଣେ ନିଟ୍ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ ଦିବ୍ୟାଙ୍ଗ କୋଟାରେ ନାମଲେଖା ପାଇଁ ଆବେଦନ କରିଥିଲେ। ମାତ୍ର ମେଡିକାଲ ଆସେସମେଣ୍ଟ ବୋର୍ଡ ରିପୋର୍ଟରେ ବିଟା ଥାଲାସେମିଆ କୌଣସି ଶାରୀରିକ ଅକ୍ଷମତା ସୃଷ୍ଟି କରୁ ନଥିବାରୁ ଏହା ଦିବ୍ୟାଙ୍ଗତା ପ୍ରମାଣପତ୍ର ନିୟମାବଳୀ ମଧ୍ୟରେ ଆସୁନାହିଁ ବୋଲି ଦର୍ଶାଇ ପ୍ରମାଣପତ୍ର ଦେବାକୁ ମନା କରିଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ପରୀକ୍ଷାର୍ଥୀ ଜଣକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୪ ବର୍ଷିଆ ଆଇଟିଇପିରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ

ଭୁବନେଶ୍ୱର, ୧୧।୯(ସମିସ): ୪ ବର୍ଷିଆ ଇଣ୍ଟିଗ୍ରେଟେଡ ଟିଚର୍ ଏଜୁକେଶନ ପ୍ରୋଗ୍ରାମ (ଆଇଟିଇପି) ପାଠ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଆଗ୍ରହୀ ଛାତ୍ରଛାତ୍ରୀମାନେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ୨୪ରେ ଏହାର ମେଧା ତାଲିକା ପ୍ରକାଶ ପାଇବା ସହ ସ୍ପଟ୍ ନାମଲେଖା ପାଇଁ ମଧ୍ୟ ୱେଟିଂ ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ପିଲାମାନେ ୨୫ରୁ ୨୮ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମଲେଖାଇପାରିବେ। ଅବଶିଷ୍ଟ ସିଟ୍‌ରେ ନାମଲେଖା ପାଇଁ ୱେଟିଂ ତାଲିକାରେ ଥିବା ପିଲାମାନେ ୨୯ ଓ ୩୦ ରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିବେ। ଅକ୍ଟୋବର ୧ରେ ଏହାର ମେଧା ତାଲିକା ପ୍ରକାଶ ପାଇବା ପରେ ୩ରୁ ୫ ମଧ୍ୟରେ ନାମଲେଖା ପ୍ରକ୍ରିୟା ସରିବ। ଜାତୀୟ ଏକକ ପ୍ରବେଶିକା ପରୀକ୍ଷା (ଏନ୍‌ସିଇଟି)-୨୦୨୬ ର ର‌୍ୟାଙ୍କ ଅନୁଯାୟୀ ମେଧା ତାଲିକା ପ୍ରସ୍ତୁତ ହେବ। ଏନ୍‌ସିଇଟି ପରୀକ୍ଷା ଦେଇଥିବା ଦେଶର ଯେକୌଣସି ଛାତ୍ରଛାତ୍ରୀ ଏଥିପାଇଁ ଆବେଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାତ୍ର ଓଡ଼ିଶାର ଯୋଗ୍ୟ ପ୍ରାର୍ଥୀଙ୍କୁ ପ୍ରାଥମିକତା ମିଳିବ। ସିଟ୍ ଖାଲି ରହିଲେ ଅନ୍ୟ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ପ୍ରାର୍ଥୀଙ୍କୁ ବିଚାରକୁ ନିଆଯିବ। ଦଶମ ବା ଦ୍ୱାଦଶ ଶ୍ରେଣୀରେ ଓଡ଼ିଆ ପଢ଼ି ନ ଥିଲେ କିମ୍ବା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ ହେଉଥିବା ନିର୍ଦ୍ଦିଷ୍ଟ ଓଡ଼ିଆ ଭାଷା ପରୀକ୍ଷା ପାସ କରି ନ ଥିଲେ ମଧ୍ୟ ଆଇଟିଇପି ପାଇଁ ଆବେଦନ କରିପାରିବେ। ୪ ବର୍ଷିଆ ପାଠ୍ୟକ୍ରମ ଶେଷ କରିବା ପୂର୍ବରୁ ହିଁ ନିର୍ଦ୍ଦିଷ୍ଟ ଓଡ଼ିଆ ଭାଷା ପରୀକ୍ଷା ପାସ୍ କରିବାକୁ ପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

- ୨୦ ତାରିଖ ମଧ୍ୟରେ ଆବେଦନ କରିପାରିବେ ଆଶାୟୀ
- ଓଡ଼ିଆ ନ ପଢ଼ିଥିଲେ ମଧ୍ୟ ନାମଲେଖା ଲାଗି ସୁଯୋଗ ମିଳିବ

# +୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର, ୧୧।୯(ସମିସ): +୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଆସନ୍ତ ୨୦ ତାରିଖ ମଧ୍ୟରେ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଆବେଦନରେ କୌଣସି ତ୍ରୁଟି ଥିଲେ ଏହି ସମୟ ମଧ୍ୟରେ ସଂଶୋଧନ ମଧ୍ୟ କରିପାରିବେ। ୨୩ ରେ ଏହାର ମେଧା ତାଲିକା ପ୍ରକାଶ ପାଇବା ସହ ସ୍ପଟ୍ ନାମଲେଖା ପାଇଁ ୱେଟିଂ ତାଲିକା ମଧ୍ୟ ପ୍ରକାଶ ପାଇବ। ନାମଲେଖା ପାଇଁ ଚୟନ ହୋଇଥିବା ପିଲାମାନେ ୨୪ରୁ ୨୬ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଏହାପରେ ବଳକା ଥିବା ସିଟ୍‌ରେ ନାମଲେଖା ପାଇଁ ୱେଟିଂ ତାଲିକାରେ ଥିବା ପିଲାମାନେ ୨୮ ଓ ୨୯ ତାରିଖରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିବେ। ଅକ୍ଟୋବର ୧ରେ ଏହାର ମେଧା ତାଲିକା ପ୍ରକାଶ ପାଇବା ସହ ୩ ତାରିଖ ମଧ୍ୟରେ ନାମଲେଖା ସରିବ। ଏହା ପରେ ମଧ୍ୟ ସିଟ ଖାଲି ରହିଲେ, ୱେଟିଂ ଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ଅକ୍ଟୋବର ୬ଓ ୭ ରେ ରିପୋର୍ଟିଂ କରି ନାମଲେଖାଇପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ● ଭିଜିଲାନ୍ସ ଜାଲରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ୨ ଅଡିଟର

# ୧୪.୩୮ ଲକ୍ଷରୁ ଅଧିକ ସନ୍ଦିଗ୍ଧ ଲାଞ୍ଚ ଟଙ୍କା ସହ ଗିରଫ





ବାରିପଦା, ୧୧।୯(ସମିସ): ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ୨ ଜଣ ଅଡିଟର ପ୍ରଶାନ୍ତ କୁମାର ପ୍ରଧାନ ଓ ପ୍ରଜ୍ଞାନ ପ୍ରକାଶ ପାତ୍ରଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ଉଭୟଙ୍କ ନିକଟରୁ ସନ୍ଦିଗ୍ଧ ଭାବେ ଆଦାୟ କରାଯାଇଥିବା ନଗଦ ୧୪ ଲକ୍ଷ ୩୮ ହଜାର ୩୪୦ ଟଙ୍କା ଜବତ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭାଗୀୟ ଆଶ୍ରମ ସ୍କୁଲ ଓ ଏସଏସଡି ହଷ୍ଟେଲ ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ଅଡିଟ୍ ବାହାନାରେ ମୋଟା ଅଙ୍କର ଲାଞ୍ଚ ଆଦାୟ କରାଯାଉଥିବା ନେଇ ଭିଜିଲାନ୍ସକୁ ସୂଚନା ମିଳିଥିଲା। ଉଭୟ ଅଡିଟର ଅଡିଟ୍ କାର୍ଯ୍ୟ ସୁରୁଖୁରୁରେ କରିଦେବା ପାଇଁ ଛାତ୍ରଛାତ୍ରୀ ପିଛା ୧୦ ଟଙ୍କା ହିସାବରେ ବାର୍ଷିକ ଲାଞ୍ଚ ଦାବି କରୁଥିବା ଅଭିଯୋଗ ହୋଇଥିଲା। ପରେ ଭିଜିଲାନ୍ସ ଟିମ୍ ସେମାନଙ୍କ ଗତିବିଧି ଉପରେ କଡ଼ା ନଜର ରଖିଥିଲା। ଗୁରୁବାର ରାତି ୧୦ଟା ୪୫ ମିନିଟରେ ବାରିପଦା ସମାଜ ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ) କାର୍ଯ୍ୟାଳୟରୁ କାମ ସାରି ଅଫିସିଆଲ ସ୍କୋର୍ପିଓ ଯୋଗେ ରକ୍ସି ଲେନ୍‌ରେ ଥିବା ନ୍ୟୁ ମହାପାତ୍ର ହୋଟେଲକୁ ଫେରୁଥିବାବେଳେ ଭିଜିଲାନ୍ସ ଟିମ୍ ଉଭୟଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ସେମାନଙ୍କ ନିକଟରୁ ୫୨ଟି ଲଫାପା ଓ ୨୦ଟି ଖୋଲା ବିଡ଼ାରେ ଥିବା ନଗଦ ୫ ଲକ୍ଷ ୫୧ ହଜାର ୫୧୦ ଟଙ୍କା ମିଳିଥିଲା। ପରେ ସେମାନେ ରହୁଥିବା ହୋଟେଲର ପୃଥକ ରୁମରେ ଚଢ଼ଉ କରି ଭିଜିଲାନ୍ସ ଆଉ ୮ ଲକ୍ଷ ୮୬ ହଜାର ୮୩୦ ଟଙ୍କା ଜବତ କରିଥିଲା। ମୋଟ ୧୪,୩୮,୩୪୦ ଟଙ୍କାର କୌଣସି ସନ୍ତୋଷଜନକ ହିସାବ ଦେଇ ନ ପାରିବାରୁ ଏହାକୁ ଜବତ କରାଯାଇଥିଲା। ଅଡିଟର ଦ୍ୱୟ ଧରାପଡ଼ିବା ପରେ ଭୁବନେଶ୍ୱରରେ ଥିବା ସେମାନଙ୍କ ସରକାରୀ ବାସଭବନରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଛି। ସୂର୍ଯ୍ୟନଗର (ୟୁନିଟ୍-୭)ସ୍ଥ ପ୍ରଶାନ୍ତ ପ୍ରଧାନଙ୍କ ସରକାରୀ କ୍ୱାର୍ଟର୍ସ (ନଂ ଏଫ୍-୪୨) ଓ ବରମୁଣ୍ଡା ଟେଲକୋ କଲୋନୀରେ ଥିବା ପ୍ରଜ୍ଞାନ ପାତ୍ରଙ୍କ ସରକାରୀ କ୍ୱାର୍ଟର୍ସରେ (ନଂ ଇ-୨୮) ଯାଞ୍ଚ ଚାଲିଛି। ଉଭୟଙ୍କ ନାମରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା (କେସ୍‌ନଂ ୨୩ ଓ ୨୪) ରୁଜୁ କରାଯାଇଛି। ସେମାନଙ୍କୁ ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତକୁ ପଠାଯିବ ବୋଲି ବାରିପଦା ଭିଜିଲାନ୍ସ କାର୍ଯ୍ୟାଳୟରେ ବାଲେଶ୍ୱର ଭିଜିଲାନ୍ସ ଏସପିଙ୍କ ପକ୍ଷରୁ ଆହୂତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ସୂଚନା ମୁତାବକ, ଗତ ୩୦ ତାରିଖରୁ ଅଡିଟର ଦ୍ୱୟ ଭୁବନେଶ୍ୱରରୁ ଆସି ଏଠାରେ ଅଡିଟ କରୁଥିଲେ। ରାତିରେ ହୋଟେଲରେ ରହୁଥିବାବେଳେ ଡିଡବ୍ଲ୍ୟୁଓଙ୍କ ଅଫିସ ଗାଡ଼ି ଉଭୟଙ୍କୁ ନେବା ଆଣିବା କରୁଥିଲା। ସେମାନଙ୍କ ପାଇଁ କାର୍ଯ୍ୟାଳୟରେ ଲଞ୍ଚ ଓ ଡିନର ରୋଷେଇ ସହିତ ପରଶା ଯାଉଥିଲା। ଆରମ୍ଭ ଦିନ ପାଖରୁ ଲାଞ୍ଚ ଟଙ୍କା ଆଦାୟ ହେଉଥିଲା। ଜିଲ୍ଲାରେ ବିଭାଗର ଥିବା ପାଖାପାଖି ୮୦୦ ହଷ୍ଟେଲରେ ୭୫ରୁ ୮୦ ହଜାର ଛାତ୍ରଛାତ୍ରୀ ଆବାସିକ ଶିକ୍ଷା ଗ୍ରହଣ କରୁଛନ୍ତି। ସେମାନଙ୍କ ପାଇଁ ଆସୁଥିବା ଅନୁଦାନର ସଠିକ ବିନିଯୋଗ ହେଉଛି କି ନାହିଁ ତା'ର ବିଭାଗୀୟ ଅଡିଟ ଏ ଦୁହେଁ କରୁଥିବାବେଳେ କେହି ସ୍କୁଲର ଆପତ୍ତି ନ ଦେଖାଇବା ପାଇଁ ଛାତ୍ରଛାତ୍ରୀ ପିଛା ବାର୍ଷିକ ଅଡିଟ ବାବଦରେ ୧୦ ଟଙ୍କା ଲେଖାଏଁ, ଏପରି ୩ରୁ ୧୦ ହଜାର ଟଙ୍କା ଲେଖାଏଁ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଅଡିଟର ଦ୍ୱୟଙ୍କୁ ସେମାନଙ୍କ ପୃଥକ ବ୍ୟାଗରେ ସ୍କୁଲ ନାମ ଲେଖାଥିବା ଖାମ ବା ଖୋଲା ବିଡାରେ ଟଙ୍କା ରଖି ନିଜର ଅଡିଟ ଶେଷ ପ୍ରମାଣପତ୍ର ନେଉଥିଲେ। ତେବେ ଜବତ ହୋଇଥିବା ଟଙ୍କା ବୁଧବାର ଓ ଗୁରୁବାର ଆଦାୟ ହୋଇଥିବା ଲାଞ୍ଚ ଟଙ୍କା ବୋଲି କୁହାଯାଇଛି। ଏହାପୂର୍ବରୁ ୯ ଦିନ ଧରି ଆଦାୟ ଟଙ୍କା ଭୁବନେଶ୍ୱରରୁ ଏକ ଚାରିଚକିଆ ଯାନ ହୋଟେଲକୁ ରାତିରେ ଆସି ନେଇଯାଉଥିଲା ବୋଲି ଚର୍ଚ୍ଚା ହେଉଛି। ଯାହା ହୋଟେଲର ସିସିଟିଭି ଯାଞ୍ଚ କଲେ ଜଣାପଡିବ। ଅପରପକ୍ଷରେ ଡିଡବ୍ଲ୍ୟୁଓ କାର୍ଯ୍ୟାଳୟରେ ୧୧ ଦିନ ଏପରି ଟଙ୍କା କାରବାର ରାତି ୧୦ଟା ପର୍ଯ୍ୟନ୍ତ ଚାଲିବା ସମ୍ବନ୍ଧରେ ଅଧିକାରୀଙ୍କ ମୌନବ୍ରତ ତଦନ୍ତ ସାପେକ୍ଷ। ଏ ନେଇ ଡିଡବ୍ଲ୍ୟୁଓ ଗୁରୁଚରଣ ମଲ୍ଲିକଙ୍କ ମତାମତ ମିଳିପାରିନାହିଁ। ଅପରପକ୍ଷରେ ଟଙ୍କା ଲାଞ୍ଚ ଦେଇଥିବା ଶିକ୍ଷକ/ଶିକ୍ଷୟିତ୍ରୀ ବର୍ତ୍ତମାନ ନାନା ସଂଶୟ ମଧ୍ୟରେ ଥିବାବେଳେ ସେମାନେ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବେ ବୋଲି ଜଣାପଡିଛି।

### ଜଙ୍ଗଲରେ ବିଷ ପିଇଦେଲେ ପ୍ରେମୀଯୁଗଳ

# ପ୍ରେମିକା ମୃତ, ପ୍ରେମିକ ଗୁରୁତର

ସିନାପାଲି,୧୧।୯(ସମିସ): ପ୍ରେମୀ ଯୁଗଳ ରାତିରେ ଘରୁ ଲୁଚି ପଳାଇବା ପରେ ନିକଟସ୍ଥ ଜଙ୍ଗଲରେ ରାତ୍ରୀ ଯାପନ କଲେ। ମାତ୍ର କୌଣସି କାରଣରୁ ସକାଳେ ଉଭୟେ କୀଟନାଶକ ପିଇ ଦେଇଥିବାବେଳେ ପ୍ରେମିକାଙ୍କ ମୃତ୍ୟୁ ଘଟିଛି ଓ ପ୍ରେମିକ ଗୁରୁତର ହୋଇଛନ୍ତି। ମୃତ ପ୍ରେମିକା ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ସାଲେବିହିଡ଼ି ଗାଁର ଡିଲେଶ୍ୱରୀ ସା(୧୭) ଓ ଗୁରୁତର ପ୍ରେମିକ ମନୋଜ ସା(୨୨)। ସିନାପାଲି ଥାନା ସାଲେବିହିଡି ଗାଁର ମନୋଜ ଓ ଡିଲେଶ୍ୱରୀଙ୍କ ବୁଧବାର ରାତିରେ ଘରୁ ପଳାଇ ନିକଟସ୍ଥ ଜଙ୍ଗଲରେ ରାତ୍ରିଯାପାନ କରିଥିଲେ। ଗୁରୁବାର ସକାଳୁ ଉଭୟେ କୀଟନାଶକ ପିଇଦେବା ସହ ପରିବାର ଲୋକଙ୍କୁ ଫୋନ୍ କରି ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ପରେ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅପରାହ୍ନରେ ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟରେ ପ୍ରେମିକା ଡିଲେଶ୍ୱରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମନୋଜଙ୍କ ଚିକିତ୍ସା ଚାଲିଛି। ରାତିରେ ସିନାପାଲି ପୁଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ରାତି ସାଢ଼େ ୯ଟାରେ ନୂଆପଡ଼ା ଅତିରିକ୍ତ ତହସିଲଦାର ଦିଲୀପ ପାତ୍ର ହସ୍ପିଟାଲରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରିବା ସହ ପଞ୍ଚନମା କରିଥିଲେ। କିନ୍ତୁ କ'ଣ ପାଇଁ ଉଭୟ ବିଷ ପିଇଲେ ତାହା ସ୍ପଷ୍ଟ ହୋଇନାହିଁ। ପ୍ରେମିକାଙ୍କ ମୃତଦେହ ବ୍ୟବଚ୍ଛେଦ କରି ଏନେଇ ଅଧିକ ତଦନ୍ତ ଚାଲିଥିବା ସିନାପାଲି ଥାନାଧିକାରୀ ମହେଶ୍ୱର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଶିଆଳିରେ ବିଜେଡିର ତଥ୍ୟ ଅନୁଧ୍ୟାନ ଟିମ୍

# ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ତୀବ୍ର ଅସନ୍ତୋଷ

ଏରସମା/ଜଗତସିଂହପୁର,୧୧।୯(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ଶିଆଳି ବେଳାଭୂମିରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ଏବେ ରାଜନୈତିକ ରୂପ ନେବାକୁ ଲାଗିଛି। ଘଟଣାର ପ୍ରକୃତ ତଥ୍ୟ ଅନୁଧ୍ୟାନ କରିବା ସହ ଘଟଣା ପଛରେ କିଏ ଓ କ'ଣ ଉଦ୍ଦେଶ୍ୟ ରହିଛି ତାହା ଜାଣିବା ପାଇଁ ବିଜୁ ଜନତା ଦଳ ପକ୍ଷରୁ ଗଠିତ ଜିଲ୍ଲାସ୍ତରୀୟ ତଥ୍ୟ ଅନୁଧ୍ୟାନ କମିଟି ଶୁକ୍ରବାର ଶିଆଳିରେ ପହଞ୍ଚି ଅନୁଧ୍ୟାନ କରିଛି।

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଏହି ୯ ଜଣିଆ କମିଟିର ନେତୃତ୍ୱ ନେଇଥିଲେ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ମୁଦୁଲି। କମିଟିରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ଚିରଞ୍ଜିବୀ ବିଶ୍ୱାଳ, ସମ୍ବିତ ରାଉତରାୟ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ବିଜୁ ଶ୍ରମିକ ସାମ୍ମୁଖ୍ୟର ସାଧାରଣ ସମ୍ପାଦକ ଅରିନ୍ଦମ ସର୍ଖେଲ, ମୀନତି ବେହେରା, ଲୋରା ମହାପାତ୍ର ଓ ନାରାୟଣ ଜେନା ପ୍ରମୁଖ ରହିଥିଲେ। କମିଟି ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରତିମୂର୍ତ୍ତି ଭଙ୍ଗା ଯାଇଥିବା ସ୍ଥାନକୁ ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ଦିଗରୁ ତଥ୍ୟ ସଂଗ୍ରହ କରିଥିଲେ।

### ଦୋଷୀଙ୍କୁ ଧରିବାକୁ ଦାବି

ଏହି ଅବସରରେ ବିଜେଡି ନେତାମାନେ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଏକ ଅମାନବୀୟ ଓ ନିନ୍ଦନୀୟ କାର୍ଯ୍ୟ ବୋଲି ସେମାନେ କହିବା ସହ ଏହା ଓଡ଼ିଶାବାସୀଙ୍କ ଭାବାବେଗକୁ ଆଘାତ ଦେଇଛି ବୋଲି ମତ ଦେଇଥିଲେ। ଏ ନେଇ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି କହିଥିଲେ, ମହାନ ବରପୁତ୍ର ବିଜୁ ବାବୁଙ୍କ ପ୍ରତି ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ। ଏହା ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଓଡ଼ିଆ ଅସ୍ମିତା ପ୍ରତି ଅପମାନ। ଶିଆଳି ବେଳାଭୂମି ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ। ବେଳାଭୂମିକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଉକ୍ତ ଘଟଣା ଦେଖି ମର୍ମାହତ ହେଉଛନ୍ତି। ବିଜୁ ବାବୁ କେବଳ ପ୍ରତିମୂର୍ତ୍ତିରେ ସୀମିତ ନାହାଁନ୍ତି, ସେ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ରହିଛନ୍ତି।



ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଉକ୍ତ ଘଟଣା ନେଇ ସ୍ଥାନୀୟ ସରପଞ୍ଚ ଥାନାରେ ଅଭିଯୋଗ କରିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ଅଭିଯୋଗର ୨୪ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ଚୁପ ହୋଇ ବସି ରହିଛି। ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ମୂର୍ତ୍ତି ପଡିଥିବା ସ୍ଥାନ ଓ ସେଠାରୁ ଆସି ଓଟିଡିସି ଗୃହରେ ଥିବା ସ୍ଥାନରେ କମିଟି ପରିଦର୍ଶନ କରିଥିଲା। ଘଟଣା ପଛରେ ରାଜନୈତିକ ଅଭିସନ୍ଧି ଥିବା ନେଇ ବିଜେଡି ନେତାମାନେ ସନ୍ଦେହ ପ୍ରକାଶ କରିଥିଲେ। ଘଟଣା ଘଟିବାର ୨୪ ଘଣ୍ଟା ପରେ ମଧ୍ୟ ଦୋଷୀଙ୍କୁ ଚିହ୍ନଟ କରାଯାଇ ନଥିବା ନେଇ ସେମାନେ ପ୍ରଶାସନ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ଚିହ୍ନଟ କରି ଆଇନ ଅନୁଯାୟୀ କଠୋର ଦଣ୍ଡ ଦେବାକୁ ସେମାନେ ଦାବି କରିଥିଲେ। ବିଜେଡି ନେତାମାନେ ଶିଆଳିରେ ପୂର୍ବରୁ ଡା. ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାର ମଧ୍ୟ ଉଲ୍ଲେଖ କରି କ୍ଷୋଭ ପ୍ରକାଶ କରିଥିଲେ। ଏକାଧିକ ଥର ଏଭଳି ଘଟଣା ଘଟିବା ଶିଆଳିର ସୁରକ୍ଷା ବ୍ୟବସ୍ଥା ଓ ପ୍ରଶାସନିକ ତତ୍ପରତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି ବୋଲି ସେମାନେ କହିଥିଲେ। ଦୋଷୀଙ୍କୁ ତୁରନ୍ତ ଗିରଫ କରି ଘଟଣାର ପର୍ଦ୍ଦାଫାସ କରାନଗଲେ ଆଗାମୀ ଦିନରେ ବିଜେଡି ପକ୍ଷରୁ ବ୍ୟାପକ ଜନଆନ୍ଦୋଳନ କରାଯିବ ଏବଂ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ନେତାମାନେ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ତଥ୍ୟ ଅନୁଧ୍ୟାନ କମିଟି ପକ୍ଷରୁ ସଂଗୃହୀତ ସମସ୍ତ ତଥ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଅବଗତ କରାଯିବ ବୋଲି କୁହାଯାଇଛି। କମିଟି ସହ ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ପିତବାସ ଗୋଚ୍ଛାୟତ, ପାର୍ଥସାରଥୀ ରାଉତ, ତଟିନୀ ସ୍ୱାଇଁ, ଡଲି ପଣ୍ଡା, ଦିପ୍ତି ରଞ୍ଜନ କୁଅଁର, କମଳାକାନ୍ତ ସ୍ୱାଇଁ, ଆଦିତ୍ୟ ନନ୍ଦନ ଦାସ ଓ ରାଣୀ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଶିଆଳିରୁ ଫେରିବା ପରେ ବିଜେଡି ପ୍ରତିନିଧି ମଣ୍ଡଳୀ ଜଗତସିଂହପୁରରେ ଜିଲ୍ଲ ଏସ୍‌ପିଙ୍କୁ ଭେଟି ଆଲୋଚନା କରିବା ସହ ତୁରନ୍ତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ସକାଳ THE SAKALA



## ମୁଖ୍ୟରାସ୍ତାରେ ଯାତାୟାତ ସମସ୍ୟା, ସହରରେ ଟ୍ରାଫିକ୍ ଭିଡ଼

# ପାର୍ବଣ ପୂର୍ବରୁ ହେଲାନି ରିଂ ରୋଡ୍ କାର୍ଯ୍ୟକ୍ଷମ

ଆନନ୍ଦପୁର, ୧୧।୯ (ସମିସ)

ଆନନ୍ଦପୁର ସହରର ମୁଖ୍ୟରାସ୍ତାରେ ଏବେ ଯାତାୟାତ ସମସ୍ୟା ପାଇଁ ଯାତ୍ରୀ ନାହିଁ ନଥିବା ହଇରାଣ ହେଉଛନ୍ତି। ରିଂରୋଡ୍ ମରାମତି କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ଏବଂ ଆଉ କେତେଦିନ ଲାଗିବ ସେନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ହେଉଥିଲା ବେଳେ ଏହି ରାସ୍ତାରେ ଯାନବାହନ ଚଳାଚଳ ପାଇଁ ସାଧାରଣରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଗତ ଜୁଲାଇ ୨୯ ଏବଂ ଅଗଷ୍ଟ ୧୩ ତାରିଖରେ ବୈତରଣୀ ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ରିଂ ରୋଡ୍‌ରେ ପ୍ରାୟ ୪୦ ଫୁଟ ଓସାରର ଏକ ବଡ଼ ଘାଇ ସୃଷ୍ଟି ହୋଇ ସହର ଭିତରକୁ ନଦୀଜଳ ପ୍ରବାହିତ ହୋଇଥିଲା। ଏହି ଘାଇ ଯୋଗୁଁ ରିଂ ରୋଡ୍‌ଟି ଭାରୀଯାନ ଚଳାଚଳ ପାଇଁ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛି। ପ୍ରତ୍ୟେକ ଦିନ ମୟୂରଭଞ୍ଜ ଜିଲ୍ଲାରୁ କଟକ, ଭୁବନେଶ୍ୱର ଆଦି ଅଞ୍ଚଳକୁ ଯାତାୟାତ କରୁଥିବା ହଜାର ହଜାର ଭାରୀଯାନ ଓ ଯାତ୍ରୀବାହୀ ବସ୍ ବର୍ତ୍ତମାନ ରିଂ ରୋଡ୍ ପରିବର୍ତ୍ତେ ଆନନ୍ଦପୁର ସହର ମଧ୍ୟ ଦେଇ ଚଳପ୍ରଚଳ କରୁଛନ୍ତି। ଫଳରେ ସହର ଭିତରେ ନିୟମିତ ଭାବେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି। ବିଶେଷକରି ପୂର୍ବାହ୍ନ ୧୦ଟା ଏବଂ ସନ୍ଧ୍ୟା ସମୟରେ ରାସ୍ତାରେ ଯିବାଆସିବା କରିବା ପାଇଁ ସାଧାରଣ ଲୋକେ, ସ୍କୁଲ୍ ପିଲା ଓ ବ୍ୟବସାୟୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଅପରପକ୍ଷରେ, ରିଂ ରୋଡ୍ ମରାମତି ସମ୍ପର୍କରେ ଦାୟିତ୍ୱରେ ଥିବା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମୃତ୍ୟୁଞ୍ଜୟ ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ, ପ୍ରାଥମିକ କାମ ସରିଥିବାରୁ ବର୍ତ୍ତମାନ କେବଳ ବାଇକ୍ ଓ ଚାରିଚକିଆ ଯାନ ଚଳାଚଳ ପାଇଁ ଅନୁମତି ଦିଆଯାଇଛି। ତେବେ ଖୁବ୍‌ଶୀଘ୍ର ଟେଣ୍ଡର ମାଧ୍ୟମରେ ରାସ୍ତାର ଉଭୟ ପାର୍ଶ୍ୱରେ ପଥର ପ୍ୟାକିଂ, ରିଟେନିଂ ୱାଲ୍ ଏବଂ ପିଚୁ କାମ ଶେଷ ହେବା ପରେ ଭାରୀଯାନ ଚଳାଚଳ ସ୍ୱାଭାବିକ କରାଯିବ। ଯନ୍ତ୍ରୀଙ୍କ ଆକଳନ ଅନୁଯାୟୀ, ଏହି ସମ୍ପୂର୍ଣ୍ଣ ମରାମତି କାର୍ଯ୍ୟ ଶେଷ ହେବାକୁ ଆହୁରି ପ୍ରାୟ ୨ ମାସ ସମୟ ଲାଗିବ। ଏହି ପରିସ୍ଥିତିରେ ଆଗକୁ ଗଣେଶ ପୂଜା, ଦୁର୍ଗାପୂଜା ପରି ଗୁରୁତ୍ୱପୂର୍ଣ୍ଣ ପାର୍ବଣ ଋତୁ ଆସୁଥିବାରୁ ଆନନ୍ଦପୁର ସହର ଭିତରେ ଟ୍ରାଫିକ୍ ଶୃଙ୍ଖଳା ରକ୍ଷା କରିବା ଏବଂ ଭାରୀଯାନ ଚଳାଚଳ ଉପରେ କଡ଼ା ନଜର ରଖିବା ସହ ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।



## ଗ୍ରାମପଞ୍ଚାୟତ ଅଞ୍ଚଳରେ ବିଦେଶୀ ମଦ ଦୋକାନକୁ ବିରୋଧ

# ପ୍ରସ୍ତାବ ସମ୍ପୂର୍ଣ୍ଣ ବାତିଲ ପାଇଁ ଦେଓଝର ସରପଞ୍ଚ ନିକଟରେ ଦାବିପତ୍ର

ଯୋଡ଼ା, ୧୧।୯ (ସମିସ)

କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତ ଶିଆଳିଯୋଡ଼ା ମେଢ଼ଶାଳଠାରେ ଆଜି ଏକ ନୂଆ ବିଦେଶୀ ମଦ ଦୋକାନ ଖୋଲିବାକୁ ଗ୍ରାମବାସୀଙ୍କ ଦ୍ୱାରା ତୀବ୍ର ବିରୋଧ କରାଯାଇଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଦେଓଝର ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇ ମଦ ଦୋକାନ ଖୋଲିବାକୁ ସମ୍ପୂର୍ଣ୍ଣ ବାତିଲ/ବନ୍ଦ କରିବାକୁ ଦାବି କରାଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି ଯେ ପ୍ରସ୍ତାବିତ ମଦ ଦୋକାନ ଖୋଲିଲେ ଅଞ୍ଚଳର ସାମାଜିକ ଓ ଧାର୍ମିକ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ସହ ମହିଳା, ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ଭବିଷ୍ୟତ ପ୍ରଭାବିତ ହେବାର ଆଶଙ୍କା ରହିଛି। ଗ୍ରାମବାସୀଙ୍କ ମୁଖ୍ୟ ଦାବି ମଧ୍ୟରେ ଗାଁର ଶାନ୍ତିଶୃଙ୍ଖଳା ବଜାୟ ରଖିବା, ମହିଳାଙ୍କ ସୁରକ୍ଷା, ଶିଶୁ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ନିଶା ଅଭ୍ୟାସ ରୋକିବା ଏବଂ ସାମାଜିକ ପରିବେଶକୁ ସୁସ୍ଥ ରଖିବା ରହିଛି। ଏଥିସହ ଦାବିପତ୍ରରେ ଅଞ୍ଚଳରେ ଖେଳକୁଦ ଓ ଯୁବପିଢ଼ିଙ୍କୁ ଉପଯୁକ୍ତ ଦିଗରେ ନିୟୋଜିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଗ୍ରାମବାସୀଙ୍କ ମତରେ, ମଦ ଦୋକାନ ପରିବର୍ତ୍ତେ ଯୁବକମାନଙ୍କ ପାଇଁ ଖେଳପଡ଼ିଆ, ଶିକ୍ଷା ଓ ଅନ୍ୟାନ୍ୟ ସକାରାତ୍ମକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ।

ଗ୍ରାମବାସୀ ଆହୁରି ଦାବି କରିଛନ୍ତି ଯେ ଜନସ୍ୱାର୍ଥ, ମହିଳା-ଶିଶୁ ସୁରକ୍ଷା ଓ ଗ୍ରାମର ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ଖୋଲିବା ଅନୁମତି ନ ଦିଆଯାଉ। ଏହି ଦାବି ଉପରେ ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବିପତ୍ରରେ ଅନୁରୋଧ କରାଯାଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ଉକ୍ତ ଦୋକାନ ନିକଟରେ ଏକ ନାଳ ଯାଇଛି ଯେଉଁଥିରେ ମହିଳାମାନେ ସ୍ନାନ କରିଥାନ୍ତି। ମଦ ଦୋକାନ ଖୋଲିଲେ ତାଙ୍କ ସମ୍ମାନ ଉପରେ ହାନି ଆସିବ। ଶିଆଳିଯୋଡ଼ାର ଯୁବକମାନେ ପାଠପଢ଼ା ସାଙ୍ଗକୁ କ୍ରୀଡ଼ାରେ ମଧ୍ୟ ଦେଶ ଓ ଦେଶ ବାହାରେ ନାଁ କରୁଛନ୍ତି। ମଦ ଦୋକାନ ଖୋଲିଲେ ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତଙ୍କ ଉପରେ ପ୍ରଭାବ ପଡିବ। ଏହାକୁ ଗୁରୁତର ସହ ନେଇ ମଦ ଦୋକାନ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ଶାଳପଡ଼ାରେ ଓଜନ ମାପ କାର୍ଯ୍ୟାଳୟ ଉଦ୍‌ଘାଟିତ

ଆନନ୍ଦପୁର, ୧୧।୯ (ସମିସ): ଆନନ୍ଦପୁରର ଶାଳପଡ଼ାଠାରେ ମାପ ଓଜନ ବିଭାଗର ନୂତନ କାର୍ଯ୍ୟାଳୟକୁ ଆଜି ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦଘାଟନ କରିଛନ୍ତି। ଓଜନ ଓ ମାପ ବିଭାଗ ନିରୀକ୍ଷକ ଲକ୍ଷ୍ମଣ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ବିଭାଗୀୟ ନିୟନ୍ତ୍ରକ ବିସିକେଶନ ଦେହୁରୀ, ଜିଲ୍ଲାଯୋଗାଣ ଅଧିକାରୀ ବିଜୟ କୁମାର ମହାନ୍ତି, ଆନନ୍ଦପୁର ଯୋଗାଣ ଅଧିକାରୀ ପ୍ରଦୀପ ହରିଚନ୍ଦନ ଯୋଗ ଦେଇଥିଲେ। ଚଳିତ ବର୍ଷ ଖରିଫ୍ ଧାନ ସଂଗ୍ରହ ପାଇଁ କେନ୍ଦୁଝର ଜିଲ୍ଲାରେ ୯୪ ହଜାରରୁ ଊର୍ଦ୍ଧ୍ୱ ଚାଷୀ ନାମ ପଞ୍ଜୀକରଣ କରି ରେକର୍ଡ ସୃଷ୍ଟି କରିଛନ୍ତି। ଏହା ଗତବର୍ଷଠାରୁ ୧୫ ହଜାର ଅଧିକ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ। ସମସ୍ତ ଗରିବ ଲୋକମାନେ କିପରି ଭାବରେ ଚାଉଳ ପାଇବେ ଓ ଆସନ୍ତା ଖରିଫ ଧାନ ସଂଗ୍ରହ ସ୍ୱଚ୍ଛତାର ସହିତ ସମସ୍ତ ଚାଷୀ ସୁରୁଖୁରରେ ଧାନ ବିକ୍ରି କରିପାରିବେ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଥିଲେ। ଶାଳପଡ଼ା ଜଳସେଚନ ଡାକବଙ୍ଗଳାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ, ଘସିପୁରା ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ, ବରିଷ୍ଠ ଆଲୋକ ସେଠୀ ବିଜେପି ନେତା ଶ୍ରୀଧର ସାହୁ, ହେମନ୍ତ ମଲ୍ଲିକ, ଆନନ୍ଦପୁର ମ୍ୟୁନିସିପାଲିଟିର ପୂର୍ବତନ ନଗରପାଳ ଶାନ୍ତନୁ ସେଠୀ, ଆମ୍ବ ସଭାପତି ପ୍ରଣବ ପୁହାଣ, ସୁରୋଶ ସାହୁ, ଯଜ୍ଞପ୍ରସାଦ ସାହୁ, ଧବଳେଶ୍ୱର ସାହୁ, ଅନନ୍ତ ବାରିକ, ପ୍ରଣୟିନୀ ବ୍ରହ୍ମା ସରପଞ୍ଚ ଦୀପ୍ତି ସାହୁ, ସତ୍ୟଭାମା ଖୁଣ୍ଟିଆ, ପ୍ରାଣବନ୍ଧୁ ସାହୁ, ଅନନ୍ତ ବାରିକ, ନାରାୟଣ ବାରିକ, କପିଳ ମଲ୍ଲିକ୍, ରାଜେନ୍ଦ୍ର ସାହୁଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିଥିଲେ।



# ବସନ୍ତ ହେଲେ ଆନନ୍ଦପୁର ଆମ୍ବ କମିଟି ସଭାପତି

ଆନନ୍ଦପୁର, ୧୧।୯ (ସମିସ): ଆନନ୍ଦପୁର ବ୍ଲକ ଅଞ୍ଚଳର ଅଗ୍ରଣୀ ଚାଷୀ ବସନ୍ତ କୁମାର ସାହୁ ଆନନ୍ଦପୁର ଆମ୍ବ କମିଟିର ସଭାପତି ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ୨୫ ସଦସ୍ୟ ବିଶିଷ୍ଟ ଏହି କମିଟିର ସଭାପତି ପଦ ପାଇଁ କେବଳ ବସନ୍ତଙ୍କ ନାଁ ପ୍ରସ୍ତାବ ଆସିବାରୁ ଉପସ୍ଥିତ ସମସ୍ତ ସଦସ୍ୟ ସହମତି ପ୍ରକାଶ କରିଥିଲେ। ଏହି ପ୍ରକ୍ରିୟାକୁ ବିଡିଓ ମନୋଜ କୁମାର ମହାନ୍ତ, କୃଷି ଅଧିକାରୀ ଜୟନ୍ତ ଦାସ, ପ୍ରାଣୀଧନ ଅଧିକାରୀ ଚିତ୍ତରଞ୍ଜନ ଦାସ ପରିଚାଳନା କରିଥିଲେ। ଶ୍ରୀ ସାହୁଙ୍କୁ ଏପରି ଦାୟିତ୍ୱ ମିଳିବା ପରେ ସାଂସଦ ପ୍ରତିନିଧି ଟୁକୁନା ମହାନ୍ତ ଗୟଳମୁଣ୍ଡା ମଣ୍ଡଳ ସଭାପତି କାର୍ତ୍ତିକ ମହାନ୍ତ ଶାଳବଣି ତପନ ପାତ୍ର, ବେଲବାହାଲି ସଭାପତି ଚନ୍ଦ୍ରମଣି ସେଠୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ସାହୁ ବର୍ତ୍ତମାନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।



# ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟରେ ଠପ୍ ବ୍ୟାଙ୍କ ସେବା; ଗ୍ରାହକ ହନ୍ତସନ୍ତ

ଚମ୍ପୁଆ, ୧୧।୯ (ସମିସ): ଦାବି ପୂରଣ ନେଇ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ ଯୋଗୁଁ ଶୁକ୍ରବାରଠାରୁ ଦେଶବ୍ୟାପୀ ବ୍ୟାଙ୍କିଂ ସେବା ପ୍ରଭାବିତ ହୋଇଛି। ବ୍ୟାଙ୍କ କର୍ମଚାରୀଙ୍କ ସଂଗଠନ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ ପକ୍ଷରୁ ବିଭିନ୍ନ ଦାବିନେଇ ଏହି ଧର୍ମଘଟ ଡକରା ଦିଆଯାଇଛି। କର୍ମଚାରୀ ସଂଘର ପ୍ରମୁଖ ଦାବି ମଧ୍ୟରେ ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସ, ପିଏଲଆଇ ସମ୍ପର୍କିତ ଦାବି, ପେନସନ ସହ ଅନ୍ୟାନ୍ୟ ସୁବିଧା ରହିଛି। ଦୀର୍ଘଦିନ ଧରି ଏସବୁ ଦାବି ଉଠାଯାଇଥିଲେ ମଧ୍ୟ ସମାଧାନ ନ ହେବାରୁ କର୍ମଚାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇଥିବା କୁହାଯାଇଛି। ଧର୍ମଘଟ ଏଡ଼ାଇବା ପାଇଁ ସରକାର ଓ ବ୍ୟାଙ୍କ କର୍ମଚାରୀ ସଂଘ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ତାହାରୁ ଆଶାନୁରୂପ ଫଳାଫଳ ବାହାରି ପାରି ନଥିବାରୁ ଧର୍ମଘଟ ନିଷ୍ପତ୍ତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ୫ ଦିନିଆ କାର୍ଯ୍ୟଦିବସ ଦାବି ପୂରଣ ସହ ଏହା କାର୍ଯ୍ୟକାରୀ କରିବାର ସମୟସୀମା ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏପଟେ ଧର୍ମଘଟ ସହ ଲଗାତାର ସରକାରୀ ଛୁଟି ପଡ଼ିବା ଯୋଗୁଁ ଚମ୍ପୁଆ ଅଞ୍ଚଳର ବ୍ୟାଙ୍କ ଗ୍ରାହକମାନେ ଅଧିକ ଅସୁବିଧାରେ ପଡ଼ିଛନ୍ତି। ଶୁକ୍ରବାର ପରେ ଦ୍ୱିତୀୟ ଶନିବାର, ରବିବାର, ଗଣେଶ ପୂଜା ଓ ନୂଆଁଖାଇ ଛୁଟି ଥିବାରୁ କ୍ରମାଗତ ଭାବେ ପ୍ରାୟ ୫ ଦିନ ବ୍ୟାଙ୍କ ଶାଖାଗୁଡ଼ିକରେ ସାଧାରଣ ସେବା ବନ୍ଦ ରହିବ। ଫଳରେ ଟଙ୍କା ଜମା, ଉଠାଣ, ଚେକ୍ ସମ୍ବନ୍ଧୀୟ କାର୍ଯ୍ୟ ସହ ବିଭିନ୍ନ ବ୍ୟାଙ୍କିଂ କାମ ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ଧର୍ମଘଟର ଯୋଗୁଁ ବ୍ୟାଙ୍କ ଗ୍ରାହକଙ୍କ ଅସୁବିଧା ବଢ଼ିଥିବା ଦେଖିବାକୁ ମିଳିଛି।



# ଅବୈଧ ଲୁହାପଥର ଚାଲାଣ; ମାଡ଼ି ବସିଲା ଖଣି ବିଭାଗ

## ଟ୍ରକ୍ ଜବତ; ୨ ଅଟକ

ବଡ଼ବିଲ, ୧୧।୯ (ସମିସ): ଖଣିଜ ଚୋରା କାରବାର ରୋକିବା ପାଇଁ ଯୋଡ଼ା ଖଣି ବିଭାଗ ପକ୍ଷରୁ ଜୋରଦାର ପ୍ରୟାସ ଜାରିରହିଥିବା ବେଳେ ଶୁକ୍ରବାର ରାତି ୪ଟା ସମୟରେ ଅବୈଧ ଭାବେ ଲୁହାପଥର ପରିବହନ କରି ଓଡ଼ିଶା ସୀମା ପାର ହେବାକୁ ଉଦ୍ୟମ କରୁଥିବା ବେଳେ ଏକ ଟ୍ରକ୍‌କୁ ଧରିଛି ଖଣି ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍। ଯୋଡ଼ା ଖଣି ନିର୍ଦ୍ଦେଶକ ବିଶ୍ୱରଂଜନ ସେଠୀଙ୍କ ତତ୍ତ୍ୱାବଧାନରେ ଗୁରୁବାର ରାତିରେ ଚାଲିଥିବା ଯାଞ୍ଚ ଅଭିଯାନ ସମୟରେ ଶୁକ୍ରବାର ଭୋର ପ୍ରାୟ ୪ଟାରେ ନାଲଦା ଅଞ୍ଚଳ ନିକଟରୁ ଏହି ଗାଡ଼ିକୁ ଅଟକାଇ ଯାଞ୍ଚ କରାଯାଇଥିଲା।

ଜବତ ହୋଇଥିବା ଗାଡ଼ିର ନମ୍ବର ଓଆର-୦୯-ଏଲ-୭୯୭୩। ଏହି ଗାଡ଼ିରେ ପ୍ରାୟ ୧୦ ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ ହୋଇଥିବା ଜଣାପଡ଼ିଛି। ବିନା ବୈଧ ଅନୁମତିରେ ଖଣିଜ ପରିବହନ କରି ଓଡ଼ିଶା ସୀମା ପାର କରିବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଗାଡ଼ିଟିକୁ ଜବତ କରାଯାଇଛି। ଘଟଣାସ୍ଥଳରୁ ଦୁଇଜଣଙ୍କୁ ଅଟକ କରାଯାଇ ବଡ଼ବିଲ ଥାନା ପୁଲିସକୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ସମ୍ପର୍କରେ ବଡ଼ବିଲ ଥାନାରେ ଏକ ଏଫ୍‌ଆଇଆର୍ ରୁଜୁ ହୋଇଥିବା ସୂଚନା ମିଳିଛି। ଅବୈଧ ଖଣିଜ ପରିବହନ ରୋକିବା ପାଇଁ ଏନ୍‌ଫୋର୍ସମେଣ୍ଟ ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ଶ୍ରୀ ସେଠୀ ସୂଚନା ଦେଇଛନ୍ତି।

# କାଳିକାପ୍ରସାଦ ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର

ଚମ୍ପୁଆ, ୧୧।୯ (ସମିସ): ଭାରତର ଭବିଷ୍ୟତ ଶକ୍ତି ଆବଶ୍ୟକତା କିପରି ପୂରଣ ହେବ, ଅକ୍ଷୟ ଶକ୍ତିର ବ୍ୟବହାର କିଭଳି ବଢ଼ିବ ଏବଂ ଶକ୍ତି ସଂରକ୍ଷଣ ସହ ପରିବେଶ ସୁରକ୍ଷାକୁ କିପରି ସମନ୍ୱୟ କରାଯିବ, ଏଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଚମ୍ପୁଆ ବ୍ଲକର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିନ୍ତନ ଓ ମତ ବିନିମୟ ହୋଇଛି। କାଳିକାପ୍ରସାଦ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାରରେ ଛାତ୍ରଛାତ୍ରୀମାନେ 'ଭାରତୀୟ ଶକ୍ତି ସମ୍ଭାର-୨୦୪୭: ସମ୍ଭାବନା ଓ ଆହ୍ୱାନ' ବିଷୟରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଭଦ୍ରା ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସେମିନାରରେ ମୁଖ୍ୟଅତିଥି ଭାବେ ଏବିଇଓ ମୁକୁନ୍ଦ ଚରଣ ସାହୁ ଯୋଗ ଦେଇଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ କଳାକାର ମହାନ୍ତ ଓ ଯୋଡ଼ା ଆଦର୍ଶ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରକାଶଚନ୍ଦ୍ର ବେହେରା ପ୍ରତିଯୋଗୀଙ୍କ ପ୍ରସ୍ତୁତିର ମୂଲ୍ୟାୟନ କରିଥିଲେ। ଚମ୍ପୁଆ ବ୍ଲକର ବିଭିନ୍ନ ବିଦ୍ୟାଳୟର ଅଷ୍ଟମ ଓ ନବମ ଶ୍ରେଣୀର ମୋଟ ୩୮ ଜଣ ଛାତ୍ରଛାତ୍ରୀ ସେମିନାରରେ ଭାଗ ନେଇଥିଲେ। ୨୦୪୭ ସୁଦ୍ଧା ଦେଶର ଶକ୍ତି ଆବଶ୍ୟକତା, ଅକ୍ଷୟ ଶକ୍ତିର ବିକାଶ, ଶକ୍ତି ସଂରକ୍ଷଣ, ପରିବେଶ ସୁରକ୍ଷା ଏବଂ ଏକ ସ୍ଥାୟୀ ଓ ଆତ୍ମନିର୍ଭର ଶକ୍ତି ବ୍ୟବସ୍ଥା ଗଠନରେ ଥିବା ସମ୍ଭାବନା ଓ ଆହ୍ୱାନ ସମ୍ପର୍କରେ ସେମାନେ ନିଜ ଚିନ୍ତାଧାରା ରଖିଥିଲେ। ପ୍ରତିଯୋଗିତାରେ ଚମ୍ପୁଆ ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଅନୁଶ୍ରୀ ମଲ୍ଲିକ ପ୍ରଥମ ସ୍ଥାନ ହାସଲ କରିଥିଲେ। କାଳିକାପ୍ରସାଦ ସରକାରୀ ହାଇସ୍କୁଲର ଛାତ୍ରୀ ସନ୍ତୋଷୀ ମହାନ୍ତ ଦ୍ୱିତୀୟ ଏବଂ ହରେଶ୍ୱର ହାଇସ୍କୁଲର ରାନୀ ବଡ଼ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ସ୍ଥାନରେ ଥିବା ପ୍ରତିଯୋଗୀ ଆସନ୍ତା ୨୨ ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଚମ୍ପୁଆ ବ୍ଲକକୁ ପ୍ରତିନିଧିତ୍ୱ କରିବେ ବୋଲି ଏବିଇଓ ମୁକୁନ୍ଦ ଚରଣ ସାହୁ ସୂଚନା ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କାର୍ଯ୍ୟକର୍ତ୍ତା ଓ କର୍ମଚାରୀ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷକ ଦେବାଶିଷ ପାତ୍ର ସେମିନାରର ସଞ୍ଚାଳନ କରିଥିଲେ।




## ବଦଳିବ ଡାବରଚୁଆ ପର୍ଯ୍ୟଟନସ୍ଥଳୀର ଚିତ୍ର

# ବିକାଶ ପାଇଁ ପଲ୍ଲୀସଭାରେ ଗ୍ରାମବାସୀଙ୍କ ସମର୍ଥନ

ତୁରୁମୁଙ୍ଗା, ୧୧।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖିରେଇଟାଙ୍ଗିରୀ ପଞ୍ଚାୟତ ଅନ୍ତର୍ଗତ ଡାବରଚୁଆକୁ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ପାଇଁ ଶୁକ୍ରବାର ଡାବରଚୁଆ ଗ୍ରାମର ବଡ଼ାମ ଶାଳରେ ପଲ୍ଲୀସଭା ଅନୁଷ୍ଠିତ ହୋଇଯାଇଛି। ଲୋକନାଥ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପର୍ଯ୍ୟଟନ ପ୍ରକଳ୍ପ ପାଇଁ ଆବଶ୍ୟକ ଜମିର କିସମ ପରିବର୍ତ୍ତନ ସମ୍ପର୍କରେ ଗ୍ରାମବାସୀଙ୍କ ମତାମତ ଗ୍ରହଣ କରାଯାଇଥିଲା। ସଭାରେ ଖିରେଇଟାଙ୍ଗିରୀ ସରପଞ୍ଚ ସଞ୍ଜୁଲତା ନାଏକ, ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବନ ସଂରକ୍ଷଣ ଅଧିକାରୀ ଦୟାନିଧି ମହାନ୍ତ, ଜିପିଡିଓ ଅଭୟ ଦେହୁରୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସିପ୍ରାରାଣୀ ମହାନ୍ତ, କୋମଳ ଲୋଚନ ମହାନ୍ତ, ପିଇଓ ଅକ୍ଷୟ ସାହୁ, ଏଡିଇଓ ପୁରୁଷୋତ୍ତମ ମହାନ୍ତ ଏବଂ ଓସ୍କା ପକ୍ଷରୁ ମିତ୍ରଭାନୁ ମହାନ୍ତଙ୍କ ସମେତ ବହୁ ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବିକଶିତ ଓଡ଼ିଶାର ଲକ୍ଷ୍ୟ ନେଇ ଡାବରଚୁଆ ବନ୍ଧ ଅଞ୍ଚଳକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରିବାକୁ ଯୋଜନା ହୋଇଛି। ଡାବରଚୁଆ ବନ୍ଧର ମୋଟ ୭ ଏକର ୨୦ ଡେସିମିଲ ଜମି ମଧ୍ୟରୁ ୧ ଏକର ୨୦ ଡେସିମିଲ ଜମିରେ ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ କରାଯିବ। ଗ୍ରାମବାସୀ ପ୍ରସ୍ତାବିତ ପର୍ଯ୍ୟଟନ କେନ୍ଦ୍ରକୁ ସ୍ୱାଗତ କରିବା ସହ ସମର୍ଥନ ଜଣାଇଥିଲେ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଡାବରଚୁଆ ପର୍ଯ୍ୟଟନ କେନ୍ଦ୍ର ପାଇଁ ୫ କୋଟି ୯୯ ଲକ୍ଷ ୩ ହଜାର ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏହି ଅର୍ଥରେ ପର୍ଯ୍ୟଟନସ୍ଥଳୀକୁ ରାସ୍ତା ନିର୍ମାଣ, ସେଡ୍, ପାନୀୟଜଳ ବ୍ୟବସ୍ଥା, ବିଦ୍ୟୁତ୍ ସଂଯୋଗ ଓ ଶୌଚାଳୟ ଭଳି ମୌଳିକ ସୁବିଧା ବିକାଶ କରାଯିବ। କିସମ ପରିବର୍ତ୍ତନ ପ୍ରକ୍ରିୟା ଶେଷ ହେବା ପରେ ପର୍ଯ୍ୟଟନ ସ୍ଥଳୀର ବିକାଶ କାର୍ଯ୍ୟ ଆରମ୍ଭ ହେବ। ଡାବରଚୁଆ ଗ୍ରାମକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଗାଇଦେବା, କେନ୍ଦୁଝରରୁ ତୁରୁମୁଙ୍ଗା ପର୍ଯ୍ୟନ୍ତ 'ଆମ ବସ୍' ସେବା ଚାଲୁ କରିବା ଏବଂ ଗ୍ରାମରେ ସୋଲାର ନଳକୂପ ସ୍ଥାପନ କରିବା ପାଇଁ ପଲ୍ଲୀସଭାରେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି ରଖାଯାଇଥିଲା। ଡାବରଚୁଆ ପର୍ଯ୍ୟଟନ କେନ୍ଦ୍ରର ବିକାଶ ହେଲେ ଅଞ୍ଚଳକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିବା ସହ ସ୍ଥାନୀୟ ଅଞ୍ଚଳର ଆର୍ଥିକ ଓ ସାମାଜିକ ବିକାଶରେ ଏହା ସହାୟକ ହେବ ବୋଲି ପଲ୍ଲୀସଭାରେ ମତ ପ୍ରକାଶ ପାଇଥିଲା।



# ଗଣେଶ ପୂଜା ପାଇଁ ଶାନ୍ତିକମିଟି ବୈଠକ

ଚମ୍ପୁଆ, ୧୧।୯ (ସମିସ): ଆଗାମୀ ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ପାଳନ ନେଇ ଚମ୍ପୁଆ ଥାନା ପରିସରରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଚମ୍ପୁଆ ଏସଡିପିଓ ରଶ୍ମିରଞ୍ଜନ ସାହୁ ଓ ଥାନା ଆଇଆଇସି ସ୍ୱରୂପ ରଞ୍ଜନ ନାୟକ ଏନେଇ ନୀତିନିୟମଗୁଡ଼ିକୁ ସ୍ପଷ୍ଟ ଭାବେ ପୂଜା କମିଟିଗୁଡ଼ିକୁ ଅବଗତ କରାଇଥିଲେ। ପୂଜା ଓ ଭସାଣି ସମୟରେ ନିୟମ ମାନିବା ସହ ଶାନ୍ତିଶୃଙ୍ଖଳା ରକ୍ଷାରେ ପୁଲିସକୁ ସହଯୋଗ କରିବାକୁ କମିଟି ସଦସ୍ୟମାନଙ୍କୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ବିଭିନ୍ନ ଗଣେଶ ପୂଜା କମିଟିର ସଦସ୍ୟ ନିଜ ନିଜ ଅଞ୍ଚଳର ପୂଜା ସମ୍ପର୍କିତ ବିଷୟ ଉପସ୍ଥାପନ କରିଥିଲେ।

# କେନ୍ଦୁପତ୍ର ବନାଞ୍ଚଳ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ତେଲକୋଇ, ୧୧।୯ (ସମିସ): କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ତରଫରୁ ତେଲକୋଇ କେନ୍ଦୁପତ୍ର ବନାଞ୍ଚଳର ବେଣା ଫଡିଠାରେ ଶୁକ୍ରବାର କେନ୍ଦୁପତ୍ର ତୋଳାଳି, ବନ୍ଧାଳି ତଥା ସାଧାରଣ ଶ୍ରମିକଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଔଷଧ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ଼ାଃ ଶ୍ରୀକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ବେଣା, ଅହିଗୋଳା, ଟେଣ୍ଟଇନାଳୀ ଆଦି ଗ୍ରାମର ମୋଟ ୧୧୦ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପୂର୍ବକ ସେମାନଙ୍କୁ ନିଶୁଳ୍କ ଔଷଧ ପ୍ରଦାନ କରାଯାଇଥିଲା। କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡର ଉପଖଣ୍ଡ ଅଧିକାରୀ ସ୍ୱାଗତିକା ସାହୁ ଶିବିର ଉଦଘାଟନ କରିଥିଲା ବେଳେ ବନାଞ୍ଚଳ ଅଧିକାରୀ ମନୋରଞ୍ଜନ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବନପାଳ ଚନ୍ଦ୍ରମଣି ଜୁଆଙ୍ଗ, ଅଶୋକ କୁମାର ମୁଖି ଓ ବନରକ୍ଷୀ ଲକ୍ଷ୍ମୀଧର ମହାନ୍ତ, ବିଶ୍ୱରଂଜନ ସାହୁ ଏବଂ ପ୍ରଦୀପ ସାହୁ ସାମିଲ ଥିଲେ। ବେଣା ଭଳି ଦୁର୍ଗମ ଅଞ୍ଚଳରେ ମାଗଣାରେ ସ୍ୱାସ୍ଥ୍ୟସେବା ପହଞ୍ଚା ଯାଇପାରିଥିବାରୁ କେନ୍ଦୁପତ୍ର ସଂସ୍ଥା ପ୍ରତି ଲୋକମାନଙ୍କର ଆସ୍ଥା ବଢ଼ିବାରେ ଲାଗିଛି।

# ସାଇଁକୁଳରେ ଆଧ୍ୟାତ୍ମିକ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୧।୯ (ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ସାଇଁକୁଳରେ ସନ୍ଥ ପଦଯାତ୍ରାରେ ଆସିଥିବା ସାଧୁସନ୍ଥଙ୍କୁ ଆଧ୍ୟାତ୍ମିକ ସମ୍ବର୍ଦ୍ଧନା ଦିଆଯାଇଛି। ବିଶ୍ୱ କାମାକ୍ଷା ମହାସଂସ୍ଥାନ ପକ୍ଷରୁ ସମଗ୍ର ଭାରତବର୍ଷରେ ଆରମ୍ଭ ହୋଇଛି ଏହି ସନ୍ଥ ପଦଯାତ୍ରା। ଆସାମର ଗୌହାଟିରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ନେତୃତ୍ୱରେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଛି। ହିନ୍ଦୁ ସମାଜକୁ ଏକତ୍ରିତ କରିବା ସହ ଧାର୍ମିକ ଓ ସାମାଜିକ ସଚେତନତା ସୃଷ୍ଟି କରିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସାଇଁକୁଳରେ ସନ୍ଥମାନେ ପହଞ୍ଚିବା ପରେ ସ୍ୱେଚ୍ଛାସେବୀମାନେ ସ୍ୱାଗତ କରିଥିଲେ। ପରେ ସନ୍ଥମାନେ ମା' ଦୁର୍ଗାଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସାଇଁକୁଳ ଅଞ୍ଚଳରେ ହିନ୍ଦୁ ସମାଜକୁ ଏକତ୍ରିତ କରିବା ଏବଂ ଧାର୍ମିକ ସଚେତନତା ବଢ଼ାଇବା ଉଦ୍ଦେଶ୍ୟରେ ଏକ ସନ୍ଥ ସମ୍ମିଳନୀ ଆୟୋଜନ କରିବାକୁ ଡ. ସନତ ରଥ ଓ ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ପ୍ରାଣୀ ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର




ଆନନ୍ଦପୁର, ୧୧।୯ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ସେମିନାର ହଲ୍‌ରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ନିମାଇଁ ଚରଣ ରାଉତ ଯୋଗ ଦେଇଥିଲା ବେଳେ ପ୍ରାଣୀବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଅନିତା ଦାସ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ କୁମାର ପଣ୍ଡା, ଓଜେଲ୍ ପଟ୍ଟନାୟକ, ପୂର୍ଣ୍ଣାନନ୍ଦ ପାର୍ଥସାରଥୀ ଶଙ୍ଖୁଆ, ମମତା ମିଶ୍ର, ତନୁଶ୍ରୀ ପଣ୍ଡା ପ୍ରମୁଖ ନୈତିକ ଚିନ୍ତାଧାରା, ଗବେଷଣାମୂଳକ ମନୋଭାବ, ବୈଜ୍ଞାନିକ ଦୃଷ୍ଟିକୋଣର ବିକାଶ ଏଭଳି ଆଲୋଚନା ମାଧ୍ୟମରେ ସମ୍ଭବ ବୋଲି ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନେ ଗଣେଶ ବନ୍ଦନା ଗାନ କରିଥିଲେ। ସେମିନାର ସମ୍ପାଦକ ପ୍ରିତିପାଲ ସାହୁ ସେମିନାର ବିବରଣୀ ପାଠ କରିଥିବା ବେଳେ ସହସମ୍ପାଦକ ଜ୍ଞାନରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶୀତଳ ହେମ୍ବ୍ରମ ସେମିନାର ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ବାଲେଶ୍ୱରରେ ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୨





**ବାଲେଶ୍ୱର, ୧୧।୯ (ସମିସ)**

ବାଲେଶ୍ୱର ଜିଲ୍ଲାରେ ଭୂତଳ ଓ ଭୂପୃଷ୍ଠ ଜଳର ବ୍ୟବହାର, ଭୂତଳ ଜଳସ୍ତରର ସ୍ଥିତି ଏବଂ ଶିଳ୍ପାଞ୍ଚଳରେ ଜଳ ସମ୍ପଦ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପକୁ ନେଇ ବିଭାଗୀୟ ସମ୍ପର୍କିତ ସ୍ଥାୟୀ କମିଟି-୨, ୨୦୨୬-୨୭ର ୪ର୍ଥ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଅପରାହ୍ନ ୩ଟାରେ ବାଲେଶ୍ୱର ସର୍କିଟ ହାଉସରେ ଏହି ବୈଠକ କମିଟି ଅଧ୍ୟକ୍ଷ ତଥା ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ବୈଠକରେ କମିଟି ସଦସ୍ୟ ତଥା ସାରସକଣା ବିଧାୟକ ଭାଦବ ହାଁସଦା, ବାସୁଦେବପୁର ବିଧାୟକ ଅଶୋକ ଦାସ ଓ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାଏକ ଯୋଗ ଦେଇଥିଲେ। ଏଥିସହ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ

▶▶ ପୃଷ୍ଠଜଳ ବ୍ୟବହାର, ଭୂତଳ ଜଳସ୍ତର ଓ ସତର୍କତା ସମୀକ୍ଷା
▶▶ ଇମାମି ପେପର ମିଲ୍ ଓ ଏଲୟଜ୍ ଶିଳ୍ପାଞ୍ଚଳ ପରିଦର୍ଶନ

(ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହଙ୍କ ସମେତ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାର ଭୂତଳ ଜଳ ଓ ଭୂପୃଷ୍ଠ ଜଳର ବ୍ୟବହାର, ଭୂତଳ ଜଳସ୍ତରର ଅଧ୍ୟୟନ ଏବଂ ଶିଳ୍ପାଞ୍ଚଳଗୁଡ଼ିକରେ ଜଳ ସମ୍ପଦ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସମୀକ୍ଷା ହୋଇଥିଲା। ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଜିଲ୍ଲାର ଜଳସମ୍ପଦର ସ୍ଥିତି, ଜଳସ୍ତରର ଅଧ୍ୟୟନ ଓ ବ୍ୟବହାର ସମ୍ପର୍କରେ କମିଟିକୁ ପୁଙ୍ଖାନୁପୁଙ୍ଖ ଭାବେ ତଥ୍ୟ ପ୍ରଦାନ କରିଥିଲେ। ଏହାସହ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବେସରକାରୀ ଶିଳ୍ପ ପ୍ରତିଷ୍ଠାନର ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ। ଶିଳ୍ପାଞ୍ଚଳରେ ଜଳର ବ୍ୟବହାର ଏବଂ ଜଳ ସମ୍ପଦର ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ନେଇ ଆଲୋଚନା ହୋଇଥିଲା। ବୈଠକ ପରେ କମିଟି ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ସହ ସ୍ଥାନୀୟ ବିଧାୟକ ଓ ବିଧାୟିକା, ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଇମାମି ପେପର ମିଲ୍ ଓ ଏଲୟଜ୍ ଶିଳ୍ପାଞ୍ଚଳ ପରିଦର୍ଶନ କରିଥିଲେ। ଶିଳ୍ପାଞ୍ଚଳରେ ଜଳ ବ୍ୟବହାର ଓ ଜଳ ପରିଚାଳନା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ଶିଳ୍ପ ବିକାଶ ସହିତ ଜଳସମ୍ପଦର ସୁରକ୍ଷା ଓ ଭୂତଳ ଜଳସ୍ତରର ସନ୍ତୁଳନ ରକ୍ଷା ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଏହି ସମୀକ୍ଷା ବୈଠକ ଓ ଶିଳ୍ପାଞ୍ଚଳ ପରିଦର୍ଶନକୁ ଗୁରୁତ୍ୱ ଦିଆଯାଉଛି।

# ରିଲିଫ୍ ବଣ୍ଟନରୁ ଜନପ୍ରତିନିଧିଙ୍କ କଳି



**ଥାନାରେ ପୃଥକ ଅଭିଯୋଗ**

**ଜଳେଶ୍ୱର,୧୧।୯ (ସମିସ):** ପଶ୍ଚିମବାର୍ଡ ପଞ୍ଚାୟତ ବନ୍ୟାରେ ବିଶେଷ ପ୍ରଭାବିତ ହୋଇଥିବାରୁ ପ୍ରଶାସନ ପକ୍ଷରୁ ରିଲିଫ୍ ସାମଗ୍ରୀ ଏବଂ ଗୋଖାଦ୍ୟ ଯୋଗାଇ ଦିଆଯାଇଥିଲା। ରିଲିଫ୍ ବଣ୍ଟନରେ ପକ୍ଷପାତିତା, ଅନିୟମିତତାକୁ ନେଇ ନମକାନା ଗାଁର ୪ ନଂ ୱାର୍ଡସଭ୍ୟା ଏବଂ ସମିତିସଭ୍ୟ ସରପଞ୍ଚଙ୍କୁ ବିରୋଧ କରିଥିଲେ। ଫଳରେ ସରପଞ୍ଚ ଶମ୍ଭୁନାଥ ଜେନାଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଛି। ସୂଚନା ଅନୁସାରେ, ୱାର୍ଡସଭ୍ୟା କାବେରୀ ଧଳ ଏବଂ ତାଙ୍କ ସ୍ୱାମୀଙ୍କୁ ସରପଞ୍ଚ ଶ୍ରୀ ଜେନା ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିବା ନାମ୍‌ପୋ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାରେ ସମିତିସଭ୍ୟ ହରିଶ୍ଚନ୍ଦ୍ର ମହାଳିକ ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହିତ ଧମକ ଦେଇଥିବା ଅଭିଯୋଗ ହୋଇଛି। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଦୁଇ ପକ୍ଷ ମଧ୍ୟରେ ଆପୋଷ ବୁଝାମଣା ମଧ୍ୟ ହୋଇଥିଲା। ପରେ ସମିତି ସଭ୍ୟ ସରପଞ୍ଚଙ୍କ ଘର ସମ୍ମୁଖ ରାସ୍ତାରେ ଯିବା ବେଳେ ପୁଣି ଗଣ୍ଡଗୋଳ ସୂତ୍ରପାତ ହୋଇଥିଲା। ସରପଞ୍ଚ ଶ୍ରୀ ଜେନା ସମିତିସଦସ୍ୟଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରି ଲୁହୁଲୁହାଣ କରିଥିବା ଗୁରୁବାର ନାମ୍‌ପୋ ଥାନାରେ ଏତଲା ଦିଆଯାଇଛି। ହାତ ଅଙ୍ଗୁଠି ଏବଂ ଛାତିରେ ଆଘାତ ଲାଗିଥିବାରୁ ହରିଶ୍ଚନ୍ଦ୍ର ଜିକେ ଭଟ୍ଟର ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି। ଏ ଘଟଣାରେ ସରପଞ୍ଚ ଶମ୍ଭୁନାଥ ଜେନା ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସମସ୍ତ ୱାର୍ଡସଭ୍ୟ ଓ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତରେ ସମାଧାନ ପାଇଁ ପ୍ରୟାସ ହେଉଥିବା ଜଣାପଡିଛି।

# ଓଲଟିଲା ବୋଲେରୋ

**ସିମୁଳିଆ, ୧୧।୯ (ସମିସ):** ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ସିମୁଳିଆ ଓଭରବ୍ରିଜ ଉପରେ ଏକ ବାଲେରୋ ଓଲଟି ପଡ଼ିଥିଲା। ୧୬ ନମ୍ବର ଜାତୀୟ ରାଜପଥ ବାଲେଶ୍ୱର ଆଡୁ ଭଦ୍ରକ ଅଭିମୁଖେ ଯାଉଥିବା ବୋଲେରୋ ମଇତାପୁର ସିମୁଳିଆ ଓଭରବ୍ରିଜ ଉପରେ ଷଣ୍ଢକୁ ଧକ୍କା ଦେଇ ଭାରସାମ୍ୟ ହରାଇବା ପରେ। ରାସ୍ତା ଉପରେ ପଲଟି ଯାଇଥିଲା। ବୋଲେରୋ ଭିତରେ ଥିବା ଯାତ୍ରୀ ଆହତ ହୋଇ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

# ରାସ୍ତା ମରାମତି ତ୍ୱରାନ୍ୱିତ ନ କଲେ ଆନ୍ଦୋଳନ ଚେତାବନୀ

**ଜଳେଶ୍ୱର, ୧୧।୯ (ସମିସ):** ଜଳେଶ୍ୱର ସହର ତଥା ସହର ସଂଲଗ୍ନ ମୁଖ୍ୟରାସ୍ତାଗୁଡିକ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ରାସ୍ତାଗୁଡିକରେ ବଡ ବଡ ଖାଲ ଓ ଗର୍ତ ସୃଷ୍ଟିହେବା ଯୋଗୁଁ ରାସ୍ତାରେ ଯାତାୟତ ବିପଦସଙ୍କୁଳ ହୋଇଉଠିଛି। ରାସ୍ତାର ଦୁଇ ପାର୍ଶ୍ୱରେ ଠିକ୍ ଭାବରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ରାସ୍ତାରେ ପାଣି ଜମିବା ଦ୍ୱାରା ରାସ୍ତାର ଅବସ୍ଥା ଖରାପ ହେବା ସହିତ ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏଣୁ ସଡକ ସୁରକ୍ଷା ଜୀବନ ରକ୍ଷା କେବଳ ସ୍ଲୋଗାନରେ ସୀମିତ ନ ରଖି ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଜଳେଶ୍ୱର ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ତରଫରୁ ଏକ ଦାବିପତ୍ର ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବା ସହିତ ଜଳେଶ୍ୱର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଅନ୍ୟ ଅଧିକାରୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ପାର୍ବଣ ଋତୁର ପୂର୍ବରୁ ରାସ୍ତାର ମରାମତି ନ ହେଲେ ବରିଷ୍ଠ ନାଗରୀକ ମଞ୍ଚ ପକ୍ଷରୁ ଧାରଣା ଓ ଧର୍ମଘଟ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର କାର୍ଯ୍ୟକାରୀ ସଭାପତି ଭାସ୍କରଚନ୍ଦ୍ର ମିଶ୍ର, ସମ୍ପାଦକ ଡ. ଲଳିତ ରଂଜନ ସେନାପତି, ଉପଦେଷ୍ଟା ରାଜାରାମ କର ଶର୍ମା, ସୀତାଂଶୁ ସେନାପତି, ସଦସ୍ୟ ଇଂ ଶ୍ରୀମନ୍ତ ଘୋଷ, ସିଦ୍ଧେଶ୍ୱର ତ୍ରିପାଠୀ, ଅବଦୁଲ ସମ୍ମତ ଖାଁ, ଅନନ୍ତ ଦତ, ଡ. ଅକ୍ଷୟ ପରିଡା, ପ୍ରଶାନ୍ତ ପାତ୍ର, ମହେଶ୍ୱର ଜେନା, ସୁଶାନ୍ତ ପରିଡା, ନଗେନ୍ଦ୍ର କର, ନିତ୍ୟାନନ୍ଦ ଜେନା, ରବିନ ପାତ୍ର, ସମାଜସେବୀ କମଳ ଚକ୍ରବର୍ତୀ, କଂଗ୍ରେସ ନେତା ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଉଲ୍ଲାସ’: ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ



**ବାଲେଶ୍ୱର,୧୧।୯ (ସମିସ):** ଜିଲ୍ଲା ଶିକ୍ଷାଧିକାରୀଙ୍କ ଆୟୋଜନରେ ଏବଂ ପିଏମ୍‌ଶ୍ରୀ ବାଲେଶ୍ୱର ଜିଲ୍ଲା ସ୍କୁଲ ସହଯୋଗରେ ‘ଉଲ୍ଲାସ - ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ’ ଏକ ଗରିମାମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ପିଏମ୍‌ଶ୍ରୀ ଜିଲ୍ଲା ସ୍କୁଲରୁ ଏକ ସଚେତନତା ରଥ ବାହାରି ସହର ପରିକ୍ରମା କରିଥିଲା। ମୁଖ୍ୟଅତିଥି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଏକ ବିଶାଳ ସାକ୍ଷରତା ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଜିଲ୍ଲା ସ୍କୁଲର ଏନସିସି ସମେତ ପ୍ରାୟ ୫୦୦ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ପରେ ଜିଲ୍ଲା ସ୍କୁଲ ପରିସରରେ ଆୟୋଜିତ ସଭାରେ ଜିଲ୍ଲା ଶିକ୍ଷାଧିକାରୀ ଡ଼. ବସନ୍ତ କୁମାର ନାୟକ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସମାଜର ପ୍ରତ୍ୟେକ ବର୍ଗକୁ ସାକ୍ଷରତାର ମୁଖ୍ୟସ୍ରୋତରେ ସାମିଲ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରେମୁଣା ବ୍ଲକ ଶିକ୍ଷାଧିକାରୀ ଡ଼. ପ୍ରଭାତ କୁମାର ରଥ, ସଦର ବ୍ଲକ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା, ସିମୁଳିଆ ଓ ଖଇରା ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି, ବାହାନଗା ଓ ସୋର ବ୍ଲକ ଶିକ୍ଷାଧିକାରୀ ଡ଼. ସ୍ୱୀକୃତି କର, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଦିକନ୍ଦ ରାଉତ ଏବଂ ପିଏମ୍‌ଶ୍ରୀ ପ୍ଲାନିଂ କୋ-ଅର୍ଡିନେଟର ଖଗେଶ୍ୱର ମହାରଣା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଇନ୍ଦ୍ରଜିତ ପାତ୍ର ପରିଚାଳନା କରିଥିଲେ।

# ଧଳାଜହର ବେପାରୀ ସନ୍ଦେହରେ ପୁଲିସ ଜିମାଦେଲେ ଗ୍ରାମବାସୀ

**ବାଲିଆପାଳ, ୧୧।୯ (ସମିସ):** ବାଲିଆପାଳ ଅଞ୍ଚଳରେ ବଢ଼ିଚାଲିଛି ଧଳାଜହର ବେପାର। ଅତିଷ୍ଠ ହେଲେଣି ଗ୍ରାମବାସୀ। ରାତି ଦିନ କିଛି ମାନୁନାହାନ୍ତି ବେପାରୀ। ଛକ ବଜାର, ଚା ଦୋକାନୀ କୋଉଠି ବାକି ନାହିଁ। ଯୁବ ପିଢ଼ି ପଥଭ୍ରଷ୍ଟ। ଦୀର୍ଘ ଦିନ ଧରି ବେତଗଡିଆ ପଞ୍ଚାୟତରେ ଥିବା ନାରାୟଣପୁର ଅଞ୍ଚଳରେ ଦିନକୁ ଏହି ଧଳା ଜହରର ସାମ୍ରାଜ୍ୟ ବିସ୍ତାର ହୋଉଥିବାରୁ ଚିନ୍ତାରେ ଗ୍ରାମବାସୀ। ଶୁକ୍ରବାର ସକାଳେ ବାଇକରେ ସ୍ଥାନୀୟ ଯୁବକ ମାଧବ ଦାସ ନାରାୟଣପୁର ଗାଁ ଭିତର ଦେଇ ଧଳା ଜହର ନେଇଯାଉଥିବାର ସନ୍ଦେହ ବଢିଥିଲା। ଯୁବକଠାରୁ କିଛି ଛୋଟ ଛୋଟ ପୁଡିଆ, ମାଟି କଲକି, ଗଞ୍ଜେଇ ବାହାରିଥିଲା। ଗ୍ରାମବାସୀ ତାକୁ କାବୁ କରିବା ସହିତ ବାଲିଆପାଳ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଯୁବକକୁ ଗିରଫ କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି। ଗିରଫ ହୋଇଥିବା ବ୍ୟକ୍ତି ଜଣକ ବାଲିଆପାଳ ଖଗଡାପାଳ ବସ୍ତିରୁ ସଲିମ ଡାକ ନାମ (ସଲ)ଠାରୁ ନେଇ ବିକ୍ରି କରିଆସୁଛନ୍ତି ବୋଲି ସ୍ୱୀକାର କରିଛି। ତେବେ ଏବିଷୟରେ ବାଲିଆପାଳ ଏସଆଇ ଶୁଭସ୍ମିତା ପାଲ୍ କହିଛନ୍ତି, ସେ ପୁଡିଆରେ ଥିବା ପାଉଡର ମାତ୍ରା ଏକ ଗ୍ରାମରୁ କମ। ତାଛଡା ତାର ରଙ୍ଗ ପାଉଁଶିଆ ହୋଇଥିବାରୁ ବ୍ରାଉନସୁଗର ସଠିକ ଭାବେ ଜଣାପଡୁନାହିଁ। ଏହାର ତଦନ୍ତ ଜାରି ରହିଛି। ତେବେ, ପୁଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ।



# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହୃଦ୍‌ରୋଗ ବିଶେଷଜ୍ଞ ବହିର୍ବିଭାଗ ଆରମ୍ଭ



**ବାଲେଶ୍ୱର,୧୧।୯ (ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ନୂତନ ହୃଦରୋଗ ବିଶେଷଜ୍ଞ ବହିର୍ବିଭାଗ ଉଦଘାଟିତ ହୋଇଯାଇଛି। ସଦର ବିଧାୟକ ମାନସ କୁମାର ଦତ୍ତ ଏହାର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲ୍ଲୀପ ଜେନା ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ହୃଦରୋଗ ବର୍ତ୍ତମାନ ସମୟରେ ଏକ ପ୍ରମୁଖ ସ୍ୱାସ୍ଥ୍ୟଜନିତ ସମସ୍ୟା ହୋଇଥିବାବେଳେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ ସ୍ୱତନ୍ତ୍ର ହୃଦରୋଗ ବିଶେଷଜ୍ଞ ବର୍‌ହିବିଭାର ସୁବିଧା ନଥିଲା। ଫଳରେ ଜିଲ୍ଲାର ଅନେକ ରୋଗୀଙ୍କୁ ବିଶେଷଜ୍ଞ ପରାମର୍ଶ ଓ ଉନ୍ନତ ପରୀକ୍ଷା ପାଇଁ ଭୁବନେଶ୍ୱର, କଟକ କିମ୍ବା ରାଜ୍ୟ ବାହାରର ବଡ଼ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଥିଲା। ଏବେ ହୃଦରୋଗ ବିଶେଷଜ୍ଞ ବହିର୍ବିଭାଗ ଆରମ୍ଭ ହେବା ସହ ଆଧୁନିକ ଇକୋ ମେସିନର ସୁବିଧା ମଧ୍ୟ ଉପଲବ୍ଧ ହୋଇଛି। ଏହାଦ୍ୱାରା ହୃଦରୋଗ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ପରୀକ୍ଷା, ନିଦାନ, ବିଶେଷଜ୍ଞ ପରାମର୍ଶ ଓ ଆବଶ୍ୟକ ଚିକିତ୍ସା ସେବା ଜିଲ୍ଲାସ୍ତରରେ ଆହୁରି ସୁବିଧାଜନକ ହେବ। କେବଳ ବାଲେଶ୍ୱର ଜିଲ୍ଲା ନୁହେଁ, ଉତ୍ତର ଓଡ଼ିଶାର ହୃଦରୋଗୀଙ୍କ ପାଇଁ ମଧ୍ୟ ଏହି ସେବା ବେଶ ଉପଯୋଗୀ ହେବ ବୋଲି ଆଶା ପ୍ରକାଶ କରାଯାଇଛି।

**ବାଲେଶ୍ୱର ପୌରପାଳିକା କାଉନ୍‌ସିଲ ବୈଠକ**

# ଦୁର୍ଗାପୂଜା ପ୍ରସ୍ତୁତି ନେଇ ସମନ୍ୱୟ ବୈଠକ ନିଷ୍ପତ୍ତି




**ବାଲେଶ୍ୱର,୧୧।୯ (ସମିସ):** ବାଲେଶ୍ୱର ପୌରପାଳିକା କାର୍ଯ୍ୟାଳୟ ସଭାଗୃହରେ କାଉନସିଲର ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ସବିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶିରିୟାଲ୍ ଶୁଭ୍ର ପଟେଲ ଏବଂ ଉପାଧ୍ୟକ୍ଷ କୈଳାଶଚନ୍ଦ୍ର ସେଠୀ ମଞ୍ଚାସୀନ ଥିଲେ। ପୂଜା ସମୟରେ ସହରରେ ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ବିଦ୍ୟୁତ୍, ପିଏଚଡି, ପିଡବ୍ଲୁଡି ସମେତ ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଉପାଧ୍ୟକ୍ଷ କୈଳାଶଚନ୍ଦ୍ର ସେଠୀ ପ୍ରସ୍ତାବ ଆଗତ କରିଥିଲେ। ରାସ୍ତାଘାଟ ମରାମତି, ସଫେଇ, ଗଛ ଡାଳ କାଟିବା ଏବଂ ପ୍ରତ୍ୟେକ ପୂଜା ମଣ୍ଡପ ନିକଟରେ ବ୍ଲିଚିଂ ସିଞ୍ଚନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ସମସ୍ତ ବିଭାଗକୁ ନେଇ ଶୀଘ୍ର ଏକ ସ୍ୱତନ୍ତ୍ର ବୈଠକ କରିବାକୁ ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ବୈଠକରେ କାଉନସିଲରମାନେ ନିଜ ନିଜ ୱାର୍ଡର ବିକାଶମୂଳକ କାର୍ଯ୍ୟ, ପରିମଳ, ଆଲୋକୀକରଣ ସମସ୍ୟା ଉପସ୍ଥାପନ କରିଥିଲେ। ବୈଠକରେ ସମସ୍ତ ୱାର୍ଡର କାଉନସିଲର, ସାଂସଦ ଓ ବିଧାୟକଙ୍କ ପ୍ରତିନିଧି, ପୌରପାଳିକାର ସମସ୍ତ ବିଭାଗୀୟ ମୁଖ୍ୟ, ଜେଇ ଓ ଏନଫୋର୍ସମେଣ୍ଟ ଟିମ୍ ଉପସ୍ଥିତ ଥିଲେ।

# ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ



**ବାଲେଶ୍ୱର,୧୧।୯ (ସମିସ):** ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଏଡିଏମ୍ ହେମନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଶିଶୁ ଶ୍ରମିକର ପ୍ରଚଳିତ ପରିସ୍ଥିତି ସମୀକ୍ଷା କରାଯାଇଥିଲା ଏବଂ ପ୍ରଭାବଶାଳୀ ଉଦ୍ଧାର, ପୁନର୍ବାସ ଏବଂ ନିବାରଣ ପାଇଁ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ ପ୍ରଧାନ ଶିଶୁ ଶ୍ରମିକ ସମ୍ପର୍କିତ ଜିଲ୍ଲା ପରିସ୍ଥିତି ଉପସ୍ଥାପନ କରିଥିଲେ। ଶିଶୁମାନଙ୍କୁ ଶୋଷଣରୁ ରକ୍ଷା କରିବା ଏବଂ ଶିକ୍ଷା ଏବଂ ସୁରକ୍ଷିତ ଶୈଶବକୁ ଫେରାଇ ଆଣିବା ପାଇଁ ବିଭିନ୍ନ ବିଭାଗ ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷା ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ମଙ୍ଗଳ କମିଟି, ପୁଲିସ, ସମାଜିକ ସଂଗଠନ ଏବଂ ଟ୍ରେଡ୍ ୟୁନିଅନ ପ୍ରତିନିଧିମାନେ ବୈଠକରେ ଯୋଗ ଦେଇଥିଲେ। ଜିଲ୍ଲାରୁ ଶିଶୁ ଶ୍ରମିକର ପ୍ରଭାବଶାଳୀ ନିରାକରଣ ପାଇଁ ପ୍ରବର୍ତ୍ତନ, ସଚେତନତା ଏବଂ ପୁନର୍ବାସ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଅଂଶଗ୍ରହଣକାରୀମାନେ ମତାମତ ଦେଇଥିଲେ।

# ନବାଗତ ଶିକ୍ଷାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଜଳେଶ୍ୱର,୧୧।୯ (ସମିସ):** ନବାଗତ ଶିକ୍ଷାର୍ଥୀଙ୍କୁ ଶିକ୍ଷାନୁଷ୍ଠାନ ସମ୍ପର୍କରେ ପରିଚିତି ଓ ସହଜ କରେଇବା ଲକ୍ଷ୍ୟରେ ଦିଗମ୍ବରୀ ଦେବୀ ଶିକ୍ଷା ସମୂହରେ ପାରମ୍ପରିକ ଢଙ୍ଗରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଜଳେଶ୍ୱର ସହର, ଦେଉଳୀ ପଞ୍ଚୁଘଣ୍ଟାସ୍ଥିତ +୨ ବିଜ୍ଞାନ ବିଦ୍ୟାଳୟରେ ଆୟୋଜିତ ସଭାରେ ଚେୟାରମେନ ଡଃ ଅଜିତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ନବାଗତା ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ସାଧନା ପାଳନ ସମ୍ପର୍କରେ ଉପାଦେୟ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଶରତ ପରିଡା, ସମ୍ପାଦିକା ମଧୁଛନ୍ଦା ମହାନ୍ତି ପ୍ରମୁଖ ଶିକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ସାଇକ୍ରିଷ୍ଣା ନର୍ସିଂ କଲେଜ ଅଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, ସମାଜସେବୀ ଅନନ୍ତ ଦାସ, ପ୍ରାକ୍ତନ ଅଧ୍ୟାପିକା ଇନ୍ଦୁମତି ଗିରି, ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ, ଅଧ୍ୟାପକ ମାନସ ମାଇତି, ଆଇଟିଆଇ ଅଧ୍ୟକ୍ଷ ପ୍ରକାଶ ଦିନ୍ଦା, ଫାର୍ମସୀ କଲେଜର ସମସ୍ତ ଅଧ୍ୟାପକ ଅଭିଭାଷଣ ରଖିଥିଲେ। +୨ଦ୍ୱିତୀୟ ବର୍ଷର ଶିକ୍ଷାର୍ଥୀମାନେ ନବାଗତା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

# ଗବେଷଣା କ୍ଷେତ୍ରରେ ସୋର ପାଇଁ ଗୌରବ ଆଣିଲେ ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର,୧୧।୯ (ସମିସ)**




ଅଧ୍ୟବସାୟ, ନିଷ୍ଠା ଓ ଦୃଢ଼ ମନୋବଳ ହିଁ ସଫଳତାର ମୂଳମନ୍ତ୍ର। ଏହାକୁ ସତ୍ୟ ପ୍ରମାଣିତ କରି ଉଚ୍ଚଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସୋର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ଶ୍ରଦ୍ଧାଞ୍ଜଳି ପାତ୍ର। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟ ଓ ପରିଚାଳନା ବିଷୟରେ ପିଏଚ୍‌ଡି ଉପାଧି ପାଇବା ନିମନ୍ତେ ସେ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କ ଏହି ସଫଳତା ପରିବାର ସମେତ ସମଗ୍ର ସୋର ଅଞ୍ଚଳ ପାଇଁ ଗର୍ବର ବିଷୟ ପାଲଟିଛି। ଶ୍ରଦ୍ଧାଞ୍ଜଳିଙ୍କ ଗବେଷଣା ପ୍ରବନ୍ଧର ବିଷୟ ଥିଲା ‘ନାବାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀ-ବ୍ୟାଙ୍କ ସଂଯୋଗ କାର୍ଯ୍ୟକ୍ରମ ଓ ଗ୍ରାମୀଣ ବିକାଶ: ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଉପରେ ଏକ ଅଧ୍ୟୟନ’। ନାବାର୍ଡ ପକ୍ଷରୁ ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀ-ବ୍ୟାଙ୍କ ସଂଯୋଗ କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲାର ଗ୍ରାମୀଣ ବିକାଶ ଉପରେ କିପରି ପ୍ରଭାବ ପକାଉଛି, ତାହାକୁ ନେଇ ସେ ବିସ୍ତୃତ ଗବେଷଣା କରିଛନ୍ତି। ଏହି ଗବେଷଣା କାର୍ଯ୍ୟ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡକ୍ଟର କୈଳାଶଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ସମ୍ପନ୍ନ ହୋଇଥିଲା। ଗବେଷଣାର ବିଭିନ୍ନ ପର୍ଯ୍ୟାୟରେ ମାର୍ଗଦର୍ଶକଙ୍କ ପରାମର୍ଶ ଓ ସହଯୋଗ ତାଙ୍କୁ ଗବେଷଣାକୁ ସଫଳତାର ସହ ଆଗେଇ ନେବାରେ ବିଶେଷ ସହାୟକ ହୋଇଥିଲା। ଶ୍ରଦ୍ଧାଞ୍ଜଳିଙ୍କ ଗବେଷଣା ପ୍ରବନ୍ଧ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ବାରଣାସୀର ପ୍ରଫେସର ଡକ୍ଟର ହରେନ୍ଦ୍ର କୁମାର ସିଂହଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ତାଙ୍କ ଗବେଷଣା ପ୍ରବନ୍ଧ ପରୀକ୍ଷକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିବା ଜଣାପଡ଼ିଛି। କ୍ଷେତ୍ରମୋହନ ପାତ୍ର ଓ ସ୍ୱର୍ଗତ ଜୟନ୍ତୀ ପାତ୍ରଙ୍କ ଜ୍ୟୋଷ୍ଠକନ୍ୟା ଶ୍ରଦ୍ଧାଞ୍ଜଳି ପାତ୍ର ସୋର ପୌରାଞ୍ଚଳର ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ମୂଳେଶ୍ୱର (ପାଇକସାହି) ଗ୍ରାମର ବାସିନ୍ଦା। ସେ ଭାରତୀୟ ବାୟୁସେନାରେ କାର୍ଯ୍ୟରତ ମନୋରଞ୍ଜନ ସାହୁଙ୍କ ସହଧର୍ମିଣୀ। ନିଜର ଶିକ୍ଷା ଓ ଗବେଷଣା ଯାତ୍ରାରେ ପରିବାରର ନିରନ୍ତର ସହଯୋଗ ଓ ଉତ୍ସାହକୁ ସେ ବିଶେଷ ଭାବେ ସ୍ମରଣ କରିଛନ୍ତି। ନିଜର ଏହି ସଫଳତାର ଶ୍ରେୟ ଡକ୍ଟର ଶ୍ରଦ୍ଧାଞ୍ଜଳି ପାତ୍ର ପ୍ରଥମେ ତାଙ୍କ ଇଷ୍ଟଦେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦେଇଛନ୍ତି। ଏଥିସହ ଗବେଷଣା ମାର୍ଗଦର୍ଶକ ଡକ୍ଟର କୈଳାଶଚନ୍ଦ୍ର ମିଶ୍ର, ସ୍ୱାମୀ, ଝିଅ, ପରିବାରବର୍ଗ ଓ ସମସ୍ତ ଶୁଭେଚ୍ଛୁଙ୍କ ନିରନ୍ତର ସହଯୋଗ, ଉତ୍ସାହ ଓ ଆଶୀର୍ବାଦ ପାଇଁ ସେ କୃତଜ୍ଞତା ଜଣାଇଛନ୍ତି। ଶ୍ରଦ୍ଧାଞ୍ଜଳିଙ୍କ ଏହି ଉଲ୍ଲେଖନୀୟ ସଫଳତା ପରେ ସୋର ଅଞ୍ଚଳର ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି।

ଆସନ୍ତା ଗଣେଶ ପୂଜା

# ୧୭ ବର୍ଷରେ ଗଣେଶ ପୂଜା ପାଳିବ କ୍ଲବ୍ ଆଟ୍ରାକସନ୍

**ବାଲେଶ୍ୱର,୧୧।୯ (ସମିସ):** ଆଉ ଦିନ କେଇଟା ପରେ ପାଳନ ହେବ ଗଣେଶ ପୂଜା। ଏଥିପାଇଁ ସହରର ବିଭିନ୍ନ କ୍ଲବ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବିଭିନ୍ନ ସ୍ଥାନରେ ତୋରଣ, ସାଜସଜ୍ଜା ଓ ମୂର୍ତ୍ତି ନିର୍ମାଣ କାମ ଜୋରସୋରରେ ଚାଲିଛି। ସେହିପରି କନଭେଣ୍ଟ ସ୍କୁଲ ନିକଟ ଭିଏନ୍ ମାର୍ଗଠାରେ ପ୍ରତିବର୍ଷ ନିଆରା ଢଙ୍ଗରେ ଗଣେଶ ପୂଜା ଆୟୋଜନ କରିଆସୁଛି କ୍ଲବ ଆଟ୍ରାକସନ୍। କ୍ଲବ ପକ୍ଷରୁ ୨୦୧୦ରୁ ଆରମ୍ଭ ହୋଇଥିବା ପୂଜା ଚଳିତବର୍ଷ ୧୭ତମ ବର୍ଷରେ ଗଣେଶ ପୂଜା ପାଳନ କରୁଛି। କ୍ଲବ ପକ୍ଷରୁ ୧୨ ଫୁଟ ଉଚ୍ଚତାର ଗଣେଶ ମୂର୍ତ୍ତି ନିର୍ମାଣ କରାଯାଉଛି। ନୂତନ ଶୈଳୀ, ଆକର୍ଷଣୀୟ ରୂପ ଓ ଭବ୍ୟ ସାଜସଜ୍ଜା ସହ ଆଲୋକମାଳାରେ ପୂଜା ମଣ୍ଡପକୁ ଅଧିକ ଆକର୍ଷଣୀୟ କରାଯିବ। ଦର୍ଶକଙ୍କ ପାଇଁ ପ୍ରସାଦ ସେବନ ଓ ବଣ୍ଟନର ମଧ୍ୟ ବ୍ୟବସ୍ଥା ରହିବ। ବର୍ତ୍ତମାନ କ୍ଲବରେ ୫୫ରୁ ଅଧିକ ସଦସ୍ୟ ଅଛନ୍ତି। ସଭାପତି ପ୍ରତୀକ ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ରାକେଶ କୁମାର ବାରିକଙ୍କ ନେତୃତ୍ୱରେ ସିନିୟର୍ କୋର୍ ମେମ୍ବର ଏବଂ ସବୋର୍ଡିନେଟ ମେମ୍ବରଙ୍କ ସହଯୋଗରେ ପୂଜାକୁ ଶାନ୍ତିଶୃଙ୍ଖଳା ଓ ଭାଇଚାରା ସହ ପାଳନ କରିବାକୁ ପ୍ରସ୍ତୁତି ଚାଲିଛି।



# ସମ୍ପାଦକୀୟ



ଶିଶୁମାନେ ବିଶ୍ୱର ସବୁଠାରୁ ମୂଲ୍ୟବାନ ସମ୍ପଦ।
- ଜେ ଏଫ୍. କେନେଡ଼ି

ସକାଳ
THE SAKALA

## ପିଙ୍ଗଳ ଧାତବ

ଗତ କିଛିମାସ ଧରି ସୁନା ସମେତ ରୁପା ଓ ତମ୍ବା ପରି ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଧାତୁ ମୂଲ୍ୟ ମଧ୍ୟ ଅନୁମାନଠାରୁ ଅଧିକ ବେଗରେ ବଢ଼ିଚାଲିବା ଅର୍ଥନୀତି ଓ ଭୂରାଜନୀତି ପ୍ରତି ଏକ ଭିନ୍ନ ସଙ୍କେତ ଦେଇଛି। ସାମ୍ପ୍ରତିକ ଅସ୍ଥିର ପ୍ରତିଭୂତି ବଜାରରେ ସ୍ଥାୟୀ ଓ ନିଶ୍ଚିତ ପ୍ରତିଦାନ ବା ଲାଭାଂଶ (ରିଟର୍ଣ୍ଣ) ଏବଂ ଦ୍ୱରିତ ବିନିମୟକ୍ଷମ(ଲିକ୍ୱିଡିଟି) କ୍ଷମତା ଯୋଗୁଁ ସୁନାରେ ଅଧିକରୁ ଅଧିକ ନିବେଶ ସହିତ ଚୀନ୍ ଓ ଭାରତୀୟଙ୍କ ଅଳଙ୍କାର ଚାହିଦା ଯୋଗୁଁ ପୀତଧାତୁର ମୂଲ୍ୟ ଆକାଶଛୁଆଁ ହେବା ସ୍ୱାଭାବିକ। ଏହାଛଡ଼ା ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ମହଜୁଦ ସ୍ତର ବଢୁଥିବାରୁ ଏହାର ମୂଲ୍ୟ ବଜାରରେ ପ୍ରତିଫଳିତ ହୋଇଛି। କିନ୍ତୁ ରୁପା ଓ ତମ୍ବା ମୂଲ୍ୟରେ ଯେଉଁ ଅସ୍ୱାଭାବିକ ଊର୍ଦ୍ଧ୍ୱଗତି ଦେଖାଦେଇଛି ତାହା ଅର୍ଥନୀତିଜ୍ଞଙ୍କୁ ଚିନ୍ତିତ କରିଛି। ଏହି ମୂଲ୍ୟବୃଦ୍ଧି ପଛର କାରଣ ଖୋଜିବା ବେଳେ କେବଳ ଚାହିଦା ବ୍ୟତୀତ ଭୂରାଜନୀତି, କୂଟନୀତି, ପ୍ରତିରକ୍ଷା ଭଳି ଅନେକ କାରକ ସାମ୍ନାକୁ ଆସୁଛି। ଗତବର୍ଷକ ମଧ୍ୟରେ କେବଳ ଭାରତରେ ରୁପା ଦରରେ ୧୬୦ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ତମ୍ବା ମୂଲ୍ୟ ୩୫% ପର୍ଯ୍ୟନ୍ତ ବଢ଼ିଛି। ଏଥିରୁ ବିଶ୍ୱବଜାରର ସ୍ଥିତି ଅନ୍ବେବହୁତ ଅନୁମେୟ।

ପ୍ରଥମେ ରୁପା କଥା ଆଲୋଚନା କରିବା। ଅଳଙ୍କାର ଓ ସୌଖୀନ ସାମଗ୍ରୀ ବ୍ୟତୀତ ଏବେ ରୁପାର ସର୍ବାଧିକ ବ୍ୟବହୃତ କ୍ଷେତ୍ରଟି ହେଉଛି ସୌରଶକ୍ତି ଉତ୍ପାଦନକାରୀ ଉପକରଣ ଓ ବ୍ୟାଟେରି ନିର୍ମାଣ। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନକୁ ପ୍ରତିହତ କରିବା ଲାଗି ବିଶ୍ୱ ଅକ୍ଷୟଶକ୍ତି ଉତ୍ପାଦନ ବୃଦ୍ଧି ଉପରେ ବିଶ୍ୱର ଅଧିକାଂଶ ରାଷ୍ଟ୍ର ଗୁରୁତ୍ୱ ଦେଉଥିବାରୁ ରୁପା ଚାହିଦା ବଢ଼ିଛି। କିନ୍ତୁ ଏହା ଦ୍ୱିତୀୟ କାରକ ଭାବେ ଗ୍ରହଣ କରାଯାଇପାରେ। ରୁପା ମୂଲ୍ୟ ବୃଦ୍ଧି ପଛର ଅସଲ ରହସ୍ୟମୟ କାରଣଟି ପୁଣି ଥରେ ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ 'କ୍ରିଟିକାଲ୍ ମିନେରାଲ୍' ତାଲିକାରେ ରୁପାକୁ ସାମିଲ୍ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାର ଅର୍ଥ ହେଲା ଆମେରିକା ରୁପାକୁ ସରକାରୀ ଆବଶ୍ୟକତା ଭାବରେ ଗ୍ରହଣ କରିବ ଏବଂ ଅଧିକରୁ ଅଧିକ ସଂଗ୍ରହକୁ ଅଗ୍ରାଧିକାର ଦେବ। ଏହି ନିର୍ଦ୍ଦେଶନାମା ଜରି ହେବା ପରେ ଗତବର୍ଷ ତୁଳନାରେ ଆମେରିକାରେ ସରକାରୀ ରୁପା ସଂଗ୍ରହ ହାର ୭୪% ବୃଦ୍ଧି ଘଟିଛି। ବିଶେଷକରି ଚୀନ୍ ବିରଳ ମୃତ୍ତିକା ରପ୍ତାନୀ ଉପରେ କଟକଣା ଜାରି କରିବା ପରେ ଆମେରିକା ରୁପା ସଂଗ୍ରହକୁ ତ୍ୱରାନ୍ୱିତ କରିଛି। ଏ କ୍ଷେତ୍ରରେ ଚୀନ୍ ଓ ଭାରତ ମଧ୍ୟ ପଛରେ ପଡ଼ିବାକୁ ଚାହିଁନାହାନ୍ତି। ଭାରତରେ ରୁପାରେ ନିବେଶ ବର୍ଷକ ଭିତରେ ୫, ୩୪୨ କୋଟି ଟଙ୍କା ବଢ଼ିଛି ଏବଂ ମ୍ୟୁଚୁଆଲ୍ ଫଣ୍ଡରେ କମିଛି। ଏବେ ଭାରତରେ ମୋଟ ନିବେଶ ପରିମାଣର ପାଖାପାଖି ୭୨% ସୁନା ଓ ରୁପାରେ ହୋଇଛି। ସେହିଭଳି ସାମ୍ପ୍ରତିକ ସେମିକଣ୍ଡକ୍ଟର ନିର୍ମାଣ ପ୍ରତିଯୋଗିତା ଆଗକୁ ଆହୁରି ତୀବ୍ର ହେବାକୁ ଯାଉଥିବାରୁ ରୁପା ଚାହିଦା ସହିତ ମୂଲ୍ୟ ଆହୁରି ବଢ଼ିବାର ଅନୁମାନ କରାଯାଉଛି।

ସୁନା ଓ ରୁପା ସହିତ ତାଳ ଦେଇ ତମ୍ବା ମଧ୍ୟ ଅଭୂତପୂର୍ବ ଊର୍ଦ୍ଧ୍ୱମୁଖୀ ଯାତ୍ରାରେ ସାମିଲ୍ ହେବା ଆଶ୍ଚର୍ଯ୍ୟଚକିତ କରିଛି ଏବଂ ଅର୍ଥନୀତି ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିଶ୍ୱ ବଜାରରେ ତମ୍ବା ମୂଲ୍ୟ ଟନ୍ ପିଛା ଐତିହାସିକ ୧୨ ହଜାର ଡଲାର ଅତିକ୍ରମ କରିଛି ଏବଂ ପୂର୍ବବର୍ଷ ତୁଳନାରେ ଏଥିରେ ୩୫% ବୃଦ୍ଧି ଘଟିଛି। ଏହି ପିଙ୍ଗଳ ଧାତୁର ହଠାତ୍ ମୂଲ୍ୟ ବୃଦ୍ଧି ଯେଭଳି ଅସ୍ୱାଭାବିକ, କାରଣ ମଧ୍ୟ ସେଭଳି ଚିନ୍ତାଉଦ୍ରେକକାରୀ। ତମ୍ବା ନିବେଶକମାନଙ୍କ ଉପରେ ହୋଇଥିବା ଏକ ସର୍ବେକ୍ଷଣର ନିଷ୍କର୍ଷ ଅନୁଯାୟୀ ଯୁଦ୍ଧାସ୍ତ୍ର ଓ ପ୍ରତିରକ୍ଷା ଉପକରଣରେ ତମ୍ବାର ବ୍ୟବହାର ସର୍ବାଧିକ ହେଉଥିବାରୁ ଏବଂ ଆଗକୁ ଯୁଦ୍ଧର ଘନଘଟା ଆହୁରି ବଢ଼ିବାକୁ ଥିବାରୁ ତମ୍ବାରେ ନିବେଶ ହିଁ ବୁଦ୍ଧିମାନର କାମ ବୋଲି ସେମାନେ ମତ ଦେଇଛନ୍ତି। ଏହାଛଡ଼ା ସାମ୍ପ୍ରତିକ କୃତ୍ରିମବୁଦ୍ଧିମତ୍ତା(ଏଆଇ) ଏବଂ ଅକ୍ଷୟଶକ୍ତି ପରିବହନରେ ତମ୍ବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ତମ୍ବାରେ ନିବେଶ ବଢ଼ିଛି। ଗୋଟିଏ ଡାଟା କେନ୍ଦ୍ର ହାରାହାରି ୫ ହଜାରରୁ ୧୫ ହଜାର ଟନ୍ ପର୍ଯ୍ୟନ୍ତ ତମ୍ବା ଆବଶ୍ୟକ କରେ। ସେହିପରି ପାରମ୍ପରିକ ଯାନ ତୁଳନାରେ ବୈଦ୍ୟୁତିକ ଯାନରେ ଦୁଇଗୁଣା ଅଧିକ ତମ୍ବା ବ୍ୟବହାର ହେଉଥିବାରୁ ବୈଦ୍ୟୁତିକ ଯାନର ଚାହିଦା ସହିତ ତାଳ ଦେଇ ତମ୍ବା ଚାହିଦା ଓ ମୂଲ୍ୟ ମଧ୍ୟ ବଢ଼ିଛି।

ଏତଦ୍‌ବ୍ୟତୀତ ଟ୍ରମ୍ପ ପ୍ରଶାସନ ଅର୍ଦ୍ଧନିର୍ମିତ ତମ୍ବା ଉତ୍ପାଦ ଉପରେ ୫୦% ଆମଦାନୀ ଶୁଳ୍କ ଲାଗୁ ଘୋଷଣା ପରେ ଆମେରିକାରେ ହିଁ ତମ୍ବା ଆମଦାନୀ ଉଲ୍ଲେଖନୀୟ ଭାବେ ବଢ଼ିଛି, ଯାହାର ପ୍ରଭାବ ବିଶ୍ୱ ବଜାରରେ ପଡ଼ିଛି। ଆମେରିକାରେ ତମ୍ବାର ସରକାରୀ ନିର୍ଦ୍ଧାରିତ ସର୍ବନିମ୍ନ ମହଜୁଦ ସ୍ତର ୮୦ ହଜାର ଟନ୍‌ରୁ ୩ ଲକ୍ଷ ୪୦ ହଜାର ଟନ୍‌କୁ ବୃଦ୍ଧି ପାଇବା ସହିତ ବିଶେଷଜ୍ଞମାନେ ଆଗାମୀ ଦିନରେ ଯୁଦ୍ଧଆଶଙ୍କାକୁ ତୁଳନା କରୁଛନ୍ତି। ଅପରପକ୍ଷରେ ଆମେରିକାର ଉଦ୍ୟମକୁ ପ୍ରତିହତ କରିବାକୁ ଚୀନ୍ ପ୍ରରୋଚନାରେ ଇଣ୍ଡୋନେସିଆ, ଚିଲି ଓ କଙ୍ଗୋ ଭଳି କେତେକ ତମ୍ବା-ଖଣିଜସମୃଦ୍ଧ ରାଷ୍ଟ୍ର ସେମାନଙ୍କ ଉତ୍ପାଦନରେ କାଣ୍ଟଛାଣ୍ଟ କରିଛନ୍ତି। ଏହାର ପ୍ରଭାବ ମଧ୍ୟ ବଜାର ଉପରେ ପଡ଼ିଛି।

ଏହି ପୃଷ୍ଠଭୂମିରେ ଭାରତ ପାଇଁ ଯୋଜନାବଦ୍ଧ ବାଣିଜ୍ୟ-ଅର୍ଥନୀତି ଆବଶ୍ୟକ ଥିବା ବେଳେ ଏକ ନୂଆ ଆହ୍ୱାନ ସୃଷ୍ଟି ହୋଇଛି। ବିଶ୍ୱ ଧାତବ ବଜାରରେ ଏବେ ଯେଉଁ ଊର୍ଦ୍ଧ୍ୱମୁଖୀ ପ୍ରତିଯୋଗିତା ଆରମ୍ଭ ହୋଇଛି ସେଥିରେ ଭାରତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି। ଭାରତରେ ଧାତବ ଉତ୍ପାଦନ ପାଇଁ ଯେଉଁ ପଦ୍ଧତି ବ୍ୟବହାର ହୋଇଆସୁଛି ତାହା ଅପେକ୍ଷାକୃତ ଅଧିକ କାର୍ବନ ନିର୍ଗମନକାରୀ। ୟୁରୋପୀୟ ସଂଘ ସହିତ ଭାରତର ବାଣିଜ୍ୟ କାରବାରରେ ଇସ୍ପାତ୍ ଓ ଆଲୁମିନିୟମ୍ ସହିତ ତମ୍ବା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ବିଶ୍ୱ ବଜାରରେ ତିଷ୍ଠି ରହିବା ପାଇଁ ଭାରତୀୟ ରପ୍ତାନୀକାରୀମାନେ ମୂଲ୍ୟ ହ୍ରାସ କରିବାକୁ ପଡ଼ିବ, ଯାହା ସମ୍ଭବ ନୁହେଁ। ଭାରତରେ ଏକପକ୍ଷରେ ଟଙ୍କା ମୂଲ୍ୟ ଡଲାର ତୁଳନାରେ ହ୍ରାସ ପାଇ ଚାଲିଥିବା ବେଳେ ଧାତବର ବିଦେଶୀ ଯାତ୍ରାରେ ଏହି କଟକଣା ଭାରତୀୟ ଅର୍ଥନୀତି ସହିତ ଭୂରାଜନୀତି ଓ କୂଟନୀତିକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇଛି।

## ଅର୍ଥନୀତି, ନବସୃଜନ ଓ କୂଟନୀତିର ନୂଆ ଅଧ୍ୟାୟ

**ଇଂ. ଶୁଭମ ଶାଶ୍ୱତ ପୃଷ୍ଟି**

ଏକବିଂଶ ଶତାବ୍ଦୀର ବିଶ୍ୱ ବ୍ୟବସ୍ଥାରେ ଶକ୍ତି ଓ ସାମର୍ଥ୍ୟର ପରିଭାଷା ଦ୍ରୁତଗତିରେ ବଦଳୁଛି। ସାମରିକ କ୍ଷମତା ସହିତ ଆର୍ଥିକ ଅଭିବୃଦ୍ଧି, ପ୍ରଯୁକ୍ତିଗତ ନବସୃଜନ, ଡିଜିଟାଲ ଭିତ୍ତିଭୂମି, ଶକ୍ତି ସୁରକ୍ଷା ଓ ସ୍ଥାୟୀ ବିକାଶ ଏବେ ଏକ ରାଷ୍ଟ୍ର ବିଶ୍ୱ ପ୍ରଭାବର ପ୍ରମୁଖ ମାପକ ଭାବେ ପରିଗଣିତ ହେଉଛି। ଏହି ପରିବର୍ତ୍ତିତ ପରିଦୃଶ୍ୟରେ 'ବ୍ରିକ୍ସ' ଭାରତ ପାଇଁ କେବଳ ଏକ ବହୁପକ୍ଷୀୟ ମଞ୍ଚ ନୁହେଁ; ବରଂ ନିଜର ଆର୍ଥିକ ସାମର୍ଥ୍ୟ, ଡିଜିଟାଲ ନବସୃଜନ ଓ ରଣନୈତିକ ସ୍ୱାୟତ୍ତତାକୁ ବିଶ୍ୱ ମଞ୍ଚରେ ପ୍ରତିଷ୍ଠିତ କରିବାର ଏକ ସୁଲଭ ଅବସର।

ନୂଆଦିଲ୍ଲୀର 'ଭାରତ ମଣ୍ଡପମ'ଠାରେ ଆୟୋଜିତ ୧୮ତମ 'ବ୍ରିକ୍ସ' ଶିଖର ସମ୍ମିଳନୀ ଆୟୋଜନରେ ଭାରତକୁ ଚତୁର୍ଥ ଥର ପାଇଁ ଅଧ୍ୟକ୍ଷତା କରିବାର ସୁଯୋଗ ମିଳିଛି। ବ୍ରାଜିଲ, ରୁଷିଆ, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକା ସହିତ ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ ଏହି ବିସ୍ତୃତ ମଞ୍ଚର ଅଂଶ ହୋଇଥିବା ବେଳେ ବିଶ୍ୱ ଜନସଂଖ୍ୟାର ପ୍ରାୟ ୪୯.୫ ପ୍ରତିଶତ, ବିଶ୍ୱ ମୋଟ ଘରୋଇ ଉତ୍ପାଦନର ପ୍ରାୟ ୪୦ ପ୍ରତିଶତ ଓ ବିଶ୍ୱ ବାଣିଜ୍ୟର ପ୍ରାୟ ୨୬ ପ୍ରତିଶତ ଅଂଶକୁ ପ୍ରତିନିଧିତ୍ୱ କରୁଛନ୍ତି। ଅର୍ଥାତ୍, ବିଶ୍ୱର ପ୍ରାୟ ଅର୍ଦ୍ଧ ଜନସଂଖ୍ୟା ଓ ପ୍ରାୟ ଦୁଇ-ପଞ୍ଚମାଂଶ ଅର୍ଥନୀତି ଏକ ମଞ୍ଚରେ ଏକତ୍ରିତ ହେବା ବ୍ରିକ୍ସର ବଢୁଥିବା ଭୂ-ଆର୍ଥିକ ଗୁରୁତ୍ୱକୁ ପ୍ରମାଣିତ କରେ। ଭାରତର ଅର୍ଥନୀତି ଉଚ୍ଚ ଅଭିବୃଦ୍ଧି ହାର ସହିତ ଆଗକୁ ବଢୁଥିବା ବେଳେ ଏହାର ବିଶାଳ ଘରୋଇ ବଜାର, ଯୁବ ଜନସଂଖ୍ୟା, ବଢୁଥିବା ଉତ୍ପାଦନ କ୍ଷମତା ଓ ଡିଜିଟାଲ ଅର୍ଥନୀତି ଭାରତକୁ ବ୍ରିକ୍ସରେ ଏକ ନିର୍ଣ୍ଣାୟକ ଶକ୍ତିରେ ପରିଣତ କରୁଛି। ଆଜି ଭାରତର ଆର୍ଥିକ ଶକ୍ତି କେବଳ ମୋଟ ଘରୋଇ ଉତ୍ପାଦନର ଆକାରରେ ସୀମିତ ନହୋଇ ବିଶ୍ୱ ଯୋଗାଣ ଶୃଙ୍ଖଳା, ପ୍ରଯୁକ୍ତିବିଦ୍ୟା, ଶକ୍ତି ଓ ନିବେଶରେ ଭାରତର ବଢୁଥିବା ଭୂମିକାର ମୂଳ ଆଧାରକୁ ଦର୍ଶାଉଛି।

୨୦୨୬ 'ବ୍ରିକ୍ସ' ଅଧ୍ୟକ୍ଷତାର ମୂଳ ଦର୍ଶନ ହେଉଛି - 'ସହନଶୀଳତା, ନବସୃଜନ, ସହଯୋଗ ଓ ସ୍ଥାୟିତ୍ୱ ପାଇଁ ନିର୍ମାଣ', ଯାହା ପରିବର୍ତ୍ତିତ ଆର୍ଥିକ ଚିନ୍ତାଧାରାକୁ ପ୍ରତିଫଳିତ କରେ। ଭାରତ କେବଳ ଘୋଷଣାମୂଳକ କୂଟନୀତି ନୁହେଁ, ବରଂ ପ୍ରାୟୋଗିକ ସହଯୋଗକୁ ଅଧିକ ଗୁରୁତ୍ୱ ଦେଉଛି। ଏହି ଅଧ୍ୟକ୍ଷତା ସମୟରେ ୨୫ଟି ସହରରେ ୩୫୦ରୁ ଅଧିକ ବୈଠକ ଓ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହାର ଲକ୍ଷ୍ୟ 'ବ୍ରିକ୍ସ'କୁ କେବଳ ରାଜନୈତିକ ଆଲୋଚନାର ମଞ୍ଚ ନକରି ବାଣିଜ୍ୟ, ଶିଳ୍ପ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଶକ୍ତି ଓ ଯୁବ ଉଦ୍ୟମିତାର ପ୍ରାୟୋଗିକ ସହଯୋଗ ମଞ୍ଚରେ ପରିଣତ କରିବା। ଏହି ଆଭିମୁଖ୍ୟର ସବୁଠାରୁ ବଡ଼ ଉଦାହରଣ ହେଉଛି ଭାରତର ଡିଜିଟାଲ ନବସୃଜନ।

ୟୁପିଆଇ ଭାରତର ଡିଜିଟାଲ ଅର୍ଥନୀତିର ଏକ ବିଶ୍ୱସ୍ତରୀୟ ପରିଚୟରେ ପରିଣତ ହୋଇଛି। ତତକ୍ଷଣାତ୍ ଓ ଅଳ୍ପ ଖର୍ଚ୍ଚରେ ଡିଜିଟାଲ ଦେୟ ବ୍ୟବସ୍ଥାର ଏହି ମଡେଲ୍ ଅନ୍ୟ ବିକାଶଶୀଳ ଦେଶ ପାଇଁ ଡିଜିଟାଲ ସମାବେଶର ଏକ ଉଦାହରଣ। ଭାରତର 'ବ୍ରିକ୍ସ' ଆଲୋଚନାରେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, କୃତ୍ରିମ ବୁଦ୍ଧିମତ୍ତା, ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ଓ ଡିଜିଟାଲ ପରିବର୍ତ୍ତନ ଉପରେ ଗୁରୁତ୍ୱ ଏହି କାରଣରୁ ବଢ଼ିଛି। ୟୁପିଆଇର ଗୁରୁତ୍ୱ 'ବ୍ରିକ୍ସ' ଦେଶଗୁଡ଼ିକୁ ଅନ୍ତର୍ଜାତୀୟ ଦେୟ ବ୍ୟବସ୍ଥାରେ ଅଧିକ ବିବିଧତା, ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ ଓ ଆର୍ଥିକ ସହନଶୀଳତା ନେଇ ଆଲୋଚନା କରୁଥିବା ସମୟରେ ଭାରତ ଏକ ବିକଳ୍ପ ବିଶ୍ୱ ମୁଦ୍ରା ଗଠନ ଅପେକ୍ଷା ବ୍ୟବହାରିକ ଦେୟ ବ୍ୟବସ୍ଥା ଓ ଡିଜିଟାଲ ସଂଯୋଗ ଉପରେ ଗୁରୁତ୍ୱ ଦେଉଛି। ସ୍ଥାୟୀ ବିକାଶ ମଧ୍ୟ ଭାରତୀୟ ଅଧ୍ୟକ୍ଷତାର ଅନ୍ୟତମ କେନ୍ଦ୍ରବିନ୍ଦୁ। ବିଶେଷକରି ସୌର ଶକ୍ତି ଓ ଆଲୋକ ବିଦ୍ୟୁତଶିଳ୍ପରେ ସହଯୋଗ ପାଇଁ ଭାରତ ଏକ ବିଶେଷ 'ବ୍ରିକ୍ସ' କାର୍ଯ୍ୟଦଳ ଓ କାର୍ଯ୍ୟଯୋଜନା ଆଗକୁ ଆଣିଛି। ଶକ୍ତି ସୁରକ୍ଷାକୁ ଭାରତ କେବଳ ତେଲ ଓ ଗ୍ୟାସର ପ୍ରଶ୍ନ ଭାବେ ନଦେଖି ସୌର, ବୁଦ୍ଧିମାନ ବିଦ୍ୟୁତ୍ ଜାଲ ଓ ଶକ୍ତି ସଂରକ୍ଷଣ ସହିତ ଯୋଡ଼ିଛି।

ପ୍ରଯୁକ୍ତିର ପରବର୍ତ୍ତୀ ସୀମା ହେଉଛି ଅର୍ଦ୍ଧଚାଳକ। ଡିଜିଟାଲ ଅର୍ଥନୀତି, କୃତ୍ରିମ ବୁଦ୍ଧିମତ୍ତା, ବିଦ୍ୟୁତ୍‌ଚାଳିତ ଯାନ, ଦୂରସଂଚାର ଓ ପ୍ରତିରକ୍ଷା ଶିଳ୍ପ ଏ ସବୁ କ୍ଷେତ୍ରର ମୂଳରେ ସେମିକଣ୍ଡକ୍ଟର ରହିଛି। ତେଣୁ 'ବ୍ରିକ୍ସ'ର ନବସୃଜନ ଏଜେଣ୍ଡାରେ ଉନ୍ନତ ପଦାର୍ଥ ବିଜ୍ଞାନ, କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ୍ ପ୍ରଯୁକ୍ତି ଓ ଉଚ୍ଚ ପ୍ରଯୁକ୍ତି ଗବେଷଣା ସହଯୋଗର ଗୁରୁତ୍ୱ ବଢ଼ିଛି। ଏହାସହିତ ଭାରତ ନବଉଦ୍ୟମ ନବସୃଜନ ପାଣ୍ଠି ଓ 'ବ୍ରିକ୍ସ' ନବଉଦ୍ୟମ ପ୍ରୋତ୍ସାହନ ଜାଲ ଭଳି ପଦକ୍ଷେପ ପାଇଁ ପ୍ରସ୍ତାବ ରଖିଛି। ଏହା ମାଧ୍ୟମରେ ବିଭିନ୍ନ ସଦସ୍ୟ ଦେଶର ନବଉଦ୍ୟମ, ନବଉଦ୍ୟମ ପ୍ରୋତ୍ସାହନ କେନ୍ଦ୍ର, ଗବେଷଣା ସଂସ୍ଥା ଓ ଶିଳ୍ପକୁ ଏକାଠି କରିବାର ଚେଷ୍ଟା କରାଯାଇଛି। ଅର୍ଥାତ୍ ଭାରତର ବ୍ରିକ୍ସ ନୀତିରେ 'ବଜାର' ସହିତ 'ନବସୃଜନ' ଓ 'ଯୁବ ଉଦ୍ୟମିତା'କୁ ମଧ୍ୟ ଏକ ରଣନୈତିକ ସମ୍ପଦ ଭାବେ ଦେଖାଯାଉଛି।

ନୂଆଦିଲ୍ଲୀ ସମ୍ମିଳନୀର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ହେଉଛି ଦ୍ୱିପାକ୍ଷିକ କୂଟନୀତି। ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ, ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗ, ଇରାନର ରାଷ୍ଟ୍ରପତି ମାସୁଦ୍ ପେଜେଶ୍କିଆନ୍, ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା, ଇଜିପ୍ଟର ରାଷ୍ଟ୍ରପତି ଅବ୍ଦେଲ୍ ଫତାହ୍ ଅଲ୍-ସିସି, ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋୱୋ ସୁବିଆଣ୍ଟୋ, ସଂଯୁକ୍ତ ଆରବ ଏମିରେଟ୍ସର ପ୍ରତିନିଧିତ୍ୱ କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ୍ ବିନ୍ ମହମ୍ମଦ୍ ଓ ସାଉଦି ଆରବର ବିଦେଶମନ୍ତ୍ରୀ ଫୈସଲ୍ ବିନ୍ ଫରହାନଙ୍କ ଅଂଶଗ୍ରହଣ ଭାରତର ବୈଦେଶିକ କୂଟନୀତିକୁ ସଶକ୍ତ କରିଛି। ଏହି ମଞ୍ଚରେ ଭାରତର ଦ୍ୱିପାକ୍ଷିକ ରଣନୀତି ମଧ୍ୟ ଅତ୍ୟନ୍ତ ସ୍ୱଷ୍ଟ। ରୁଷିଆ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଲୋଚନାରେ ବାଣିଜ୍ୟର ସମ୍ପ୍ରସାରଣ, ପ୍ରତିରକ୍ଷା ସହଯୋଗ, ଶକ୍ତି ଯୋଗାଣ ବୃଦ୍ଧି, ମହାକାଶ, ପ୍ରଯୁକ୍ତିବିଦ୍ୟା, ସାର ଓ ପର୍ଯ୍ୟଟନ ସମ୍ପର୍କ ଭଳି କ୍ଷେତ୍ର ପ୍ରମୁଖଭାବେ ଅଲୋଚନା ହେବାର ସମ୍ଭାବନା ରହିଛି। ରୁଷିଆ ଭାରତର ଏକ ପ୍ରମୁଖ ଶକ୍ତି ଯୋଗାଣକାରୀ ରାଷ୍ଟ୍ର ହୋଇଥିବାରୁ ଶକ୍ତି ସୁରକ୍ଷା ଓ ଦୀର୍ଘମିଆଦୀ ଆର୍ଥିକ ସହଯୋଗ ଏଠାରେ ମୁଖ୍ୟ ପ୍ରସଙ୍ଗ ଭାବେ ଉପସ୍ଥାପିତ ହୋଇଛି।

ସେହିପରି ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଦିଲ୍ଲୀ ଗସ୍ତ ମଧ୍ୟ ବିଶେଷ ଗୁରୁତ୍ୱ ବହନ କରୁଛି। ସାତ ବର୍ଷ ପରେ ତାଙ୍କର ଏହି ଭାରତ ଗସ୍ତ ଏବଂ ଭାରତ-ଚୀନ ସମ୍ପର୍କରେ ସ୍ଥିରତା, ବାଣିଜ୍ୟ ଓ ଆର୍ଥିକ ସମ୍ପର୍କକୁ ଆଗକୁ ନେବା ନେଇ ଆଲୋଚନାର ସୁଯୋଗ ସୃଷ୍ଟି କରୁଛି। ତଥାପି ନିବେଶ, ନିୟମାନୁଶାସନ, ପ୍ରଯୁକ୍ତିବିଦ୍ୟା ଓ ପାରସ୍ପରିକ ବିଶ୍ୱାସର ସମସ୍ୟା ରହିଥିବାରୁ ଭାରତର ଆଭିମୁଖ୍ୟ ଜାତୀୟ ସୁରକ୍ଷା ଓ ଆର୍ଥିକ ସ୍ୱାର୍ଥ ଉପରେ ନିହିତ ରହିବ ବୋଲି ଆଶା କରାଯାଉଛି। ଇରାନ ସହ ମଧ୍ୟ ଭାରତର ଦ୍ୱିପାକ୍ଷିକ ଆଲୋଚନା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଆଶା କରାଯାଉଛି। ପେଜେଶ୍କିଆନଙ୍କ ଭାରତ ଗସ୍ତ ସମୟରେ ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ଚାବାହାର ଓ ମଧ୍ୟଏସିଆ ସଂଯୋଗ, ଶକ୍ତି, ବାଣିଜ୍ୟ ଓ ପଶ୍ଚିମ ଏସିଆର ସ୍ଥିରତା ଭଳି ବିଷୟକୁ ନେଇ ଆଲୋଚନାର ବିଷୟ ଥିବା ବେଳେ ଏହା ଭାରତର ବ୍ୟାପକ ଭୂ-ଆର୍ଥିକ ରଣନୀତିକୁ ପ୍ରତିପାଦନ କରୁଛି।

ବ୍ରିକ୍ସରେ ଭାରତର ଉଦୟ କେବଳ ଏକ ବୃହତ୍ ଅର୍ଥନୀତିର କାହାଣୀ ନୁହେଁ, ବରଂ ଏକ ଭାରତର ଉଦୟ, ଯେଉଁଠାରେ ମୋଟ ଘରୋଇ ଉତ୍ପାଦନ ଅଭିବୃଦ୍ଧି ସହିତ ଡିଜିଟାଲ ନବସୃଜନ, ୟୁପିଆଇ, ସୌର ଶକ୍ତି, ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତ୍ତା, ନବଉଦ୍ୟମ, ସବୁଜ ଅର୍ଥନୀତି ଓ ରଣନୈତିକ ସ୍ୱାୟତ୍ତତା ଭଳି ପ୍ରସଙ୍ଗ ସମାହିତ ହୋଇଛି। ଭାରତର ଶକ୍ତି ତାହାର ଆକାରରେ ଯେତିକି, ଦିଗନିର୍ଦ୍ଦେଶରେ ମଧ୍ୟ ସେତିକି। ଅର୍ଥନୈତିକ ବୃଦ୍ଧି ଯଦି ଏହାର ଭିତ୍ତି ହୁଏ, ତେବେ ଡିଜିଟାଲ ନବସୃଜନ ତାହାର ଗତି, ସୌର ଓ ସବୁଜ ପ୍ରଯୁକ୍ତିବିଦ୍ୟା ତାହାର ଭବିଷ୍ୟତ ଏବଂ କୂଟନୈତିକ ସ୍ୱାୟତ୍ତତା ତାହାର ପରିଚୟ। ଏହି ଚାରିଶକ୍ତିକୁ ଏକତ୍ର କରି ଭାରତ 'ବ୍ରିକ୍ସ'କୁ ଏକ ନୂଆ ବିଶ୍ୱ ଆର୍ଥିକ ସହଯୋଗର ମଞ୍ଚରେ ପରିଣତ କରିପାରିଲେ, ନୂଆଦିଲ୍ଲୀର ଏହି ଅଧ୍ୟକ୍ଷତା କେବଳ ଏକ ସମ୍ମିଳନୀର ଆୟୋଜନ ନହୋଇ ବିଶ୍ୱ ଶକ୍ତି ସମୀକରଣରେ ଭାରତର ନୂଆ ଉଦୟ ଓ ଉଦ୍ୟମତାକୁ ପ୍ରତିପାଦିତ କରିବ।

ନୂଆଦିଲ୍ଲୀ, ମୋ: ୯୪୩୮୩୨୮୦୧୫

## ଅରଟରୁ ମୋବାଇଲ୍ ପର୍ଯ୍ୟନ୍ତ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ବର୍ଷ ୧୯୩୦ରେ ଯେତେବେଳେ ମହାତ୍ମା ଗାନ୍ଧୀ ଲବଣ ସତ୍ୟାଗ୍ରହ ଘୋଷଣା କଲେ, ଅନେକ ପଚାରିଲେ ଲୁଣ ହିଁ କାହିଁକି? ଇଂରେଜମାନଙ୍କ ବିରୋଧରେ ଲଢ଼େଇ ପାଇଁ କ'ଣ ଆଉ କୌଣସି ବଡ଼ ପ୍ରସଙ୍ଗ ନାହିଁ? ହେଲେ ଗାନ୍ଧୀ ଜାଣିଥିଲେ ଯେ କୌଣସି ଜନଆନ୍ଦୋଳନର ଶୁଭାରମ୍ଭ ସ୍ଲୋଗାନ କିମ୍ବା ଭିଡ଼ରୁ ହୋଇ ନ ଥାଏ, ବରଂ ଏପରି ପ୍ରସଙ୍ଗରୁ ହୁଏ, ଯେଉଁଥିରେ ସାଧାରଣ ମଣିଷର ଆବଶ୍ୟକତା ଜଡ଼ିତ। ଧନୀ ହୁଅନ୍ତୁ କି ଗରିବ - ଲୁଣ ପ୍ରତ୍ୟେକ ଘରର ଆବଶ୍ୟକତାରେ ସାମିଲ ଥିଲା। ତେଣୁ ଲବଣ ସତ୍ୟାଗ୍ରହ କେବଳ ଏକ ଜନଆନ୍ଦୋଳନ ନ ଥିଲା, ତାହା ଅନ୍ୟାୟ ବିରୋଧରେ ପ୍ରତିବାଦର ପ୍ରତୀକ ପାଲଟିଯାଇଥିଲା। ଗାନ୍ଧୀ ସାବରମତୀ ଆଶ୍ରମରୁ ବାହାରିବା ବେଳେ ତାଙ୍କ ସହ ହାତଗଣତି କିଛି ଲୋକ ଥିଲେ। କିନ୍ତୁ ଯେମିତି ଯେମିତି ସେ ଦାଣ୍ଡି ଆଡ଼କୁ ଆଗେଇଲେ, ହଜାର ହଜାର ଲୋକ ଯୋଡ଼ି ହୋଇଚାଲିଲେ। କେହି ଭାଷଣ ଶୁଣି ଆସିଲା ତ କେହି ଆବଶ୍ୟକତାରୁ। ଦାଣ୍ଡି ପହଞ୍ଚୁ ପହଞ୍ଚୁ ତାହା ସମଗ୍ର ଭାରତ ପାଲଟିଗଲା। ଗାନ୍ଧୀଙ୍କର ଏହା ହିଁ ବଡ଼ ରାଜନୈତିକ ଶକ୍ତି ଥିଲା।

ପ୍ରାୟ ଏକ ଶତାବ୍ଦୀ ପରେ ଭାରତର ନୂଆ ପିଢ଼ିକୁ ଦେଖି ସେହି କଥା ପୁଣି ମନେପଡ଼େ। ନିକଟ ଅତୀତରେ ଯୁବବର୍ଗଙ୍କ ଆନ୍ଦୋଳନ ପୁଣି ଥରେ ପ୍ରମାଣିତ କଲା ଯେ ଭାରତର ଯୁବକ କେବଳ ଇଣ୍ଟରନେଟ୍ ମିଡିଆରେ ନିଜ କଥା ରଖୁଥିବା ପିଢ଼ି ନୁହନ୍ତି। ଯେତେବେଳେ ତାଙ୍କୁ ଲାଗେ ଯେ କୌଣସି ପ୍ରସଙ୍ଗରେ ନିଜ କଥା ସାର୍ବଜନୀନ ଭାବେ ରଖିବା ଉଚିତ୍, ସେତେବେଳେ ସେମାନେ ଗଣତନ୍ତ୍ରର ସୀମା ଭିତରେ ରହି ନିଜ ସ୍ୱର ବି ଉଠାଇପାରନ୍ତି। କିଛିବର୍ଷ ହେବ ଏହି ଧାରଣା କ୍ରମାଗତ ଭାବେ ଚାଲିଛି। ଆଜିର ଯୁବବର୍ଗ ଯେତେବେଳେ କୌଣସି ପ୍ରସଙ୍ଗକୁ ନେଇ ଶାନ୍ତିପୂର୍ଣ୍ଣ ଭାବେ ଏକାଠି ହୁଅନ୍ତି, ନିଜ କଥା ରଖନ୍ତି ଏବଂ ଗଣତାନ୍ତ୍ରିକ ଉପାୟରେ ସଂବାଦ କରନ୍ତି, ସେତେବେଳେ ସେ ଦର୍ଶାନ୍ତି ଯେ ଟେକ୍ନୋଲୋଜି ତାଙ୍କର ଭାଷା ବଦଳାଇଛି, ସମ୍ବେଦନଶୀଳତା ନୁହେଁ। ଏହିଠାରୁ ହିଁ ଏକ 'ନବ ଗାନ୍ଧୀବାଦ'ର ଆରମ୍ଭ ଦେଖାଯାଏ। ଏହି 'ନବ ଗାନ୍ଧୀବାଦ' ଖଦଡ଼ ପିନ୍ଧିବା କିମ୍ବା ଅରଟ ଚଳାଇବାର ଆଗ୍ରହ ପ୍ରକାଶ କରେ ନାହିଁ, ଗାନ୍ଧୀ ଦର୍ଶନର ସେହି ମୂଳ ଭାବନାକୁ ଆପଣାଏ, ଯେଉଁଥିରେ ସଂବାଦ ଏବଂ ନୈତିକ ସାହସ ସବୁଠାରୁ ବଡ଼ ଶକ୍ତି ହୋଇଥାଏ। ଆଜିର ଯୁବବର୍ଗଙ୍କ ହାତରେ ଅରଟ ଜାଗାରେ ମୋବାଇଲ୍ ଅଛି। ଗାଁ ଗାଁ ପଦଯାତ୍ରା ଜାଗାରେ ଇଣ୍ଟରନେଟ୍ ଅଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଗାନ୍ଧୀ ଅପ୍ରାସଙ୍ଗିକ ହୋଇଯାଇଛନ୍ତି। ଯଦି ଯୁବବର୍ଗ ନିଜ କଥା ବିନା ହିଂସାରେ ରଖନ୍ତି, ଯଦି ସେ ବ୍ୟବସ୍ଥା ପାଖରୁ ଜବାବ ମାଗନ୍ତି, କିନ୍ତୁ ବ୍ୟବସ୍ଥା ଭାଙ୍ଗିବା କଥା କହନ୍ତି ନାହିଁ, ତେବେ ସେ ଜାଣିଶୁଣି କିମ୍ବା ଅଜାଣତରେ ଗାନ୍ଧୀଙ୍କ ପରମ୍ପରାକୁ ହିଁ ଆଗକୁ ବଢ଼ାଉଛନ୍ତି।

ଗାନ୍ଧୀଙ୍କର ସବୁଠାରୁ ବଡ଼ ଯୋଗଦାନ କେବଳ ଦେଶକୁ ସ୍ୱାଧୀନତା ଦେବା ନଥିଲା, ସେ ବିରୋଧର ଭାଷା ବଦଳାଇଥିଲେ। ସେ ଦର୍ଶାଇଲେ ଯେ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ବନ୍ଧୁକ ନୁହେଁ, ବରଂ ନୈତିକ ବଳ। ଶାସନ କ୍ଷମତା ସେହି ନାଗରିକକୁ ସବୁଠାରୁ ବେଶି ଡରେ, ଯିଏ ଶାନ୍ତ ରହେ, କିନ୍ତୁ ନିଜ ଅଧିକାର ଉପରେ ଅଟଳ ରହେ ଏବଂ ଏହା ହିଁ ସତ୍ୟାଗ୍ରହର ଆତ୍ମା। ଆଜି ଭାରତର ଗଣତନ୍ତ୍ର ବି ସେହି ନୈତିକ ଶକ୍ତିର ଆବଶ୍ୟକତା ଅନୁଭବ କରୁଛି। ଗଣତନ୍ତ୍ର କେବଳ ମତଦାନ ଦ୍ୱାରା ମଜବୁତ୍ ହୋଇନଥାଏ। ତାହା ସେତେବେଳେ ମଜବୁତ୍ ହୁଏ, ଯେତେବେଳେ ନାଗରିକ ପ୍ରଶ୍ନ ପଚାରନ୍ତି, ସରକାର ଜବାବ ଦିଅନ୍ତି, ବିରୋଧୀ ଦଳ ନିଜ କଥା ରଖନ୍ତି ଏବଂ ସମାଜ ଆଲୋଚନା ଓ ସଂବାଦ ପାଇଁ ପ୍ରସ୍ତୁତ ରହେ। ଯଦି ଏଥିମଧ୍ୟରୁ କୌଣସି ଗୋଟିଏ କଡ଼ି ଦୁର୍ବଳ ପଡ଼ିଯାଏ, ତେବେ ଗଣତନ୍ତ୍ରର ସନ୍ତୁଳନ ବି ଦୁର୍ବଳ ହେବାକୁ ଲାଗେ।

ନୂଆ ପିଢ଼ିର ସବୁଠାରୁ ବଡ଼ ବିଶେଷତା ହେଉଛି ସେମାନେ ସବୁ କଥାକୁ ଆଖିବୁଜି ସ୍ୱୀକାର କରନ୍ତି ନାହିଁ, ପ୍ରଶ୍ନ ପଚାରନ୍ତି। ଅନେକ ସମୟରେ ସେ ପ୍ରଶ୍ନ ଅସହଜ ବି ଲାଗେ। କିନ୍ତୁ ପ୍ରଶ୍ନ ପଚାରୁଥିବା ସମାଜ ହିଁ ଜୀବନ୍ତ ସମାଜ। ଗାନ୍ଧୀ ବି ଏହା ଚାହୁଁଥିଲେ। ସେ ଅନ୍ଧଭକ୍ତି ନୁହେଁ, ସଚେତନ ନାଗରିକ ଚାହୁଁଥିଲେ ଏବଂ ଏପରି ଏକ ଭାରତର ସ୍ୱପ୍ନ ଦେଖୁଥିଲେ, ଯେଉଁଠି ସରକାର ଜନତାଙ୍କୁ ଡରିବେ ନାହିଁ, ବରଂ ଜନତାଙ୍କ ପ୍ରତି ଉତ୍ତରଦାୟୀ ରହିବେ। ଏହା ସତ ଯେ ପ୍ରତ୍ୟେକ ଆନ୍ଦୋଳନ 'ଗାନ୍ଧୀବାଦୀ' ନୁହେଁ ଏବଂ ପ୍ରତ୍ୟେକ ବିରୋଧକୁ 'ଗାନ୍ଧୀ'ଙ୍କ ନାମ ଦିଆଯାଇପାରିବ ନାହିଁ। 'ଗାନ୍ଧୀବାଦ'ର ଅର୍ଥ ହେଉଛି ସତ୍ୟ ପ୍ରତି ସଚ୍ଚୋଟତା, ବିରୋଧୀଙ୍କ ପ୍ରତି ସମ୍ମାନ, ସାର୍ବଜନୀନ ଜୀବନରେ ମର୍ଯ୍ୟାଦା ଏବଂ ଯେକୌଣସି ପରିସ୍ଥିତିରେ ହିଂସାରୁ ଦୂରତା। ଯଦି ଏହି ଉପାଦାନଗୁଡ଼ିକ ଉପସ୍ଥିତ ଅଛି, ତେବେ ଯାଇ କୌଣସି ଆନ୍ଦୋଳନରେ ଗାନ୍ଧୀଙ୍କ ଆତ୍ମା ଦେଖାଯାଏ। ଆଜି ଆବଶ୍ୟକତା ନୁହେଁ ଯୁବବର୍ଗ ଗାନ୍ଧୀଙ୍କ ଭଳି ପୋଷାକ ଆପଣାନ୍ତୁ, ବରଂ ଏହା ଯେ ସେମାନେ ଗାନ୍ଧୀଙ୍କ ପନ୍ଥାକୁ ବୁଝନ୍ତୁ। ଅସମ୍ମତିକୁ ଘୃଣାରେ ବଦଳାଇବା ପରିବର୍ତ୍ତେ ସଂବାଦରେ ବଦଳାଇବା ଏବଂ ରାଜନୀତିକୁ କ୍ଷମତାର ଖେଳ ଭାବିବା ପରିବର୍ତ୍ତେ ସମାଜ ପରିବର୍ତ୍ତନର ମାଧ୍ୟମ କରିବା ହିଁ ଗାନ୍ଧୀଙ୍କ ରାସ୍ତା ଥିଲା।

ଭାରତ ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର ଏବଂ ଆଜି ଏହି ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ଯୁବ ଜନସଂଖ୍ୟା। ଯଦି ଏହି ଯୁବବର୍ଗ କେବଳ ନିର୍ବାଚନ ଦିନ ଭୋଟ୍ ଦେଉଥିବା ନାଗରିକ ହୋଇ ରହିଯିବେ, ତେବେ ଗଣତନ୍ତ୍ର ଅଧୁରା ରହିବ। ଯଦି ଏହି ଯୁବବର୍ଗ ସମ୍ବିଧାନ, ଅଧିକାର, କର୍ତ୍ତବ୍ୟ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସଚେତନ ରହିବେ, ତେବେ ଭାରତର ଗଣତନ୍ତ୍ର ଆହୁରି ସୁଦୃଢ଼ ହେବ। ଦାଣ୍ଡି ଯାତ୍ରା ଆମକୁ ଏହା ଶିଖାଏ ଯେ ପ୍ରତ୍ୟେକ ବଡ଼ ପରିବର୍ତ୍ତନ ଏକ ଛୋଟ ପ୍ରଶ୍ନରୁ ଆରମ୍ଭ ହୁଏ, ଯାହାକୁ ଲୋକମାନେ ପ୍ରଥମେ ସାଧାରଣ ଭାବନ୍ତି। ସେହି ପ୍ରଶ୍ନ ଧୀରେ ଧୀରେ ସମାଜର ଚେତନା ପାଲଟିଯାଏ। ହୁଏତ ଆଜିର ପିଢ଼ି ଏହି ରାସ୍ତାରେ ନିଜ ଢଙ୍ଗରେ ଚାଲୁଛନ୍ତି। ଯୁବ ପିଢ଼ି ଗାନ୍ଧୀଙ୍କୁ ବହିରେ କମ୍ ପଢୁଛନ୍ତି, କିନ୍ତୁ ଅନେକ ସମୟରେ ତାଙ୍କ ବିଚାରକୁ ନିଜ ବ୍ୟବହାରରେ ଦେଖାଉଛନ୍ତି। ଗାନ୍ଧୀ କହିଥିଲେ, ଆପଣ ସେହି ପରିବର୍ତ୍ତନ ହୁଅନ୍ତୁ, ଯାହା ଦୁନିଆରେ ଦେଖିବାକୁ ଚାହାନ୍ତି। ନୂଆ ପିଢ଼ି ସାମ୍ନାରେ ଏହା ହିଁ ସବୁଠାରୁ ବଡ଼ ଆହ୍ୱାନ। ହୁଏତ ଏହା ହିଁ ଏକବିଂଶ ଶତାବ୍ଦୀର ସବୁଠାରୁ ସତ୍ୟ ଗାନ୍ଧୀବାଦ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## କଳିଙ୍ଗରେ ହୀନୟାନ ବୌଦ୍ଧ ଧର୍ମ

### ଓଡ଼ିଶାର ବୌଦ୍ଧ ପରମ୍ପରା

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

**ବର୍ମା (ମିଆଁମାର)ରେ ବୌଦ୍ଧଧର୍ମର ପ୍ରସାର:** ଅଶୋକଙ୍କ ସମୟରେ ବର୍ମାରେ ବୌଦ୍ଧ ଧର୍ମ ପ୍ରବେଶ କରିଥିବା ଜଣାପଡ଼େ। ସିଂହଳୀୟ ବୃତ୍ତାନ୍ତ ଅନୁସାରେ, ପ୍ରସିଦ୍ଧ ଥେର ସୋଣ ଓ ଉତ୍ତରଙ୍କୁ ମୋଗ୍ଗଲିପୁତ୍ତ ତିସ୍ସ ସୁବର୍ଣ୍ଣ ଭୂମିରେ ବୌଦ୍ଧଧର୍ମ ପ୍ରଚାର କରିବାକୁ ପଠାଇଥିଲେ। ସୁବର୍ଣ୍ଣଭୂମିକୁ ବର୍ମା ସହିତ ଚିହ୍ନଟ କରାଯାଇଛି। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ପୂର୍ବରୁ ବର୍ମାରେ ଥେରବାଦ (ହୀନୟାନ) ବୌଦ୍ଧ ଧର୍ମର ପ୍ରଚଳନ ଥିବା ବିଷୟ ନାଗାର୍ଜୁନ କୋଣ୍ଡା ଶିଳାଲେଖରୁ ଜଣାପଡ଼େ। ପ୍ରାଚୀନ ଚୀନୀ ଗ୍ରନ୍ଥଗୁଡ଼ିକରେ ମଧ୍ୟ ଚିନ୍ ଲିନ୍ (ଥାଟୋନ୍) ଓ ଲିନ୍ ୟାଙ୍ଗ (ପ୍ରୋମ) ନାମକ ଦେଶ ସଂପର୍କରେ ଉଲ୍ଲେଖ ମିଳେ, ଯେଉଁଠାରେ ତୃତୀୟ ଶତାବ୍ଦୀ ବେଳକୁ ମଧ୍ୟ ସବୁଲୋକ ଭାଗବାନ ବୁଦ୍ଧଙ୍କୁ ପୂଜା କରୁଥିଲେ। ଏହି ଥାଟୋନ ଓ ପ୍ରୋମ ବର୍ମା ଦେଶର ଅଂଶବିଶେଷ।

ଖ୍ରୀଷ୍ଟୀୟ ପଞ୍ଚମ ଶତବ୍ଦୀ ବେଳକୁ ତିବ୍ବତୀୟ ବଂଶଜ (ପ୍ୟୁ) ଜାତି କେନ୍ଦ୍ରୀୟ ବର୍ମାରେ ବସବାସ କରୁଥିଲେ। ଇରାୱାଡୀ ନଦୀ କୂଳରେ ଥିବା ହାଉଜା (ପ୍ରାଚୀନ ପ୍ରୋମ) ସେମାନଙ୍କର ରାଜଧାନୀ ଥିଲା। ଅନ୍ୟ ପଟରେ ମୋନ୍ ଜାତି ନିମ୍ନ ବର୍ମା ଅଧିକାର କରି ଥାଟୋନ ଓ ପେଗୁକୁ ନିଜ ନିଜର ପ୍ରମୁଖ କେନ୍ଦ୍ର କରିଥିଲେ। ପ୍ୟୁ ମାନେ ହୀନୟାନ ବୌଦ୍ଧଧର୍ମ ଗ୍ରନ୍ଥଗୁଡ଼ିକ ଅନୁସରଣ କରୁଥିଲେ ଏବଂ ସେମାନଙ୍କର ରାଜାମାନେ ଥେରବାଦୀ ସଂସ୍କୃତିର ପ୍ରସିଦ୍ଧ ପୃଷ୍ଠପୋଷକ ଥିଲେ। ହ୍ମାଉଜା ନିକଟସ୍ଥ ମାଉଙ୍ଗଗାନଠାରେ ପଞ୍ଚମ-ଷଷ୍ଠ ଶତାବ୍ଦୀର ଲିପିରେ ପାଲି ଭାଷାରେ ହୀନୟାନ ଧର୍ମଗ୍ରନ୍ଥ ଖୋଦିତ ସୁବର୍ଣ୍ଣପତ୍ର ମିଳିଛି। ଏହି ଆବିଷ୍କାର ପ୍ୟୁ ମାନଙ୍କର ଦୃଢ଼ ହୀନୟାନ ବିଶ୍ୱାସର ପ୍ରମାଣ ଦେଇଥାଏ। ଏହି ବୌଦ୍ଧଧର୍ମ ଦକ୍ଷିଣ-ପୂର୍ବ ଭାରତରୁ ହିଁ ସେମାନଙ୍କ ଦେଶକୁ ଆସିଥିଲା।

ବର୍ମା ଓ ପ୍ରାଚୀନ ଓଡ୍ର, ଉତ୍କଳ ଏବଂ କଳିଙ୍ଗ ମଧ୍ୟରେ ଘନିଷ୍ଠ ସଂପର୍କ ଓ ଯାତାୟତ ଥିବାର ଦୃଢ଼ ପ୍ରମାଣ ମିଳେ। ଏହି ସଂପର୍କ ଫଳରେ ବର୍ମାରେ ବ୍ରାହ୍ମଣୀୟ (ହିନ୍ଦୁ ସନାତନ) ଓ ବୌଦ୍ଧ ସଂସ୍କୃତିର ପ୍ରସାର ଘଟିଥିବା ନିଶ୍ଚିତ ଭାବେ କୁହାଯାଇପାରିବ। ପେଗୁର ପ୍ରାଚୀନ ନାମ 'ଉସ୍ସା' ଥିଲା, ଯାହାକୁ ଓଡ୍ର / ଉଡ୍ର ବା ଓଡ଼ିଶାର ଏକ ପରିବର୍ତ୍ତିତ ରୂପ ବୋଲି କୁହାଯାଇଛି। ଏହାଛଡ଼ା ମୋନ୍ ଲେଖାଗୁଡିକରେ ପ୍ରାଚୀନ ପ୍ରୋମ ପ୍ୟୁ ମାନଙ୍କର ରାଜଧାନୀକୁ ପ୍ରାୟତଃ ଶ୍ରୀକ୍ଷେତ୍ର ବୋଲି ଉଲ୍ଲେଖ କରାଯାଇଛି। 'ଶ୍ରୀକ୍ଷେତ୍ର' ହେଉଛି ଓଡ଼ିଶାର ପୁରୀ କ୍ଷେତ୍ରର ନାମ। ଏହି ସମସ୍ତ ତଥ୍ୟ ବର୍ମା ଓ ଓଡ଼ିଶା ମଧ୍ୟରେ ଥିବା ପ୍ରାଚୀନ ସାଂସ୍କୃତିକ ଓ ଧାର୍ମିକ ସଂପର୍କକୁ ସୂଚିତ କରିଥାଏ।

ଓଡ଼ିଶାର ବର୍ମା ସହିତ ପ୍ରାଚୀନ କାଳରୁ ସଂପର୍କର ଆହୁରି ଅଧିକ ପ୍ରମାଣ ମଧ୍ୟ ରହିଛି। ବର୍ମାର ଉତ୍ତର-ପଶ୍ଚିମ ଅଞ୍ଚଳଟି 'ଉତ୍କଳ' ନାରେ ଖ୍ୟାତ ଥିଲା। ସେହିପରି ବର୍ମାର ନିମ୍ନ ଅଞ୍ଚଳ, ଯେଉଁଠାରେ ପ୍ରାରମ୍ଭିକ ଖ୍ରୀଷ୍ଟୀୟ ଶତାବ୍ଦୀଗୁଡ଼ିକରେ ବୌଦ୍ଧ ଧର୍ମ ବିକଶିତ ହୋଇଥିଲା, ତାହା 'ତାଲାଇଙ୍ଗ' (ତ୍ରିକଳିଙ୍ଗ ବା କଳିଙ୍ଗ) ନାମରେ ପରିଚିତ ଥିଲା। ଏଥିରେ ଯାହା ସ୍ପଷ୍ଟ ଜଣାଯାଉଛି, ପ୍ରାଚୀନ ଭାରତର ଉତ୍କଳ ଓ କଳିଙ୍ଗ ଦେଶର ଲୋକମାନେ ବର୍ମାରେ ବ୍ରାହ୍ମଣୀୟ ତଥା ବୌଦ୍ଧ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟତଃ କାର୍ଯ୍ୟରତ ଥିଲେ। ଏହା ମଧ୍ୟ ଅଧିକ ସ୍ପଷ୍ଟ ଜଣାଯାଉଛି ଯେ ପ୍ରାରମ୍ଭିକ ଖ୍ରୀଷ୍ଟୀୟ ଶତାବ୍ଦୀଗୁଡ଼ିକରେ ଓଡ଼ିଶାରୁ ଯାଇଥିବା ଉପନିବେଶ ସ୍ଥାପନକାରୀ ଓ ଧର୍ମପ୍ରଚାରକମାନଙ୍କ ଦ୍ୱାରା ହିଁ ବର୍ମାରେ ବୌଦ୍ଧ ଧର୍ମ ପ୍ରଥମେ ସୁସଂଗଠିତ ଭାବରେ ପ୍ରତିଷ୍ଠିତ ହୋଇଥିଲା।

**କଳିଙ୍ଗ ଓ ସିଂହଳ:** କଳିଙ୍ଗ ଓ ସିଂହଳ ମଧ୍ୟରେ ସାଂସ୍କୃତିକ ଆଦାନ ପ୍ରଦାନ ଅତ୍ୟନ୍ତ ଘନିଷ୍ଠ ଓ ଦୀର୍ଘକାଳୀନ ଥିଲା। 'ସାମନ୍ତପସାଦିକ' ଗ୍ରନ୍ଥରୁ ଜଣାପଡ଼ିଥାଏ ଯେ ସମ୍ରାଟ ଅଶୋକ ପବିତ୍ର ବୋଧିବୃକ୍ଷ ସହିତ ଏହାର ପରିଚର୍ଯ୍ୟା ପାଇଁ କଳିଙ୍ଗର ଆଠଗୋଟି ପରିବାରକୁ ସିଂହଳ ପଠାଇଥିଲେ। ଏହି ପରିବାରଗୁଡ଼ିକୁ କେନ୍ଦ୍ର କରି ସେହି ଦ୍ୱୀପରେ ବୌଦ୍ଧ ଧର୍ମର ଥେରବାଦୀ ସଂପ୍ରଦାୟର ବିକାଶ ଘଟିଥିଲା। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### କାର୍ ଭିତରେ...

କରାଯାଇଥିବା ତାଙ୍କ ବାପା ସନ୍ଦେହ କହିଛନ୍ତି । ଶୁକ୍ରବାର ସକାଳେ ଏହି ଘଟଣା ଜଣା ପଡ଼ିଛି । ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂ ମିନା, ସୁବର୍ଣ୍ଣପୁର ଏସପି ନାରାୟଣ ନାୟକ, ବରଗଡ ଏସପି ଆର. ଏନ୍. ଶତପଥୀ, ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କଲ୍ୟାଣୀ ବେହେରାଙ୍କ ନେତୃତ୍ୱରେ ଶୀର୍ଷ ପୁଲିସ ଟିମ୍, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠା ଯାଇଛି । ଅଭିଯୁକ୍ତଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ କରିବା ପାଇଁ ପ୍ରୟାସ ଜାରି ରହିଛି । ଏ ସମ୍ପର୍କରେ ତୁରୁଙ୍ଗପାଲି ଥାନାରେ ଏକ ମାମଲା ରୁଜୁ କରାଯାଇଛି ।

### ଦିଲ୍ଲୀ ଉପରେ...

ଅବ୍ଦୁଲ୍ ଫତାହ୍ ଅଲ୍-ସିସି, କାଜାଖସ୍ତାନର ରାଷ୍ଟ୍ରପତି କାସିମ୍-ଜୋମାର୍ଟ ଟୋକାଏଭ୍, ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିଆନ୍ତୋ, ଇଥିଓପିଆର ପ୍ରଧାନମନ୍ତ୍ରୀ ଅବି ଅହମଦ୍, ମାଲେସିଆର ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମ୍ ଓ ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ଅନୁଟିନ୍ ଚାର୍ନଭିରାକୁଲ୍ ପ୍ରମୁଖ ଏଥିରେ ଯୋଗଦେବେ । ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍ଭାଙ୍କ ପକ୍ଷରୁ ବୈଦେଶିକ ମନ୍ତ୍ରୀ ମାଉରୋ ଭିଏରା ଯୋଗଦେବେ । ଏହାସହ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ମଧ୍ୟ ଯୋଗଦାନର ସମ୍ଭାବନା ରହିଛି । ୨୦୦୯ ରେ ଉଦୀୟମାନ ଅର୍ଥନୀତିଗୁଡ଼ିକୁ ଏକ ମଞ୍ଚରେ ଆଣିବା ଏବଂ ବିଶ୍ୱର ପ୍ରମୁଖ ବହୁପାକ୍ଷିକ ଅନୁଷ୍ଠାନଗୁଡ଼ିକରେ ଅଧିକ ପ୍ରଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବ୍ରିକ୍ସ ଗଠିତ ହୋଇଥିଲା । ବର୍ତ୍ତମାନ ଏହି ଗୋଷ୍ଠୀରେ ବ୍ରାଜିଲ୍, ଚୀନ୍, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଓ ୟୁଏଇ ସଦସ୍ୟ ଅଛନ୍ତି । ଏଥର ବ୍ରିକ୍ସ ବୈଠକରେ ବିଶ୍ୱ ଓ ଆଞ୍ଚଳିକ ପ୍ରସଙ୍ଗ ସହିତ ମଧ୍ୟପ୍ରାଚ୍ୟ ଓ ୟୁକ୍ରେନ୍ ଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଥିବା ବିଶ୍ୱ ରାଜନୈତିକ ବିଭାଜନ ଉପରେ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି । ଏହାସହ ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ଅର୍ଥନୈତିକ ଓ ବାଣିଜ୍ୟିକ ସହଯୋଗ, ବିଶ୍ୱ ଶାସନ ବ୍ୟବସ୍ଥାରେ ସଂସ୍କାର ଏବଂ ବହୁପାକ୍ଷିକତାକୁ ସୁଦୃଢ଼ କରିବା ଉପରେ ମଧ୍ୟ ମତ ବିନିମୟ ହେବ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଦୁଇଦିନିଆ ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ଉପରେ ସକାରାତ୍ମକ ଓ ଫଳପ୍ରଦ ଆଲୋଚନା ହେବ ବୋଲି ସେ ଆଶା କରୁଛନ୍ତି । ବିଶ୍ୱ କଲ୍ୟାଣ ଓ ସହଯୋଗକୁ ଆଗକୁ ବଢ଼ାଇବା ଶନିବାର ବ୍ରିକ୍ସ ସଦସ୍ୟ ଦେଶର ନେତାମାନେ ଭାରତ ମଣ୍ଡପମ୍‌ରେ ପହଞ୍ଚିବେ । ପରେ 'ସମାବେଶୀ ବିଶ୍ୱ ଶାସନ ଓ ବହୁପାକ୍ଷିକତାକୁ ସୁଦୃଢ଼ କରିବା' ଉପରେ ବନ୍ଦ ଅଧିବେଶନ, 'ଭାରତ ଇନୋଭେଟ୍ସ' ପ୍ରଦର୍ଶନୀ, ନେତାମାନଙ୍କ ସାମୂହିକ ଫଟୋ ଏବଂ ମିଳିତ ବ୍ରୀଫିଂ କାର୍ଯ୍ୟକ୍ରମ ହେବ । ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପକ୍ଷରୁ ରାତ୍ରିଭୋଜନ ଆୟୋଜନ କରାଯିବ । ରବିବାର ବ୍ରିକ୍ସ ସହଭାଗୀ ଦେଶ ଓ ଆମନ୍ତ୍ରିତ ପ୍ରତିନିଧିମାନେ ଯୋଗଦେବେ । ଏହି ଅବସରରେ 'ସ୍ଥିରତା, ନବସୃଜନ, ସହଯୋଗ ଓ ସ୍ଥାୟୀତ୍ୱ ସମାବେଶୀ ବିଶ୍ୱ ବିକାଶର ଭବିଷ୍ୟତ ଗଠନ' ଶୀର୍ଷକ ଖୋଲା ଅଧିବେଶନ ଅନୁଷ୍ଠିତ ହେବ ।

### ୨୦୩୦ ସୁଦ୍ଧା...

ବୃଦ୍ଧି କରିବାକୁ ଦୁଇ ଦେଶ ସମ୍ମତି ପ୍ରକାଶ କରିଛନ୍ତି । ଶିଳ୍ପକ୍ଷେତ୍ର କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ନୂଆଦିଲ୍ଲୀରେ ଶିଳ୍ପ ପ୍ରଦର୍ଶନୀ 'ଇନୋପ୍ରୋମ୍ ଇଣ୍ଡିଆ' ଆୟୋଜିତ ହେଉଛି । ରୁଷର ଏହି ଅନ୍ତର୍ଜାତୀୟ ଶିଳ୍ପ ପ୍ରଦର୍ଶନୀ ପ୍ରଥମ ଥର ପାଇଁ ଭାରତରେ ଆୟୋଜିତ ହୋଇଛି । ଏହା ଭାରତ ଓ ରୁଷ ମଧ୍ୟରେ ଶିଳ୍ପ ସହଯୋଗ, ରେଳ କ୍ଷେତ୍ର, ଷ୍ଟିଲ୍‌ର ବ୍ୟବସାୟ ଏବଂ ଦ୍ୱିପାକ୍ଷିକ ବ୍ୟବସାୟିକ ସମ୍ପର୍କ ବୃଦ୍ଧି କରିବାରେ ଏକ ପ୍ରମୁଖ ମଞ୍ଚ ଭାବେ କାର୍ଯ୍ୟ କରୁଛି । ଦ୍ୱିପାକ୍ଷିକ ଆଲୋଚନା ପରେ ମୋଦୀ ଓ ପୁତିନ୍ ଏକାଠି ଗୋଟିଏ କାର୍‌ରେ ଭାରତ ମଣ୍ଡପମ୍ ସ୍ଥିତ ଏହି ପ୍ରଦର୍ଶନୀ ପରିଦର୍ଶନ କରିଥିଲେ । ସେଠାରେ ଦୁଇନେତା ବ୍ୟବସାୟୀଙ୍କ ସହ ମତବିନିମୟ କରିଥିଲେ । ଏଥିସହ ରୁଷରେ ଆୟୋଜିତ ହେବାକୁ ଥିବା ୨୪ତମ ଭାରତ-ରୁଷ ବାର୍ଷିକ ସମ୍ମିଳନୀ ପାଇଁ ପୁତିନ୍ ପ୍ରଧାନମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିଥିଲେ ।

### ୟୁଏଇରୁ ୨.୪୩ ଲକ୍ଷ...

ନିବେଶ, ଏଲ୍‌ଏନ୍‌ଜି ସଂରକ୍ଷଣ, ସବୁଜ ଶକ୍ତି, ଏଆଇ ଓ ଡାଟା ସେଣ୍ଟର, ବିରଳ ମୃତ୍ତିକା, ଜାହାଜ ମରାମତି, ପ୍ରୋପେଲାଣ୍ଟ ଉତ୍ପାଦନ, ସାର ଓ ରସାୟନ, ଆବାସ, ଇସ୍ପାତ ଓ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ଭଳି ବିଭିନ୍ନ କ୍ଷେତ୍ରରେ ନିବେଶ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି ।

ମିଳିଥିବା ସୂଚନା ଅନୁଯାୟୀ ଶଷେ ଦିନରେ ସିଏଜେଡ୍‌ବିଏଏ ପ୍ରୋଜେକ୍ଟ ଭେଞ୍ଚର୍ସ ଏଫ୍‌ଜେଡ୍‌ସିଓ ପକ୍ଷରୁ ଏଲ୍‌ଏନ୍‌ଜି ସଂରକ୍ଷଣ ପାଇଁ ଏମ୍‌ଓୟୁ କରାଯାଇଛି । ରାଣା ହୋଲ୍ଡିଂସ୍ ଲିମିଟେଡ୍ ସବୁଜ ଶକ୍ତି, ଏଆଇ ଡାଟା ସେଣ୍ଟର ଓ ବିରଳ ମୃତ୍ତିକା କ୍ଷେତ୍ରରେ ନିବେଶ ପାଇଁ ଏମ୍‌ଓୟୁ କରିଛି । ଶରଫ୍ ଗ୍ରୁପ୍ ଆବାସ କ୍ଷେତ୍ରରେ ଏବଂ ପିଟିସିଏଲ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ଇସ୍ପାତ ଓ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ପାଇଁ ଏମ୍‌ଓୟୁ କରିଛି । ସେହିପରି ଡାଲ୍‌ୱିନ୍ ମେରାଇନ୍ ଓ ଟର୍ବୋ ପାୱାର ଇଞ୍ଜିନିୟରିଂ ଜାହାଜ ମରାମତି, ଆଇଓନ୍ ଟେକ୍ନୋଲୋଜିଜ୍ ପ୍ରୋପେଲାଣ୍ଟ କାରଖାନା ଏବଂ ଆଗ୍ରିଫିଲ୍ଡସ୍ ଏଫ୍‌ଜେଡ୍‌ସିଓ ସାର ଓ ରସାୟନ କ୍ଷେତ୍ରରେ ନିବେଶ ଆଶୟପତ୍ର ଦେଇଛନ୍ତି । ଆବୁଧାବିରେ ଅଭିଯାନର ପ୍ରଥମ ଦିନରେ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନି(ଆଇଏଚ୍‌ସି) ଓ ଆଦାନୀ ଗ୍ରୁପ୍ ସହ ରଣନୀତିକ ଆଲୋଚନା ହୋଇଥିଲା । ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ବିରଳ ମୃତ୍ତିକା, ଧାତୁ ଓ ଧାତୁବିଜ୍ଞାନ, ରସାୟନ ଓ ପେଟ୍ରୋକେମିକାଲ୍, ଅକ୍ଷୟ ଶକ୍ତି ଉପକରଣ, ସ୍ୱାସ୍ଥ୍ୟସେବା, ଶିଳ୍ପ ଭିତ୍ତିଭୂମି, ପର୍ଯ୍ୟଟନ ଓ ଦକ୍ଷତା ବିକାଶ ଆଦି କ୍ଷେତ୍ରରେ ସହଭାଗିତା ନେଇ ଆଲୋଚନା ହୋଇଥିଲା । ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ୍ ସହ ଆଲୋଚନା ସହ ବୋରୋଜ୍ ସହ ଓଡ଼ିଶାରେ ପେଟ୍ରୋକେମିକାଲ୍ ଡାଉନ୍‌ଷ୍ଟ୍ରିମ୍ ଇକୋସିଷ୍ଟମ୍ ବିକାଶ ନେଇ ଆଲୋଚନା ହୋଇଥିଲା । ଦ୍ୱିତୀୟ ଦିନରେ ଆଇଟି, ଇଏସ୍‌ଡିଏମ୍, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ଇସ୍ପାତ, ଲଜିଷ୍ଟିକ୍ସ, ଦକ୍ଷତା ବିକାଶ, ବିରଳ ମୃତ୍ତିକା, ସର୍କୁଲାର ଇକୋନୋମି, ରସାୟନ ଓ ଆଲୁମିନିୟମ୍ ଆଦି କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ୍ ମଧ୍ୟ ପରିଦର୍ଶନ କରି ଆଧୁନିକ ଆଲୁମିନିୟମ୍ ଉତ୍ପାଦନ, ପ୍ରଯୁକ୍ତି ଓ ଭାଲ୍ୟୁ ଆଡିସନ୍ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ ।

### ବାଚସ୍ପତିଙ୍କ ନିଷ୍ପତ୍ତିକୁ...

ବିଜେଡି ବିଧାୟକ ରମାକାନ୍ତ ଭୋଇ, ସୁବାସିନୀ ଜେନା, ନବକିଶୋର ମଲ୍ଲିକ, ଚକ୍ରଧର କଅଁର, ସୌଭିକ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ, ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ କ୍ରସ ଭୋଟିଂ କରିଥିଲେ। ଅରବିନ୍ଦ ଓ ସନାତନ ପୂର୍ବରୁ ନିଲମ୍ବିତ ହୋଇଥିଲେ ଓ ଅନ୍ୟ ୬ ଜଣଙ୍କୁ ଦଳ ପରେ ନିଲମ୍ବନ କରିଥିଲା । ଏହାପରେ ଏମାନଙ୍କର ସଭ୍ୟପଦ ରଦ୍ଦ ପାଇଁ ଦଳ ପକ୍ଷରୁ ବାଚସ୍ପତିଙ୍କୁ ଆବେଦନ କରାଯାଇଥିଲା । ବିଜେଡିର ମୁଖ୍ୟ ସଚେତକ ଶ୍ରୀମତୀ ମଲ୍ଲିକ ଏପ୍ରିଲ୍ ୨୭ରେ ବାଚସ୍ପତିଙ୍କୁ ପିଟିସନ ଦେଇଥିଲେ । ୮ ବିଧାୟକ ଦଳୀୟ ହ୍ୱିପ୍ ନ ମାନି ଦଳ ବିରୋଧରେ ଯାଇଥିବାରୁ ସମ୍ବିଧାନର ଦଶମ ପରିଚ୍ଛେଦ ଅନୁଯାୟୀ ସେମାନଙ୍କର ସଭ୍ୟପଦ ରଦ୍ଦ କରିବାକୁ ଦାବି କରିଥିଲେ । ମାତ୍ର ଜୁନ୍ ୨୨ରେ ବାଚସ୍ପତି ସରମା ପାତ୍ରୀ ଏହି ଆବେଦନକୁ ଖାରଜ କରିଦେଇଥିଲେ । ଆବେଦନରେ ଆବଶ୍ୟକ ତଥ୍ୟ, ପ୍ରମାଣ ଓ ସତ୍ୟପାଠର ଅଭାବ ଥିବାରୁ ଏହା ସମ୍ପୂର୍ଣ୍ଣ ନୁହେଁ ବୋଲି ବିବେଚନା କରିଥିଲେ । ବିଧାନସଭା ରୁଲ୍-୬ର ସବ୍ ରୁଲ୍-୬ ଓ ୭ ଅନୁଯାୟୀ ପ୍ରମାଣ ଓ ତଥ୍ୟ ଉପସ୍ଥାପନ ହୋଇ ନ ଥିବାରୁ ଆବେଦନ ଖାରଜ ହୋଇଥିବା ବାଚସ୍ପତି କହିଥିଲେ । ଏହି ନିଷ୍ପତ୍ତି ପରେ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା । ଶଙ୍ଖ ଭବନରେ ପ୍ରମିଳା ମଲ୍ଲିକ ଓ ବରିଷ୍ଠ ନେତା ଡ. ଅରୁଣ ସାହୁ ସାମ୍ବାଦିକ ସମ୍ମିଳନୀ କରି ବାଚସ୍ପତିଙ୍କ ରାୟକୁ ସମାଲୋଚନା କରିବା ସହ ନ୍ୟାୟାଳୟକୁ ଯିବାର ସଙ୍କେତ ଦେଇଥିଲେ ।ସମ୍ପୃକ୍ତ ବିଧାୟକମାନେ କେବଳ ରାଜ୍ୟସଭା ଭୋଟ୍‌ରେ ନୁହେଁ, ବିଭିନ୍ନ ସମୟରେ ବିଧାୟକ ଦଳ ବୈଠକରେ ଅନୁପସ୍ଥିତ ରହିବା ଓ ଦଳୀୟ ନିର୍ଦ୍ଦେଶ ଅବମାନନା କରିଥିବା ଅଭିଯୋଗ ମଧ୍ୟ ରହିଛି । ଡ. ଅରୁଣ ସାହୁ କହିଛନ୍ତି, ରାଜ୍ୟସଭା ନିର୍ବାଚନରେ ସାଧାରଣତଃ ହ୍ୱିପ୍ ପ୍ରସଙ୍ଗ ଲାଗୁ ହୁଏନାହିଁ ବୋଲି ଯେଉଁ ଯୁକ୍ତି ଦିଆଯାଉଛି, ତାହା ମୁଖ୍ୟ ପ୍ରସଙ୍ଗକୁ ଏଡ଼ାଇ ଯାଉଛି । ବିଧାୟକମାନଙ୍କ ଅନ୍ୟାନ୍ୟ ଦଳୀୟ ନିର୍ଦ୍ଦେଶ ଅବମାନନା ମଧ୍ୟ ଦଳବଦଳ ନିରୋଧୀ ଆଇନର ପରିସରକୁ ଆସିପାରେ ବୋଲି ସେ କହିଛନ୍ତି । ଅପରପକ୍ଷରେ ଏହି ନିର୍ବାଚନରେ କଂଗ୍ରେସର ତିନି ବିଧାୟକ ସୋଫିଆ ଫିରଦୋସ୍, ରମେଶ ଜେନା ଓ ଦାଶରଥୀ ଗମାଙ୍ଗ ମଧ୍ୟ କ୍ରସ୍‌ଭୋଟିଂ କରିଥିବା ଅଭିଯୋଗ ଉଠିଥିଲା । ଏହାକୁ ନେଇ କଂଗ୍ରେସ ପକ୍ଷରୁ ପୃଥକ୍ ଭାବେ ବାଚସ୍ପତିଙ୍କ ନିକଟରେ ଆବେଦନ ଦିଆଯାଇଥିଲା । ଏହାକୁ ମଧ୍ୟ ବାଚସ୍ପତି ଖାରଜ କରି ଦେଇଥିଲେ । ବିଜେଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ଅଦାଲତ ଯିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି ।

### ବିଜେପିକୁ ମିଳିଛି...

ଥିବାରୁ ପାଞ୍ଚ ରାଜ୍ୟର ସମ୍ପୂର୍ଣ୍ଣ ଆୟ ଓ ବ୍ୟୟ ବିବରଣୀ ସ୍ପଷ୍ଟ ହୋଇନାହିଁ। ନିର୍ବାଚନ ସମୟରେ ବିଜେପିର ବ୍ୟାଙ୍କ ଜମା ରାଶି ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି । ମାର୍ଚ୍ଚ ୧୫ରେ ଦଳର ପାଣ୍ଠି ୬,୭୨୨.୬ କୋଟି ଟଙ୍କା ଥିବା ବେଳେ ମେ' ୬ରେ ଏହା ୭,୬୨୭.୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଅର୍ଥାତ୍ ନିର୍ବାଚନୀ ଅବଧିର ୫୦ ଦିନ ମଧ୍ୟରେ ବିଜେପିର ପାଣ୍ଠି ୯୦୪.୬ କୋଟି ଟଙ୍କା ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ନିର୍ବାଚନ ଆରମ୍ଭରେ କଂଗ୍ରେସର କେନ୍ଦ୍ରୀୟ କାର୍ଯ୍ୟାଳୟ ଓ ୫ ରାଜ୍ୟରେ ୧୬୯.୦୬ କୋଟି ଟଙ୍କା ପାଣ୍ଠି ଥିବା ଦର୍ଶାଇଥିବାବେଳେ ନିର୍ବାଚନ ଶେଷ ବେଳକୁ ଏହା ୧୦୩.୨ କୋଟିକୁ ହ୍ରାସ ପାଇଛି । ବିଜେପି ପକ୍ଷରୁ ଦାଖଲ ରିପୋର୍ଟ ଅନୁସାରେ ଆସାମ, ତାମିଲନାଡୁ ଓ ପୁଡୁଚେରୀରେ ନିର୍ବାଚନ ପ୍ରଚାର ପାଇଁ ଦଳ ୧୫୯.୭ କୋଟି ଟଙ୍କା ଖର୍ଚ୍ଚ କରିଛି । ଏଥିରୁ ପ୍ରାୟ ୧୩୦.୪ କୋଟି ଦଳୀୟ ପ୍ରଚାର ଓ ଅବଶିଷ୍ଟ ରାଶି ପ୍ରାର୍ଥୀଙ୍କ ପାଇଁ ବ୍ୟୟ କରାଯାଇଛି । ଆସାମରେ ଦଳ ସର୍ବାଧିକ ପ୍ରାୟ ୯୬.୨୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି ।

### ବ୍ୟବସ୍ଥା କରିଥିଲେ...

ଆଣିଥିଲେ । ପୂର୍ବତନ ଭିଜିଲାନ୍ସ ଏସ୍‌ପି ପ୍ରସନ୍ନ ମହାନ୍ତିଙ୍କ ପୁଅ ଆଶିଷ ମହାନ୍ତି ରାଉରକେଲା ସର୍କିଟ ହାଉସରେ ଟିନାଙ୍କ ରହଣି ବ୍ୟବସ୍ଥା କରିଥିଲେ । ସର୍କିଟ ହାଉସର ଜଣେ କର୍ମଚାରୀ ଅଭିଷେକ ଦାସଙ୍କ ସହ ଯୋଗାଯୋଗ କରି ସେ ଏକ ସୁଇଟ ବ୍ୟବସ୍ଥା କରିଥିଲେ । ମାତ୍ର ସର୍କିଟ ହାଉସର ଜଣେ ସାଧାରଣ କର୍ମଚାରୀ ଏକ ସୁଇଟ୍‌କୁ କିପରି ଜଣେ ସଫ୍ଟ ପର୍ଣ୍ଣ ଅଭିନେତ୍ରୀଙ୍କୁ ଦେଲେ ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସର୍କିଟ ହାଉସରେ କୋଠରୀ ଟିନା ନନ୍ଦୀଙ୍କ ପାଇଁ ବ୍ୟବସ୍ଥା କରିଥିବା ଆଶିଷ ମହାନ୍ତି ଏକ ଭିଡ଼ିଓରେ ସ୍ୱୀକାର କରିଛନ୍ତି । ଏହା ସହିତ ସେ ଜଣେ ୱେବ୍ ଅଭିନେତ୍ରୀ ଜାଣିବା ପରେ ତାଙ୍କୁ ଅନ୍ୟ ଏକ ହୋଟେଲକୁ ସ୍ଥାନାନ୍ତର କରାଯାଇଥିବା ସେ ଦାବି କରିଛନ୍ତି । ମାତ୍ର ଟିନା ନିଜ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ଭିଡ଼ିଓରେ ସେ ଜାନୁଆରୀ ୧ ତାରିଖରେ ସର୍କିଟ ହାଉସରେ ପହଞ୍ଚିଥିବା କହିଥିବା ଦେଖାଯାଇଥିଲା । ସେହିପରି ଅନ୍ୟ ଏକ ଭିଡ଼ିଓରେ ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ ସାରିବା ପରେ ୨ ତାରିଖରେ ଢ଼େର ବିଳମ୍ବରେ ଉଠିଥିବା ଓ ମଧ୍ୟାହ୍ନରେ ପ୍ରସ୍ତୁତହୋଇ ଅନ୍ୟ ଏକ କାମରେ ଅନ୍ୟତ୍ର ଯିବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି କହୁଥିବା ଦେଖିବାକୁ ମିଳିଛି । ତେଣୁ ଆଶିଷଙ୍କ ଭିଡ଼ିଓ ଓ ଟିନାଙ୍କ ଭିଡ଼ିଓ ପରସ୍ପର ବିପରୀତ କଥା କହୁଛି ।

ଅନ୍ୟପକ୍ଷରେ ଟିନାଙ୍କ ଭିଡ଼ିଓରେ ବର୍ଣ୍ଣିତ ସିଇଓ 'ନାୟାର'ଙ୍କୁ ମଧ୍ୟ ପୁଲିସ ଚିହ୍ନଟ କରିଛି । ମାତ୍ର ସେ ଫେରାର ହୋଇ ଯାଇଥିବା କୁହାଯାଉଛି । ଟିନାଙ୍କୁ ସେହି ସିଇଓ କାହିଁକି ରାଉରକେଲା ଆଣିଥିଲେ ଓ ଏହା ପଛରେ କି ଉଦ୍ଦେଶ୍ୟ ଥିଲା, ସେ ସମ୍ପର୍କରେ ପାନପୋଷ ଏସଡ଼ିପିଓ ସୁଶାନ୍ତ କୁମାର ଦାଶ ଅନୁସନ୍ଧାନ କରୁଥିବା ସୂଚନା ମିଳିଛି । ଭାଇରାଲ୍ ଭିଡିଓରେ ଟିନା ଜଣେ ଏସ୍‌ପିଙ୍କ ସହ ସାକ୍ଷାତ୍ କରିଥିବା ଏବଂ ତାଙ୍କ ପୁଅଙ୍କ ସହ ଏକ ପ୍ରୋଜେକ୍ଟ ସମ୍ପର୍କରେ ବୈଠକ ହେବା କଥା କହିଥିବାରୁ ପୁଲିସ ସେହି ଦିଗରେ ମଧ୍ୟ ତଦନ୍ତ ଆରମ୍ଭ କରିଛି । କେଉଁ ପ୍ରୋଜେକ୍ଟରେ କାମ ପାଇଁ ଜଣେ ଆଡ଼ଲ୍ଟ ଅଭିନେତ୍ରୀଙ୍କୁ ଡ଼କା ଯାଇଥିଲା, ସେ ସମ୍ପର୍କରେ ମଧ୍ୟ ତନାଘନା ଚାଲିଛି ।

### ସର୍କିଟ୍‌ହାଉସ୍ ନା...

ନିର୍ମାଣ ବର୍ଷାଧିକ କାଳ ହେଲା ସରିଲାଣି। ରାଷ୍ଟ୍ରପତି ଏହାକୁ ଉଦ୍‌ଘାଟନ କରିବାର ବି ଢ଼େର ସମୟ ବିତିଗଲାଣି । ମାତ୍ର ଏହି ସର୍କିଟ ହାଉସ କୁଆଡ଼େ ବିଧିବଦ୍ଧ ଭାବରେ ପରିଚାଳିତ ହେଉ ନ ଥିବା ଅଭିଯୋଗ ହୋଇଛି । ସର୍କିଟ ହାଉସ କୋଠରୀ ବୁକିଂ ଦାୟିତ୍ୱରେ ଥିବା ଅଧିକାରୀ ସମ୍ପୂର୍ଣ୍ଣ ନିଜ ଇଚ୍ଛାମତେ ପରିଚୟ ପ୍ରମାଣପତ୍ର ବିନା କୋଠରୀ ଆବଣ୍ଟନ କରୁଥିବା ଅଭିଯୋଗ ହୋଇଛି । ପୂର୍ବରୁ ପ୍ରକାଶ ପାଶ୍ୱାନଙ୍କ ସହଯୋଗରେ ସର୍କିଟ ହାଉସରେ ୭ରୁ ଉର୍ଦ୍ଧ୍ୱ ଅପରାଧୀ ପାଖାପାଖି ୩ ସପ୍ତାହ ସର୍କିଟ ହାଉସରେ ଡ଼େରା ପକାଇଥିବା ସ୍ପଷ୍ଟ ହୋଇଥିଲା, ଏବେ ସଫ୍ଟ ପର୍ଣ୍ଣ ଅଭିନେତ୍ରୀ ଟିନା ନନ୍ଦୀଙ୍କ ରାତ୍ରୀଯାପନ କାହାଣୀ ପଦାକୁ ଆସିଛି । ତେଣୁ ସର୍କିଟ ହାଉସ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଭୂମିକା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରୀ ଅତିଥି ଭବନ ଭାବେ ବ୍ୟବହୃତ ସର୍କିଟ୍ ହାଉସ୍‌ର ବୁକିଂ ଓ ରହଣି ବ୍ୟବସ୍ଥାକୁ ନେଇ ଏହି ଘଟଣା ଗୁରୁତର ପ୍ରଶ୍ନ ଉଠାଇଛି । ତେବେ ଡବଲ ଇଂଜିନ ସରକାରରେ ସର୍କିଟ ହାଉସ ପରି ସରକାରୀ ଅତିଥି ଭବନ କ'ଣ ସର୍ବସାଧାରଣଙ୍କ ରହଣି ପାଇଁ ନୀତି ନିର୍ଦ୍ଧାରିତ ହୋଇ ଯାଇଛି କି । ଯିଏ ପାରୁଛି ରାଉରକେଲା ସର୍କିଟ ହାଉସରେ ବିନା ବୁକିଂରେ ବିନା ରେକର୍ଡରେ ଖାଲି ମୌଖିକ କଥାବାର୍ତ୍ତାରେ ରହିପାରୁଛି । ତାପରେ ସର୍କିଟ ହାଉସର କେୟାର ଟେକର ଅଭିଷେକ ଦାସ କିଏ? ଯିଏ ମନଇଚ୍ଛା ସର୍କିଟ ହାଉସ କୋଠରୀକୁ ଯାହାକୁ ପାରି ତାକୁ ଦେଇ ଦେଉଛନ୍ତି ? ଏପରି ଅଧିକାର ତାଙ୍କୁ ଦେଲା କିଏ, ଏ ନେଇ ବିଭାଗୀୟ ସରକାରୀ ଅଧିକାରୀ ଅବଗତ ଥିଲେ କି ନାହିଁ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

### ଆସିଲା ଚିଠି...

ଫେରାଇବାର ମଧ୍ୟ ନିୟମ ରହିଛି। ଭାରତୀୟ ବନ୍ୟପ୍ରାଣୀ ଆଇନରେ ମଧ୍ୟ ଏହି ବ୍ୟବସ୍ଥାକୁ ସାମିଲ କରାଯାଇଛି ।

ଅନ୍ୟପଟେ ଇଣ୍ଡୋନେସିଆ ସରକାର ଭାରତ ସରକାରଙ୍କଠାରୁ ସହଯୋଗ ଆଶାକରି ଚିଠି କରିଛନ୍ତି। ନିଜ ଚିଠିରେ ୫ ଶିଶୁ ଓରାଙ୍ଗୁଟାନ୍‌ଙ୍କ ଉତ୍ସ ଯଦି ଇଣ୍ଡୋନେସିଆ ବୋଲି ତଦନ୍ତରୁ ପ୍ରମାଣିତ ହୁଏ, ତେବେ ସେମାନଙ୍କୁ ଫେରାଇବା ପ୍ରକ୍ରିୟାରେ ସହଯୋଗ କରିବାକୁ ଇଣ୍ଡୋନେସିଆ ପକ୍ଷରୁ ଭାରତୀୟ 'ସାଇଟିସ୍' ପରିଚାଳନା କର୍ତ୍ତୃପକ୍ଷଙ୍କୁ ଜଣାଇଛି । ତେଣୁ ଡିଏନ୍‌ଏ ପରୀକ୍ଷା ମାଧ୍ୟମରେ ପ୍ରାଣୀଗୁଡ଼ିକର ଉତ୍ସ ଦେଶ ନିର୍ଣ୍ଣୟ କରିବାକୁ କୁହାଯାଇଛି। ଏହି ୫ ଶିଶୁ ଓରାଙ୍ଗଉଟାନ୍‌ଙ୍କୁ ସେମାନଙ୍କ ମୂଳ ଦେଶର ପ୍ରମାଣିତ ଉଦ୍ଧାର ଓ ଥଇଥାନ କେନ୍ଦ୍ରକୁ ସୁରକ୍ଷିତ ଭାବେ ଫେରାଇବା ପାଇଁ ତୁରନ୍ତ ଏକ ସ୍ୱାସ୍ଥ୍ୟ ପ୍ରୋଟୋକଲ୍ ଓ ପରିବହନ ଯୋଜନା ପ୍ରସ୍ତୁତ କରିବାକୁ ମଧ୍ୟ ଦାବି ହୋଇଛି ।

ଏହି ଘଟଣାରେ ପିସିସିଏଫ ପ୍ରେମ କୁମାର ଝା କହିଛନ୍ତି, ଶାବକ ଓରାଙ୍ଗଉଟାନ୍ କିପରି ଓଡ଼ିଶାକୁ ଆସିଲେ ତାହାର ଖୋଳତାଡ଼ ଜାରି ରହିଛି। ତେବେ ଓରାଙ୍ଗଉଟାନ୍‌ଙ୍କୁ ଇଣ୍ଡୋନେସିଆ ଫେରାଇ ନେବାକୁ ଚେଷ୍ଟା ସମ୍ପର୍କରେ ସେ କହିଛନ୍ତି, ସେମାନଙ୍କୁ ମୂଳଦେଶକୁ ପଠାଯିବ କି ନାହିଁ, ତାହା ଏବେଠାରୁ ସ୍ଥିର ହୋଇନାହିଁ। ପ୍ରାଥମିକ ଭାବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ତଦନ୍ତ ଓ ପରବର୍ତ୍ତୀ ପ୍ରକ୍ରିୟା ପରେ ଏନେଇ ନିଷ୍ପତ୍ତି ନିଆଯିବ। ବର୍ତ୍ତମାନ ପାଇଁ ଓରାଙ୍ଗଉଟାନଙ୍କୁ ସୁରକ୍ଷିତ ଓ ସୁସ୍ଥ ରଖିବା ହିଁ ବନ ବିଭାଗର ପ୍ରାଥମିକତା ବୋଲି ପିସିସିଏଫ୍ ସ୍ପଷ୍ଟ କରିଛନ୍ତି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 25-KUR-TRD-OT-2026-27

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଟର୍ନକି ଆଧାରରେ କ୍ଲାଉଡ୍ ସର୍ଭର ଯୁକ୍ତ ରେକର୍ଡିଂ ସିଷ୍ଟମ୍ ସହିତ ହଟ୍ ଆକ୍ସଲ ବକ୍ସ ଡିଟେକ୍ଟର (HABD)ର ଯୋଗାଣ, ସ୍ଥାପନ ଏବଂ କମିଶନିଂ ନିମନ୍ତେ 5KVA ସହାୟକ ଟ୍ରାନ୍ସଫର୍ମର (AT)ର ବ୍ୟବସ୍ଥା । ପରିମାଣ- 08 ଗୋଟି, ସମସ୍ତ 08 ଟି ସ୍ଥାନରେ ସହାୟକ ଟ୍ରାନ୍ସଫର୍ମର (AT) ମାଧ୍ୟମରେ ବିଦ୍ୟୁତ୍ ଯୋଗାଣ ପାଇଁ ବୈଦ୍ୟୁତିକ କାର୍ଯ୍ୟ ଅନ୍ତର୍ଭୁକ୍ତ ।

**ବିଜ୍ଞାପିତ ମୂଲ୍ୟ (₹):** 17,67,456.76, EMD (₹) : 35,400.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.16.09.2026ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.09.2026 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-438/R/26-27



**NOTICE**

**U/O.5, Rule 20(1) C.P.C.**
**Summon to O.P. No. 1**

In the Court of Dist. C.D.R. Commissioner, Bargarh
C.C.No...99/2024
Gajapati Bhosagar ... Complainant
-Versus-
Avinash Kumar Agrawal & another ... O.Ps.

To,
Avinash Kumar Agrawal, S/o. Manohar Agrawal, R/o. H9/11, Sector 14, Balaji Nagar, Jagatsinghpur, Cuttack, PIN- 754103.

Whereas the complainant has filed a complaint against you for compensation of Rs.2,00,000/- along with other expenses. You are avoiding to receive notice. You are hereby summoned to appear in this Commission in person or by a pleader duly instructed and able to answer all material questions relating to the complainant or who shall be accompanied by some person able to answer all such questions on 27th day of October, 2026 at 10:30 A.M./ O'clock to answer the claim and you are directed to produce all the documents on the above day upon which you intend to rely in support of your defence.

Take notice that, in default of your appearance on the day before mentioned, the case will be heard and determined in your absence.

Given under my hand and seal of the Court this 08th day of September, 2026.
President
D.C.D.R. Commission, Baragada



**NOTICE**

I, **Smt. Sailabala Sarangi,** wife of Brahmananda Sarangi, aged 64 years, R/o Padampur, P.O. Rajborasambar, P.S. Padampur, Dist. Bargarh, Pin Code- 768036, Odisha declare that I am recorded owner of Mutation Khata No. 1309/1535 of Mouza-Padampur which is my self acquired property. Its original previous link deed bearing original Registered Sale Deed No. 350, dated- 9.7.2001 executed by Motilal Meher in favour of Arun Prasad Jenamani son of Narahari Jena and its Original Mutation ROR No. 1309/1271, Plot No. 229/7697 - Ac.0.04dc. and plot No. 230/7698 - Ac.0.06dc. Total Area Ac.0.10dc. of Mouza Padampur recorded in the name of Arun Prasad Jenamani which were handed over to me were misplaced somewhere and inspite of my strenuous search I am not able to find it out above registered sale deed and Mutation ROR. I have not used the aforesaid original documents anywhere such as Bank, F.I., individual, Govt. or institution for security or for any other purpose. Now I have offered the said property as security for a loan to be availed from State Bank of India, PBB Branch, Bapuji Nagar, Bhubaneswar At Bapuji Nagar, Bhubaneswar by mortgaging the property. If anybody has any objection may kindly draw notice before abovementioned Bank within 7 days of publication of this notice. Later on no objection or claim will be acceptable in any circumstances.



**NOTICE**

By virtue of an affidavit sworn before Executive Magistrate , Salipur, dated 09.09.2026 I, Reetanjali Sethy, D/o- Sunakar Sethy Address, At-Sauri, Post-Mahasinghpur, Ps-Salipur, Dist-Cuttack, Pin-754200, Odisha declare that I have changed my name from Ritanjali Sethi to Reetanjali Sethy. Henceforth, I shall be known as **Reetanjali Sethy** for all purposes

Reetanjali Sethy



**NOTICE**

By virtue of an affidavit sworn before the Executive Magistrate, Bhubaneswar, dtd.08.09.2026, I, Ramamani Nayak, At- Nilapani Tanki Basti, Nayapalli, P.S. Nayapalli, Bhubaneswar-751012, Dist. Khordha hereby declare that I have changed my name from **Ramani Nayak To Ramamani Nayak.** Henceforth, I shall be known as **RAMAMANI NAYAK** for all purposes.

Sd/- RAMAMANI NAYAK



**NOTICE**

By virtue of an affidavit sworn before Executive Magistrate , Salipur, dated 09.09.2026 I, Kanhu Charan Behera, S/o- Raghunath Behera Address, At-Damodarpur, Post-Ganjam, Ps-Ganjam, Dist- Ganjam, Pin 761026, Odisha declare that I have changed my name from Shiv Shankar Sada to Kanhu Charan Behera. Henceforth, I shall be known as **Kanhu Charan Behera** for all purposes.

Kanhu Charan Behera



**AFFIDAVIT**

I, Apali Aparajita Dash @ Apali Aparajita, W/o- Amiya Kumar Dash, Resident of Vill.- Jagulaipara, Po./Ps.- Rajkanika, Dist.- Kendrapara, Odisha declare by this affidavit No. 1037 dated 25.02.2026 that, now onwards I shall be known as **Apali Aparajita Dash** for all future purposes.

Apali Aparajita Dash



**AFFIDAVIT**

By virtue of an affidavit sworn before Executive Magistrate, Soro, Balasore, Odisha vide Sl. no. 2721 dt.07.09.2026 I, Kajal Nayak, W/o- Rajendra Nayak, At. Banaparia P.O. Bana Bishnupur, P.S.- Soro, Dist.- Balasore, Odisha, PIN-756047 declare that I have changed the name of my minor son from old name Sreenath Nayak to Sreesanth Nayak. Henceforth, he shall be known as **Sreesanth Nayak** for all purposes.



**AFFIDAVIT**

I, Voona Venkta Ramana, S/o- Voona Thavitayya resident of ward no.8, Brahmin Street, Po./Ps.- Gunupur, Dist.- Rayagada, Pin- 765022, Odisha, declare by this affidavit no. 1646, dtd. 11.09.2025 that now onwards I shall be known as **VOONA VENKATA RAMANA** for all Future purposes.



**AFFIDAVIT**

By virtue an affidavit sworn before excutive magistrate, affidavit No -7389,dated-11.09.2026, Jagatsinghpur.I, Muskan Parween, D/o-Shaikh Maheboobuddin, resident of vill-Biritol, Po-Rasulpur, Dist - Jagatsingpur, Odisha, declare that I have changed my name from Muskana Parween to Muskan Parween. Henceforth ,I shall be known as **Muskan Parween** for all future purposes.



**AFFIDAVIT**

By virtue of an affidavit sworn before the Executive Magistrate, Pipili A.F.No. 2471 on dated 10/09/2026, I **KABERI NAYAK,** D/o Bikram Nayak resident of Village At- Siriapur, Pipili NAC, Ward No-12, Po/Ps- Pipili, Dist-Puri, Odisha declare that I have changed my name from **SATYABHAMA NAYAK** to **KABERI NAYAK.** Henceforth, I shall be known as **KABERI NAYAK** for all future purposes.

Sd- KABERI NAYAK



**AFFIDAVIT**

By virtue of an affidavit on date 03-07-2026 sworn before the executive magistrate, Puri. I Sri Satrughan Behera, aged about 75 years S/o Landa Behera, by caste Kaibarta, profession Cultivation, resident At/Po-Gadakokal, Ps-Brahmagiri, Dist-Puri, 752011, Odisha declare that I have adopted a male child (Son) namely Priyanshu from Kishore Behera and Sukanti Behera, on dated 06-10-2020 who are the natural father & mother of village At/Po-Khajuria, Ps-Brahmagiri, Dist-Puri. According to the Hindu rights and customs' with the consent of natural father and Mother of Priyansu. Hence forth the aforesaid **Priyansu Behera** Shall be known as my Son for all official, non official, legal and all future purposes.



**AFFIDAVIT**

By virtue of an affidavit no. 7642 before the Executive Magistrate, Umerkote, Dist. Nabarangpur, dtd.11.09.2026, I, Ramnath Bhatra, Vill- Padiaguda, PO - Sirliguda, PS: Umerkote, Dist. Nabarangpur hereby declare that my actual and correct name is Ramnath Bhatra, S/o- Ramsing Bhatra as per my School Transfer Certificate and Voter ID Card, but my name has been wrongly recorded as Ramsing Bhatra, S/o- Bukulu Bhatra in my Aadhaar Card. Henceforth I shall be known as Ramnath Bhatra, S/o- Ramsing Bhatra for all purposes.

Sd/- RAMNATH BHATRA



**AFFIDAVIT**

By virtue of an affidavit sworn before The Notary Public, Balasore, I, Kamalini Patra, W/o. Late Chandra Kanta Patra, residing At. Purunapani, P.O. Mahuduma, P.S. Raibania, Dist. Balasore at present C/O. Manjulata Patra, At/Po/PS: Sahadevkhunta, near Bus Stand, Balasore declare that my husband Late Chandra Kanta Patra has purchased a flat namely Krishna Bihar flat no. 207, Block-A third floor, Ganeswarpur, Balasore on dtd 14.12.2015 vide regd sale deed no. 10061507881 and obtained sale deed from DSR, Balasore. That, unfortunately missed the aforesaid sale deed on dtd 24.06.2024, when I was coming from Sahadevkhunta residence to Nuabazar by an auto and the above sale deed traceout by me.



**AFFIDAVIT**

By virtue of an affidavit No- 06, sworn before The Executive Magistrate, Keonjhar on dtd-04/05/2026. I, **Tamala Bihari Sethy,** S/o- Mangulu Charana Sethy, permanent resident of Vill- Begna, Po- Begna, Ps-Patna, Dist- Keonjhar, Odisha, Pin- 758016 declared that I have changed my name from **Dhamala Bihari Sethy** (old name) to **Tamala Bihari Sethy** (new name). Henceforth, I shall be known as **TAMALA BIHARI SETHY** for all future purposes.

Tamala Bihari Sethy



**AFFIDAVIT**

I **BIJAYA KUMAR PRUSTY, S/o Late Subala Prusty resident of Village At-Kanas, Po/Ps- Kanas, Dist-Puri, Pin- 752017, State-Odisha, declared by this affidavit No 3656, Dated. 03.09.2026 that I know onwards I shall be known as BIJAY KUMAR PRUSTY for all future purposes**

Sd- BIJAY KUMAR PRUSTY



**ହଜିଛି**

ମୁଁ, **ଶ୍ରୀ ପ୍ରଦୀପ କୁମାର ସାହୁ,** ପିତା: ୰ ବଳଭଦ୍ର ସାହୁ, ସା: ଚଉଡା, ପୋ: ରାଜନଗର, ଭାୟା: ଆଠଗଡ, ଜିଲ୍ଲା: କଟକ, ଓଡିଶା, ଏତଦ୍ୱାରା ଜଣାଉଛି ଯେ, ମୁଁ ୦୯.୦୯.୨୦୨୬ ତାରିଖ ଦିନ ପ୍ରାୟ ସକାଳ ୯:୦୦ ଘଟିକା ସମୟରେ ମୋଟରସାଇକେଲ୍ ଯୋଗେ ଆଠଗଡରୁ କଟକ ଯାତ୍ରା କରୁଥିବା ସମୟରେ ଖୁଣ୍ଟୁଣୀ ଗୋଲେଇ ଛକ ଠାରୁ ଧବଳେଶ୍ୱର କଲେଜ୍ ମଧ୍ୟରେ କୌଣସି ଏକ ସ୍ଥାନରେ ଜରୁରୀ ଜମିଜମା ସମ୍ବନ୍ଧୀୟ ଦଲିଲ ଥିବା ମୋର ଏକ ହାତବ୍ୟାଗ୍ ହଜିଯାଇଛି । ହଜିଯାଇଥିବା ଜମିଜମା ସମ୍ବନ୍ଧୀୟ ଦଲିଲର ଖାତା ନଂ.: ୬୪୦/୧୫୫୭, ଯାହା ସୁରେଶ ପଣ୍ଡାଙ୍କ ନାମରେ ରହିଛି, ଖାତା ନଂ.: ୬୦୪/୧୬୩୬, ଯାହା ପ୍ରଦୀପ କୁମାର ସାହୁ ଏବଂ ପ୍ରଣବ ସାହୁ ନାମରେ ରହିଛି । ଦଲିଲ ନଂ.: ୪୬୯, ଭଲ୍ୟୁମ୍ ନଂ.: ୯, ପୃଷ୍ଠା ନଂ.: ୨୨୫, ଯାହା ବିଜ୍ଞାନ ସାହୁ ସୁରେଶ ପଣ୍ଡାଙ୍କୁ ବିକ୍ରୟ କରିଛନ୍ତି । ଉକ୍ତ ଦଲିଲଗୁଡିକୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାଇପାରିନାହିଁ । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଦଲିଲଗୁଡିକ ପାଇଥାନ୍ତି, ତେବେ ଏହି ସୂଚନା ପ୍ରକାଶ ତାରିଖଠାରୁ **୧୫ ଦିନ** ମଧ୍ୟରେ ନିମ୍ନଲିଖିତ ମୋବାଇଲ୍ ନଂ.: ୯୪୩୮୬୭୦୮୫୭ ଯୋଗାଯୋଗ କରିବାକୁ ଅନୁରୋଧ ।



**Forest, Environment and Climate Change Department, Odisha** 8001/303/2627

OFFICE OF THE DIVISIONAL FOREST OFFICER, MANGROVE FOREST DIVISION (WL), RAJNAGAR

AT / P.O: Rajnagar, Dist; Kendrapara-754225, Phone-06729-242460, Control Room-06729-242463, E-mail ID- dfo.rajnagarwl@odisha.gov.in

**BID IDENTIFICATION NO- DFO MFD-HIRING TRAWLER/07/1F(Accts.)/Tender/344/ 2026 Dated.10/09/2026**

**Dated, Rajnagar the 10th September, 2026**

**SHORT TENDER CALL NOTICE**

Sealed quotations are invited from registered trawler owners to submit their competitive quote for leasing of their sea worthy vessel of engine power of 400 HP or above for Sea Turtle Protection duty for the year 2026-27. The period of engagement shall normally be from 01st November-2026 to 31st March-2027. The owners are to quote the monthly hire charges inclusive of taxes if any but the cost of fuel, which will be brone by this Division. The details of terms and condition for engagement of trawler can be obtained from the office of the undersigned during office hours from 11th September-2026 onwards. Quotation for hiring of trawler (400 HP or above) to submitted separately. Tender Paper & related documents should be collected from the office of the undersigned during the working hours between 10 AM. to 5 PM from 11.09.2026 onwards with production of Tender Paper cost. The last date & time of receipt of quotation is 25.09.2026 at 05:00 PM. Opening of Quotation is 28.09.2026 at 11.00 AM. The undersigned reserves the right to accept or reject any all quotation without assigning anv reason thereof.

Divisional Forest Officer
Mangrove Forest Division (Wildlife)
Rajnagar

OIPR-8001/8053/1/26-27/0007



**GOVERNMENT OF ODISHA** 19001/247/2627

**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, BIRIDI**
'e' mail ID : ori-biridi@nic.in

**'e' Procurement Notice No.BDO-BPS-02 of 2026-27**

| | | |
|---|---|---|
| 1 | Name of the work | Construction of integrated Math & Science Lab at Govt. High School at Shibapur of Shibapur G.P. under Biridi Block |
| 2 | Cost of Tender Amount (Approx.) | Rs.19.36 Lakh |
| 3 | EMD (online) | Rs.19,400/- |
| 4 | Cost of Tender Paper (online) (Non-Refundable) | Rs.6,000.00 |
| 5 | Class of Contractor | "D" & "C" Class Contractor |
| 6 | Availability of Tender | 21.09.2026 at 10.00 Hours to 05.10.2026 upto 5.00 Hours |
| 7 | Date of opening of tender | 06.10.2026 at 11.00 Hours |
| 8 | Place of opening of the tender | O/o the Panchayat Samiti, Biridi |

Further details can be seen from the Govt. web site **"https://tendersodisha.gov.in**
All corrigendum / cancellation of tender if any, will only be uploaded in the above web site.

BLOCK DEVELOPMENT OFFICER, BIRIDI

OIPR-19001/19221/1/26-27/0002



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** 13001/1847/2627

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୮୬୦୯/ ଭୁ.ଉ.କ., ଭୁବନେଶ୍ୱର **ସୂଚନା** ତା.୨୯.୦୮.୨୦୨୬ରିଖ

EB-B-97/79

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ ହାଉସିଂ ସ୍କିମ୍, ବରଗଡ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-EB-118 କୁ ବିରଞ୍ଚି କୁମାର ପଟ୍ଟନାୟକ, ପିତା-ସ୍ୱର୍ଗତ ଚକ୍ରଧର ପଟ୍ଟନାୟକ, ଗ୍ରାମ-ବଧିପାଟଣା, ପୋଷ୍ଟ-ନରେନ୍ଦ୍ରପୁର, ଥାନା-ରଣପୁର, ଜିଲ୍ଲା-ନୟାଗଡଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ବିରଞ୍ଚି କୁମାର ପଟ୍ଟନାୟକ ଙ୍କର ଗତ ତା-୧୬.୦୫.୨୦୨୧ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । Death certificate Registration No. 5271/2021 dated 22.05.2021 Legal heir certificate No. E-LHC/2021/110769 dt.28.07.2021 ଅନୁଯାୟୀ ବିରଞ୍ଚି କୁମାର ପଟ୍ଟନାୟକଙ୍କର ଉତ୍ତରାଧିକାରୀ (୧) ମିନାକ୍ଷୀ ପଟ୍ଟନାୟକ (ସ୍ତ୍ରୀ), (୨) ପ୍ରୀତିନନ୍ଦା ପଟ୍ଟନାୟକ (ବିବାହିତା କନ୍ୟା) ଓ (୩) ଶ୍ରୀସ୍ମିତା ପଟ୍ଟନାୟକ (ବିବାହିତା କନ୍ୟା) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରି ଅଛନ୍ତି ।

ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

OIPR-13001/13033/1/26-27/0135



**Government of Odisha** 25001/1138/2627

**"e" Procurement Notice**

**Bid Identification No. : Online-AGL-21 of 2026-2027**

1. Name of the Work : Road Works
2. Estimated Cost. : Rs. 5.08 to 33.90 Lakhs
3. Period of Completion : 2(Two) Calendar Months
4. Date & time of availability of : From 18.09.2026. to 27.09.2026 upto 5.00 P.M
5. Last Date/time for receipt of bids In the portal : 27.09.2026 upto 05.00 P.M.
6. Name & Address of the OIT : Executive Engineer, Rural Works Division, Anugola

Further details can be seen from the Govt. website **www.tendersorissa.gov.in**

Executive Engineer
R.W. Division, Anugola.

OIPR-25001/25096/1/26-27/0018



**GOVERNMENT OF ODISHA** 4001/318/2627

**OFFICE OF THE SUPERINTENDING ENGINEER-CUM- DEPUTY ELECTRICAL INSPECTOR, JAYAPUR & NABARANGPUR**
**AT- PLOT NO-127, OLD LIC OFFICE BUILDING, PUJARIPUT, KORAPUT-764020**

No. 01/2026-27 Dated: 10.09.2026

**QUOTATION CALL NOTICE FOR HIRING OF PRIVATE BUILDING FOR OFFICE ACCOMODATION**

The Superintending Engineer-Cum-Dy. Electrical Inspector, Jayapur & Nabarangpur invites sealed quotation in a single bid system from interested house owners (hereinafter referred as "bidder") for hiring of private building at Jayapur Town on monthly rent basis for accommodation of office of the Superintending Engineer-Cum-Dy. Electrical Inspector, Jayapur & Nabarangpur, and Assistant Executive Engineer-Cum-Assistant Electrical Inspector, JED & NED, Jayapur. The building should have carpet area of **about 1100 to 1600 Sq. ft.** (minimum 2 rooms) excluding staircase, verandah and portico preferable Ground/First floor, having proper approach road, entrance with adequate parking and toilet facility. The tender document is available on website **https://eicelectricityodisha.nic.in/** from dated **10.09.2026.** The interested bidders may download tender document and submit the tender document in Annexure A, B & C duly completed, signed in all the pages by the authorized signatory / house owner along with requisite documents/Forms. All the tender documents may be sent by Speed Post with a covering letter in a sealed envelope duly superscribed with **"Quotation for hiring of private building for office accommodation" to the SE-Cum-DEI, Jayapur & Nabarangpur, At- Plot No.127, OLD LIC Building, Pujariput, Koraput-764020** or may be submitted directly in the office of the undersigned **on/before 12.10.2026 by 3.00 P.M** in working hours and the tender shall be opened on the same day at **4.00 P.M.** in presence of bidders or their authorized representative. Incomplete tenders / quotations and those received after due date are liable to be rejected.

Superintending Engineer -Cum-DEI,
Jayapur & Nabarangpur

OIPR-4001/4080/1/26-27/0001



**GOVERNMENT OF ODISHA** 8001/306/2627

**OFFICE OF THE DIVISIONAL FOREST OFFICER, PHULBANI FOREST DIVISION, PHULBANI, KANDHAMAL DISTRICT**
E mail-dfo.phulbani@odisha.gov.in

**BID IDENTIFICATION No. 02/DFO/PLB/2026-27 Dated, 09.9.2026**

The Divisional Forest Officer, Phulbani Forest Division on behalf of Governor of Odisha, invites Percentage Rate bids in single cover System in ONLINE Mode.

| | | |
|---|---|---|
| 1. | No. of work (Project) | :- 12 (Twelve) Nos |
| 2. | Estimated cost | :- Rs.12,84,000 (Including 18% GST) per VSS building |
| 3. | Tender Cost | :- Rs.6,000/- towards tender cost of each VSS building |
| 4. | Class of Contractor | :- "C" & "D" Class Contractors. |
| 5. | Period of completion | :- 90 (Ninety) Calendar days |
| 6. | Availability of bid document in the website. | :- 11 AM of 17.9.2026 to 5 PM Hours of 06.10.2026. |
| 7. | Date of Opening of Tenders | :- 11:AM on dt.07.10.2026. |
| 8. | Online Participation Notes | The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only. |

Sd/- Divisional Forest Officer
Phulbani Forest Division

OIPR-8001/8098/1/26-27/0001

# ଆମ୍ବୁଲାନ୍ସ ଅଚଳ; ରୋଗୀ ମୃତ



**ସିମୁଲିଆ/ଖଇରା, ୧୧।୯ (ସମିସ)**

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ନହଖଣ୍ଡି ପଞ୍ଚାୟତ ତୁରାଣୀପଦା ଅଞ୍ଚଳରେ ଆମ୍ବୁଲାନ୍ସ ଅଚଳ ଯୋଗୁଁ ଜଣେ ଗୁରୁତର ରୋଗୀଙ୍କୁ ନେଇ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଖଇରା ବ୍ଲକ ସିମୁଲିଆ ଥାନା ନୟାଖଣ୍ଡୀ ପଞ୍ଚାୟତ ତୁରାଣୀପଦା ଅଞ୍ଚଳର ଭାଗବତ ସାହୁ (୬୨) ବିଦ୍ୟୁତ୍ କରେଣ୍ଟରେ ଆହତ ହୋଇ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ପ୍ରଥମେ ଖଇରା ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ଭଦ୍ରକ ମେଡିକାଲକୁ ରେଫର କରିଥିଲେ। ରୋଗୀଙ୍କୁ ନେଇ ଆମ୍ବୁଲାନ୍ସ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଜଳଙ୍ଗ ଛକ ନିକଟରେ ହଠାତ୍ ଗାଡ଼ିଟି ଅଚଳ ହୋଇଯାଇଥିଲା। ଫଳରେ ଗୁରୁତର ରୋଗୀ ଦୀର୍ଘ ସମୟ ଧରି ରାସ୍ତାରେ ଛଟପଟ ହେବା ସହ ଶ୍ୱାସକଷ୍ଟ ଅନୁଭବ କରି ଛଟ ପଟ ହୋଇ ନିସ୍ତେଜ୍ ହୋଇ ଯାଇଥିଲେ। ପରେ ଅନ୍ୟ ଏକ ଆମ୍ବୁଲାନ୍ସ ସେଠାରୁ ରୋଗୀକୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କାର୍ଯ୍ୟରତ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଆମ୍ବୁଲାନ୍ସ ଅଚଳ ଯୋଗୁଁ ଗୁରୁତର ରୋଗୀଙ୍କ ଜୀବନ ବିପଦରେ ପଡ଼ିଥିବା ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ସିମୁଳିଆ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୃତ ଭାଗବତ ଗାଁରେ ସିଲେଇ ମେସିନ ପକାଇ କାର୍ଯ୍ୟ କରୁଥିଲେ। ସ୍ତ୍ରୀ ସମେତ ଦୁଇ ପୁଅ ଅଛନ୍ତି। ଏପରି ତ୍ରୁଟି ନେଇ ତାଙ୍କର ମୃତ୍ୟୁ ଘଟିଥିବା ଯୋଗୁଁ ତାଙ୍କର ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ୫୯ ଗ୍ରାମ ବ୍ରାଉନ୍‌ସୁଗର ସହ ଯୁବକ ଗିରଫ

**ବାଲେଶ୍ୱର, ୧୧।୯ (ସମିସ):** ବାଲେଶ୍ୱର ସହରରେ ବ୍ରାଉନ୍‌ସୁଗର କାରବାର ଉପରେ ଟାଉନ୍ ଥାନା ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିଛି। ବାଲିଘାଟ ବ୍ରିଜ୍ ଅଣ୍ଡରପାସ୍ ନିକଟରେ ଚଢ଼ଉ କରି ୫୯ ଗ୍ରାମ ବ୍ରାଉନ୍‌ସୁଗର ସହ ଜଣେ ଯୁବକଙ୍କୁ ଗିରଫ କରିଛି ପୁଲିସ। ଜବତ ହୋଇଛି ଏକ ଧଳା ରଙ୍ଗର ସୁଜୁକି ସ୍କୁଟି ଓ ମୋବାଇଲ। ଗିରଫ ଅଭିଯୁକ୍ତ ହେଲେ ସ୍କୁଲ ବଜାର ଅଞ୍ଚଳର ସେକ୍ କୁର୍ବାନ୍ ଓରଫ ସିପୁନ୍ (୨୪)। ଏନେଇ ଆଜି ବାଲେଶ୍ୱର ଜିଲ୍ଲା ପୁଲିସ ମୁଖ୍ୟାଳୟରେ

- ଜଳେଶ୍ୱରରୁ ଆଣି ବାଲେଶ୍ୱରରେ ବିକ୍ରି ଯୋଜନା
- ସ୍କୁଟି ଓ ମୋବାଇଲ ଜବତ, ନିଶା ନେଟୱର୍କ ଖୋଜୁଛି ପୁଲିସ

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପରେଶ କୁମାର ରାଉତ ବିସ୍ତୃତ ସୂଚନା ଦେଇଛନ୍ତି। ଟାଉନ୍ ଥାନା ଆଇଆଇସି ବିଜୟ କୁମାର ଦାସଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏହି ଚଢ଼ଉ କରିଥିଲା। ପୁଲିସ ସୂଚନା ଅନୁଯାୟୀ, ଜଳେଶ୍ୱର ଅଞ୍ଚଳରୁ ବ୍ରାଉନ୍‌ସୁଗର ଆଣି ବାଲେଶ୍ୱରର ସ୍ଥାନୀୟ ନିଶା ବେପାରୀଙ୍କୁ ବିତରଣ କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତ ଆସୁଥିବା ନେଇ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହାକୁ ଆଧାର କରି ବାଲିଘାଟ ଅଣ୍ଡରପାସ୍ ନିକଟରେ ପୁଲିସ ଜାଲ ବିଛାଇଥିଲା। ଗତ ୧୦ ତାରିଖ ଅପରାହ୍ନ ପ୍ରାୟ ୨ଟା ୪୦ରେ ଅଭିଯୁକ୍ତ ସ୍କୁଟିରେ ଆସିଥିବାବେଳେ ପୁଲିସକୁ ଦେଖି ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ପୁଲିସ ତାଙ୍କୁ କାବୁ କରି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତଲାସୀ କରିବାରୁ ୫୯ ଗ୍ରାମ ବ୍ରାଉନ୍‌ସୁଗର ମିଳିଥିଲା। ଜବତ ବ୍ରାଉନସୁଗରର ମୂଲ୍ୟ ୫ ଲକ୍ଷ ୯୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ଏନେଇ ଟାଉନ୍ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ୍ୟ



ଟାଉନ୍ ଥାନାରେ ମାମଲା ରହିଥିବା ପୁଲିସ କହିଛି। ଏବେ ଜଳେଶ୍ୱରରୁ ନିଶାଦ୍ରବ୍ୟ କିଏ ଯୋଗାଉଥିଲା, ବାଲେଶ୍ୱରରେ କାହାକୁ ବିକ୍ରି କରାଯିବାର ଥିଲା ଏବଂ ଏହି ନିଶା ନେଟୱର୍କ ପଛରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

# ବନ୍ୟଜନ୍ତୁ ଦ୍ୱାରା କ୍ଷତି ପାଇଁ ସୁରକ୍ଷା ଓ ସହାୟତା ଦାବି

**ନୀଳଗିରି, ୧୧।୯ (ସମିସ):** କୁଲଡିହା ଅଭୟାରଣ୍ୟ ପାଖାପାଖି ଅଞ୍ଚଳର ଚାଷଜମିଗୁଡିକ ହାତୀ ଓ ବିଭିନ୍ନ ବନ୍ୟଜନ୍ତୁ ଦ୍ୱାରା କ୍ଷୟଗ୍ରସ୍ତ ହେଉଛି। ନିଜର ଚାଷ ଜମିକୁ ସୁରକ୍ଷା ପାଇଁ ଲୋକମାନେ ବନ୍ୟଜନ୍ତୁଙ୍କୁ ବିଭିନ୍ନ ଉପାୟରେ ଘଉଡାଉଛନ୍ତି। ଯେଉଁମାନେ ବିଶେଷ କରି ହାତୀଙ୍କୁ ଘଉଡ଼ିବାକୁ ଯାଉଛନ୍ତି, ସେମାନଙ୍କ ମଧ୍ୟରୁ ବହୁ ଲୋକ କୁଲଡିହା ରେଞ୍ଜରଙ୍କ ଦ୍ୱାରା ମାମଲାରେ ଛନ୍ଦି ହେଉଛନ୍ତି। ଯାହାକି ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି। ଏହି ସମସ୍ୟାର ପ୍ରତିବାଦ କରି ଆଜି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ ପାତ୍ରଙ୍କ ନେତୃତ୍ୱରେ କାଣ୍ଡଗରଡିହି କମିଟି ତରଫରୁ କୁଲଡିହା ରେଞ୍ଜର ସୌମ୍ୟରଞ୍ଜନ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚାଷଜମିର ସୁରକ୍ଷା ପାଇଁ ବନ ବିଭାଗୀୟ ଅଧିକାରୀଙ୍କ ସହିତ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର କିଛି ସାଥୀଙ୍କୁ ନେଇ ଗୋଟିଏ କମିଟି ଗଠନ କରାଯାଇଛି। ଯେତେ ବେଳେ ହାତୀ ଚାଷ ଜମିକୁ ଆସିବ ସେ ସମୟରେ ଉକ୍ତ କମିଟି ତରଫରୁ କୁଲଡିହା ରେଞ୍ଜରଙ୍କୁ ଅବଗତ କରାଯିବ। ତା'ପରେ କୁଲଡିହା ରେଞ୍ଜରଙ୍କ ଅଫିସ ତରଫରୁ ହାତୀ ଘଉଡ଼ିବା ପାଇଁ ପଦକ୍ଷେପ ନିଆଯିବ। ପଟ୍ଟା ଥିବା ଜମିକୁ ଯଦି ହାତୀ ନଷ୍ଟ କରେ ସେମାନଙ୍କୁ କ୍ଷତିପୂରଣ ଦେବା ପାଇଁ ରେଞ୍ଜର ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଉକ୍ତ କାର୍ଯ୍ୟ କୁଲଡିହା ରେଞ୍ଜର ନ କରନ୍ତି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ରେଞ୍ଜର ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଯୁଗାନନ୍ଦ ଦାସ, ଅମରେନ୍ଦ୍ର ନାୟକ, ବ୍ରଜ ସିଂ, ନିନୀ ସିଂ, ବିଶ୍ୱ ସିଂ , କାଳୀଚରଣ ସିଂ, କାଳିଆ ପାତ୍ର ସମେତ ସହସ୍ରାଧିକ ସାଥୀ ଉପସ୍ଥିତ ଥିଲେ।




# ନୀଳଗିରି ଗଣେଶ ପୂଜା ପାଇଁ ଶାନ୍ତି ବୈଠକ



**ନୀଳଗିରି, ୧୧।୯ (ସମିସ):** ନୀଳଗିରି ସହରରେ ଗଣେଶ ପୂଜା ଓ ଭସାଣି ପାଇଁ ନୀଳଗିରି ଥାନା ପକ୍ଷରୁ ସବୁ କମିଟିର ସମ୍ପାଦକ ଓ ସଭାପତିଙ୍କୁ ନେଇ ଏକ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ଏସଡିପିଓ ଚାର୍ଜରେ ଥିବା ପ୍ରଜ୍ଞା ମହାନ୍ତି, ନୀଳଗିରୀ ଆଇଆଇସି ଗୋବର୍ଦ୍ଧନ ନାୟକ, ଅତିରିକ୍ତ ଶୁଭଶ୍ରୀ ଜେନାଙ୍କ ଉପସ୍ଥିତିରେ ୧୨ଟି ଗଣେଷ ପୂଜା କମିଟିର ସମ୍ପାଦକ ଓ ସଭାପତିଙ୍କ ଉପସ୍ଥିତିରେ ଚଳିତ ବର୍ଷ ଗଣେଶ ପୂଜା ଓ ବିସର୍ଜନ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପନ୍ନ କରିବା ପାଇଁ ଉପସ୍ଥିତ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ୪ଟା ପର୍ଯ୍ୟାୟରେ ତଥା ୧୬, ୧୮, ୨୦ ଓ ୨୨ ତାରିଖରେ ଠାକୁର ବିସର୍ଜନ ପାଇଁ ନିଷ୍ପତ୍ତି ନିଆଗଲା। ଉକ୍ତ ତାରିଖରେ ସମସ୍ତ କମିଟି ଶାନ୍ତିଶୃଙ୍ଖଳାର ସହିତ ବିସର୍ଜନ କରିବା ସହ ପ୍ରଶାସନକୁ ସହଯୋଗ କରିବା ପାଇଁ ନିବେଦନ କରାଯାଇଥିଲା।

# ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ; ଏସ୍‌ବିଆଇ ମୁଖ୍ୟ ଶାଖା ସମ୍ମୁଖରେ ବିକ୍ଷୋଭ




**ବାଲେଶ୍ୱର,୧୧।୯ (ସମିସ):** ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ ଆହ୍ୱାନରେ ଆଜି ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟ ଅବସରରେ ବାଲେଶ୍ୱର ଏସ୍‌ବିଆଇ ମୁଖ୍ୟ ଶାଖା ସମ୍ମୁଖରେ ଏକ ବିଶାଳ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନେ ଏକତ୍ରିତ ହୋଇ ୫ ଦିନିଆ ବ୍ୟାଙ୍କିଂ, ପିଏଲଆଇରେ ଚେକ୍‌ର ବାଦ୍ ବୁଝାବଣା, ପେନସନ୍ ଅପଡେଟସନ୍, ସମାନ ମହଙ୍ଗା ଭତ୍ତା (ଡିଏ) ବ୍ୟବସ୍ଥା ଏବଂ ଅପର୍ଯ୍ୟାପ୍ତ ନିଯୁକ୍ତି ବାବଦରେ ପ୍ରତିବାଦ ପାଇଁ ଦୃଢ଼ ସ୍ୱରରେ ଦାବି ଉପସ୍ଥାପନ କରିଥିଲେ। ବକ୍ତାମାନେ କହିଥିଲେ ଯେ ୫ ଦିନିଆ ବ୍ୟାଙ୍କିଂ ଲାଗୁ କରିବା ପାଇଁ ପୂର୍ବରୁ ହୋଇଥିବା ପ୍ରତିଶ୍ରୁତିକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ସେହିପରି ଚେକ୍ କାଟୁ ନିୟମରୁ ପିଏଲଆଇ ବ୍ୟବସ୍ଥା ପ୍ରତ୍ୟାହାର କରି ୟୁନିଅନ୍ ସହ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ନ୍ୟାୟସଙ୍ଗତ ବ୍ୟବସ୍ଥା ପ୍ରଣୟନ କରିବାକୁ ବାରମ୍ବାର ଦାବି କରାଯାଇଛି।

**୫ ଦିନିଆ ବ୍ୟାଙ୍କିଂ ଓ ପିଏଲଆଇ ପ୍ରତ୍ୟାହାର ଦାବି**

ୟୁଏଫବିୟୁ ଘୋଷିତ ପରବର୍ତ୍ତୀ କାର୍ଯ୍ୟସୂଚୀ ଅନୁଯାୟୀ ୨୮, ୨୯ ଓ ୩୦ ସେପ୍ଟେମ୍ବର ୨୦୨୬ରେ ତିନିଦିନିଆ ଅଖିଳ ଭାରତୀୟ ବ୍ୟାଙ୍କ ଧର୍ମଘଟ ଏବଂ ଦାବି ପୂରଣର ସମାଧାନ ନହେଲେ ଆସନ୍ତା ଅକ୍ଟୋବର ୨୭ରୁ ଅନିର୍ଦ୍ଦିଷ୍ଟକାଳୀନ ବ୍ୟାଙ୍କ ଧର୍ମଘଟ ଆରମ୍ଭ କରାଯିବ। ଧର୍ମଘଟର ସଫଳତା ପାଇଁ ସମସ୍ତ ବ୍ୟାଙ୍କ କର୍ମଚାରୀ, ଅଧିକାରୀ, ୟୁନିଅନ୍ ନେତୃତ୍ୱ ଓ ସଦସ୍ୟମାନଙ୍କୁ ୟୁଏଫବିୟୁ ପକ୍ଷରୁ ଅଭିନନ୍ଦନ ଜଣାଯାଇଥିବା ବେଳେ ଆଗାମୀ ସଂଗ୍ରାମକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ବିକ୍ଷୋଭରେ ପରମାନନ୍ଦ ଦେ, ପ୍ରଦୀପ ବେହେରା, ସୁଦର୍ଶନ ଜେନା, ମାନସ ମହାପାତ୍ର, ଚିନ୍ମୟ ନନ୍ଦୀ, ଦୀପକ ଦାସ, ବିଶ୍ୱସୁନ୍ଦର ଦାସ, ରାଜେଶ ବେହେରା, ମହେଶ୍ୱର ପତି, ସନ୍ଦିପ ରାଉଳ, ସୁଶୀଲ କର, ସଞ୍ଜୟ ପରିଡା, ଶଙ୍କର ସୋରେନ, ପ୍ରବୀର ଘଡେଇ, ହେମନ୍ତ ଭୂୟାଁ, ଜିତେନ୍ଦ୍ର ନାୟକ, ଶ୍ୟାମସୁନ୍ଦର ଜେନା, ପ୍ରଭାକର ବେହେରା, ଗଣେଶ ଜେନା, ତରୁଣ ଚକ୍ରବର୍ତ୍ତୀ, ହରେକୃଷ୍ଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅପରାଧୀ ଲୋକେଶର ୪ ସହଯୋଗୀ ଗିରଫ

**ବାଲେଶ୍ୱର/ସିମୁଳିଆ, ୧୧।୯ (ସମିସ):** ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଆଡାବଜାର ସାଲୋଠାରେ ଗତ ୩ ତାରିଖ ଡକାୟତି ଯୋଜନା କରୁଥିବା ବେଳେ ସିମୁଳିଆ ପୁଲିସ ପାଟ୍ରୋଲିଙ୍ଗ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଅପରାଧୀଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲେ। ପୁଲିସ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଲୋକେଶକୁ ଗିରଫ କରିଥିଲା ବେଳେ ଶୁକ୍ରବାର ତା'ର ଆଉ ୪ ଜଣ ସହଯୋଗୀଙ୍କୁ ଧରିବାରେ ସଫଳ ହୋଇଛି। ଅନ୍ୟ ରାଜ୍ୟକୁ ପଳାଇଯିବାକୁ ବାଲେଶ୍ୱର ରେଳ ଷ୍ଟେସନରେ ଥିବାବେଳେ ଗୋଇନ୍ଦା ବିଭାଗ ସିମୁଳିଆ ପୁଲିସକୁ ଖବର ଦେଇଥିଲା। ସିମୁଳିଆ ପୁଲିସ ୪ ଅପରାଧୀଙ୍କୁ ଧରିବାର ଗୋଟିଏ ସପ୍ତାହରେ ଧରିବାର ସଫଳ ହୋଇଥଲା। ଏହି ଅଭିଯୁକ୍ତଙ୍କୁ ପୁଲିସ ବର୍ତ୍ତମାନ କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ଭଦ୍ରକ ଜିଲ୍ଲା ଚନ୍ଦୁବାଲି ଥାନା ନାଲଗୁଣ୍ଡ ଗ୍ରାମର ବାଇଧର ରାଉତ (ବାଦଲ, ୪୫ ବର୍ଷ), ମନହରପୁର ଗ୍ରାମର ସଞ୍ଜୟ ଦାସ (୨୪), ଖଇରା ଥାନା ବାଙ୍କତିର ଗ୍ରମର ଆଶିଷ ମଲ୍ଲିକ (ବାପୁନ, ୨୫ ବର୍ଷ) ଓ ସୋର ଆନନ୍ତପୁର ଥାନା ପାଖ ଗ୍ରାମର ସଫିରୁଦ୍ଦିନ ସାହା (ଜଗୁ, ୩୦ ବର୍ଷ)। ସୂଚନାଯୋଗ୍ୟ, ଘଟଣା ଦିନ ଅପରାଧୀ ଖସିଯିବା ପାଇଁ ଗୁଳି ଚଳାଇଥିଲେ। ଘଟଣା ଦିନ ପୁଲିସ ପାଲଟା ଗୁଳି ଚଳାଇଥିଲା ବେଳେ ଏଥିରେ ବିହାରର ଅପରାଧୀ ଲୋକେଶ ସିଂର ବାମ ଗୋଡ଼ ଆଣ୍ଠୁ ତଳକୁ ଆଘାତ ହୋଇଥିଲା। ଲୋକେଶର ଅନ୍ୟ ୪ ସହଯୋଗୀ ଖସି ପଳାଇଥିଲେ। ପୁଲିସ ଲୋକେଶକୁ ଗିରଫ କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲା। ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।



# ବେଆଇନ ପଥର ବୋଝେଇ ଡମ୍ପର ଜବତ

**ସୋର, ୧୧।୯ (ସମିସ):** ସୋର ପୌରପାଳିକା ଅନ୍ତର୍ଗତ ବରଫକଳ ଛକ ନିକଟରେ ଖଣି ବିଭାଗ ତରଫରୁ ଚଢ଼ଉ କରାଯାଇ ଏକ ବେଆଇନ ପଥର ବୋଝେଇ ଡମ୍ପରକୁ ଜବତ କରାଯାଇଥିବା ଜଣାପଡିଛି। ଆଜି ମଧ୍ୟାହ୍ନରେ ବାଗୁଡ଼ି ଖାଦାନ ଅଞ୍ଚଳରୁ ବେଆଇନ ପଥର ଚାଲାଣ ହେଇଥିବ ଖବର ପାଇ ବାଲେଶ୍ୱର କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏବଂ ସମ୍ବିତ କୁମାର ମଣି ବରଫକଳ ଛକରେ ଅଚାନକ ଚଢ଼ଉ କରିଥିଲେ। ଏହି ସମୟରେ ଓଡି ୦୧ ଏନ ୭୨୫୧ ନମ୍ବର ବିଶିଷ୍ଟ ଡମ୍ପରଟି ବେଆଇନ ଭାବେ ପଥର ବୋଝେଇ କରି ଆସୁଥିବା ବେଳେ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଡମ୍ପରଟିକୁ ଜବତ କରି ସୋର ଥାନାରେ ଜିମା ଦେଇଥିବା ଜଣାପଡିଛି।

# 'ସକାଳ' ପ୍ରଭାବ; ହଟିଲା ଭେଲୋରା ହାଟର ଲୁହାବାଡ଼



**ରାଜଘାଟ, ୧୧।୯ (ସମିସ):** 'ସକାଳ'ରେ ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ହାଟ ପିଣ୍ଡି ଜବରଦଖଲ ନେଇ ଖବର ପ୍ରସାରଣ ପରେ ଶେଷରେ ପ୍ରଶାସନର ନିଦ ଭାଙ୍ଗିଛି। ସ୍ଥାନୀୟ ଜଣେ ମିଠା ବ୍ୟବସାୟୀ ଜବରଦଖଲ କରିଥିବା ଲୁହା ବାଡ଼କୁ ବସ୍ତା ବିଡ଼ିଓଙ୍କ ନିର୍ଦ୍ଦେଶ ପରେ ଗ୍ରାମପଞ୍ଚାୟତ ଅଧିକାରୀ ବିଷ୍ଣୁ ଦାସ ହଟାଇ ଦେଇଛନ୍ତି। ଏହାକୁ ନେଇ ଗ୍ରାମବାସୀ ଓ ହାଟ ବ୍ୟବସାୟୀଙ୍କ ମଧ୍ୟରେ ଖୁସି ଦେଖାଦେଇଛି, କିନ୍ତୁ ଲୁହା ବାଡ଼ ହଟିଲା ସତ, ହେଲେ ହାଟ ପିଣ୍ଡି ଉପରେ ଥିବା ଆବଦ୍ଧ ଟିଣ ଘର ଏପର୍ଯ୍ୟନ୍ତ ହଟିନାହିଁ। ସେହି ଘର ଯୋଗୁଁ ଏବେ ବି ହାଟ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଲୁହା ବାଡ଼ ହଟିଲା, ଆବଦ୍ଧ ଘର କେବେ ହଟିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଶ୍ରୀ ଦାସ କାହିଁକି ଅଧା କାମ କରି ଚାଲିଗଲେ? କାହା ଚାପରେ ପୁରା ଜବରଦଖଲ ହଟୁନି ବୋଲି ବଡ଼ ପ୍ରଶ୍ନ ଛିଡା ହୋଇଛି। ସମସ୍ତଙ୍କ ନଜର ଏବେ ବ୍ଲକ ପ୍ରଶାସନ ଉପରେ। ସମ୍ପୂର୍ଣ୍ଣ ହାଟ ପିଣ୍ଡି କେବେ ଜବରଦଖଲମୁକ୍ତ ହେବ ତାହା ଦେଖିବାକୁ ବାକି ରହିଲା।

# ପ୍ଲାଷ୍ଟିକମୁକ୍ତ ସହର ପାଇଁ ସଚେତନତା

**ସୋର, ୧୧।୯ (ସମିସ):** ସୋର ପୌରପାଳିକା ପକ୍ଷରୁ ପ୍ଲାଷ୍ଟିକମୁକ୍ତ ସହର ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ଲାଷ୍ଟିକ ବ୍ୟବହାର କରିବା ଦ୍ୱାରା ମଣିଷର ଶରୀର ଉପରେ ଏହାର କୁପ୍ରଭାବ ସିଧାସଳଖ ପଡୁଥିବା ବେଳେ ସହର ଆବର୍ଜନାମୟ ହେଉଛି। ତେଣୁ ସହରକୁ ସୁସ୍ଥ ରଖିବା ସହିତ ମଣିଷ ଓ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ପ୍ଲାଷ୍ଟିକ ବର୍ଜନ କରିବା ଏକମାତ୍ର ଉପାୟ। ସୋର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ସମସ୍ତ ସ୍ୱଚ୍ଛସାଥୀ ଏକତ୍ରିତ ହୋଇ ସହରର ବିଭିନ୍ନ ୱାର୍ଡ ଓ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକରେ ପୋଷ୍ଟର ବାଣ୍ଟିବା ସହିତ ସଚେତନତା ସୃଷ୍ଟି କରିଥିଲେ। ଏହି ସମୟରେ ଲୋକମାନଙ୍କୁ ପ୍ଲାଷ୍ଟିକ ବ୍ୟବହାର କରିବା ଦ୍ୱାରା ହେଉଥିବା ବିଭିନ୍ନ ରୋଗ ଓ ପରିବେଶ ପ୍ରଦୂଷଣ ବାବଦରେ ଆଲୋଚନା କରିବା ସହିତ ଅମାନିଆ ହେଲେ ଦଣ୍ଡ ବିଧାନ ସମ୍ପର୍କରେ ସୂଚନା ଦେଇଥିଲେ।

**ଭକ୍ତକବିଙ୍କୁ ମିଳୁନି ଉପଯୁକ୍ତ ସମ୍ମାନ; ଅବହେଳିତ ସ୍ମୃତିପୀଠ**

# ଦୀନକୃଷ୍ଣଙ୍କ ନାମରେ ଚାଲୁ ଟ୍ରେନ୍

**ଜଳେଶ୍ୱର ବ୍ଲକ,୧୧।୯ (ସମିସ)**

ଭକ୍ତକବି କୃଷ୍ଣପ୍ରେମ ରଚୟିତା 'ରସକଲ୍ଲୋଳ'ର ସ୍ରଷ୍ଟା ଦୀନକୃଷ୍ଣ ଦାସଙ୍କୁ ରାଜ୍ୟସ୍ତରରେ ଉପଯୁକ୍ତ ସମ୍ମାନ ଦିଆ ଯାଇନାହିଁ। ବାଲେଶ୍ୱର ଜିଲା, ଜଳେଶ୍ୱର ବ୍ଲକ ମୁଣ୍ଡତୁଣିଆସ୍ଥିତ କବିଙ୍କ ସ୍ମୃତିପୀଠ ଆଜି ବି ଅବହେଳିତ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କବିଙ୍କ ଜନ୍ମପୀଠର ବିକାଶ, ପର୍ଯ୍ୟଟନ

**ଷ୍ଟେସନରେ ପ୍ରତିମୂର୍ତ୍ତି ସ୍ଥାପନ ଦାବି**

କ୍ଷେତ୍ର ଘୋଷଣା, ଗ୍ରନ୍ଥାଗାର ଓ ପାଠାଗାର ପ୍ରତିଷ୍ଠା, ଜଳେଶ୍ୱର-ପୁରୀ ମେମୋ ଟ୍ରେନ୍‌କୁ ଭକ୍ତକବିଙ୍କ ନାମରେ କିମ୍ବା ଶ୍ରେଷ୍ଠକୃତି, ରସକଲ୍ଲୋଳ ନାମରେ ନାମିତ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ସେହିପରି କବିଙ୍କ ପ୍ରତିମୂର୍ତ୍ତି ଜଳେଶ୍ୱର ରେଳ ଷ୍ଟେସନରେ ପ୍ରତିଷ୍ଠା ପାଇଁ ପରାମର୍ଶ ଦିଆଯାଇଛି। କବିଙ୍କ ଉପରେ ଅଧିକ ଗବେଷଣା ନିମନ୍ତେ ସରକାର ସହାୟତା ଯୋଗାଇ ଦେବାକୁ ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସମ୍ପାଦକ ଡ. ବିପିନ ବିହାରୀ ବିଶ୍ୱାଳ ଓ ପରିଷଦର ପୂର୍ବତନ ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର ପ୍ରକାଶ କରିଛନ୍ତି। ଦୀନକୃଷ୍ଣ ଦାସ ଓଡିଶାର ଜଣେ ମାତ୍ର ତଥା ଅଭିନ୍ନ ବୋଲି ଅନେକ ଗବେଷକ ପ୍ରମାଣିତ କରିଛନ୍ତି। ତାଙ୍କ ସମ୍ପର୍କରେ ଅଧିକ ଗବେଷଣା, ଜନ୍ମସ୍ଥାନ କବି ପୀଠର ବିକାଶ ପାଇଁ ଦାବି କରାଯାଇଛି। ମୁଣ୍ଡତୁଣିଆ ଗ୍ରାମକୁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା, ଯାତ୍ରୀଙ୍କର ରହିବା ବ୍ୟବସ୍ଥା, ଗ୍ରନ୍ଥାଗାର ପ୍ରତିଷ୍ଠା, ଉତ୍ତରପିଢ଼ିକୁ ତାଙ୍କ ସମ୍ପର୍କରେ ଜଣାଇବା ପାଇଁ ପ୍ରତିମୂର୍ତ୍ତି, ରେଳ ଚଳାଚଳ, ତାଙ୍କର ସଠିକ ପ୍ରତିକୃତି, ଏପରିକି ଏକ ଡାକ ଟିକଟ ପ୍ରଚଳନ ପାଇଁ ଦାବି କରାଯାଇଛି ଓ ଦୀନକୃଷ୍ଣ ପ୍ରେମୀ ନାରାୟଣଚନ୍ଦ୍ର ଦାସ, ଡ. ରମାକାନ୍ତ ଭଞ୍ଜ, ଜିତାରାମ ଦେ, ସୁଧୀର ମହାନ୍ତି, ଶରତଚନ୍ଦ୍ର ପରିଡ଼ା, ଆଇନଜୀବୀ ରାମଚନ୍ଦ୍ର ଜେନା, ଇଂ. ରାମଚନ୍ଦ୍ର ସାହୁ, ସତ୍ୟଶୋଭନ ମିଶ୍ର, କ୍ଷିତୀଶ ଦେ, ଡ. ଅଜିତ କୁମାର ମହାନ୍ତି, କବି ନିକୁଞ୍ଜ କୁମାର ଘୋଷ, ଶିକ୍ଷକ ସଂଘର ରାଜ୍ୟ ସଭାପତି ଅକ୍ଷୟ ମିଶ୍ର, ସାମ୍ବାଦିକ ଅବନୀ ଚାନ୍ଦ ପ୍ରମୁଖ ବହୁ ବ୍ୟକ୍ତି ଦାବି କରିଛନ୍ତି। ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ ଲାଗି ଉପରୋକ୍ତ ବ୍ୟକ୍ତି ସୂଚନା ଦେଇଛନ୍ତି।




**ଇଣ୍ଡିଆ ମେଣ୍ଟ ପକ୍ଷରୁ ଜଳେଶ୍ୱର ବଞ୍ଚାଅ ଆନ୍ଦୋଳନ ଆରମ୍ଭ**

# ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବି

**ଜଳେଶ୍ୱର ବ୍ଲକ, ୧୧।୯ (ସମିସ):** ଜଳେଶ୍ୱରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜଳେଶ୍ୱର ବଞ୍ଚାଅ ଆନ୍ଦୋଳନ ଆଜି ଆରମ୍ଭ ହୋଇଛି। ଇଣ୍ଡିଆ ମେଣ୍ଟ, ବିଶେଷକରି କଂଗ୍ରେସ ଓ ସିପିଏମ ପକ୍ଷରୁ ଆଜି ଜଳେଶ୍ୱର ତହସିଲଦାର ଓ ବିଡିଓଙ୍କ ମାର୍ଫତରେ ବାଲେଶ୍ୱର ଜିଲ୍ଲାପାଳ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଜି ୮ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜଳେଶ୍ୱର ଅଞ୍ଚଳରେ ଦୀର୍ଘଦିନ ଧରି ଜଳବନ୍ଦୀ ସମସ୍ୟା ଏକ ଗୁରୁତର ଜନଜୀବନ ଓ କୃଷି ସମସ୍ୟାରେ ପରିଣତ ହୋଇଛି। ପ୍ରତିବର୍ଷ ବର୍ଷା ଋତୁରେ ବିଶେଷକରି ପଶ୍ଚିମବଙ୍ଗ ପଟୁ ଆସୁଥିବା ବର୍ଷା ଓ ବନ୍ୟାଜଳ ଦୀର୍ଘ ସମୟ ଧରି ନିଷ୍କାସିତ ହୋଇନପାରିବା ଯୋଗୁଁ ଜଳେଶ୍ୱର ବ୍ଲକର ବହୁ ପଞ୍ଚାୟତର ଶହ ଶହ ଗ୍ରାମ ପ୍ରଭାବିତ ହେଉଛନ୍ତି। ସୁଗୋ, ନାମ୍ପୋ, ନେଡୁଆ, ଖାଳିନା, ସଂପତିଆ, ଖୁଲୁଡ଼ା, ବର୍ତନା, ପଶ୍ଚିମବାଡ଼, ଝାଡ଼ପିମ୍ପଳ, ବାଇଗଣବାଡ଼ିଆ, ପାଇକସିଦା, କୁଟସାହି, ଆର୍.ଆର୍.ପୁର, ଗୋପୀମୋହନପୁର, ଆରୁହା ଆଦି ଅଞ୍ଚଳ ଏହାଦ୍ୱାରା ବାରମ୍ବାର କ୍ଷତିଗ୍ରସ୍ତ ହେଉଛି। ଜଳେଶ୍ୱର ପୌରାଞ୍ଚଳ ଏବଂ ଭୋଗରାଇ ବ୍ଲକର ମଧ୍ୟ ଅନେକ ଅଞ୍ଚଳ ଏହି ସମସ୍ୟାର ଶିକାର ହେଉଛନ୍ତି। ଚଳିତ ବର୍ଷର ବନ୍ୟା ଓ ଜଳବନ୍ଦୀ ପରିସ୍ଥିତି ଏହି ସମସ୍ୟାର ଭୟାବହତାକୁ ଆହୁରି ସ୍ପଷ୍ଟ କରିଦେଇଛି। ଜଳବନ୍ଦୀ ଯୋଗୁଁ ଜଳେଶ୍ୱର ଅଞ୍ଚଳର ହଜାର ହଜାର ଏକର ଧାନଚାଷ ଓ ପନିପରିବା ଫସଲ ନଷ୍ଟ ହୋଇଛି। ଅନେକ ଗ୍ରାମର କଚ୍ଚା ଘର ଜଳବନ୍ଦୀ ଓ ଅତ୍ୟଧିକ ବର୍ଷାରେ କ୍ଷତିଗ୍ରସ୍ତ ହୋଇଛି। ଏପରିକି ମାଟିର କାନ୍ଥ ଭୁଶୁଡ଼ି ପଡ଼ିବା ଫଳରେ ଦୁଇ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ହଜାର ହଜାର

**୧୫ ଦିନରେ କାର୍ଯ୍ୟାନୁଷ୍ଠାନ ନନେଲେ ବ୍ୟାପକ ଆନ୍ଦୋଳନର ଚେତାବନୀ**

ପରିବାର ଏବେ ମଧ୍ୟ ଅସୁରକ୍ଷିତ ଓ ଦୁର୍ଦ୍ଦଶାପୂର୍ଣ୍ଣ ପରିସ୍ଥିତିରେ ରହୁଛନ୍ତି। ତେଣୁ ଏହାକୁ କେବଳ ଏକ ସାଧାରଣ ବର୍ଷାଜନିତ ସମସ୍ୟା ଭାବେ ନଦେଖି ଏକ ଗୁରୁତର ମାନବିକ ଓ କୃଷି ସଙ୍କଟ ଭାବେ ନେଇ ତୁରନ୍ତ ରିଲିଫ୍ ଓ ପୁନର୍ବାସମୂଳକ ପଦକ୍ଷେପ ନିଆଯିବା ପାଇଁ ଦାବି କରାଯାଇଛି କ୍ଷ ବର୍ତ୍ତମାନ ଯେପରି ଛୋଟ ଛୋଟ ନାଳ ଖୋଳିବା, ସଫା କରିବା କିମ୍ବା ଅସ୍ଥାୟୀ ଭାବେ ଜଳ ନିଷ୍କାସନ କରିବାର ପଦକ୍ଷେପ ନିଆଯାଉଛି, ତାହା ଦ୍ୱାରା ଏହି ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ। ତେଣୁ ସମଗ୍ର ଜଳେଶ୍ୱର–ଭୋଗରାଇ ଅଞ୍ଚଳର ଭୌଗୋଳିକ ଓ ଜଳପ୍ରବାହ ପରିସ୍ଥିତିକୁ ଆଧାର କରି ଏକ ସମନ୍ୱିତ ଜଳ ନିଷ୍କାସନ ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ଦୀର୍ଘମିଆଦୀ ଭିତ୍ତିରେ ଏହାର ସମାଧାନ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ଦାବିପତ୍ରରେ କୁହାଯାଇଛି। ଏହା ସହିତ ଚଳିତ ବର୍ଷ ଜଳବନ୍ଦୀ ଓ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଚାଷୀଙ୍କର ଫସଲ କ୍ଷୟକ୍ଷତିର ତୁରନ୍ତ ଆକଳନ କରାଯାଇ ଅବିଳମ୍ବେ ଯଥାଯଥ କ୍ଷତିପୂରଣ/ଇନ୍ ପୁଟ ସହାୟତା ପ୍ରଦାନ କରାଯାଉ ଓ କ୍ଷତିଗ୍ରସ୍ତ ଚାଷୀଙ୍କ କୃଷି ଋଣ ଛାଡ଼ କରିବା ପାଇଁ ଦାବି କରାଯାଇଛି। ଉପରୋକ୍ତ ଦାବିପତ୍ର ପ୍ରଦାନ ବେଳେ କଂଗ୍ରେସ ନେତା ସୁଦର୍ଶନ ଦାସ, ହେମନ୍ତ ଗିରି, ମଧୁସୂଦନ ଦାସ, ସୁଦାମ ପାତ୍ର, ଜଗଦୀଶ ନନ୍ଦୀ ସିପିଏମ ନେତା ଶିଶିର ହୁଇ, ସୀତାଂଶୁ ସେନାପତି, ଦିଲ୍ଲୀପ ପରିଡ଼ା, ରବୀନ୍ଦ୍ର ବାରିକଙ୍କ ସମେତ ପଦ୍ମଲୋଚନ ବେହେରା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ପ୍ରକାଶ ଥାଉକି ସୁଦାମ ପାତ୍ର ଏହି ଜଳେଶ୍ୱର ବଞ୍ଚାଅ ଆନ୍ଦୋଳନର ଆବାହକ ଭାବରେ ମନୋନୀତ ହୋଇଛନ୍ତି। ତାଙ୍କ ସଂଯୋଜନାରେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି।



## ଏନ୍‌ଜିଟିରେ ସମୂହ ଗଛକଟା ମାମଲାର ସରିନି ବିଚାର

# ପାଲବଣୀରେ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ପାଇଁ ଟେଣ୍ଡର ଆହ୍ୱାନ

ବାରିପଦା, ୧୧।୯ (ସମିସ): ବାରିପଦା ଉପକଣ୍ଠ ପାଲବଣୀ ବାଇପାସ ନିକଟସ୍ଥ ବିବାଦୀୟ ସରକାରୀ ଜମିରେ ପ୍ରସ୍ତାବିତ ଅତ୍ୟାଧୁନିକ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ (ଅଟୋବସ ଟର୍ମିନାଲ)

- ଓଡ଼ିଶା ଷ୍ଟେଟ୍ ପୁଲିସ୍ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ ପକ୍ଷରୁ ବିଜ୍ଞପ୍ତି
- ୫୦ କୋଟି ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର
- ଦୁଇବର୍ଷରେ କାମ ସାରିବାକୁ ନିର୍ଦ୍ଦେଶ

ନିର୍ମାଣ ପ୍ରକ୍ରିୟା ଆଗେଇଛି। ଏଥିପାଇଁ ଓଡ଼ିଶା ଷ୍ଟେଟ୍ ପୁଲିସ୍ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ ଲିମିଟେଡ୍ (ଭୁବନେଶ୍ୱର) ପକ୍ଷରୁ ବିଧିବଦ୍ଧ ଭାବେ ଟେଣ୍ଡର ଆହ୍ୱାନ କରାଯାଇଛି। ସୁପରକ୍ଲାସ କଣ୍ଟ୍ରାକ୍ଟରଙ୍କଠାରୁ ଅନଲାଇନ୍ ମାଧ୍ୟମରେ ଏହି ଆବେଦନ ପତ୍ର ଗ୍ରହଣ କରାଯାଉଛି। ଟେଣ୍ଡର ପ୍ରକ୍ରିୟା ସରିବା ପରେ ୨୪ ମାସ (୨ ବର୍ଷ) ଭିତରେ କାମ ସମ୍ପୂର୍ଣ୍ଣ କରିବାକୁ ସର୍ତ୍ତ ରଖାଯାଇଛି। ତେବେ ଏନଜିଟିରେ ସମୂହ ଗଛକଟା ମାମଲାର ବିଚାର ଶେଷ ହୋଇ ନ ଥିବାବେଳେ ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଏହି ପ୍ରକଳ୍ପକୁ ନେଇ ସୃଷ୍ଟି ହୋଇଥିବା ବିବାଦର ଅନ୍ତ ଘଟି ନ ଥିବାବେଳେ ଆଗାମୀ ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି।

ରାଜ୍ୟର ବିଭିନ୍ନ ସ୍ଥାନରେ ୪ଟି ନୂଆ ବସ୍‌ଷ୍ଟାଣ୍ଡ ଓ ଆଧୁନିକୀକରଣ ଯୋଜନା ଅଧୀନରେ ୧୮ ନମ୍ବର ଜାତୀୟ ରାଜପଥ ସଂଲଗ୍ନ ବାରିପଦାର ପାଲବଣୀଠାରେ ଏହି ପ୍ରକଳ୍ପ ହେବାକୁ ଯାଉଛି। ଏଥିନିମନ୍ତେ ରାଜ୍ୟ ସରକାର ୫୦ କୋଟି ୧୭ ଲକ୍ଷ ୪ ହଜାର ୪୦୨ ଟଙ୍କା ମଞ୍ଜୁର କରିସାରିଛନ୍ତି। ଆବେଦନକାରୀ ଅକ୍ଟୋବର ୧ରୁ ଅକ୍ଟୋବର ୯ ତାରିଖ ଅପରାହ୍ନ ୫ଟା ମଧ୍ୟରେ ଅନଲାଇନରେ ଆବେଦନ କରିପାରିବେ। ଅକ୍ଟୋବର ୩ ତାରିଖରେ ଟେଣ୍ଡର୍ ଖୋଲାଯିବ। ଅନ୍ୟପକ୍ଷରେ ଏହି ପ୍ରକଳ୍ପ ସ୍ଥଳରେ ଗଛ କଟାକୁ ନେଇ ସୃଷ୍ଟି ହୋଇଥିବା ବିବାଦରେ ଏପର୍ଯ୍ୟନ୍ତ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ। ୨୦୨୫ ଡିସେମ୍ବର ୨୭ ତାରିଖରେ ବନବିଭାଗ ପକ୍ଷରୁ ଚିହ୍ନଟ ଗଛ ସମୂହ ଭାବେ କଟା ଆରମ୍ଭ ହୋଇଥିବାବେଳେ ପରିବେଶ ଆଇନ ଉଲ୍ଲଂଘନ ପୂର୍ବକ ଗଛ କଟାଯାଇଛି ବୋଲି ଯୁବ କଂଗ୍ରେସ ନେତା ପ୍ରମୋଦ ହେମ୍ବ୍ରମ ଏନଜିଟି (ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ)ର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ବିଚାରାଧୀନ ଥିବାବେଳେ ଗତ ଅଗଷ୍ଟ ୨୯ ତାରିଖରେ ମାମଲାର ଶୁଣାଣି ସମୟରେ ସମୟ ଅଭାବରୁ ଆଗାମୀ ନଭେମ୍ବର ୨୪ ତାରିଖକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ଏପରି ସ୍ଥଳେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲେ ସୁଦ୍ଧା ଆଗାମୀ ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି।

## ଶୁଣୁନି ପ୍ରଶାସନ

# ପଳାଶବଣି ଗ୍ରାମ ରାସ୍ତା କାଦୁଅ ପଚ ପଚ

କୁଳିଅଣା, ୧୧।୯ (ସମିସ): କୁଳିଅଣା ବ୍ଲକ ମରାଙ୍ଗତାଣ୍ଡି ପଞ୍ଚାୟତ ଅଧୀନ ପଳାଶବଣି ଗ୍ରାମ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏ ନେଇ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ହେଁ କେହି ଶୁଣୁନାହାନ୍ତି। ରାସ୍ତା ମରାମତି ହେଉ ନ ଥିବାରୁ ଗ୍ରାମବାସୀ ପ୍ରତିଦିନ ଏକ ଘରୋଇ ଜାଗାରେ ଥିବା ଛୋଟ ରାସ୍ତା ଉପରେ ନିର୍ଭର କରୁଛନ୍ତି। ତେବେ ଲଗାଣ ବର୍ଷାରେ ଏହି ରାସ୍ତାଟି ବର୍ଷା ପାଣିରେ ଧୋଇ ହୋଇ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବାରୁ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଗ୍ରାମରେ ମୁଖ୍ୟ ରାସ୍ତା ଥାଇ ମଧ୍ୟ ଲୋକେ ଘରୋଇ ରାସ୍ତା ଉପରେ ନିର୍ଭର କରିଆସୁଥିଲେ। କାରଣ ଏହା କମ୍ ରାସ୍ତା ଅତିକ୍ରମ କରିବାକୁ ପଡୁଥିଲା। ବିଶେଷକରି ମୁଖ୍ୟ ରାସ୍ତା ବର୍ଷାଦିନେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡୁଛି। କାଦୁଅ ଓ ପାଣି ଜମି ରହିବା ଯୋଗୁଁ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ରୋଗୀ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜରୁରୀ ସମୟରେ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଯାନବାହନ ଗ୍ରାମକୁ ପହଞ୍ଚିବା ମଧ୍ୟ କଷ୍ଟକର ହେଉଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଡିଓଙ୍କ ନିକଟରେ ନୂଆ ପକ୍କା ରାସ୍ତା ନିର୍ମାଣ ପାଇଁ ଲିଖିତ ଆବେଦନ କରାଯାଇଛି। ରାସ୍ତା ନିର୍ମାଣ ହେଲେ ଅଞ୍ଚଳବାସୀଙ୍କ ଯାତାୟାତ ସମସ୍ୟା ଦୂର ହେବା ସହ ଗ୍ରାମର ଉନ୍ନତିରେ ଏହା ସହାୟକ ହେବ। ତେଣୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ନୂଆ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସରପଞ୍ଚ ଭାଗା



ଟୁଡୁ ଓ କନିଷ୍ଠ ଯନ୍ତ୍ରୀ ମିତାଲି ମୋନାଲିସାଙ୍କୁ ପଚାରିବାରୁ ବର୍ଷା କମିଗଲେ ରାସ୍ତା କାମ ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ବାରିପଦା/ଶୁଳିଆପଦା, ୧୧।୯ (ସମିସ): ଆକସ୍ମିକ ବଜ୍ରପାତ ଯୋଗୁଁ ଶୁଳିଆପଦା ଥାନା କୋଷ୍ଠା ପଞ୍ଚାୟତ ଅଧୀନ ଜୁରକା ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଜୁରକା ଗ୍ରାମର ବୃଦ୍ଧ ସନ୍ତୋଷ କୁମାର ସି (୭୨) ଗୁରୁବାର ପୂର୍ବାହ୍ନରେ ଗ୍ରାମ ନିକଟସ୍ଥ ବିଲରେ ଚାଷ କାମ କରୁଥିବାବେଳେ ପ୍ରବଳ ବର୍ଷା ସହ ଘଡଘଡି ମାରିଥିଲା। ସନ୍ତୋଷଙ୍କ ଉପରେ ବଜ୍ରପାତ ହୋଇଥିଲା। ଫଳରେ ତାଙ୍କ ବାମ ହାତ ଓ ଡାହାଣ ଗୋଡ ପୋଡ଼ି କ୍ଷତାକ୍ତ ହେବା ସହ ସେ ଚେତା ହରାଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଅଚେତ ଅବସ୍ଥାରେ ଉଦ୍ଧାର କରି କୋଷ୍ଠା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଶୁଳିଆପଦା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ଶବବ୍ୟବଚ୍ଛେଦ ପାଇଁ ରଙ୍ଗାମାଟିଆସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ।

## ଗୋଡ଼ଭଙ୍ଗା ଘାଟିରେ ଓଲଟିଲା ଧାନ ବୋଝେଇ ଟ୍ରକ୍

ମହୁଲଡିହା, ୧୧।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ୫୩ ନମ୍ବର ଠାକୁରମୁଣ୍ଡା-ଆନନ୍ଦପୁର ରାଜ୍ୟ ରାଜପଥର ଗୋଡଭଙ୍ଗା ଘାଟି ଠାକୁରାଣୀ ମନ୍ଦିର ସାମ୍ନା ବାଙ୍କରେ ଆନନ୍ଦପୁର ଅଭିମୁଖେ ଯାଉଥିବା ଧାନ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟିପଡ଼ିଛି। ଡ୍ରାଇଭର ସାମାନ୍ୟ ଆହତ ହୋଇଥିବାବେଳେ ହେଲପର ସୁରକ୍ଷିତ ଅଛନ୍ତି। ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ଟ୍ରକଟି ଠାକୁରମୁଣ୍ଡାରୁ ଧାନ ବୋଝେଇ କରି ପଶ୍ଚିମବଙ୍ଗକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାଜପଥର ଡାହାଣ ପାର୍ଶ୍ୱରେ ଥିବା ସୁରକ୍ଷା ବାଡାରେ ବାଡ଼େଇ ହୋଇ ଓଲଟି ପଡ଼ିଛି। ସୁଳିଆପଦାର ଟ୍ରକ ଡ୍ରାଇଭର ଅଜିତ ମହାନ୍ତ ସାମାନ୍ୟ ଆହତ ହୋଇଥିବାବେଳେ ବଡ଼ସାହିର ହେଲପର ଚନ୍ଦନ ମହାନ୍ତ ସୁରକ୍ଷିତ ଅଛନ୍ତି। ମହୁଲଡିହା ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତ ୩୧ ତାରିଖରେ ଏହି ସ୍ଥାନରେ ଏକ ଧାନ ବୋଝେଇ ଟ୍ରକ୍ ସୁରକ୍ଷା ବାଡ଼ ଡେଇଁ ରାସ୍ତା ତଳେ ୨୦ ଫୁଟ ଜଙ୍ଗଲ ଭିତରେ ଓଲଟି ପଡ଼ିଥିଲା।

## ଦେବପ୍ରିୟ ଚକ୍ରଙ୍କ 'ଜନଜାତି ବିବରଣ' ପୁସ୍ତକ ଲୋକାର୍ପିତ

ବାରିପଦା, ୧୧।୯ (ସମିସ): ସ୍ଥାନୀୟ ବାଙ୍କିଶୋଳସ୍ଥ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ ପରିସରରେ ଜଣାଶୁଣା ଯୁବ ଲେଖକ ତଥା ଅଧ୍ୟାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ରଙ୍କ ବିବିଧ ଜନଜାତି ସମ୍ପର୍କିତ ନୂଆ ଗବେଷଣା ପୁସ୍ତକ 'ଜନଜାତି ବିବରଣ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଖ୍ୟାତ ସାହିତ୍ୟିକା ତଥା ଶିକ୍ଷାବିତ୍ ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ



ବେଶ୍ରା ଯୋଗଦେଇ ପୁସ୍ତକର ଲୋକାର୍ପଣ କରିବା ସହ କହିଥିଲେ ଯେ, ଆଦିବାସୀଙ୍କ ସମ୍ପର୍କରେ ଜଣେ ଅଣଆଦିବାସୀଙ୍କ ମୁଗ୍ଧଦୃଷ୍ଟି ଓ ଅନ୍ତରଙ୍ଗ ପଣ ନ ରହିଲେ ଏଭଳି ବିମର୍ଶ ଗ୍ରନ୍ଥ ପ୍ରକାଶନ ସମ୍ଭବ ନୁହେଁ। ଜନଜାତି ସମ୍ପ୍ରଦାୟ ପକ୍ଷରୁ ଲେଖକଙ୍କୁ ଯେତେ ବଧେଇ ଜଣାଇଲେ କମ୍ ପଡ଼ିବ। ମୁଖ୍ୟବକ୍ତା ଭାବେ ଏମପିସି ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଯୋଗଦେଇ ନିଜ ବକ୍ତବ୍ୟରେ କିସ ଅନୁଷ୍ଠାନର ବ୍ୟବସ୍ଥାକୁ ପ୍ରଶଂସା କରିବା ସହିତ ସୃଜନଶୀଳତାରେ ତଲ୍ଲୀନତା ଓ ଆବେଗ ପ୍ରବଣତା ନ ରହିଲେ ଏଭଳି ଭିନ୍ନଧରଣର ପୁସ୍ତକ ରଚନା ସମ୍ଭବ ନୁହେଁ ବୋଲି କହିଥିଲେ। ଜନଜାତି ବିବରଣର ତଥ୍ୟ ଓ ପ୍ରସଙ୍ଗ ଏହା ସୂଚାଉଛି ଯେ, ଲେଖକ ଜନଜାତିଙ୍କ ପ୍ରତି କେତେ ଅନ୍ତରଙ୍ଗ ଓ ଯତ୍ନଶୀଳ ଥିଲେ। ସମ୍ମାନିତ ଅତିଥି ଭାବେ କିସ୍‌ର ଜନ ସମ୍ପର୍କ ଅଧିକାରୀ ସତ୍ୟଜିତ ସୋମ ଓ କିସ୍‌ର ଅତିରିକ୍ତ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ରାୟ ଯୋଗଦେଇ ଲେଖକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ।

ପ୍ରାରମ୍ଭରେ କିସ୍ ବାରିପଦା ଶାଖା ଅଧ୍ୟକ୍ଷ ଗଣେଶ ମିଶ୍ର ସ୍ୱାଗତ ଭାଷଣ ରଖିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁସ୍ତକର ଲୋକାର୍ପଣ ଅବସରରେ ଲେଖକ ଡ ଚକ୍ର ନିଜ ଲେଖକୀୟ ଅଭିବ୍ୟକ୍ତିରେ ମୟୂରଭଞ୍ଜରେ ଦୀର୍ଘ ୯ ବର୍ଷ ଧରି ଜନଜାତିଙ୍କ ସମ୍ପର୍କରେ ଅନୁସନ୍ଧିତ୍ସା ଓ ଅନ୍ତରଙ୍ଗତାର ଫଳଶ୍ରୁତି ହେଉଛି ଜନଜାତି ବିବରଣ ପୁସ୍ତକର ବୋଲି କହିଥିଲେ। ଏମଏସସିବିୟୁର ଗବେଷକ ତୋଷବନ୍ତ ମେହେର ମଞ୍ଚ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନରେ ଚକ୍ରଧର ମହାନ୍ତ, ଜୟନ୍ତୀ ଭାଉଁରିଆ, ଅଭିରାମ ସୋରେନ, ଭୂପତି ସିଙ୍କୁ, ବିଷ୍ଣୁପ୍ରିୟା ନାଏକ, ମନୀଷା ଦତ୍ତ, ସ୍ମିତା ନିବେଦିତା ଧଳ, ଉଦୟ ମାରାଣ୍ଡି, ସୁରେନ୍ଦ୍ର ମୁର୍ମୁ, ଇତିଶ୍ରୀ ଦାସ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କିସ୍ ବିଦ୍ୟାଳୟର ଏକ ହଜାର ଛାତ୍ରୀ, ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଏମଏସସିବିୟୁର ଗବେଷିକା ରୁକ୍ମଣୀ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ। ଜନଜାତି ବିବରଣ ପୁସ୍ତକକୁ ଭୁବନେଶ୍ୱରସ୍ଥ ଡଟ ବୁକ୍ସ ପ୍ରକାଶନୀ ସଂସ୍ଥା ପ୍ରକାଶ କରିଛନ୍ତି। ଏଥିରେ ସାନ୍ତାଳ, ପାହାଡି ଖଡିଆ, ବାଥୁଡି, ଭୂମିଜ, ଜୁଆଙ୍ଗ, ପାଉଡି ଭୂୟାଁ, କନ୍ଧ ଓ ହୋ ଜନଜାତିର ସାମାଜିକ ଓ ସାଂସ୍କୃତିକ ଜୀବନକୁ ନେଇ ଚଉଦଟି ଆଲେଖ୍ୟ ରହିଛି।

## ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଏଡ୍‌ସ, ଯକ୍ଷ୍ମା, ହେପାଟାଇଟିସ 'ବି' ସଚେତନତା କାର୍ଯ୍ୟକ୍ରମ




ରାଇରଙ୍ଗପୁର, ୧୧।୯ (ସମିସ): ମଣିଷ ଜନ୍ମ ଦୁର୍ଲଭ। କୋଟି ପୁଣ୍ୟ ଓ ତପସ୍ୟା କଲେ ମଣିଷ ଜନ୍ମ ମିଳେ। ଦେହ ଅଛି ତ ରୋଗ ଅଛି। ରୋଗ ବିଷୟରେ ସଚେତନ ହେଲେ ଆରୋଗ୍ୟ ମିଳିବ। ତେଣୁ ସମସ୍ତେ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ଉଚିତ। ଆଜି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଏଡ୍‌ସ, ଯକ୍ଷ୍ମା, ହେପାଟାଇଟିସ 'ବି' ଭଳି ରୋଗ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଏଡିଏମ୍‌ଓ ଡା ରବୀନ୍ଦ୍ରନାଥ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା (ଆଇସିଟିସି) ସୁପରଭାଇଜର ବୈକୁଣ୍ଠନାଥ ସାଲ ଏଡ୍‌ସର କାରଣ, ସଂକ୍ରମିତଙ୍କ ସହିତ ଅସୁରକ୍ଷିତ ଯୌନ ସମ୍ପର୍କ, ସଂକ୍ରମିତଙ୍କ ଦ୍ୱାରା ବ୍ୟବହୃତ ଛୁଞ୍ଚି ବ୍ୟବହାର କରିବା, ସଂକ୍ରମିତ ମାଆଠାରୁ ଶିଶୁକୁ ବ୍ୟାପିବା ଉପରେ ମୂଲ୍ୟବାନ କଥା କହିଥିଲେ। ଏହାର କାରଣ ଓ ନିରାକରଣ, ଯକ୍ଷ୍ମା ଓ ଯୌନ ରୋଗର କାରଣ ଓ ନିରାକରଣ, ସରକାରଙ୍କ ବହୁବିଧ ସରକାରୀ ସ୍ୱାସ୍ଥ୍ୟଜନିତ କଲ୍ୟାଣକାରୀ ଯୋଜନା ଉପରେ ପ୍ରାଞ୍ଜଳ ଭାବେ ଉପସ୍ଥିତ ଥିବା ନର୍ସିଂ କଲେଜର ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ପରେ ସମସ୍ତଙ୍କୁ ସଚେତନତା ପତ୍ରିକା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲାଲ୍ ଟେକ୍ନିସିଆନ୍ କରେନ୍ଦ୍ର ନାଥ ରଣା, ହସ୍ପିଟାଲ ମ୍ୟାନେଜର ଅଶୋକ ଗୋଚ୍ଛାୟତ, କୋଷାଧ୍ୟକ୍ଷ ପ୍ରୀତିଲତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ମନରେଗା ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ଠାକୁରମୁଣ୍ଡା/ମହୁଲଡିହା, ୧୧।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ପରିସର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସମ୍ମିଳନୀ କକ୍ଷରେ ଶୁକ୍ରବାର ବ୍ଲକସ୍ତରୀୟ ମନରେଗା ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୮ ଟି ପଞ୍ଚାୟତକୁ ନେଇ ଆୟୋଜିତ



ଏହି ଜନଶୁଣାଣିରେ ବିଭିନ୍ନ ମନରେଗା ପ୍ରକଳ୍ପରେ ଦେଖାଦେଇଥିବା ତ୍ରୁଟି ଓ ଶ୍ରମିକଙ୍କ ପ୍ରାପ୍ୟ ସମ୍ପର୍କିତ ଅଭିଯୋଗ ଉଠିଥିଲା। ପାଞ୍ଚପୀଢ଼ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ବିଡିଓ ସ୍ୱପ୍ନେଶ୍ୱର ବେହେରା, ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ତହସିଲଦାର ସମ୍ମିତ କୁମାର କର ପ୍ରମୁଖ ଯୋଗ ଦେଇଥିଲେ। ଏପିଓ ଧାନଚାନ୍ଦ ମହାନ୍ତ ବିଭିନ୍ନ ମନରେଗା ପ୍ରକଳ୍ପ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିବାବେଳେ ସାମାଜିକ ସମୀକ୍ଷକ ପଙ୍କଜ କୁମାର ଗିରି ବିଭିନ୍ନ ପ୍ରକଳ୍ପରେ ଚିହ୍ନଟ ହୋଇଥିବା ତ୍ରୁଟି ଉପସ୍ଥାପନ କରିଥିଲେ। ସାମାଜିକ ସମୀକ୍ଷା ସମୟରେ ବିଭିନ୍ନ ପ୍ରକଳ୍ପର ଫାଇଲରେ ଆବଶ୍ୟକ ଦସ୍ତାବିଜ ଠିକ୍ ଭାବେ ସଂଯୋଜିତ ହୋଇ ନ ଥିବା ତ୍ରୁଟି ଚିହ୍ନଟ ହୋଇଥିଲା। ଏହି ତ୍ରୁଟି ଡିସପ୍ଲେରେ ମଧ୍ୟ ବାରମ୍ବାର ଦର୍ଶାଯାଇଥିଲା।

ଭରାଣ୍ଡିଆ ପଞ୍ଚାୟତର ଅଭିନାଶ ଟୁଡୁ ପଞ୍ଚାୟତରେ ଗୋଟିଏ ସ୍ଥାନରେ ବାରମ୍ବାର କାମ କରାଯାଉଥିବାବେଳେ ପୁରୁଣା କାମ ଉପରେ ଅଳ୍ପ ମାଟି ଉଠାଇ ତାହାକୁ ନୂଆ ପ୍ରକଳ୍ପ ଭାବେ ଦର୍ଶାଯାଉଥିବା ଅଭିଯୋଗ କରିଥିଲେ। ଏଥିସହ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କ ନାମରେ ମାଷ୍ଟର ରୋଲ୍ ପ୍ରସ୍ତୁତ କରାଯାଇ ତାଙ୍କ ବ୍ୟାଙ୍କ ଖାତାକୁ ମଜୁରି ପ୍ରଦାନ କରାଯାଉଥିବା ନେଇ ମଧ୍ୟ ସେ ଅଭିଯୋଗ ଉଠାଇଥିଲେ। ସେହିପରି ଶାଳଚୁଆ ପଞ୍ଚାୟତର ମେଟ୍ ଗଣେଶ୍ୱର ମହାନ୍ତ ୨୦୧୨ରୁ ବର୍ତ୍ତମାନ ପର୍ଯ୍ୟନ୍ତ ମନରେଗାରେ କାର୍ଯ୍ୟ କରିଥିଲେ ମଧ୍ୟ ତାଙ୍କୁ ସେମି-ସ୍କିଲ୍ ପ୍ରାପ୍ୟ ମିଳି ନ ଥିବା ଅଭିଯୋଗ କରିଥିଲେ। ଠାକୁରମୁଣ୍ଡା ପଞ୍ଚାୟତର ମେଟ୍ ସୁରେନ୍ଦ୍ର ହେମ୍ବ୍ରମ ମଧ୍ୟ ବ୍ଲକର ୧୮ ଟି ପଞ୍ଚାୟତର ମେଟ୍‌ମାନେ ସେମି-ସ୍କିଲ୍ ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିଥିଲେ। ଜନଶୁଣାଣିରେ ଉଠିଥିବା ଅଭିଯୋଗର ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନେବା ସହ ମନରେଗା ଯୋଜନାରେ ସ୍ୱଚ୍ଛତା ଓ ନିୟମିତତା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଜନଶୁଣାଣିରେ ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀଙ୍କ ସମେତ ସମ୍ପୃକ୍ତ ପଞ୍ଚାୟତର ପ୍ରତିନିଧି ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ବିଜେଡି ସଂଖ୍ୟାଲଘୁ ଜିଲ୍ଲା ସଭାପତିଙ୍କ ଯଶିପୁର ଗସ୍ତ

ଯଶିପୁର, ୧୧।୯ (ସମିସ): ମୟୂରଭଞ୍ଜ ଜିଲ୍ଲା-୨ର ବିଜୁ ସଂଖ୍ୟାଲଘୁ ଜନତା ଦଳ ସଭାପତି ଏମ.ଡି. ଜାରାରଙ୍କ ରାଇରଙ୍ଗପୁର ଗସ୍ତ ପରିପ୍ରେକ୍ଷୀରେ ଯଶିପୁର ରରୁଆଁ ଛକଠାରେ ଯଶିପୁର ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଯଶିପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମ, ଯଶିପୁର ବ୍ଲକ ସଭାପତି ଦର୍ପନାରାୟଣ ମହାନ୍ତ, ଏନଏସି ସଭାପତି ଶମ୍ଭୁନାଥ ମହାକୁଡ଼, ଜ୍ୟୋତ୍ସ୍ନାମୟୀ ନାଏକଙ୍କ ଉପସ୍ଥିତିରେ ବିଜେଡି ସଂଖ୍ୟାଲଘୁର କର୍ମକର୍ତ୍ତା ଓ କର୍ମୀ ତୋରାଫ ହୁସେନ, ଏସ.କେ ସମିମ, ଅହିଦ ଖାନ, ଇମ୍ରାନ ଖାନ, ସେକ ଜାବିର, ଏମ.ଡି ଜାବିର, ଚିକୁ ଖାନ, ଜୋନି ଖାନ, ସାହିଦ ଖାନ, ରିକି ଖାନ, ଆଝାର ହୁସେନ, ଜିୟାଜୁଲ ରେହମାନ, ଏମ.ଡି ରାଜ, ଏମ.ଡି ଆୟାନ, ସଞ୍ଜୟ ସେଠୀ, ଏମ.ଡି. ସୁଜାନ, ଅନୀଲ ପୂର୍ତ୍ତି, ଆମଜାଦ ଅଲ୍ଲି, ରାଜୁ ତିୟୁ, ଅମନ ଖାନ, ସେକ ମିଜାନ, ସେକ ରିହାନ, ଭରତ ମଣ୍ଡଳ, ସେକ କବିର ଓ ଅନ୍ୟ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସଂଖ୍ୟାଲଘୁ ସଂଗଠନ ଦ୍ୱାରା ବିଜୁ ଜନତା ଦଳ ଆହୁରି ଶକ୍ତିଶାଳୀ ହେବ ବୋଲି



ଶ୍ରୀ ହେମ୍ବ୍ରମ କହିଛନ୍ତି। ସଂଖ୍ୟାଲଘୁ ଜନସାଧାରଣଙ୍କ ହକ ଓ ଅଧିକାର ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ଆଜିର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବାବେଳେ ଏହି ଗୁରୁଦାୟିତ୍ୱ ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଛି ବୋଲି ଜାରାର କହିଛନ୍ତି।

## ● ୟୁଏଫ୍‌ବିୟୁ ଡାକରାରେ ଦିନିକିଆ ବ୍ୟାଙ୍କ ଧର୍ମଘଟ

# ରାଇରଙ୍ଗପୁରର ସମସ୍ତ ବ୍ୟାଙ୍କ କର୍ମଚାରୀ ସାମିଲ

ରାଇରଙ୍ଗପୁର, ୧୧।୯ (ସମିସ): ୟୁନାଇଟେଡ଼ ଫୋରମ୍ ଅଫ୍ ବ୍ୟାଙ୍କ୍ ୟୁନିଅନର (ୟୁଏଫ୍‌ବିୟୁ) ପକ୍ଷରୁ ଆଜି ଦିନିକିଆ ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟ ଡାକରାରେ ବାମନଘାଟୀ ଉପଖଣ୍ଡର ସମସ୍ତ ସରକାରୀ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ସାମିଲ ହୋଇଛନ୍ତି। ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏଥିସହ ବ୍ୟାଙ୍କିଙ୍ଗ୍ ସେବା ଶୁକ୍ରବାର ଦିନ ଧର୍ମଘଟ, ମାସର ଦ୍ୱିତୀୟ ଶନିବାର, ରବିବାର, ସୋମବାର ଗଣେଶ ପୂଜା ଓ ମଙ୍ଗଳବାର ନୂଆଖାଇ ଛୁଟି ଯୋଗୁଁ ବନ୍ଦ ରହିବ। ବ୍ୟାଙ୍କ ଛୁଟି ଫଳରେ ଚେକ୍ କ୍ଲିୟରାନ୍ସ, ଟଙ୍କା ଜମା ଓ ଉଠାଣ ସହ ଅନ୍ୟାନ୍ୟ ସେବା ପ୍ରଭାବିତ ହେବାକୁ ଯାଉଛି। ବ୍ୟାଙ୍କ ସଂଘର ଦାବି ସରକାର ଦୀର୍ଘବର୍ଷ ହେଲା ପୂରଣ ନ କରି ଗଡ଼ାଇ ଚାଲିଛନ୍ତି। ୨୦୨୪ର ଉଭୟ ପକ୍ଷ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରୁନାହାନ୍ତି। ବ୍ୟାଙ୍କ ସଂଘ ପକ୍ଷରୁ ପାଞ୍ଚଦିନିଆ କାର୍ଯ୍ୟ ନିୟମ ପାଳନ କରିବା, ପ୍ରଦର୍ଶନ ଆଧାରିତ ପ୍ରୋତ୍ସାହନ (ପିଏଲ୍ ଆଇ) ସ୍କିମକୁ ମତଭେଦ, ବ୍ୟାଙ୍କରେ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ସମେତ ଅନ୍ୟାନ୍ୟ ଦାବି କରାଯାଇଛି। ଓଡ଼ିଶାରେ ୭୦ ହଜାରରୁ ଅଧିକ ବ୍ୟାଙ୍କ୍ କର୍ମଚାରୀ ଓ ଅଧିକାରୀ ସମେତ ସାରା ଭାରତରେ ୯୦ ଲକ୍ଷ କର୍ମଚାରୀ ଏହି ଧର୍ମଘଟରେ ସାମିଲ ହୋଇଛନ୍ତି। ଯଦି ସରକାର ଦାବି ନ ଶୁଣନ୍ତି ଆସନ୍ତା ୨୮ରୁ ୩୦ତାରିଖ ପର୍ଯ୍ୟନ୍ତ ୩ଦିନିଆ ଧର୍ମଘଟ ହେବ। ସରକାର ଯଦି ନ ଶୁଣନ୍ତି ଆନ୍ଦୋଳନକୁ ତୀବ୍ରତର କରାଯାଇ ଅକ୍ଟୋବର ୨୬ ପରଠାରୁ କର୍ମଚାରୀ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିବେ ବୋଲି ନିଷ୍ପତ୍ତି ନିଆଯାଇଛି।

ଆଜି ରାଇରଙ୍ଗପୁରର ଏସବିଆଇ, ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ, ପିଏନବି ବ୍ୟାଙ୍କ, ୟୁନିଅନ ବ୍ୟାଙ୍କ, ବ୍ୟାଙ୍କ୍ ଅଫ୍ ବରୋଦା, ଏଚଡିଏଫସି, ଏକ୍ସିସ ବ୍ୟାଙ୍କ, ଆଇସିଆଇସି ବ୍ୟାଙ୍କ ସମେତ ସମସ୍ତ ସରକାରୀ ବ୍ୟାଙ୍କ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଅଲ୍ ଓଡ଼ିଶା ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏମ୍ପ୍ଲଇଜ୍




ୟୁନିଅନର ସହକାରୀ ସାଧାରଣ ସମ୍ପାଦକ ସୁରାଇ ମୁର୍ମୁ, ଏସବିଆଇ ୟୁନିଟ ସମ୍ପାଦକ ପ୍ରଭାସ ଦାସ ପ୍ରମୁଖ ସରକାରଙ୍କ ବ୍ୟାଙ୍କ କର୍ମଚାରୀ ମାରଣ ନୀତିକୁ ସମାଲୋଚନା କରିଥିଲେ। ଏହି ଆନ୍ଦୋଳନରେ ବିଭିନ୍ନ ବ୍ୟାଙ୍କର ନେତୃବୃନ୍ଦ ଏସବିଆଇର ବିଦ୍ୟାଧର ହେମ୍ବ୍ରମ, ବ୍ୟାଙ୍କ ଅଫ ଇଣ୍ଡିଆ ୟୁନିଟ୍ ସେକ୍ରେଟାରୀ ଲକ୍ଷ୍ମଣ ଟୁଡୁ, ଶଙ୍କର ବେହେରା, ୟୁନିଅନ ବ୍ୟାଙ୍କର ମିକୁ ସିଂ ଓ ଗୋପିନାଥ ମାଝୀ, କାନାରା ବ୍ୟାଙ୍କର କେସି ହେମ୍ବ୍ରମ ପ୍ରମୁଖ ସାମିଲ ଥିଲେ।

## ବଡ଼ଦାଣ୍ଡରେ ପଥପ୍ରାନ୍ତ ନାଟକ

# 'ଭୁଲ କାହାର' ଓ 'ଆଈ ବୁଢ଼ୀର କାହାଣୀ' ମଞ୍ଚସ୍ଥ

ବାରିପଦା, ୧୧।୯ (ସମିସ): ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ଅବସରରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବାରିପଦା ବଡ଼ଦାଣ୍ଡରେ ଏକ ସଚେତନତାମୂଳକ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଏଡିଇଓ (ଏକାଡେମିକ) ବିନୋଦ କୁମାର ସିଂ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ, ଶିକ୍ଷଣ ସଂଯୋଜକ ଶୈଳବାଳା ବେହେରା, ସମାବେଶୀ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ ଉପସ୍ଥିତ ଥିଲେ। ଏ ଅବସରରେ ପିଏମ୍‌ଶ୍ରୀ ଏମକେସି ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ 'ଭୁଲ୍ କାହାର' ଶୀର୍ଷକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ନବସାକ୍ଷର ଶିକ୍ଷାର୍ଥୀମାନଙ୍କୁ ପୁନର୍ବାର ଶିକ୍ଷା ବ୍ୟବସ୍ଥା ସହ ଯୋଡ଼ିବା, ସେମାନଙ୍କୁ ବିଦ୍ୟାଳୟମୁଖୀ କରିବା ଓ ଜୀବିକାର ବିକାଶ ସହ ସଭ୍ୟ ସମାଜର ମୁଖ୍ୟଧାରାରେ ସାମିଲ କରିବାର ଆବଶ୍ୟକତାକୁ ନାଟକ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା।

ସେହିପରି ଲେଡି ହାମିଲଟନ୍ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ 'ଆଈ ବୁଢ଼ୀର କାହାଣୀ' ଶୀର୍ଷକ ନାଟକ ପରିବେଷଣ କରି ସମାଜର ଦୈନନ୍ଦିନ ଜୀବନରେ ଶିକ୍ଷାର ଗୁରୁତ୍ୱକୁ ଅତ୍ୟନ୍ତ ଚମତ୍କାର ଢଙ୍ଗରେ ଉପସ୍ଥାପନ କରିଥିଲେ। ନାଟକଟି ଦର୍ଶକଙ୍କୁ ଶିକ୍ଷାର ମହତ୍ତ୍ୱ, ନିରକ୍ଷରତା ଦୂରୀକରଣ ଓ ଜୀବନବ୍ୟାପୀ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ସଚେତନ




କରିଥିଲା। କାର୍ଯ୍ୟକ୍ରମ ଶେଷରେ ଦୁଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସେମାନଙ୍କ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମାଜରେ ଶିକ୍ଷା ପ୍ରତି ଉତ୍ସାହ, ଉଦ୍ଦୀପନା ଓ ସଚେତନତା ସୃଷ୍ଟି କରିବାରେ ଅବଦାନ ପାଇଁ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସେମାନଙ୍କର ଉତ୍ସାହପୂର୍ଣ୍ଣ ଅଭିନୟ ଓ ସାମାଜିକ ବାର୍ତ୍ତା ପ୍ରଦାନର ପ୍ରୟାସକୁ ଉପସ୍ଥିତ ସମସ୍ତେ ପ୍ରଶଂସା କରିବା ସହ ଏହି ଉଦ୍ୟମକୁ ଅତ୍ୟନ୍ତ ପ୍ରଶଂସନୀୟ ଓ ଅନୁକରଣୀୟ ବୋଲି ମତ ପ୍ରକାଶ କରିଥିଲେ। ଏ ଅବସରରେ ଉପସ୍ଥିତ ଶିକ୍ଷା ବିଭାଗର କର୍ମକର୍ତ୍ତା, ଶିକ୍ଷକଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ ସଦସ୍ୟ ସମାଜର ଉନ୍ନତି ଓ ସାକ୍ଷରତା ବୃଦ୍ଧି ଦିଗରେ ଜିଲ୍ଲା ଶିକ୍ଷା ବିଭାଗର ଏପରି ମହତ୍ କାର୍ଯ୍ୟକୁ ଧନ୍ୟବାଦ ଜଣାଇଥିଲେ। ସମାଜର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ଶିକ୍ଷା ଓ ସାକ୍ଷରତାର ଆଲୋକ ପହଞ୍ଚାଇବାରେ ଏପରି ପ୍ରୟାସ ଏକ ନୂତନ ଉତ୍ସାହ ଓ ସାମାଜିକ ଚେତନା ସୃଷ୍ଟି କରିବ ବୋଲି ସମସ୍ତେ ଆଶାବ୍ୟକ୍ତ କରିଥିଲେ।

## କୁରାଢ଼ିରେ ଆକ୍ରମଣ; ଜଣେ ଗୁରୁତର

ତୁରୁମୁଙ୍ଗା, ୧୧।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୋଣ୍ଡ ଗ୍ରାମର ଜାମୁନାଳିଆ ସାହିରେ ସାମାନ୍ୟ ବଚସାକୁ ନେଇ ମଦ ନିଶାରେ ଥିବା ଜଣେ ବ୍ୟକ୍ତି କୁରାଢ଼ିରେ ଆକ୍ରମଣ କରିବା ଯୋଗୁଁ ଅନ୍ୟ ବ୍ୟକ୍ତି ଜଣକ ଗୁରୁତର ହୋଇ ପ୍ରଥମେ ପାଟଣା ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ସୂଚନା ମିଳିଛି। ଗୁରୁତର ବ୍ୟକ୍ତି ହେଲେ ଅଯୋଧ୍ୟା ନାଏକ। ସେ ପୁତୁଲୁ ମୁଣ୍ଡାଙ୍କ ଘରେ ବସିଥିବା ସମୟରେ ସେହି ଗ୍ରାମର ବାଲ୍ମିକୀ ନାଏକ ଏକ କୁରାଢ଼ିରେ ମୁଣ୍ଡକୁ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ୧୦୮ ସହାୟତାରେ ପାଟଣା ମେଡ଼ିକାଲକୁ ଆଣିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଗାଁ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ବାଲ୍ମିକୀକୁ ଅଟକ ରଖିଛି।

## ଥମୁନି ମଦ ଦୋକାନକୁ ନେଇ ବିବାଦ

ତୁରୁମୁଙ୍ଗା, ୧୧।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରେଙ୍ଗାଳବେଡା ମଦ ଦୋକାନକୁ ନେଇ ବିବାଦ ଥମିବାର ନାଁ ଧରୁନାହିଁ। ଧନୁର୍ଜୟପୁର ଗାଁ ନିକଟ ଗ୍ରାମ୍ୟ ଜଙ୍ଗଲରେ ଉକ୍ତ ମଦ ଦୋକାନ ଖୋଲିବାକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ଏହାକୁ ବିରୋଧ କରୁଥିବା କିଛି ମହିଳାଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ଯାହାକୁ ନେଇ ଏବେ ଗାଁରେ ଚାପା ଉତ୍ତେଜନା ରହିଛି। କିଛି ଦିନ ପୂର୍ବରୁ ମହିଳାମାନେ ଉକ୍ତ ମଦ ଦୋକାନକୁ ବିରୋଧ କରି ଭଙ୍ଗାରୁଜା କରିବା ଘଟଣାରେ ମଦ ଦୋକାନ ମାଲିକ ପ୍ରତିମ ମହାପାତ୍ର ଅଭିଯୋଗ କରିଥିଲେ। ପୁଲିସ ଏନେଇ ପ୍ରାୟ ୮୦ ପୁରୁଷ ମହିଳାଙ୍କ ନାମରେ ମାମଲା ରୁଜୁ କରିଛି। ଉକ୍ତ ମଦ ଦୋକାନ ଖୋଲିବାକୁ ନେଇ ଏବେ ପୁଣି ଅସନ୍ତୋଷ ଦେଖା ଦେଇଛି। ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହେବା ଦୃଷ୍ଟିରୁ ତୁରୁମୁଙ୍ଗା ପୁଲିସ ଓ ଅବକାରୀ ବିଭାଗ ନଜର ରଖିଛନ୍ତି।

## ଧରାପଡ଼ିଲା ଛେଳି ଚୋରି; ବୋଲେରୋ ଜବତ

ତୁରୁମୁଙ୍ଗା, ୧୧।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧା ଓ ବନ କର୍ମଚାରୀ ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ଗାଡ଼ିକୁ କାଠ ଚୋରା ଚାଲାଣ ହେଉଥିବା ସନ୍ଦେହରେ କରି ପିଛା କରିଥିଲେ। ଦୁର୍ବୃତ୍ତମାନେ ପିଛା କରିବା ଜାଣି ଏନଏଚ୍-୨୨୦ ଖଜୁରୀଡିହା ଛକ ନିକଟରୁ ବୋଲେରୋକୁ ଛାଡ଼ି ଫେରାର ହୋଇଯାଇଥିଲେ। ଏହି ଗାଡ଼ିକୁ ଯାଞ୍ଚ କରିବା ସମୟରେ ବୋଲେରୋ ଭିତରୁ ଛେଳିଙ୍କ ମୁହଁରେ ପିନ୍ଧାଯାଉଥିବା କ୍ୟାପ୍ ଏବଂ ଚୋରି ସାମଗ୍ରୀ ମିଳିଥିଲା। ବୋଲେରୋଟି ଛେଳି ଚୋରି ପାଇଁ ବ୍ୟବହୃତ ହେଉଥିବା ସନ୍ଦେହ କରି ପୁଲିସକୁ ହସ୍ତାନ୍ତର କରାଯାଇଛି। ଗତ ଏକ ମାସ ମଧ୍ୟରେ ପାଟଣା ଓ ସାହାରପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ଗାଁରୁ ଶହ ଶହ ଛେଳି ଚୋରି ହୋଇଥିବା ପାଟଣା ତୁରୁମୁଙ୍ଗା ଓ ଘଟଗାଁ ଆଦି ଥାନାରେ ଅଭିଯୋଗ ହୋଇଥିବା ବେଳେ ରାତିରେ ଲୋକଙ୍କ ଘରର କବାଟକୁ ବାହାରପଟୁ ବନ୍ଦ କରିଦେଇ ଗୁହାଳ ଭିତରୁ ଛେଳି ଚୋରି କରି ନେଇଯାଉଥିଲେ। ଜବତ ବୋଲେରୋ ଓ ମିଳିଥିବା ସାମଗ୍ରୀରୁ ଛେଳି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଏକ ବଡ଼ ରାକେଟ ଉପରେ ସନ୍ଦେହ ହୋଇଛି। ଗାଡିକୁ ଜବତ କରି ପାଟଣା ପୁଲିସ ଅଧିକ ତଦନ୍ତ କରୁଛି।

## ତେଲକୋଇ ବିଧାୟକଙ୍କୁ ଧମକ

କେନ୍ଦୁଝର, ୧୧।୯ (ସମିସ): ତେଲକୋଇ ବିଧାୟକ ଡ଼ ଫକିର ମୋହନ ନାଏକଙ୍କୁ ଧମକ ଦେଲେ ଦୁର୍ବୃତ୍ତ। ଏନେଇ ଅସୁରକ୍ଷିତ ମଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଏଭଳି କାଣ୍ଡ ବାଂଶପାଳ ମଣ୍ଡଳ କାଦକଳା ପଞ୍ଚାୟତରେ ଏକ ବୈଠକରୁ ଆରମ୍ଭ ହୋଇ ସୋସିଆଲ ମିଡିଆରେ ଧମକ ପର୍ଯ୍ୟନ୍ତ ଯାଇଥିଲା। ଏନେଇ ତେଲେକୋଇ ବିଧାୟକ ପୁଲିସ ସୁରକ୍ଷା ଲୋଡ଼ିଥିବା ବେଳେ ଦୋଷୀଙ୍କୁ ଦଣ୍ଡ ପାଇଁ ଦାବି କରିଛନ୍ତି। ଡ଼ ଫକୀର ଚରଣ ନାୟକ ବର୍ତ୍ତମାନ ତେଲକୋଇ ବିଧାୟକ ଥିବାବେଳେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଛନ୍ତି।

## ୯୦୦ ଲିଟର ମଦ ସହ ୩ ବାଇକ୍ ଜବତ

ଆନନ୍ଦପୁର, ୧୧।୯ (ସମିସ): ଅବକାରୀ ବିଭାଗ ଓ ପୁଲିସ୍‌ର ମିଳିତ ଚଢଉ ଫଳରେ ୨ଟି ସ୍କୁଟି ସହ ଗୋଟିଏ ବାଇକ୍ ଓ ୯୦୦ ଲିଟର ବେଆଇନ ମହୁଲି ମଦ ଜବତ କରାଯାଇଛି। ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ଓସ୍ତପୁରା ଗାଁ ନିକଟରେ ବେଆଇନ୍ ମହୁଲି ମଦ ରନ୍ଧା ହେଉଥିବା ଖବରପାଇ ଆଜି ପୁଲିସ୍ ସହାୟତାରେ ଆନନ୍ଦପୁର ଅବକାରୀ ବିଭାଗ ଅଚାନକ ଚଢ଼ଉ କରିଥିଲା। ମାଫିଆମାନେ ଦୌଡି ପଳାଇଥିବାବେଳେ ସେଠାରେ ଥିବା ପ୍ରାୟ ୧୫ ହଜାର ଲିଟର ମହୁଲ ପୋଚ ନଷ୍ଟ କରିବାସହ ୨ଟି ସ୍କୁଟିରେ ଓ ଗୋଟିଏ ବାଇକ୍‌ରେ ଚାଲାଣ ପାଇଁ ବୋଝେଇ ଥିବା ପାଖାପାଖି ୯୦୦ ଲିଟର ମହୁଲି ମଦ ଜବତ ହୋଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସମସ୍ତ ସାମଗ୍ରୀ ଜବତ ହେବାପରେ ମାଫିଆଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଅବକାରୀ ବିଭାଗ ଇନସ୍ପେକ୍ଟର ବ୍ରଜମୋହନ ମଲ୍ଲିକ ସୂଚନା ଦେଇଛନ୍ତି।

## କାର୍ ଧକ୍କାରେ ୨ କଲେଜ ଛାତ୍ରୀ ଗୁରୁତର

କୁଳିଅଣା, ୧୧।୯ (ସମିସ): ୧୮ ନଂ ଜାତୀୟ ରାଜପଥର କୁଚେଇ ଛକ ନିକଟରେ ୨ କଲେଜ ଛାତ୍ରୀ କାର୍ ଧକ୍କାରେ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ଅପରାହ୍ନରେ ବିବି ମହାବିଦ୍ୟାଳୟର ୨ ଜଣ ଛାତ୍ରୀ ସାଇକଲରେ ଘରକୁ ଫେରୁଥିଲେ। କୁଳିଅଣା ପଟୁ ବାରିପଦା ଅଭିମୁଖେ ଯାଉଥିବା କାର୍ ପଛ ପଟୁ ଧକ୍କା ଦେଇଥିଲା। ଆହତ କଲେଜ ଛାତ୍ରୀ ଦ୍ୱୟଙ୍କୁ ପ୍ରଥମେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା। ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

## ତାରିଣୀ ମନ୍ଦିରରୁ ଚୋରି

ମୋରଡ଼ା, ୧୧।୯ (ସମିସ): ମୋରଡା ଥାନା ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଥିବାବେଳେ ମୋରଡ଼ା ଥାନା ପୁଲିସ ହାତ ଖାଲି ରହିଛି। ଗୁରୁବାର ରାତିରେ ମୋରଡା ଥାନା ସମ୍ମୁଖରେ ଥିବା ତାରିଣୀ ମନ୍ଦିରରୁ ଦୁର୍ବୃତ୍ତ ଦାନହୁଣ୍ଡି ଚୋରି କରି ନେଇଥିବା ଦେଖିବାକୁ ମିଳିଛି। ଉକ୍ତ ମନ୍ଦିର ମୋରଡା ଛକର କେନ୍ଦ୍ରସ୍ଥଳରେ ଅବସ୍ଥିତ ଥିବାବେଳେ ବଜାର ସୁରକ୍ଷା ପ୍ରତି ଗୁରୁତ୍ୱ ଦେଇ ରାତି ପାଟ୍ରୋଲିଂ ପାଇଁ କର୍ମଚାରୀ ମଧ୍ୟ ନିୟୋଜିତ ଥାଆନ୍ତି। ଏହା ସତ୍ତ୍ୱେ ମନ୍ଦିରରୁ ଚୋରି ହେବା ଘଟଣା ଯେତିକି ଆଶ୍ଚର୍ଯ୍ୟଜନକ ତା'ଠାରୁ ଅଧିକ ପୋଲିସର ପାରିବାପଣିଆ ଉପରେ ଲୋକେ ପ୍ରଶ୍ନ ଉଠାଉଛନ୍ତି। ତେବେ ବଜାରରେ ପୁଲିସ କର୍ମଚାରୀ ରାତି ଡ୍ୟୁଟି କରୁଥିଲେ ନା ଡ୍ୟୁଟି ନାମରେ ସୁଖ ନିଦ୍ରାରେ ଥିଲେ ତାହାର ତଦନ୍ତ ଦାବି କରିଛନ୍ତି ଅଞ୍ଚଳବାସୀ। ହୁଣ୍ଡିରେ ପ୍ରାୟ ୨୦ ହଜାର ଟଙ୍କାରୁ ଅଧିକ ଟଙ୍କା ଥିବା ପୂଜକ କହିଛନ୍ତି। ଥାନା ସାମ୍ନାରେ ଏପରି ଘଟଣାକୁ ଥାନା ଅଧିକାରୀ ଗମ୍ଭୀରତାର ସହ ନେଇ ଫୋରେନସିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତନାଘନା କରୁଥିଲେ ମଧ୍ୟ କୌଣସି ସନ୍ଧାନ ମିଳିନଥିବା ଜଣାପଡିଛି।

### ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ସମୀକ୍ଷା ବୈଠକ

# ମୟୂରଭଞ୍ଜକୁ ଶିଶୁ ଶ୍ରମମୁକ୍ତ ଓ ବାଲ୍ୟବିବାହ ମୁକ୍ତ ଜିଲ୍ଲା ଗଢ଼ିବାକୁ ଆହ୍ୱାନ

ବାରିପଦା, ୧୧।୯ (ସମିସ)



ମୟୂରଭଞ୍ଜ ଗସ୍ତରେ ଆସିଥିବା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ମୟୂରଭଞ୍ଜ ଜିଲ୍ଲାରେ ଶିଶୁମାନଙ୍କ ସୁରକ୍ଷା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସ୍ଥିତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଓ ସଦସ୍ୟା କସ୍ତୁରୀ ମିଶ୍ର ୧୨ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଥିବାବେଳେ କରି ୩ଟି ସବ୍‌ଡିଭିଜନର ୧୨ରୁ ଅଧିକ ବ୍ଲକ୍ ଅଞ୍ଚଳ ପରିଦର୍ଶନ କରିସାରିଲେଣି।

ସମୀକ୍ଷା ବୈଠକରେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝି, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ବିଏନ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସଂଯୁକ୍ତା ମହାରଣା, ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଓ ଜିଲ୍ଲାର ସମସ୍ତ ଅଧିକାରୀଙ୍କ ସହିତ ମୟୂରଭଞ୍ଜ ଜିଲ୍ଲାର ପ୍ରତ୍ୟେକ ଶିଶୁ ଯେପରି ଉପଯୁକ୍ତ ଶିକ୍ଷା ପାଇପାରିବେ, ବାଲ୍ୟ ବିବାହ ଏବଂ ଶିଶୁ ଶ୍ରମ ସମ୍ପୂର୍ଣ୍ଣ ବନ୍ଦ ହେବ ଏବଂ ପ୍ରତ୍ୟେକ ପିଲା ପୁଷ୍ଟିକର ଖାଦ୍ୟ ପାଇପାରିବେ, ସେନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା କରି ଯୋଜନାର କାର୍ଯ୍ୟକାରିତା ରିପୋର୍ଟ ଅନୁଧ୍ୟାନ କରିଥିଲେ। ତେବେ ପରିଦର୍ଶନ ବେଳେ ସ୍କୁଲ ଓ ହୋଷ୍ଟେଲ ମାନଙ୍କରେ ବିଭିନ୍ନ ପ୍ରକାରର ଅବ୍ୟବସ୍ଥା ଓ ଅନିୟମିତତା ଦେଖି ଅସନ୍ତୁଷ୍ଟ ପ୍ରକାଶ କରିବା ସହ ଅଧିକାରୀମାନଙ୍କୁ ତାଗିଦ କରିଛନ୍ତି ଅଧ୍ୟକ୍ଷା। ବିଶେଷ ଭାବେ "ଏସସି-ଏସଟି ସ୍କୁଲ, ପିଏମଶ୍ରୀ ସ୍କୁଲ ଏବଂ ଅନ୍ୟାନ୍ୟ ବିଦ୍ୟାଳୟଗୁଡ଼ିକର ପରିଦର୍ଶନ ସମୟରେ ପିଲାମାନଙ୍କ ଶୌଚାଳୟ, ରୋଷେଇ ଶାଳା ଏବଂ କୋଠାବାଡ଼ି ଭଳି ଅନେକ ଭିତ୍ତିଭୂମିଗତ ଅସୁବିଧା ଓ ଅବ୍ୟବସ୍ଥା ନଜରକୁ ଆସିଛି। ଏସବୁ ସମସ୍ୟାର ସମାଧାନ ପାଇଁ ପିଏଆଇଟିଡିଏ ଏବଂ ଜିଲ୍ଲା ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି"ଅଙ୍ଗନବାଡ଼ି କେନ୍ଦ୍ର, ଟିଏଚଆର୍ କେନ୍ଦ୍ର ଏବଂ ହସ୍ପିଟାଲଗୁଡ଼ିକର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ଶିଶୁରୋଗ ସେବାରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ହସ୍ପିଟାଲଗୁଡ଼ିକ ଛୋଟ ପଡୁଥିବାରୁ ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଆଲୋଚନା ହୋଇଛି। ପ୍ରାୟ ୧୯ଟି ଟିଏଚଆର୍ କେନ୍ଦ୍ରର ଭେରିଫିକେସନ୍ କରାଯାଇ ପୁଷ୍ଟିକର ଖାଦ୍ୟର ମାନ ଯାଞ୍ଚ ପାଇଁ କୁହାଯାଇଛି। ହଷ୍ଟେଲଗୁଡ଼ିକରେ ରହୁଥିବା ପିଲାମାନଙ୍କ ପାଇଁ କାଉନସେଲର ରହିବା ଅତ୍ୟନ୍ତ ଜରୁରୀ ବୋଲି କମିଶନ ମତ ଦେଇଛନ୍ତି। ବିଭାଗୀୟ ଅଧିକାରୀ ଏବଂ ଡାଇରେକ୍ଟରଙ୍କ ସହ ଫୋନ୍‌ରେ ଆଲୋଚନା କରାଯାଇ ଆଗାମୀ ଦିନରେ ଏହାର ସମାଧାନ କରାଯିବ।"ସ୍କୁଲରୁ ପାଠାଡ଼େଇ ଛାଡୁଥିବା ପିଲାମାନଙ୍କୁ ପୁନର୍ବାର ବିଦ୍ୟାଳୟକୁ ଆଣିବା ପାଇଁ ଗଠିତ କମିଟିକୁ ଅଧିକ କଡ଼ାକଡି ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ମୟୂରଭଞ୍ଜକୁ ଏକ ଶିଶୁ ଶ୍ରମମୁକ୍ତ ଓ ବାଲ୍ୟବିବାହ ମୁକ୍ତ ଜିଲ୍ଲା କରିବା ସହିତ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁଦୃଢ଼ କରିବା ପାଇଁ ପ୍ରଶାସନ ଓ ଆୟୋଗ ପକ୍ଷରୁ ମିଳିତ ପ୍ରୟାସ ଜାରି ରହିଛି ବୋଲି ଅଧ୍ୟକ୍ଷା ଶ୍ରୀମତୀ ପାତ୍ର କହିଛନ୍ତି।

■ ବିନା ବିଜ୍ଞାପନରେ ପୋଖରୀ ନିଲାମ ଅଭିଯୋଗ

## ଗ୍ରାମବାସୀଙ୍କ ବିରୋଧ ପରେ ନିଲାମ ବନ୍ଦ

ରାସଗୋବିନ୍ଦପୁର, ୧୧।୯ (ସମିସ): ନିୟମ ଉଲ୍ଲଂଘନ କରି ବିନା ବିଜ୍ଞାପନରେ ପୋଖରୀ ନିଲାମ କରାଯାଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ନିଲାମ ସ୍ଥଳରେ ପହଞ୍ଚି ଏହାକୁ ବିରୋଧ କରିବାରୁ ନିଲାମ ପ୍ରକ୍ରିୟା ବନ୍ଦ ହୋଇଥିବା ଜଣାପଡ଼ିଛି। ଏଭଳି ଘଟଣା ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତରେ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ସରପଞ୍ଚ ରୁଣ୍ଡୁ ହାଁସଦା ଓ ପିଇଓ ଚନ୍ଦ୍ରମଣି ମହାନ୍ତ କିଛି ବ୍ୟକ୍ତିଙ୍କଠାରୁ ଦସ୍ତଖତ ନେଇ ଏକ ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ରାଧାକୁଣ୍ଡ ତଥା ବଡ଼ ପୋଖରୀର ନିଲାମ ଡାକ ଆରମ୍ଭ କରିଥିଲେ। ଏଥିରେ ବ୍ଲକ ପକ୍ଷରୁ ଏବିଡିଓ ଜୟକୃଷ୍ଣ ନାୟକ ମଧ୍ୟ ଉପସ୍ଥିତ ଥିବା ଗ୍ରାମବାସୀ କହିଛନ୍ତି। ତେବେ ନିଲାମ ପାଇଁ କୌଣସି ବିଜ୍ଞାପନ ଦିଆଯାଇ ନ ଥିବା ଓ ସାଧାରଣ ଲୋକଙ୍କୁ ସୂଚନା ନ ଦେଇ ନିଲାମ ପ୍ରକ୍ରିୟା କରାଯାଉଥିବା ଜାଣି ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ। ସେମାନେ ନିଲାମ ପ୍ରକ୍ରିୟା ସମ୍ପର୍କରେ ଅଧିକାରୀଙ୍କୁ ପ୍ରଶ୍ନ କରିବା ସହ ବିରୋଧ କରିଥିଲେ। ପରେ ନିଲାମ ପ୍ରକ୍ରିୟାକୁ ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ଉକ୍ତ ପୋଖରୀ ପୂର୍ବରୁ ବାର୍ଷିକ ୩ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟରେ ନିଲାମ ହୋଇଥିଲା। ମାତ୍ର ଏଥର ଏହାକୁ ମାତ୍ର ୩୦ ହଜାର ଟଙ୍କାରେ ଦେବା ପାଇଁ ମୂଳଚାଲ ଚାଲିଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିସହ ପୂର୍ବରୁ ଅମାନତ ରାଶି ଜମା କରିଥିବା ଆଗ୍ରହୀ ବ୍ୟକ୍ତିଙ୍କୁ ମଧ୍ୟ ନିଲାମ ସମ୍ପର୍କରେ ସୂଚନା ଦିଆଯାଇ ନ ଥିବା ଅଭିଯୋଗ ରହିଛି। ଏହି ଘଟଣାକୁ ନେଇ ଗ୍ରାମବାସୀ ରାସଗୋବିନ୍ଦପୁର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ନିୟମ ଅନୁସାରେ ପୁନର୍ବାର ନିଲାମ ଡାକ କରିବାକୁ ଦାବି କରିଛନ୍ତି। ଅଭିଯୋଗ ପରେ ବିଡିଓ ଆଉ ଏକ ତାରିଖରେ ପୁନର୍ବାର ନିଲାମ କରାଯିବ ଓ ନିୟମ ଅନୁଯାୟୀ ଡେଙ୍ଗୁରା ଦେଇ ଗ୍ରାମବାସୀଙ୍କୁ ଏ ନେଇ ସୂଚନା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ତେବେ ପରବର୍ତ୍ତୀ ନିଲାମ ପ୍ରକ୍ରିୟା ପଞ୍ଚାୟତ ପକ୍ଷରୁ ପ୍ରକୃତରେ ନିୟମ ଅନୁସାରେ କରାଯାଉଛି କି ନାହିଁ, ତାହାକୁ ନେଇ ଏବେ ଗ୍ରାମବାସୀଙ୍କ ନଜର ରହିଛି।

## ଚୋରା କାଠ ବୋଝେଇ ପିକ୍‌ଅପ୍ ଜବତ, ଡ୍ରାଇଭର ଗିରଫ

ବେତନଟୀ, ୧୧।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ମଗୁଶୁରିଆ ଅଞ୍ଚଳରେ ବନ ବିଭାଗ ଏକ ବଡ଼ଧରଣର କାଠ ଚୋରାଚାଲାଣ ଉଦ୍ୟମକୁ ପଣ୍ଡ କରିଛି। ଚଢ଼ଉ ବେଳେ ଏକ ଚୋରା ନିମ୍ବ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ ହେବା ସହ ଗାଡ଼ି ଚାଳକଙ୍କୁ ଗିରଫ କରାଯାଇ ଆଜି କୋର୍ଟଚାଲାଣ କରାଯାଇଛି। ମଗୁଶୁରିଆ ଅଞ୍ଚଳରୁ ପଡ଼ୋଶୀ ବାଲେଶ୍ୱର ଜିଲ୍ଲାକୁ ମୂଲ୍ୟବାନ କାଠ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବେତନଟୀ ରେଞ୍ଜର ଜ୍ୟୋତିରଞ୍ଜନ ସେନାପତିଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଅପରାହ୍ନରେ ଚଢ଼ଉ କରିଥିଲା। ବନ ବିଭାଗକୁ ଦେଖି କାଠମାଫିଆ ଫେରାର ହୋଇଯାଇଥିଲେ ହେଁ ଘଟଣାସ୍ଥଳରୁ ପିକ୍‌ଅପ୍ ଭ୍ୟାନ୍ ସହ ଡ୍ରାଇଭର କୁନୁ ସିଂଙ୍କୁ କାବୁ କରାଯାଇଥିଲା। ଅଭିଯୁକ୍ତଙ୍କ ଘର ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ କରଞ୍ଜିଆ ଗ୍ରାମରେ ବୋଲି ଜଣାପଡ଼ିଛି। ଗାଡ଼ିରୁ ପ୍ରାୟ ୧୪ ଖଣ୍ଡ ନିମ୍ବଗଣ୍ଡି ଜବତ ହୋଇଛି, ଯାହାର ଆନୁମାନିକ ବଜାର ମୂଲ୍ୟ ୭୫ ହଜାର ଟଙ୍କାରୁ ଅଧିକ ହେବ। ଜବତ ଗାଡ଼ି ଓ କାଠକୁ କୃଷ୍ଣଚନ୍ଦ୍ରପୁର ସିଜର ୟାର୍ଡ଼କୁ ସ୍ଥାନାନ୍ତର କରାଯାଇଛି। ଏହି ଅଭିଯାନରେ ବନପାଳ କାର୍ତ୍ତିକ ଚନ୍ଦ୍ର ରାଉତ, ଦୀପକ କୁମାର ପାତ୍ର ଓ ପାରା କର୍ମଚାରୀ ସାମିଲ ଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ସକ୍ରିୟ ଥିବା କାଠମାଫିଆଙ୍କ ମଧ୍ୟରେ କୋକୁଆଭୟ ଖେଳିଯାଇଛି। ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବାବେଳେ ଆଗାମୀ ଦିନରେ ଜଙ୍ଗଲ ସୁରକ୍ଷା ଓ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯିବ ବୋଲି ବନ ବିଭାଗ ସ୍ପଷ୍ଟ କରିଛି।

## ବେସରକାରୀ ଜମିରେ ସରକାରୀ ନିର୍ମାଣ କାର୍ଯ୍ୟ

ଆନନ୍ଦପୁର, ୧୧।୯ (ସମିସ): ଘଷିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ଗ୍ରାମ ରେ ବି.ଜି.ବି.ଓ ଯୋଜନାରେ ଏକ କମ୍ୟୁନିଟୀ ସେଣ୍ଟର ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିବା ପରେ ପ୍ରସ୍ତାବିତ ସ୍ଥାନ ବଦଳରେ ଏକ ଘରୋଇ ଜମିରେ ଏହି ନିର୍ମାଣ କାର୍ଯ୍ୟ ହେଉଥିବାରୁ ଜନଅସନ୍ତୋଷ ପ୍ରକାଶ ପାଇଛି। ଏହି ନିର୍ମାଣ କାର୍ଯ୍ୟଟି ଏକ ବେସରକାରୀ ଜମି ପ୍ଲଟ ନମ୍ବର ୪୩୪୧ରେ ନିର୍ମାଣ ହେଉଥିବାରୁ ଗ୍ରାମବାସୀ ପ୍ରଶାସନିକ ଦପ୍ତରୀରେ ଅଭିଯୋଗ ହୋଇଛି। ସ୍ଥାନୀୟ ଲକ୍ଷ୍ମୀ ମନ୍ଦିର ନିକଟରେ ଏକ ସରକାରୀ ଜମିରେ ନିର୍ମାଣ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏହି ବେସରକାରୀ ଜମିରେ ସେମାନେ ମନଇଚ୍ଛା କରୁଛନ୍ତି ବୋଲି ସ୍ଥାନୀୟ ଆରଆଇ ପ୍ରକାଶ କରିଛନ୍ତି। ଠିକ୍ ସେହିଭଳି ରାମଚନ୍ଦ୍ରପୁର ପଞ୍ଚାୟତ ଜରଦା ଗ୍ରାମରେ ଏକ ବେସରକାରୀ ଜମି ପ୍ଲଟ ନମ୍ବର ୭୫୩ରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ କାର୍ଯ୍ୟ ହେଉଥିବା ବେଳେ ସ୍ଥାନୀୟ ବିଡିଓ ସେଠାରେ ପହଞ୍ଚି ବେସରକାରୀ ଜମିରେ ସରକାରୀ କାର୍ଯ୍ୟ ହୋଇ ପାରିବ ନାହିଁ କହି ସେଠାରେ ନିର୍ମାଣ କରିବାକୁ ମନା କରିଥିଲେ।

## ଜାମ୍‌ରେ ଫସିଲା ଆମ୍ବୁଲାନ୍ସ; ଚିକିତ୍ସା ବିଳମ୍ବିତ

ଯୋଡ଼ା, ୧୧।୯ (ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ାଠାରୁ ବାମେବାରୀ–କାଳିମାଟି ଦେଇ ପଳାସପଙ୍ଗାଠାରେ ୫୨୦ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାରେ ଦୀର୍ଘ ସମୟ ଧରି ଲାଗି ରହୁଥିବା ଟ୍ରାଫିକ୍ ଜାମ୍ ଏବେ ଗୁରୁତର ସମସ୍ୟାର ରୂପ ନେଇଛି। ବିଶେଷକରି କାଳିମାଟିଠାରୁ ପଳାସପଙ୍ଗା



ପର୍ଯ୍ୟନ୍ତ ରାସ୍ତାରେ ଖଣିଜ ବୋଝେଇ ଭାରୀଯାନ ଯାତାୟାତ ଯୋଗୁଁ ଜାମ୍ ସୃଷ୍ଟି ହେଉଛି। ଏନେଇ ଆଖପାଖର ୧୦ରୁ ୧୫ଟି ଗ୍ରାମର ବାସିନ୍ଦା ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁ ନଥିବା ଅଭିଯୋଗ ହୋଇଛି। ଆର୍ସେଲର ମିତ୍ତଲ କମ୍ପାନୀକୁ ଖଣିଜ ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକର ଯାତାୟାତ ଯୋଗୁଁ ସ୍ଥାନୀୟ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା କୁହାଯାଇଛି।

ଶୁକ୍ରବାର ଏହି ଜାମ୍ ସମସ୍ୟା ଚରମ ସୀମାରେ ପହଞ୍ଚିଥିବା ଦେଖାଯାଇଥିଲା। କାଳିମାଟି ଅଞ୍ଚଳର ଜଣେ ରୋଗୀଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ଆମ୍ବୁଲାନ୍ସ ପୂର୍ବତନ ସରପଞ୍ଚଙ୍କ ଘର ନିକଟରେ ଦୀର୍ଘ ସମୟ ଧରି ଜାମ୍‌ରେ ଫସି ରହିଥିଲା। ପ୍ରାୟ ୪ ଘଣ୍ଟା ଧରି ଆମ୍ବୁଲାନ୍ସ ଅଟକି ରହିବାରୁ ରୋଗୀଙ୍କ ଅବସ୍ଥା ଅଧିକ ଗୁରୁତର ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି।

ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ରାସ୍ତାକୁ କିଛି ସମୟ ପାଇଁ ଖାଲି କରାଯାଇ ଆମ୍ବୁଲାନ୍ସଟି ବସନ୍ତପୁର ଦେଇ ବିକଳ୍ପ ରାସ୍ତାରେ ଯାଇଥିଲା। କାଳିମାଟିଠାରୁ କେନ୍ଦୁଝରର ଦୂରତା ପ୍ରାୟ ୫୦ କିଲୋମିଟର ହୋଇଥିବା ବେଳେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇବାକୁ ପ୍ରାୟ ୬ ଘଣ୍ଟା ସମୟ ଲାଗିଥିବା ଜଣାପଡ଼ିଛି। ଏହାର କିଛି ସମୟ ପରେ ଅପରାହ୍ନରେ ଆଉ ଜଣେ ଗୁରୁତର ରୋଗୀ ନରେଶ ସାହୁଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ତାହା ମଧ୍ୟ ଜାମ୍‌ରେ ଫସି ରହିଥିଲା। ରାସ୍ତା ଜାମ୍ କେବଳ ଯାତାୟାତ ସମସ୍ୟା ନୁହେଁ, ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପାଇଁ ମଧ୍ୟ ବଡ଼ ବିପଦ ସୃଷ୍ଟି କରୁଛି ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି। ଖଣିଜ ସମ୍ପଦ ଯୋଗୁଁ ରାଜ୍ୟ ଓ ଦେଶକୁ ବିପୁଳ ରାଜସ୍ୱ ଦେଉଥିବା ଏହି ଅଞ୍ଚଳର ଲୋକଙ୍କ ଯାତାୟାତ ଓ ଜରୁରୀ ସେବା ସୁଗମ କରିବା ପାଇଁ ପ୍ରଶାସନ ଏବଂ ସମ୍ପୃକ୍ତ ସଂସ୍ଥାମାନେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଟ୍ରାନ୍ସଫର୍ମର କେବୁଲ ଚୋରି ଅଭିଯୋଗରେ ଦୁଇ ଗିରଫ

କରଞ୍ଜିଆ, ୧୧।୯ (ସମିସ): କରଞ୍ଜିଆ ଥାନା ଅଞ୍ଚଳରେ ଟ୍ରାନ୍ସଫର୍ମରରୁ କେବୁଲ ଚୋରି ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୋଗକାରୀ ଅଜିତ ସାମଲ, ସେକ୍ସନ ମ୍ୟାନେଜରଙ୍କ ରିପୋର୍ଟ ଆଧାରରେ ତଦନ୍ତ ଆରମ୍ଭ ହୋଇଥିଲା। ପୁଲିସ ତଦନ୍ତ ସମୟରେ କରଞ୍ଜିଆ ଥାନା ଅଧୀନ ଅଞ୍ଚଳରୁ ଚୋରି ହୋଇଥିବା ଟ୍ରାନ୍ସଫର୍ମର କେବୁଲ ସମ୍ପର୍କରେ ସୁରାଗ ପାଇଥିଲା। ଘଟଣାରେ ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ ବଡଦୁନ୍ଦୁ ଗ୍ରାମର ମୃତ ମହମ୍ମଦ ଅନିସୁଲଙ୍କ ପୁଅ ମହମ୍ମଦ ସାହିଦ (୩୬) ଓ ଝାଡ଼ଖଣ୍ଡର ପୂର୍ବ ସିଂହଭୂମ ଜିଲ୍ଲା କୋୱାଲି ଥାନା ଅନ୍ତର୍ଗତ କୁନ୍ଦରକୋଚା ଗ୍ରାମର ମେଘଲାଲ ସର୍ଦ୍ଦାରଙ୍କ ପୁଅ ଭାବେଶ ସର୍ଦ୍ଦାର (୩୦) ଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କଠାରୁ ଚୋରି କେବୁଲ, ଆଲୁମିନିୟମ ତାର ଓ ଅନ୍ୟାନ୍ୟ ଚୋରି ସାମଗ୍ରୀ ଜବତ କରାଯାଇଥିବା ଜଣାପଡ଼ିଛି।

## କିଡ୍‌ନୀ ଆକ୍ରାନ୍ତ ଯୁବକଙ୍କ ପରିବାରକୁ ସହାୟତା

ବିଶୋଇ, ୧୧।୯ (ସମିସ): ମାନବ ସେବା ହିଁ ମାଧବ ସେବା, ଏକଥା ପୁଣିଥରେ ପ୍ରମାଣିତ କରିଛନ୍ତି ଓଷାଡ଼ଲା ଗ୍ରାମର ଯୁବକ। କିଡ୍‌ନୀ ଭଳି ରୋଗରେ ଆକ୍ରାନ୍ତ ହୋଇ ଜୀବନ ଓ ମୃତ୍ୟୁ ସହ ସଂଘର୍ଷ କରୁଥିବା ଗରିବ ରବୀନ ନାଏକଙ୍କ ପରିବାରକୁ ସହାୟତାର ହାତ ବଢାଇଛନ୍ତି ଉକ୍ତ ଗ୍ରାମ



କ୍ଲବର ସଦସ୍ୟ। ବାଉତିବେଡା ପଞ୍ଚାୟତ ଓଷାଡ଼ଲା ଗ୍ରାମର ରବିନ ମାତ୍ର ୩୩ ବର୍ଷ ବୟସରେ କିଡନୀ ଭଳି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ରବିନ ଓ ତାଙ୍କ ଧର୍ମପତ୍ନୀ ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଥିବାବେଳେ ଏହି ରୋଗର ଚିକିତ୍ସା ପାଇଁ ପୂର୍ବରୁ ତାଙ୍କ ଜୀବନ ଯାକର ସମସ୍ତ ସଞ୍ଚୟ ଧନ ସାରି ଦେଇଛନ୍ତି। ଏବେ ପରିବାରର ପାଖରେ କୌଣସି ଆର୍ଥିକ ସମ୍ବଳ ନ ଥିବାରୁ ଚିକିତ୍ସା ପାଇଁ ବାଧା ସୃଷ୍ଟି ହୋଇଛି। ଏକମାତ୍ର ରୋଜଗାରକ୍ଷମ ମୁରବୀଙ୍କ ଏପରି ଅବସ୍ଥାରେ ରବିନଙ୍କ ସ୍ତ୍ରୀ ଓ ଦୁଇ ପୁଅଝିଅ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏପରି ପରିସ୍ଥିତିରେ ପରିବାରରେ ଦାୟିତ୍ୱ କିଏ ତୁଲାଇବ ସେନେଇ ଚିନ୍ତାରେ ପରିବାର। ଲଗାଣ ବର୍ଷାରେ ରବୀନଙ୍କ ଏକାମାତ୍ର ବାସଗୃହ ଭାଙ୍ଗିଯାଇଛି ଯାହା ବୋଝ ଉପରେ ନଳିତା ବିଡ଼ା ସାଜିଛି। ଏଭଳି ଏକ ଦୁଃସମୟରେ ରବୀନଙ୍କ ପରିବାର କାନ୍ଧରେ ହାତ ହୋଇଛନ୍ତି ଓଷାଡ଼ଲା ଗ୍ରାମର ନବଜ୍ୟୋତି ୟୁଥ୍ କ୍ଲବର ସଦସ୍ୟମାନେ। କ୍ଲବର ସଭାପତି ବମ୍ବରା ମୁନ୍ଦୁୟାଙ୍କ ନିର୍ଦ୍ଦେଶକ୍ରମେ ଏନେଇ ଏକ ଜରୁରୀ ବୈଠକ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କ୍ଲବର ୩୦ ଜଣରୁ ଅଧିକ ସଦସ୍ୟ ରବୀନଙ୍କ ଚିକିତ୍ସା ସମସ୍ୟା ନେଇ ଆଲୋଚନା କରିବା ସହିତ ଆର୍ଥିକ ସହାୟତା ପ୍ରଦାନ ପାଇଁ ସ୍ଥିର କରିଥିଲେ। ନିଷ୍ପତ୍ତି ମୁତାବକ ଆଜି ନବଜ୍ୟୋତି ୟୁଥ୍ କ୍ଲବର ସମସ୍ତ ସଦସ୍ୟ ନିଜ ସକ୍ଷମ ମୁତାବକ ପାଣ୍ଠି ସଂଗ୍ରହ କରି ସହାୟତା ରାଶି ନେଇ ରବୀନଙ୍କ ପରିବାରକୁ ପ୍ରଦାନ କରିଛନ୍ତି।

### ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ପାତ୍ରଙ୍କ PH. D ଲାଭ



ଖଇରା ବ୍ଲକରେ କାର୍ଯ୍ୟରତ ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ପାତ୍ର ବାଲେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡ଼. କୈଳାଶଚନ୍ଦ୍ର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରି ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ପି.ଏଚ୍.ଡି. ଲାଭ କରିଛନ୍ତି। ତାଙ୍କ ଗବେଷଣାର ଶୀର୍ଷକ "NABARD'S SELF-HELP-GROUP BANK LINKAGE PROGRAM AND RURAL DEVELOPMENT: A STUDY ON BALASORE DISTRICT IN ODISHA" ବାହ୍ୟ ପରୀକ୍ଷକ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼. ହରେନ୍ଦ୍ର କୁମାର ସିଂ ଏବଂ ରାଞ୍ଚି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼. ଏ.କେ. ଛୋଟରାଜଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ମୌଖିକ ପରୀକ୍ଷା (Viva-Voce) ସଫଳତାର ସହ ସମ୍ପନ୍ନ ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ପି.ଏଚ୍.ଡି. ଉପାଧି ପ୍ରଦାନ କରାଯାଇଛି। ନାବାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀ-ବ୍ୟାଙ୍କ ସଂଯୋଗ କାର୍ଯ୍ୟକ୍ରମର ଗ୍ରାମୀଣ ବିକାଶ ଉପରେ ପ୍ରଭାବକୁ ବାଲେଶ୍ୱର ଜିଲ୍ଲାକୁ ଆଧାର କରି ସେ ଗବେଷଣା କରିଛନ୍ତି। ଏଥିରେ ଗ୍ରାମୀଣ ଅର୍ଥନୀତି, ମହିଳା ସଶକ୍ତିକରଣ ଓ ଆର୍ଥିକ ସମାବେଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇଛି। ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ପାତ୍ର ଖଇରା ବ୍ଲକ କୁରୁଣ୍ଡା ପଞ୍ଚାୟତ ରାଉତକୁଳା ଗ୍ରାମର ଶ୍ରୀ କ୍ଷେତ୍ରମୋହନ ପାତ୍ର ଓ ସ୍ୱର୍ଗତ ଜୟନ୍ତୀ ପାତ୍ରଙ୍କ ଜ୍ୟେଷ୍ଠ କନ୍ୟା। ଏହି ସଫଳତା ପାଇଁ ସେ ପରିବାରବର୍ଗ, ଗୁରୁଜନ, ଶୁଭେଚ୍ଛୁ ଏବଂ ଭାରତୀୟ ବାୟୁସେନାରେ କାର୍ଯ୍ୟରତ ସ୍ୱାମୀ ମନୋରଞ୍ଜନ ସାହୁଙ୍କ ସମର୍ଥନ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି।


### ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

### ସୁନା ନିଲାମ ବିକ୍ରୟ ବିଜ୍ଞପ୍ତି

ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଏତଦ୍ୱାରା ସୂଚିତ କରାଯାଉଅଛି ଯେ ସେମାନେ ନିଜର ଋଣ ଖାତାର ବକେୟା ରାଶି ପରିଶୋଧ କରିବାରେ ବିଫଳ ହୋଇଛନ୍ତି। ଋଣଗ୍ରହୀତାମାନେ ଋଣ ସୁବିଧା ଅଧିନରେ ଥିବା ବକେୟା ରାଶି ପରିଶୋଧ କରିନଥିବାରୁ, ଆମେ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାରର ନିଲାମ ପ୍ରକ୍ରିୟା ଆୟୋଜନ କରିବୁ। ସେମାନଙ୍କ ନିକଟକୁ ରେଜିଷ୍ଟ୍ରେଡ୍ ଡାକ ମାଧ୍ୟମରେ ନୋଟିସ୍ ପଠାଯାଇଛି ଏବଂ ତେଣୁ ସେମାନଙ୍କୁ ପରାମର୍ଶ ଦିଆଯାଉଅଛି ଯେ, ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଫେରସ୍ତ ପାଇବା ପାଇଁ **ତା.୩୦.୦୯.୨୦୨୬ରିଖ** କିମ୍ବା ତା' ପୂର୍ବରୁ ବକେୟା ଋଣ ଏବଂ ଅନ୍ୟାନ୍ୟ ଦେୟ ପରିଶୋଧ କରନ୍ତୁ। ଯଦି ସେମାନେ ଋଣ ପୈଠ କରିବାରେ ବିଫଳ ହୁଅନ୍ତି, ତେବେ ବ୍ୟାଙ୍କ ନିଜର ସମ୍ପୂର୍ଣ୍ଣ ଅଧିକାରରେ, ଉକ୍ତ ବନ୍ଧକ ସୁନା ଅଳଙ୍କରଗୁଡିକୁ ଋଣଗ୍ରହୀତାଙ୍କ ଖର୍ଚ୍ଚରେ **ତା.୧୪.୧୦.୨୦୨୬ରିଖ ଅପରାହ୍ନ ୩.୦୦ ଘଟିକା** ସମୟରେ କିମ୍ବା ତତ୍‌ପରବର୍ତ୍ତୀ ଅନ୍ୟ କୌଣସି ସୁବିଧାଜନକ ତାରିଖରେ ବ୍ୟାଙ୍କ ପରିସର ମଧ୍ୟରେ ସର୍ବସାଧାରଣରେ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। ଏଥିପାଇଁ ପରବର୍ତ୍ତୀ ସମୟରେ କୌଣସି ସୂଚନା ଦିଆଯିବ ନାହିଁ।

**ବାରିପଦା ଶାଖା, ପ୍ଲଟ୍ ନଂ.: ୧୪୯, ଜୁବିଲି ଲାଇବ୍ରେରି ରୋଡ୍, ଲାଲ ବଜାର, ବାରିପଦା, ଜିଲ୍ଲା.: ମୟୂରଭଞ୍ଜ, ପିନ୍-୭୫୭୦୦୧, ଫୋନ:୮୯୨୫୯୫୧୪୯୧**

| କ୍ର.ନଂ. | ଋଣ ତାରିଖ | ଋଣ ଆକାଉଣ୍ଟ ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା |
|---|---|---|---|
| ୧. | ୦୬.୧୨.୨୦୨୪ | ୧୪୯୧୦୩୨୪୬୦୦୦୦୩୮ | ଭାନୁମତି ଦାସ, ସ୍ୱାମୀ: ଶ୍ରୀକାନ୍ତ ଦାସ, ଜନାର୍ଦ୍ଦନପୁର, ୱାର୍ଡ ନଂ.: ୧୫, ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ |
| ୨. | ୦୭.୧୧.୨୦୨୨ | ୧୪୯୧୦୩୭୧୦୦୦୦୦୫୮ | ଭାନୁମତି ଦାସ, ସ୍ୱାମୀ: ଶ୍ରୀକାନ୍ତ ଦାସ, ଜନାର୍ଦ୍ଦନପୁର, ୱାର୍ଡ ନଂ.: ୧୫, ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ |

ସ୍ଥାନ : ବାରିପଦା, ତାରିଖ : ୧୧.୦୯.୨୦୨୬ — ପ୍ରବନ୍ଧକ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

**ଯାଜପୁର ରୋଡ୍ ଶାଖା, ଗୋପବନ୍ଧୁ ଛକ, ଶ୍ରୀରାମ ମାର୍କେଟ, ଯାଜପୁର ରୋଡ୍, ତହସିଲ: ସୁକିନ୍ଦା, ଯାଜପୁର, ପିନ୍-୭୫୫୦୧୯, ଫୋନ: ୮୯୨୫୯୫୧୨୮୬**

| କ୍ର.ନଂ. | ଋଣ ତାରିଖ | ଋଣ ଆକାଉଣ୍ଟ ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା |
|---|---|---|---|
| ୧. | ୨୦.୧୨.୨୦୨୫ | ୧୨୮୬୦୩୨୫୭୦୦୦୪୩୯ | ଶ୍ରୀ ଅରବିନ୍ଦ ଲାହା, ପିତା: ଶ୍ରୀ ମହେନ୍ଦ୍ର ଲାହା, ସା: ଷ୍ଟେସନ୍ ବଜାର, ପୋ.: ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୯ |
| ୨. | ୨୨.୧୦.୨୦୧୫ | ୧୨୮୬୦୩୩୫୧୫୦୦୦୦୧ | ଶ୍ରୀ ଅରବିନ୍ଦ ଲାହା, ପିତା: ଶ୍ରୀ ମହେନ୍ଦ୍ର ଲାହା, ସା: ଷ୍ଟେସନ୍ ବଜାର, ପୋ.: ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୯ |

ସ୍ଥାନ : ଯାଜପୁର ରୋଡ, ତାରିଖ : ୧୧.୦୯.୨୦୨୬ — ପ୍ରବନ୍ଧକ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

**ନିଲାମର ନିୟମ ଏବଂ ସର୍ତ୍ତାବଳୀ:**

**୧.** ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ନିଲାମ ତାରିଖ ଦିନ ଉପରୋକ୍ତ ଶାଖାରେ ସେମାନଙ୍କର ପାନ୍ କାର୍ଡ ଏବଂ ଆଧାର କାର୍ଡ ସହିତ ଫଟୋଗ୍ରାଫ, ବୈଧ ଫଟୋ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଉପସ୍ଥିତ ରହିବେ। **୨.** ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଅଳଙ୍କାର ଗୁଡ଼ିକର ଓଜନ ଏବଂ ବିଶୁଦ୍ଧତା ଇତ୍ୟାଦି ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ ଏବଂ ଏ ବିଷୟରେ କୌଣସି ଆପତ୍ତି/ ଅଭିଯୋଗ/ଦାବି ନିଲାମ ପରେ ପ୍ରଶୟ ଦିଆଯିବ ନାହିଁ। **୩.** ଇଚ୍ଛୁକ ନିଲାମଧାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ଅମାନତ ରାଶି **ଟ.୧୦,୦୦୦/- (ଦଶ ହଜାର ଟଙ୍କା)** କ୍ୟାସ୍/ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ଆକାରରେ ଶାଖା ପ୍ରବନ୍ଧକଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ। **୪.** ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଅଳଙ୍କାର ନିମନ୍ତେ ଏକରୁ ଅଧିକ ନିଲାମଧାରୀ ଅଂଶଗ୍ରହଣ କରନ୍ତି ତେବେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। **୫.** ସଫଳ ନିଲାମଧାରୀମାନେ ସେମାନଙ୍କ ସପକ୍ଷରେ ନିଲାମ ଚୂଡ଼ାନ୍ତ ହେବା ପରେ ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସ ଦିନ ସମସ୍ତ ନିଲାମ ରାଶି ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ / କ୍ୟାସ୍ ଆକାରରେ ସମ୍ପୃକ୍ତ ଶାଖାରେ ଦାଖଲ କରିବେ। **୬.** ଯଦି ସଫଳ ନିଲାମଧାରୀ ଧାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ନିଲାମ ରାଶି ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କୁ କୌଣସି ସୂଚନା ନ ଦେଇ ଅମାନତ ରାଶି ସହିତ ଦାଖଲ ରାଶି ବାଜ୍ୟାପ୍ତି କରାଯିବ। **୭.** ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ କରିବା ପରେ ସର୍ବୋଚ୍ଚ ନିଲାମଧାରୀଙ୍କୁ **୭ ଦିନ ମଧ୍ୟରେ** ଅଳଙ୍କାର ହସ୍ତାନ୍ତରିତ କରାଯିବ। **୮.** ସଫଳ ନିଲାମଧାରୀଙ୍କୁ ଅଳଙ୍କାର ଥରେ ବିକ୍ରି ହୋଇଯିବା ପରେ କୌଣସି ପରିସ୍ଥିତିରେ ବ୍ୟାଙ୍କ ଦ୍ୱାରା ତାହା ଫେରସ୍ତ ନିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ଦାବି/ ଅଭିଯୋଗ/ ବିବାଦକୁ ପ୍ରଶୟ ଦିଆଯିବ ନାହିଁ। **୯.** ଅସଫଳ ନିଲାମଧାରୀଙ୍କୁ ନିଲାମ ପରେ ଅମାନତ ରାଶି ସଙ୍ଗେ ସଙ୍ଗେ ଫେରସ୍ତ କରାଯିବ। **୧୦.** ବିଳମ୍ବିତ ତାରିଖରେ ନିଲାମ ରାଶି ଗ୍ରହଣ କରିବା ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ଅଟେ। **୧୧.** ବ୍ୟାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। **୧୨.** ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି ଅଳଙ୍କାର କିମ୍ବା ସମସ୍ତ ଅଳଙ୍କାରର ନିଲାମକୁ ଗ୍ରହଣ/ବାତିଲ/ସ୍ଥଗିତ/ରଦ୍ଦ/ବନ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛି ଏବଂ ବ୍ୟାଙ୍କ ଏ ବାବଦରେ କାହା ନିକଟରେ ଉତ୍ତରଦାୟୀ ନୁହନ୍ତି ଏବଂ ଅମାନତ ରାଶି ନିଲାମଧାରୀଙ୍କୁ ଫେରସ୍ତ କରାଯିବ। **୧୩.** ଦ୍ରଷ୍ଟବ୍ୟ ଏହି କି ଯେ ଋଣଗ୍ରହୀତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନ ଦେଇ ନିଲାମ ହୋଇନଥିବା ଅଳଙ୍କାରଗୁଡ଼ିକ ଅନ୍ୟ କୌଣସି ତାରିଖରେ ନିଲାମ କରାଯିବ। **୧୪.** ବ୍ୟାଙ୍କ ଅଳଙ୍କାର / କଏନ୍‌ର ବିଶୁଦ୍ଧତା / ଓଜନର କୌଣସି ଗ୍ୟାରେଣ୍ଟି ଦିଏନାହିଁ। **୧୫.** ଆଗ୍ରହୀ ନିଲାମଧାରୀମାନେ ସବିଶେଷ ବିବରଣୀ ନିମନ୍ତେ **ସମ୍ପୃକ୍ତ ଶାଖାକୁ** ଯୋଗାଯୋଗ କରିପାରିବେ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ।

**ବୃଷ:** ବିଦ୍ୟାର୍ଥୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ । କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ। ପିଲାଙ୍କ ଭବିଷ୍ୟତ ପାଇଁ ପିତାମାତା ଚିନ୍ତା କରିବେ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଲୋକ ସମ୍ପର୍କ ବୃଦ୍ଧି ପାଇପାରେ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଅତିଥି ସତ୍କାର କରିପାରନ୍ତି। ବ୍ୟବସାୟରୁ ଲାଭ ମିଳିପାରେ। ମାନ ସମ୍ମାନ ବୃଦ୍ଧି ପାଇବ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ଧନୁ:** ନୂତନ ବ୍ୟବସାୟ ଆରମ୍ଭ କରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।


**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଧୈର୍ଯ୍ୟ ରଖି ଚାଲନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ପୁରୁଣା ନିବେଶରୁ ଲାଭ ମିଳିପାରେ।

## ଆଜିର ଇତିହାସ

- ୧୮୭୩- ପ୍ରଥମ ଟାଇପ୍ ରାଇଟର୍ ଗ୍ରାହକଙ୍କୁ ବିକ୍ରି କରାଗଲା।
- ୧୯୪୪- ଆମେରିକୀୟ ସେନା ପ୍ରଥମ ଥର ଜର୍ମାନୀରେ ପ୍ରବେଶ କଲା।
- ୧୯୫୯-ସୋଭିଏତ୍ ସଂଘର ପ୍ରଥମ ମହାକାଶଯାନ 'ଲୁନା-୨' ଚନ୍ଦ୍ରପୃଷ୍ଠରେ ପହଞ୍ଚିଲା।
- ୧୯୯୮ - କୁଆଲାଲାମ୍ପୁରରେ ୧୬ତମ ରାଷ୍ଟ୍ରମଣ୍ଡଳ ଖେଳର ଆରମ୍ଭ।



# ପରଦାରେ ଟ୍ରାଜେଡି କୁଇନ୍‌ଙ୍କ ପ୍ରେମ କାହାଣୀ

ହିନ୍ଦୀ ସିନେମାର ଟ୍ରାଜେଡି କୁଇନ୍ ମୀନା କୁମାରୀଙ୍କ ବାୟୋପିକ୍ 'କମଲ୍ ଔର୍ ମୀନା'ର କାମ ଏବେ ବେଶ୍ ଜୋରସୋରରେ ଆଗେଇ ଚାଲିଛି। ଏହାର ମୁଖ୍ୟ କଳାକାରମାନେ ମଧ୍ୟ ଫାଇନାଲ ହୋଇ ଯାଇଛନ୍ତି। ନିକଟରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସିଦ୍ଧାର୍ଥ ପି. ମଲହୋତ୍ରା ଘୋଷଣା କରିଛନ୍ତି ଯେ, ଫିଲ୍ମର କଳାକାରମାନଙ୍କୁ ଚୟନ କରାଯାଇଛି। ହେଲେ ଏବେ ସେମାନଙ୍କ ନାମ ପ୍ରକାଶ କରାଯିବ ନାହିଁ। ଏହି ସିନେମାର କାହାଣୀ ସମ୍ପୂର୍ଣ୍ଣ ରୂପେ ମୀନା କୁମାରୀ ଏବଂ ତାଙ୍କ ସ୍ୱାମୀ ତଥା ଚଳଚ୍ଚିତ୍ର ନିର୍ମାତା କମଲ୍ ଅମରୋହୀଙ୍କ ମଧ୍ୟରେ ଆଦାନପ୍ରଦାନ ହୋଇଥିବା ପ୍ରାୟ ୫୦୦ ପ୍ରେମପତ୍ର ଏବଂ ୨୦୦୦ ପୃଷ୍ଠାର ବ୍ୟକ୍ତିଗତ ଡାଏରୀ ଉପରେ ଆଧାରିତ। ସିର୍ଦ୍ଧାର୍ଥଙ୍କ କହିବା ଅନୁଯାୟୀ, 'ଏହି ଚଳଚ୍ଚିତ୍ର ପାଇଁ ଭାରତୀୟ ସିନେମାର ଦୁଇଟି କଲ୍ଟ କ୍ଲାସିକ୍ ଫିଲ୍ମ 'ପାକିଜା' ଏବଂ 'ସାହିବ ବିବି ଔର୍ ଗୁଲାମ'ର ଆଇକନିକ୍ ସେଟ୍‌କୁ ପୁନଃ ନିର୍ମାଣ କରାଯିବ। ଏଥିପାଇଁ ଅଧିକ ବଜେଟ୍ ଏବଂ ଗୀତର ରୟାଲ୍ଟି ରାଇଟ୍ସର ଆବଶ୍ୟକତା ରହିଛି।' ଏହାର ପ୍ରଯୋଜନା ଦାୟିତ୍ୱରେ କମଲ୍ ଅମରୋହୀଙ୍କ ନାତି ବିଲାଲ୍ ଅମରୋହୀ ଅଛନ୍ତି। ଏ. ଆର. ରେହମାନ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଉଥିବାବେଳେ ଗୀତ ରଚନା ଇରଶାଦ୍ କାମିଲ୍ କରୁଛନ୍ତି। କିଆରା ଆଡଭାନୀ ଏହି ଚଳଚ୍ଚିତ୍ରରେ ମୀନା କୁମାରୀଙ୍କ ଭୂମିକାରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଥିବାବେଳେ ନିର୍ଦ୍ଦେଶକ ଏଯାବତ୍ ଏନେଇ ବିଧିବଦ୍ଧ ଭାବେ କିଛି ଘୋଷଣା କରିନାହାନ୍ତି। ପୂର୍ବରୁ ଏହି ବାୟୋପିକ୍ ପାଇଁ ଫ୍ୟାଶନ ଡିଜାଇନର ମନୀଷ ମଲହୋତ୍ରା ଏବଂ ଅଭିନେତ୍ରୀ କ୍ରିତି ସାନନ୍‌ଙ୍କ ନାମ ଚର୍ଚ୍ଚାକୁ ଆସିଥିଲା, କିନ୍ତୁ ଆଇନଗତ ବିବାଦ ଓ ଅନ୍ୟାନ୍ୟ କାରଣରୁ ସେହି ପ୍ରୋଜେକ୍ଟ ବନ୍ଦ ହୋଇଯାଇଥିଲା।



## ବୈଦିକ ଗାଁ


# ବିଜୁଳି ଓ ମୋବାଇଲ ମୁକ୍ତ ଜୀବନ



ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାରେ ଅବସ୍ଥିତ କୁର୍ମଗ୍ରାମ ବୈଦିକ ଗାଁ ଏକ ନିଆରା ଗ୍ରାମ। ଏହି ଗାଁଟି ଆଧୁନିକ ଚାକଚକ୍ୟ ଠାରୁ ଦୂରରେ ରହି "ସରଳ ଜୀବନଯାପନ ଓ ଉଚ୍ଚ ବିଚାର" ନୀତିରେ ପରିଚାଳିତ ହେଉଛି। ଗାଁ ଲୋକେ ପ୍ରାକୃତିକ ପ୍ରଣାଳୀରେ ଚାଷ କରି ନିଜର ପନିପରିବା ଏବଂ ଶସ୍ୟ ଉତ୍ପାଦନ କରନ୍ତି। ଏହା ସହିତ ସେମାନେ ହସ୍ତତନ୍ତ ସାହାଯ୍ୟରେ ନିଜ ପିନ୍ଧିବା ପାଇଁ ସୂତା କପଡ଼ା ମଧ୍ୟ ନିଜେ ପ୍ରସ୍ତୁତ କରନ୍ତି। ଏହି ଗାଁରେ କୌଣସି ପ୍ରକାରର ବିଦ୍ୟୁତ୍ ସଂଯୋଗ, ମୋବାଇଲ୍ ଫୋନ୍, ଟିଭି କିମ୍ବା ଇଣ୍ଟରନେଟ୍ ବ୍ୟବହାର କରାଯାଏ ନାହିଁ। ସନ୍ଧ୍ୟା ହେଲେ ଲୋକେ ଆଲୋକ ପାଇଁ ପିତ୍ତଳର ତେଲ ଦୀପ ବ୍ୟବହାର କରନ୍ତି। ଗାଁର ପ୍ରାୟ ୧୫-୧୭ଟି ପରିବାର ମାଟି, ଚୂନ, ପଥର ଏବଂ କାଠ ସାହାଯ୍ୟରେ ନିଜ ଘର ତିଆରି କରିଛନ୍ତି। ଏଠାରେ ସିମେଣ୍ଟ ବା ଲୁହାର ବ୍ୟବହାର କରାଯାଏ ନାହିଁ। କୁର୍ମଗ୍ରାମରେ ଗ୍ୟାସ୍ ସିଲିଣ୍ଡର ମନା। ମାଟି ଚୁଲିରେ କାଠ କିମ୍ବା ଗୋବର ଘଷି ସାହାଯ୍ୟରେ ଖାଦ୍ୟ ପ୍ରସ୍ତୁତ କରାଯାଏ। ସାବୁନ କିମ୍ବା ସର୍ଫ ବଦଳରେ ଗ୍ରାମବାସୀ ଗାଧୋଇବା ଓ ସଫା କରିବା ପାଇଁ ପ୍ରାକୃତିକ ରିଠା ଏବଂ ପାଉଁଶ ବ୍ୟବହାର କରନ୍ତି। ଗାଁରେ ଏକ ବୈଦିକ ଗୁରୁକୁଳ ରହିଛି, ଯେଉଁଠାରେ ପିଲାମାନଙ୍କୁ ଆଧୁନିକ ଶିକ୍ଷା ସହିତ ବେଦ, ସଂସ୍କୃତି, କୃଷି ଓ ଗୋ-ସେବା ବିଷୟରେ ଶିକ୍ଷା ଦିଆଯାଏ। ଏହା ସହିତ ଏକ ବଡ଼ ଗୋଶାଳା ମଧ୍ୟ ଏଠାରେ ଅଛି। ଏଗାଁର ସମସ୍ତ ସଦସ୍ୟ ଭୋର ସାଢ଼େ ତିନିଟାରେ ଶେଯ ତ୍ୟାଗ କରନ୍ତି। ଭୋର ସାଢ଼େ ଚାରିଟାରେ ସମସ୍ତେ ପ୍ରାର୍ଥନା ଗୃହରେ ଏକତ୍ରିତ ହୋଇ ଭଗବାନ ଶ୍ରୀକୃଷ୍ଣଙ୍କ ଆଳତି ଓ ଭଜନ କୀର୍ତ୍ତନ କରନ୍ତି। ଏହା ସହିତ ପ୍ରତିଦିନ ଏଠାରେ ଭଗବଦ୍ ଗୀତା ଏବଂ ଭାଗବତ ପାଠ କରାଯାଏ। ଗ୍ରାମରେ ରହିବା ସମୟରେ ମାଦକ ଦ୍ରବ୍ୟ, ଆମିଷ ଭୋଜନ, ଜୁଆ ଖେଳ ସମ୍ପୂର୍ଣ୍ଣ ନିଷେଧ। ଇସ୍କନ ଏବଂ ଶ୍ରୀଲ ପ୍ରଭୁପାଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ଗାଁ ଗଢ଼ି ଉଠିଛି। ଗାଁଲୋକଙ୍କ ଛଡ଼ା ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ଭାରତୀୟ ପାରମ୍ପରିକ ପୋଷାକ ଧୋତି-କୁର୍ତ୍ତା କିମ୍ବା ଶାଢ଼ି, ସାଲୱାର ପିନ୍ଧିଥାନ୍ତି।

## ଆଜି ବାହୁଡ଼ିଥିଲେ

# ଦାସିଆ ଅଜା



ଆଜି ଓଡ଼ିଶା ପାଠାଗାର ଆନ୍ଦୋଳନର ପୁରୋଧା ଦାଶରଥୀ ପଟ୍ଟନାୟକ (ଦାସିଆ ଅଜା)ଙ୍କ ତିରୋଧାନ ଦିବସ। ହସହସ ମୁହଁ, ମୁଣ୍ଡରେ ନାଲି ଗାମୁଛାର ଠେକା, କାଖରେ ବହି, ଡାହାଣ ହାତରେ ବାଡ଼ି ଆଉ ବାମ ହାତରେ କଲମ ଓ ଜବକାଚ ଦାସିଆ ଅଜାଙ୍କ ଏଇ ସାଧାରଣ ପରିପାଟୀ ତଳେ ଲୁଚି ରହିଥିଲା ଅସାଧାରଣ ବ୍ୟକ୍ତିତ୍ୱ। ଏଇ ଚେହେରାରେ ସେ ବୁଲୁଥିଲେ ସାରା ରାଜ୍ୟ । ସେ ବିଶେଷ ପାଠ ପଢ଼ି ନ ଥିଲେ, କିନ୍ତୁ ଏକକ ପ୍ରଚେଷ୍ଟାରେ ଗଢ଼ିଥିଲେ ଓଡ଼ିଶାର ସବୁଠୁ ବଡ଼ ପାଠାଗାର, ସଂଗ୍ରହାଳୟ ଓ ଏକ ସାହିତ୍ୟ ଅନୁଷ୍ଠାନ; ବାଞ୍ଛାନିଧି ପାଠାଗାର, ଶ୍ରୀ ଅରବିନ୍ଦ ସଂଗ୍ରହାଳୟ ଓ ଯଦୁମଣି ସାହିତ୍ୟ ସଂସଦ । ପରିଣତ ବୟସରେ ନିଜର ଅକ୍ଳାନ୍ତ ପରିଶ୍ରମ ବଳରେ ନିପଟ ମଫସଲ ଗାଁରେ ସେ ପ୍ରତିଷ୍ଠା କରିଥିଲେ ସଂସ୍କୃତିର ମହାଦ୍ରୁମ । ଆଉ ଏଥିପାଇଁ ସେ ଭେଟୁଥିବା ଲୋକଙ୍କ ଠାରୁ ମାତ୍ର ୧୦ ପଇସା ଲେଖାଏଁ ସହଯୋଗ ରାଶି ମାଗୁଥିଲେ। ଦାସିଆ ଅଜା ଭାବେ ପରିଚିତ ଦାଶରଥି ପଟ୍ଟନାୟକ ୧୯୦୭ ମସିହା ଜୁଲାଇ ୧୨ ତାରିଖରେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍‌ର ଉଦୟପୁର ଗ୍ରାମରେ ଜନ୍ମ ହୋଇଥିଲେ। ଦାସିଆ ଅଜା ମାତ୍ର ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ। ସେ ହଳିଆ, ରାନ୍ଧୁଣିଆ, ବୋଲକରା, ଚପରାଶି, ପୁଲିସ ଏବଂ ଜଙ୍ଗଲ ଓ ଶିକ୍ଷା ବିଭାଗର କର୍ମଚାରୀ, ସର୍ବରାକାର, ଭୂଦାନକର୍ମୀ, ସର୍ଭେ ଟ୍ରେନିଙ୍ଗ କେନ୍ଦ୍ରର ପରିଚାଳକ ଭାବେ କାର୍ଯ୍ୟ କରିଥିଲେ। ପରେ ଚାକିରି ଛାଡ଼ି, ସେ ନିଜ ଗାଁର ପଥୁରିଆ ଅନୁର୍ବର ଜମି ଚାଷକରି ପେଟ ପୋଷୁଥିଲେ। ଏଥିପାଇଁ ସେ ଖୁଣ୍ଟାତଡ଼ା ରଜା ନାମରେ ପରିଚିତ ହୋଇଥିଲେ । ବହି ପଢ଼ିବାରେ ତାଙ୍କର ଏତେ ରୁଚି ଥିଲା ଯେ, ପର ଦିନ ପଢ଼ିବା ବହି ପୂର୍ବ ଦିନ ଆଣି ସଂଗ୍ରହ କରି ରଖୁଥିଲେ। କ୍ରମେ ତାଙ୍କର ଏହି ବହି ସଂଗ୍ରହ ଏକ ପାଠାଗାର ଆନ୍ଦୋଳନର ରୂପ ନେଇଥିଲା। ସେ ମୁଣ୍ଡରେ ଠେକା ଭିଡ଼ି ଓ କାନ୍ଧରେ ଝୁଲା ମୁଣା ଧରି ସମଗ୍ର ଓଡ଼ିଶା ବୁଲି ବୁଲି ବହି ସଂଗ୍ରହ କରୁଥିଲେ। ହାତ ପାତି ସମସ୍ତଙ୍କୁ ପୋଥି, ପୁସ୍ତକ, ବିଭିନ୍ନ ପୁରାତନ ସଂସ୍କୃତିର ସନ୍ତକ ଏବଂ ଦଶ ପଇସା ଭିକ୍ଷା କରୁଥିଲେ। କୁହାଯାଏ, ଦାସିଆ ଅଜା ପ୍ରତିଦିନ ଏକ ଶହରୁ ଊର୍ଦ୍ଧ୍ୱ ପୋଷ୍ଟକାର୍ଡ ଲେଖି ବିଭିନ୍ନ କବି, ଲେଖକମାନଙ୍କୁ ପଠାଉଥିଲେ। ନିଜର ସଂଗୃହୀତ ପୋଥି ଆଦିକୁ ନେଇ ଦାସିଆ ଅଜା ନୟାଗଡ଼ର ନୂଆଗାଁ'ରେ ଶ୍ରୀ ଅରବିନ୍ଦ ସଂଗ୍ରହାଳୟ ସ୍ଥାପନା କରିଥିଲେ। ସଂଗ୍ରହଳାୟ ପରିସର ମଧ୍ୟରେ ବାଞ୍ଛାନିଧି ପାଠାଗାର ଓ ଯଦୁମଣି ସାହିତ୍ୟ ସଂସଦ ରହିଛି। ପାଠାଗାରରେ ବିଭିନ୍ନ ଭାଷାର ୫୦ ହଜାରରୁ ଅଧିକ ପୁସ୍ତକ ଓ ୬୫ ହଜାର ରକମର ପତ୍ରପତ୍ରିକା ରହିଛି। ୪୨ଟି ଭାଷାର ଶତାଧିକ ତାଳପତ୍ର ପୋଥି ରହିଛି, ତନ୍ମଧ୍ୟରୁ କେତୋଟି ଶହେ ବର୍ଷ ପୁରୁଣା। ଉଦୟପୁର ସ୍ଥିତ ଏହି ସଂଗ୍ରହାଳୟକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ୨୦୦୬ ମସିହାରେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପ୍ରଦାନ କରିଥିଲେ। ନିଜ ଜୀବିତ ଅବସ୍ଥାରେ ଦାଶରଥୀ ପଟ୍ଟନାୟକ, ଏହି ଅନୁଷ୍ଠାନଗୁଡ଼ିକର ପରିଚାଳନା ପାଇଁ ଏକ ଟ୍ରଷ୍ଟ ଗଢ଼ି ଯାଇଥିଲେ। ୧୯୯୭ ମସିହା ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା।

## ପ୍ରହେଳିକା

- ସାରା ବିଦ୍ୟାଳୟ ଉତ୍ସବ ମୁଖର
ହେଉଅଛି ସାଜସଜା
ପ୍ରଭୁ ଜ୍ଞାନଦାତା ସ୍ୱର୍ଗରୁ ଆସିବେ
ପାଇବେ ମରତେ ପୂଜା
ନୂଆ ବସ୍ତ୍ର ପିନ୍ଧି ଛାତ୍ର ଛାତ୍ରୀଗଣ
ହୃଦେ ଶ୍ରଦ୍ଧାଭାବ ବହି
ପ୍ରଭୁଙ୍କୁ ପୂଜିବେ ଜ୍ଞାନ ଅରଜିବେ
ଭକ୍ତି ପୁଷ୍ପାଞ୍ଜଳି ଦେଇ
ରାଶିଲଡୁ ହେବ ଖୋଜା
ଭୋଦୁଅ ଶୁକଳ ଚତୁର୍ଥୀରେ ଆସେ
କୁହ'ତ ସେ କେଉଁ ପୂଜା।
ଉତ୍ତର-ଗଣେଶ ପୂଜା

- ଗଣପତି ପୂଜା ଯେବେ ଆସଇ
ହାଟ ବଜାରରେ ସିଏ ମିଳଇ
ଲଡୁଟିଏ ସିଏ ସୁଆଦ ଭାରି
ଡଇଳ ବୀଜରୁ ହୁଏ ତିଆରି
ଗଣେଶଙ୍କ ପ୍ରିୟ ସିଏ
ଧଳା ଅବା କଳା ରଙ୍ଗରେ ମିଳଇ
କୁହତ ତା'ନାମ କିଏ।
ଉତ୍ତର-ରାଶିଲଡୁ

- ଭୋଦୁଅ ସୁକଳ ପଞ୍ଚମୀ ଦିନ
ପର୍ବଟିଏ ଆସେ ରାଇଜେ ଜାଣ
ନୂତନ ଧାନରୁ ବନଇ ଖିରି
ଭୋଗଲାଗି ହୁଏ ଭକତି ଭରି
ପିନ୍ଧି ନୂତନ ବସନ
ମା'ସମଲେଇଙ୍କୁ ପୂଜନ୍ତି ଶ୍ରଦ୍ଧାଳୁ
କୁହ'ତ ସେ ପର୍ବ ନାମ।
ଉତ୍ତର-ନୂଆଖାଇ



ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର



## ଗଜାନନ ଦିଅ ଜ୍ଞାନ



ପ୍ରଶାନ୍ତ କୁମାର ଦାଶ

ହେ ଗଣେଶ ଗଜାନନ
ଦୁଃଖ କର ନାଶ
ମୂଷା ବାହନରେ ବସି
ଧରା ଧାମେ ଆସ ॥
ସଜେଇଛୁ ନାନା ରଙ୍ଗେ
ମଣ୍ଡପ ଯେ କେତେ
ଖଞ୍ଜିଛୁ ଆଲୋକମାଳା
ମନଲାଖି ଯେତେ ॥
ନାନାଜାତି ଫୁଲ ତୋଳି
କରିଅଛୁ ଠୁଳ
ଝୁଲାଇବୁ ଗଳାରେ ତୁମ
ଗୁନ୍ଥି ଲମ୍ବା ମାଳ ॥
ଦୀପ ଜାଳି ଧୂପ ଦେଇ
ପାଦେ ଦେବୁ ଫୁଲ
ଆଶିଷ ଅଜାଡ଼ି ଦେବ
ହେବୁ ଆମେ ଭଲ ॥
ହେବୁ ସଇନିକ ବୀର
ବୈଜ୍ଞାନିକ ହେବୁ
ଦେଶ ଦଶ ହିତେ ଦିନେ
ଏ ଜୀବନ ଦେବୁ ॥
ଦୟାକର ଗଜାନନ
ତଡ଼ିନିଅ ତମ
ସତପଥେ ଯିବା ହେଉ
ଜୀବନର କାମ ॥
ଗଜାନନ ଦିଅ ଜ୍ଞାନ
ରଖିବାକୁ ଯଶ
ପୋଛି ଦେବୁ ଆଖିଲୁହ
ଓଠେ ଦେବୁ ହସ ॥

କୁଞ୍ଚର -ସଙ୍ଗଳାଇ
ପିପିଲି -ପୁରୀ

## ବାବା ବିଶ୍ୱକର୍ମା



ପ୍ରଶାନ୍ତ କୁମାର ସାହୁ

ଆହେ ଦେବଶିଳ୍ପୀ ବାବା ବିଶ୍ୱକର୍ମା
ଘେନ ପ୍ରଣାମ,
କନ୍ୟା ସଂକ୍ରାନ୍ତିରେ ଆସିଲ ମହୀରେ
ନେଇ ଜନମ।
ରଚିଅଛ କେତେ ନଦନଦୀ ଗିରି
ସିନ୍ଧୁ କାନନ,
ନିହଣ ମୁନରେ ବସିଅଛ ପ୍ରଭୁ
ହୋଇ ଯତନ।
ମନ୍ଦିର ପ୍ରାସାଦ ତୁମ ସୃଷ୍ଟି ସବୁ
କଲ ତିଆଣ,
ଲକ୍ଷ୍ମୀମାତା ପାଇଁ ସୁନାର ନଅର
କଲ ନିର୍ମାଣ।
ସୁନାର ପ୍ରାସାଦ ତିଆରିଲ ତୁମେ
ଲଙ୍କା ଭୁବନେ,
ଦ୍ୱାପରେ ଦ୍ୱାରିକା ତିଆରିଲ ପ୍ରଭୁ
କେଡ଼େ ଯତନେ।
ବୃଦ୍ଧ ବେଶେ ଆସି ଅଧା ଗଢ଼ା କଲ
ଜଗନ୍ନାଥଙ୍କୁ,
ଧନ୍ୟ ଶିଳ୍ପୀ ତୁମେ ଧନ୍ୟ କାରିଗର
ଧନ୍ୟ ତୁମକୁ।
ତୁମରି ପାଇଁ ଏ କାରିଗର କୁଳ
ପାଏ ସମ୍ମାନ,
ତୁମ ପାଦ ତଳେ ମଥା ରଖିଦେଇ
କାଟେ ଜୀବନ।

ଇନ୍ଦିପୁର, ଚନ୍ଦନମଣ୍ଡପ ସାହି,
ଢେଙ୍କାନାଳ


## ସୁମନ

# ପ୍ରକୃତ ସାଙ୍ଗ



ରମେଶ ଚନ୍ଦ୍ର ଦାଶ

ଥରେ ଗୋଟିଏ ବିଦ୍ୟାଳୟର ପ୍ରଧାନଶିକ୍ଷକ ପିଲାମାନଙ୍କୁ ନନ୍ଦନକାନନ ବୁଲାଇ ନେବା ପାଇଁ ଯୋଜନା କଲେ। ସେ ପିଲାମାନଙ୍କ ଠାରୁ କିଛି ଟଙ୍କା ସଂଗ୍ରହ କରିବାକୁ ସ୍ଥିର କଲେ। ସୁନିଲ ଓ ରେହମାନ ସେହି ବିଦ୍ୟାଳୟର ଦୁଇ ସାଙ୍ଗ। ସେମାନଙ୍କର ନନ୍ଦନକାନନ ଯିବା ପାଇଁ ଭାରି ଇଚ୍ଛା। ତେଣୁ ଅନ୍ୟ ପିଲାମାନଙ୍କ ଭଳି ସେମାନେ ସେମାନଙ୍କର ବାପାମାଆଙ୍କୁ ଜଣାଇଲେ। ସୁନିଲ ବାପାମାଆ ରାଜି ହେଲେ କିନ୍ତୁ ରେହମାନର ବାପାମାଆ ରାଜି ହେଲେ ନାହିଁ। କାରଣ ତା'ର ବାପାମାଆ ଭାରି ଗରିବ ଥିଲେ। ବୁଲିଯିବାର ଦିନ ପାଖେଇ ପାଖେଇ ଆସିଲା। ଅନ୍ୟମାନେ ସେମାନଙ୍କ ଚାନ୍ଦା ଦେଲେ। ସୁନିଲ କିନ୍ତୁ ଘରେ ଚାନ୍ଦା ମାଗିଲା ନାହିଁ। ତାକୁ ତାର ବାପା ଦିନେ ପଚାରିବାରୁ ସେ କହିଲା, "ବୁଲିଯିବା ପାଇଁ ଆଗକୁ ବହୁତ ଦିନ ଅଛି।" ତାର ବାପା ନିରବ ରହିଲେ। ନନ୍ଦନକାନନ ବୁଲିଯିବାର ପୂର୍ବଦିନ। ଚାନ୍ଦା ଦେଇଥିବା ପିଲାସଂଖ୍ୟା ଗଣିଲେ ପ୍ରଧାନଶିକ୍ଷକ। ଦୁଇଜଣଙ୍କୁ ଛାଡ଼ି ତାଙ୍କ ବିଦ୍ୟାଳୟର ସବୁ ପିଲା ଚାନ୍ଦା ଦେଇଛନ୍ତି । ଗୋଟି ଗୋଟି କରି ହିସାବ କରିବାରୁ ଜଣାଗଲା ଯେ ସୁନିଲ ଓ ରେହମାନ ହିଁ ଚାନ୍ଦା ଦେଇନାହାନ୍ତି। ପ୍ରଧାନଶିକ୍ଷକ ଦୁଇଜଣଙ୍କ ଘରକୁ ନିଜେ ଗଲେ। ପ୍ରଥମେ ରେହମାନର ଘରକୁ ଗଲେ। ତା' ବାପାଙ୍କୁ ବୁଝାଇବାରୁ ସେ ଚାନ୍ଦା ଟଙ୍କା ଦେଲେ। ପରେ ସେ ସୁନିଲ ବାପାଙ୍କ ପାଖକୁ ଗଲେ। ତାର ବାପାଙ୍କୁ ଚାନ୍ଦାକଥା କହିବାରୁ ସେ କହିଲେ, "ସୁନିଲ ତ କହିଲା ବୁଲିଯିବାର ଦିନ ବିଳମ୍ବ ଅଛି। ସେଥିପାଇଁ ଦେଇନି।" ସୁନିଲ ଭଲ ପଢ଼େ। ପ୍ରଧାନଶିକ୍ଷକ ତା ବାପାଙ୍କ ଠାରୁ ଏତକ ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ। ସୁନିଲ ମିଛ କହିଥିବାରୁ ତାର ବାପା ତା' ଉପରେ ବିରକ୍ତ ହେଲେ। ଦଣ୍ଡସ୍ୱରୂପ ବୁଲିବାକୁ ନ ନେବାକୁ ପ୍ରଧାନଶିକ୍ଷକଙ୍କୁ ଅନୁରୋଧ କଲେ। ପ୍ରଧାନଶିକ୍ଷକ ତାର ବାପାଙ୍କ କଥା ଶୁଣି ମନଦୁଃଖରେ ବିଦ୍ୟାଳୟକୁ ଫେରିଲେ। ସେ ବିଦ୍ୟାଳୟରେ ପହଞ୍ଚି ସୁନିଲ ବାପାଙ୍କ କଥା ଅନ୍ୟ ଶିକ୍ଷକମାନଙ୍କୁ କହିବା ବେଳେ ରେହମାନ ଶୁଣିଲା। ସେ ସଙ୍ଗେ ସଙ୍ଗେ ସୁନିଲ ଘରକୁ ଦୌଡ଼ିଲା। ରେହମାନ ବିଦ୍ୟାଳୟରୁ ଫେରିବା କଥା ପ୍ରଧାନଶିକ୍ଷକ ତାର ବାପାଙ୍କୁ ଖବର ଦେଲେ। ତାର ବାପା ଖୋଜି ଖୋଜି ଯାଇ ପହଞ୍ଚିଲେ ସୁନିଲ ଘରେ। ସୁନିଲର ବାପା କିଛି ବୁଝିପାରୁନଥାନ୍ତି। ରେହମାନ ତାଙ୍କୁ ନେହୁରା ହୋଇ କହିଲା, "ମଉସା, ସୁନିଲ ମୋ ପାଇଁ ଆପଣଙ୍କୁ ମିଛ କହିଛି। ମୋର ବାପା ଚାନ୍ଦା ଦେବା ପାଇଁ ନାହିଁ କରିବା ପରେ ସେ ଏପରି କରିଛି।" ପୁଅର ଏପରି ଭାବନା ଦେଖି ତାଙ୍କ ରାଗ ଆପେ ଆପେ ଶାନ୍ତ ହୋଇଗଲା। ସେ ଗୋଟିଏ ପଟେ ସୁନିଲକୁ ଅନ୍ୟ ପାଖରେ ରେହମାନଙ୍କୁ କୁଣ୍ଢାଇ ଧରି କହିଲେ, "ତୁମେମାନେ ପ୍ରକୃତ ସାଙ୍ଗ। ଆଜି ମୋର ଆଖି ଖୋଲିଦେଇଛ।" ତାପରେ ସେ ସୁନିଲ ପାଇଁ ନିଜେ ଟଙ୍କା ଦେବା ସହିତ ରେହମନର ବି ଚାନ୍ଦା ଦେଲେ। ପୂର୍ବରୁ ନେଇଥିବା ରେହମନର ଚାନ୍ଦାକୁ ପ୍ରଧାନଶିକ୍ଷକ ତାର ବାପାଙ୍କୁ ଫେରାଇଦେଲେ। ପିଲା ଦୁହେଁ ଅନ୍ୟମାନଙ୍କ ସହିତ ନନ୍ଦନକାନନ ବୁଲି ତାର ମଜା ନେଲେ।



ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।


## ଛୋଟ ହାତର ତୁଳି




ଶାନ୍ତନୁ ଶାନ୍ତିସ୍ୱରୂପ
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର




ଅନିଶା ପ୍ରିୟଦର୍ଶିନୀ ଟୁଡୁ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ





ଆୟୁଷ୍ମାନ ସାହୁ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ ସ୍କୁଲ
ନିମାପଡ଼ା




ଦେବହୂତି ବରଦାଲକ୍ଷ୍ମୀ ରାଉତ
ତୃତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା

# ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ୍‌ରେ ରହିବେ ଧୁମାଲ-ମଜୁମଦାର





ମୁମ୍ବଇ,୧୧।୯ (ଏଜେନ୍ସି): ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ୍‌ର ଦୁଇଟି ପଦ ପାଇଁ ଅରୁଣ ଧୁମାଲ ଓ ଖୈରୁଲ ଜମାଲ ମଜୁମଦାରଙ୍କ ପ୍ରାର୍ଥିତ୍ୱ ବୈଧ ଘୋଷିତ ହୋଇଛି। ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନ ଥିବାରୁ ଉଭୟେ ସେପ୍ଟେମ୍ବର ୧୮ରେ ହେବାକୁ ଥିବା ବିସିସିଆଇର ବାର୍ଷିକ ସାଧାରଣ ବୈଠକରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପ୍ରାୟ ନିଶ୍ଚିତ। ଧୁମାଲ ଆଉ ଏକ କାର୍ଯ୍ୟକାଳ ପାଇଁ ଆଇପିଏଲ୍ ଅଧ୍ୟକ୍ଷ ପଦରେ ରହିବାକୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପକ୍ଷରେ ମଜୁମଦାର ଭାରତୀୟ କ୍ରିକେଟର୍ସ ଆସୋସିଏସନ୍‌ର ପ୍ରତିନିଧି ଭାବେ ଗଭର୍ଣ୍ଣିଂ କାଉନ୍‌ସିଲ୍‌ରେ ରହିବେ। ବିସିସିଆଇ ନିର୍ବାଚନ ଅଧିକାରୀ ଏକେ ଜ୍ୟୋତି ନାମାଙ୍କନପତ୍ର ଯାଞ୍ଚ କରିବା ପରେ ଉଭୟଙ୍କ ପ୍ରାର୍ଥିତ୍ୱକୁ ବୈଧ ଘୋଷଣା କରିଛନ୍ତି। ଉଭୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଫଳରେ ଆଇପିଏଲ୍‌ର ପ୍ରଶାସନ ଓ ପ୍ରମୁଖ ନୀତିଗତ ନିଷ୍ପତ୍ତି ନେଉଥିବା ଗଭର୍ଣ୍ଣିଂ କାଉନ୍‌ସିଲ୍‌ରେ ନିରନ୍ତରତା ବଜାୟ ରହିବ। ଏହି ସମୟରେ ବିସିସିଆଇ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ପାଇଁ ପ୍ରକାଶିତ ନିର୍ବାଚନ ତାଲିକାରେ ହାଇଦ୍ରାବାଦ କ୍ରିକେଟ୍ ଆସୋସିଏସନ୍‌ର ନାମ ନଥିବା ଜଣାପଡ଼ିଛି। ତେବେ ସଂଘର ସଭାପତି ଜୀବନ ରେଡ୍ଡୀ ବୈଠକରେ ଯୋଗଦେଇପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି।

# ଅବସର ନେଲେ ଘାନାର ଚର୍ଚ୍ଚିତ ଫୁଟ୍‌ବଲର୍ ଇନାକି ୱିଲିୟମ୍ସ



ଆକ୍ରା,୧୧।୯ (ଏଜେନ୍ସି): ଘାନାର ଷ୍ଟ୍ରାଇକର ତଥା ଆଥଲେଟିକ୍ ବିଲବାଓର ଅଧିନାୟକ ଇନାକି ୱିଲିୟମ୍ସ ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କରିଛନ୍ତି। ୩୨ ବର୍ଷୀୟ ୱିଲିୟମ୍ସ ସୋସିଆଲ୍ ମିଡିଆରେ ଏହି ଘୋଷଣା କରିଛନ୍ତି। ଘାନା ପାଇଁ ୨୮ଟି ମ୍ୟାଚ୍ ଖେଳି ସେ ୨ଟି ଗୋଲ୍ କରିଥିଲେ। ନିକଟରେ ଶେଷ ହୋଇଥିବା ଫିଫା ବିଶ୍ୱକପ୍‌ରେ ଘାନା ୧୬ ବର୍ଷ ପରେ ପ୍ରଥମଥର ପାଇଁ ନକ୍‌ଆଉଟ୍ ପର୍ଯ୍ୟାୟରେ ପହଞ୍ଚିଥିଲା। ତେବେ ରାଉଣ୍ଡ ଅଫ୍ ୩୨ରେ କଲମ୍ବିଆଠାରୁ ୧-୦ ଗୋଲ୍‌ରେ ହାରି ଘାନା ବିଦାୟ ନେଇଥିଲା। ବିଲବାଓରେ ଘାନାର ପିତାମାତାଙ୍କ ଘରେ ଜନ୍ମିତ ୱିଲିୟମ୍ସ ପୂର୍ବରୁ ସ୍ପେନ୍ ପାଇଁ ଗୋଟିଏ ମ୍ୟାଚ୍ ଖେଳିଥିଲେ। ୨୦୨୨ରେ ସେ ଘାନା ପକ୍ଷରୁ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଘାନା ମୋତେ ଫୁଟବଲ୍‌ଠାରୁ ବହୁତ ଅଧିକ ଦେଇଛି। ନିଜ ଦେଶର ପ୍ରତିନିଧିତ୍ୱ କରିବାର ଗର୍ବ ଅନୁଭବ କରିବାର ସୁଯୋଗ ଦେଇଛି, ବୋଲି ୱିଲିୟମ୍ସ କହିଛନ୍ତି। ତାଙ୍କ ସାନ ଭାଇ ନିକୋ ୱିଲିୟମ୍ସ ଚଳିତ ବିଶ୍ୱକପ୍ ବିଜେତା ସ୍ପେନ୍ ଦଳର ସଦସ୍ୟ ଥିଲେ।

**କୋର୍ନରଙ୍କ ଶତକ; ନାମିବ୍ୟା ୧୫୭ ରନରେ ହାରିଲା**

# ଆଗୁଆ ସିରିଜ ଜିତିଲା ଦକ୍ଷିଣ ଆଫ୍ରିକା



ୱିଣ୍ଡହୋକ, ୧୧।୯ (ଏଜେନ୍ସି): ଘରୋଇ ନାମିବ୍ୟା ବିପକ୍ଷରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୧୫୭ ରନର ବିଶାଳ ବ୍ୟବଧାନରେ ବିଜୟୀ ହୋଇଛି। ଓପନର୍ କୋର୍ନର ଏଷ୍ଟରହୁଇଜେନ ଶତକୀୟ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଫଳରେ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୨-୦ରେ ଆଗୁଆ କବଜା କରିନେଇଛି। ଏଥିପୂର୍ବରୁ ପ୍ରଥମ ମ୍ୟାଚରେ ମଧ୍ୟ ନାମିବ୍ୟା ଡିଏଲ୍ ପଦ୍ଧତିରେ ୯୯ ରନରେ ପରାସ୍ତ ହୋଇଥିଲା। ସିରିଜର ଅନ୍ତିମ ତଥା ତୃତୀୟ ମ୍ୟାଚ ରବିବାର ଖେଳାଯିବ।

ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ଆଗଧାଡ଼ିର ବ୍ୟାଟରଙ୍କ ଉପଯୋଗୀ ପାଳି ବଳରେ ୫୦ ଓଭରରେ ୯ ୱିକେଟ ହରାଇ ୩୩୫ ରନ କରିଥିଲା।ନିଜର ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳୁଥିବା କୋର୍ନର ସର୍ବାଧିକ ୧୧୯ ରନ କରିଥିଲେ। ୧୧୦ ବଲ୍‌ର ଏହି ପାଳିରେ ସେ ୮ଟି ଚୌକା ଓ ୬ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୋନି ଡି ଜୋରଜୀ ୭୯, ଜୋର୍ଡାନ ହର୍ମନ ୨୦, ଡେୱାଲ୍ଡ ବ୍ରେଭିସ ୩୭ ଓ ଇଥାନ ବୋଷ୍ଟ ୨୯ ରନ କରିଥିଲେ। ଘରୋଇ ଦଳର ଦ୍ରୁତ ବୋଲର ଜ୍ୟାକ ବ୍ରାସେଲଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା। ଜବାବରେ ନାମିବ୍ୟା ଆରମ୍ଭରୁ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକ ରନରେ ୩ଟି ୱିକେଟ ହରାଇଥିବା ନାମିବ୍ୟା ୪୧.୫ ଓଭରରେ ୧୭୮ ରନରେ ସୀମିତ ରହିଥିଲା। ଅଧିନାୟକ ଗେହାର୍ଡ ଏରସମସ ୬୮ ରନର ଉପଯୋଗୀ ପାଳି ଖେଳିଥିଲେ। ବିଜୟୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ଜୁଆନ ଜାନସେନ ୪ ଓ ଏଥାନ ବୋଷ୍ଟ ୩ଟି ୱିକେଟ ନେଇଥିଲେ।

**ୟୁଏସ୍ ଓପନ୍**

# ରିବାକିନା-ସାବାଲେଙ୍କା ଟାଇଟଲ୍ ଲଢ଼େଇ

ନ୍ୟୁୟର୍କ, ୧୧।୯ (ଏଜେନ୍ସି)





ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ ଓପନ୍‌ର ୧୪୬ତମ ସଂସ୍କରଣ ମହିଳା ବିଭାଗ ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ଟାଇଟଲ୍ ପାଇଁ ରବିବାର ଡିଫେଣ୍ଡିଂ ଚାମ୍ପିଅନ ଆରିନା ସାବାଲେଙ୍କା'ଙ୍କ ସହ ଦ୍ୱିତୀୟ ସିଡ୍ ଏଲିନା ରିବାକିନାଙ୍କ ମଧ୍ୟରେ ଲଢ଼େଇ ହେବ। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚରେ ଟପ୍ ସିଡ୍ ସାବାଲେଙ୍କା ୭-୫, ୬-୨ ସିଧାସଳଖ ସେଟରେ ତୃତୀୟ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କୁ ପରାସ୍ତ କରିଥିଲେ। ଫଳରେ ୨୮ ବର୍ଷୀୟା ବେଲାରୁଷ ତାରକା ସାବାଲେଙ୍କା କ୍ରମାଗତ ଚତୁର୍ଥଥର ଲାଗି ୟୁଏସ୍ ଓପନ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଯଦି ଏଥର ସାବାଲେଙ୍କା ଟାଇଟଲ୍ ଜିତିବାରେ ସଫଳ ହୁଅନ୍ତି ତେବେ ଓପନ୍ ଏରା ଇତିହାସରେ ତୃତୀୟ ଖେଳାଳି ଭାବରେ ହ୍ୟାଟ୍ରିକ ୟୁଏସ୍ ଓପନ ଟ୍ରଫି ହାସଲ କରିବେ। ସାବାଲେଙ୍କା ୨୦୨୪ ଓ ୨୦୨୫ ସଂସ୍କରଣରେ ଏଠାରେ ଟ୍ରଫି ଜିତିଥିଲେ। ସେହିଭଳି ଚଳିତ ବର୍ଷ ପ୍ରଥମଥର ଲାଗି ସାବାଲେଙ୍କା ଏକ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ଅପରପକ୍ଷରେ ଅନ୍ୟ ଏକ ସେମିଫାଇନାଲରେ କାଜାଖସ୍ତାନ ଲଳନା ତଥା ବିଶ୍ୱର ଏକ ନମ୍ବର ଖେଳାଳି ଏଲିନା ରିବାକିନା ୩-୬, ୬-୪, ୬-୪ ସେଟରେ ଘରୋଇ ଫେଭରାଇଟ କୋକୋ ଗଫ୍‌ଙ୍କୁ ହରାଇ ଫାଇନାଲ ଟିକଟ୍ ହାସଲ କରିଛନ୍ତି। ପ୍ରଥମ ସେଟ୍‌ଟି ହାରିଯାଇଥିଲେ ମଧ୍ୟ ରିବାକିନା ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଶେଷ ଦୁଇଟି ସେଟ୍‌କୁ ହାତେଇ ଫାଇନାଲରେ ପହଞ୍ଚିଥିଲେ। ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ୍‌ରେ ଚାମ୍ପିଅନ ହୋଇଥିବା ରିବାକିନା ଏଠାରେ ମଧ୍ୟ ବିଜୟୀ ହୋଇ ସିଜନକୁ ସ୍ମରଣୀୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ଇନଫର୍ମ ସାବାଲେଙ୍କାଙ୍କୁ ହରାଇବା ରିବାକିନାଙ୍କ ପାଇଁ ସହଜସାଧ ହେବନାହିଁ। ପୁରୁଷ ସିଙ୍ଗଲ୍ସରେ ଟପ୍ ସିଡ୍ ଆଲେକ୍ସଜାଣ୍ଡର ଜ୍ୱେରେଭ ଓ ଅଣସିଡେଡ୍ ଖେଳାଳି ରୁଷର କାରେନ ଖାଚାନୋଭା ଏବଂ ଫ୍ରାନ୍ସସେସ୍ ତିଆଫୋଏ ଓ ବେନ୍ ସେଲଟନଙ୍କ ମଧ୍ୟରେ ସେମିଫାଇନାଲ ଲଢ଼େଇ ହେବ।

## ସେମିରେ ମାୟା ରାଜେଶ୍ୱରନ

ଯୁବ ଭାରତୀୟ ଖେଳାଳି ମାୟା ରାଜେଶ୍ୱରନ ରେବତୀ ୟୁଏସ୍ ଓପନ୍ ବାଳିକା ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୟୁକ୍ରେନର ଆଣ୍ଟୋନିଆନ ସୁସ୍କୋଭାଙ୍କୁ ସାଥୀ କରି ଖେଳୁଥିବା ମାୟା କ୍ୱାର୍ଟର ଫାଇନାଲରେ ୬-୪, ୬-୪ ସିଧାସଳଖ ସେଟରେ ରୁଷୀୟ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଫଳରେ ୟୁଏସ ଓପନର ଜୁନିଅର ବିଭାଗରେ ଜଣେ ଭାରତୀୟ ଫାଇନାଲରେ ପ୍ରବେଶ କରିବାର ଆଶା ସଞ୍ଚାର ହୋଇଛି।

# ଡ୍ରେସିଂ ରୁମ୍ ତଥ୍ୟ ଲିକ୍ ଅଭିଯୋଗ; ରିଜୱାନ୍-ଇମାମଙ୍କୁ ୨ ଘଣ୍ଟା ଜେରା



ଲାହୋର,୧୧।୯ (ଏଜେନ୍ସି): ଇଂଲଣ୍ଡ ଗସ୍ତ ସମୟରେ ପାକିସ୍ତାନ କ୍ରିକେଟ୍ ଦଳର ଡ୍ରେସିଂ ରୁମ୍‌ରୁ ତଥ୍ୟ ଲିକ୍ ହେବା ଅଭିଯୋଗକୁ ନେଇ ମହମ୍ମଦ ରିଜୱାନ୍ ଓ ଇମାମ୍-ଉଲ୍-ହକ୍‌ଙ୍କୁ ଜାତୀୟ ସାଇବର ଅପରାଧ ତଦନ୍ତ ଏଜେନ୍ସି (ଏନ୍‌ସିସିଆଇଏ) ପ୍ରାୟ ୨ ଘଣ୍ଟା ଧରି ଜେରା କରିଛି। ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଇଂଲଣ୍ଡ ବିପକ୍ଷ ସିରିଜ୍ ମଝିରେ ଖରାପ ପ୍ରଦର୍ଶନ ଦର୍ଶାଇ ୭ ଜଣ ଖେଳାଳିଙ୍କୁ ସ୍ୱଦେଶ ଫେରାଇ ଆଣିଥିଲା। ସେଥିରେ ରିଜୱାନ୍ ଓ ଇମାମ୍ ମଧ୍ୟ ଥିଲେ। ଲାହୋରର ଜୋହର ଟାଉନ୍‌ସ୍ଥିତ ଏନ୍‌ସିସିଆଇଏ ମୁଖ୍ୟାଳୟରେ ଶୁକ୍ରବାର ଉଭୟଙ୍କୁ ଇଂଲଣ୍ଡରେ ତାଙ୍କ ଚୁକ୍ତି ଓ ବିଭିନ୍ନ ବୈଠକ ସମ୍ପର୍କରେ ପଚରାଉଚରା କରାଯାଇଥିବା ରିପୋର୍ଟରେ କୁହାଯାଇଛି। ତେବେ ଅଧିକ ତଥ୍ୟ ଦେବା ପାଇଁ ଉଭୟ ଖେଳାଳି ଅତିରିକ୍ତ ସମୟ ମାଗିଥିବା ଜଣାପଡ଼ିଛି। ଏହି ତଦନ୍ତ ଚାଲିଥିବାରୁ ପିସିବି ଏନେଇ ମନ୍ତବ୍ୟ ଦେବାକୁ ଏଡ଼ାଇଥିବା ବେଳେ ଖେଳାଳି ଓ ଅଧିକାରୀଙ୍କ ବିରୋଧରେ ଥିବା ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛି। ରିପୋର୍ଟ ଅନୁସାରେ, ଉଭୟ ଖେଳାଳିଙ୍କ ମୋବାଇଲ୍ ଫୋନ୍ ପିସିବି ହେପାଜତକୁ ନେଇ ପରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ଫୋନ୍‌ରୁ ମିଳିଥିବା ତଥ୍ୟ ଆଧାରରେ ମଧ୍ୟ ଏନ୍‌ସିସିଆଇଏ ତଦନ୍ତ କରିଥିବା ଜଣାପଡ଼ିଛି। ଏହାକୁ ନେଇ ପାକିସ୍ତାନ କ୍ରିକେଟ୍‌ରେ ମ୍ୟାଚ୍ ଫିକ୍ସିଂ ଓ ଦୁର୍ନୀତି ଆଶଙ୍କା ଚର୍ଚ୍ଚା ଜୋର ଧରିଛି। ଲର୍ଡ୍ସ ଟେଷ୍ଟ ପରେ 'ଶୃଙ୍ଖଳା ଓ ଆଚରଣ' ସମ୍ପର୍କିତ ଅଭିଯୋଗ ନେଇ ପିସିବି ଆଭ୍ୟନ୍ତରୀଣ ଶୃଙ୍ଖଳାଗତ ତଦନ୍ତ ଆରମ୍ଭ କରିଥିବା ମଧ୍ୟ ସ୍ପଷ୍ଟ କରିଥିଲା। ରିଜୱାନ୍ ଓ ଇମାମ୍‌ଙ୍କ ସହ ସଲମାନ୍ ଆଘା, ଅଲି ଉସମାନ୍, ଆମେର ଜମାଲ୍, ଆୱାଇସ୍ ଜାଫର୍ ଓ ଖୁରମ୍ ଶାହଜାଦ୍‌ଙ୍କୁ ମଧ୍ୟ ଦଳରୁ ଫେରାଇ ଦିଆଯାଇଥିଲା।

**ଇଂଲଣ୍ଡ-ପାକିସ୍ତାନ ତୃତୀୟ ଟେଷ୍ଟ**

# ଦ୍ୱିତୀୟ ପାଳିରେ ମାସୁଦ-ବାବର ଲଢ଼ିଲେ



ବର୍ମିଂହାମ, ୧୧।୯ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ତୃତୀୟ ଟେଷ୍ଟର ଦ୍ୱିତୀୟ ପାଳିରେ ପାକିସ୍ତାନ ଲଢ଼ୁଆ ପ୍ରଦର୍ଶନ କରିଛି। ୩୨୦ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ପାକିସ୍ତାନ ଶୁକ୍ରବାର ତୃତୀୟ ଦିବସ ଚା'ପାନ ବିରତି ସୁଦ୍ଧା ୬୭ ଓଭରରେ ୫ ୱିକେଟ ହରାଇ ୨୯୭ ରନ ସଂଗ୍ରହ କରିଛି। ସାଉଦ ସକିଲ ୨୯ ଓ ଗାଜି ଘୋରି ୬ ରନ କରି ଖେଳୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧିନାୟକ ସାନ୍ ମାସୁଦ ସର୍ବାଧିକ ୯୫ ରନ କରି ଆଉଟ୍ ହୋଇଛନ୍ତି। ୧୪୮ ବଲର ଏହି ପାଳିରେ ୧୨ଟି ଚୌକା ମାରିଥିବା ମାସୁଦ ଦ୍ରୁତ ବୋଲର ଗସ୍ ଆଟକିନସନଙ୍କ ବଲରେ ଆଉଟ୍ ହୋଇ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ସେହିଭଳି ଅଧିନାୟକ ବାବର ଆଜମ ମଧ୍ୟ ୭୬ ଓ ଓପନର୍ ଆଜନ ଆୱେସ ୫୯ ରନର ଲଢ଼ୁଆ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ତେବେ ଓପନର ସମିମ ଆୟୁବ ଓ ନଂ-୩ ବ୍ୟାଟର୍ ଅବଦୁଲ ସଫିକ ଖାତା ଖୋଲି ନ ପାରିବା ପାକିସ୍ତାନ ପାଇଁ ମହଙ୍ଗା ପଡ଼ିଥିଲା। ଇଂଲଣ୍ଡ ପକ୍ଷରୁ ଓଲି ରବିନସନ ୨ଟି, ଜୋଶ ଟଙ୍ଗ, ଆଟକିନସନ ଓ ଡାନ୍ ଲରେନ୍ସଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଛି। ହାତରେ ୫ ୱିକେଟ ବଳକା ଥାଇ ପାକିସ୍ତାନ ଦ୍ୱିତୀୟ ପାଳିରେ ମାତ୍ର ୨୩ ରନରେ ଅଗ୍ରଣୀ ରହିଛି। ଖେଳ ଆହୁରି ଦୁଇଦିନ ବାକି ରହିଥିବାରୁ ଇଂଲଣ୍ଡର ସ୍ଥିତି ମଜବୁତ ରହିଛି।

ପୂର୍ବରୁ ପାକିସ୍ତାନ ପ୍ରଥମ ପାଳିରେ ମାତ୍ର ୧୩୩ ରନରେ ସୀମିତ ରହିଥିଲା। ଜବାବରେ ପାଞ୍ଚଜଣ ବ୍ୟାଟର୍ ଓପନର ଇମିଲିଓ ଗେ (୬୦), ହ୍ୟାରୀ ବ୍ରୁକ୍ (୭୫), ଡାନ୍ ଲରେନ୍ସ (୬୫), ଜେମି ସ୍ମିଥ (୬୯) ଓ ବ୍ୟାଟିଂକ୍ରମର ୯ମ ସ୍ଥାନରେ ଆସିଥିବା ଓଲି ରବିନସନ (୫୦) ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ୪୫୩ ରନ କରିଥିଲା। ଫଳରେ ଇଂଲଣ୍ଡ ୩୨୦ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଲାଭ କରିଥିଲା। ପ୍ରଥମ ଦୁଇଟି ଟେଷ୍ଟକୁ ଜିତି ଇଂଲଣ୍ଡ ୨-୦ରେ ଆଗୁଆ ସିରିଜ କବଜା କରିସାରିଛି।

**● ଭିଏତ୍‌ନାମ ଓପନ୍**

# ମାଳବିକାଙ୍କୁ ହରାଇ ସେମିରେ ତନଭୀ

ହାନୋଇ, ୧୧।୯ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ତନଭୀ ଶର୍ମା ଏଠାରେ ଚାଲିଥିବା ଭିଏତ୍‌ନାମ ଓପନ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚରେ ତନଭୀ ୨୧-୧୮, ୧୫-୨୧, ୨୧-୧୪ ଗେମରେ ନିଜ ଦେଶର ମାଳବିକା ବଂଶୋଦଙ୍କୁ ପରାସ୍ତ କରିଥିଲେ। ସପ୍ତମ ସିଡ୍ ମାଳବିକା ୫୪ ମିନିଟ୍ ଧରି ଲଢ଼େଇ କରିଥିଲେ ମଧ୍ୟ ବିଶ୍ୱର ୨୭ ନମ୍ବର ଖେଳାଳି ତନଭୀଙ୍କୁ ହରାଇ ପାରି ନ ଥିଲେ। ତୃତୀୟ ସିଡ୍ ଇଶାରାଣୀ ବରୁଆ ମଧ୍ୟ ୨୧-୧୫, ୨୧-୧୮ ଗେମରେ ଚାଇନିଜ ତାଇପେଇର ହୁଆଙ୍ଗ ଚିଙ୍ଗ ପିଙ୍ଗ'ଙ୍କୁ ହରାଇଥିଲେ। ସେମିଫାଇନାଲରେ ଇଶାରାଣୀଙ୍କ ମୁକାବିଲା ଅନ୍ୟତମ ଭାରତୀୟ ଖେଳାଳି ରକ୍ଷିତା ଶ୍ରୀ'ଙ୍କ ସହ ହେବ। ରକ୍ଷିତା ୨୧-୧୨, ୨୧-୧୦ ଗେମରେ ମାନସି ସିଂଙ୍କୁ ହରାଇ ସେମିଫାଇନାଲକୁ ଉଠିଛନ୍ତି। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସ ବିଭାଗରେ ଏଚଏସ୍ ପ୍ରଣୟ ୨୮-୨୬, ୨୧-୧୨ ସିଧାସଳଖ ଗେମରେ ସାଥୀ ଖେଳାଳି ସଂସ୍କାର ସାରସ୍ୱତଙ୍କୁ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଫଳରେ ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ଓ ମହିଳା ସିଙ୍ଗଲ୍ସରେ ୪ଜଣ ଭାରତୀୟ ଖେଳାଳି ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

**● ଆଇଏସ୍‌ଏଲ୍-୧୩**

# ଓଡ଼ିଶା ଏଫ୍‌ସିକୁ ଫେରିଲେ ନନ୍ଦକୁମାର



ଭୁବନେଶ୍ୱର, ୧୧।୯ (ସମିସ): ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ)ର ଆଗାମୀ ତ୍ରୟୋଦଶ ସଂସ୍କରଣ ପୂର୍ବରୁ ଓଡ଼ିଶା ଏଫ୍‌ସି ଦଳ ଧୀରେ ଧୀରେ ଏହାର ଶକ୍ତି ବଢ଼ାଇବାରେ ଲାଗିଛି। ପୂର୍ବରୁ କ୍ଲବ୍ ସହିତ ଚାରୋଟି ସିଜନ୍ ବିତାଇଥିବା ନନ୍ଦକୁମାର ସେକର ଓଡିଶା ଏଫ୍‌ସିକୁ ପୁଣିଥରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୩୦ ବର୍ଷୀୟ ନନ୍ଦକୁମାର ଗତ ସିଜନରେ ଏକବର୍ଷ ଲାଗି ଇଷ୍ଟ ବେଙ୍ଗଲ ସହ ଚୁକ୍ତି କରିଥିଲେ। ଏହି ଚୁକ୍ତି ସମାପ୍ତ ହେବାପରେ ସେକର ପୁଣିଥରେ ନିଜର ପୂର୍ବ କ୍ଲବ ଓଡ଼ିଶା ଏଫ୍‌ସିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନନ୍ଦକୁମାର ଏଥିପୂର୍ବରୁ ୪ଟି ସିଜନ ଧରି ଓଡ଼ିଶା ଏଫ୍‌ସି ପାଇଁ ଆଇଏସଏଲ୍‌ରେ ୫୯ଟି ମ୍ୟାଚ୍ ଖେଳିଥିଲେ। ଯେଉଁଥିରେ ସେ ୭ଟି ଗୋଲ୍ ଦେବା ସହ ପାଞ୍ଚଟି ଆସିଷ୍ଟ କରିଥିଲେ। ତାଙ୍କର ସବୁଠାରୁ ସଫଳ ସିଜିନ୍ ୨୦୨୨-୨୩ ଥିଲା, ଯେତେବେଳେ ଓଡିଶା ଏଫ୍‌ସି ପ୍ରଥମ ଥର ପାଇଁ ଆଇଏସଏଲ ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ କରିଥିଲା। ସେହିଭଳି ଓଡ଼ିଶା ଏଫ୍‌ସିକୁ ପ୍ରଥମ ସୁପର କପ୍ ବିଜୟୀ କରିବାରେ ନନ୍ଦକୁମାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେହି ସିଜିନ୍‌ର ସେ ଆଇଏସଏଲରେ ୬ଟି ଓ ସୁପର କପରେ ୪ଟି ଗୋଲ୍ ଦେଇଥିଲେ। "ଓଡିଶା ଏଫ୍‌ସିକୁ ଫେରି ମୁଁ ବହୁତ ଖୁସି। ଏହି କ୍ଲବ୍ ମୋତେ କିଛି ସ୍ୱତନ୍ତ୍ର ସ୍ମୃତି ରହିଛି। ମୁଁ ଦଳ ଓ ପ୍ରଶଂସକଙ୍କ ସହ ପୁନର୍ବାର ଯୋଡ଼ି ହେବାକୁ ଯାଉଥିବାରୁ ଉତ୍ସାହିତ ରହିଛି ବୋଲି ନନ୍ଦକୁମାର କହିଛନ୍ତି।

**● ଏସିଆ କପ୍ ମହିଳା କ୍ରିକେଟ୍**

# ଶ୍ରୀଲଙ୍କା ବିପକ୍ଷ ସେମିରେ ପାକିସ୍ତାନ ଧରାଶାୟୀ

ଦୁବାଇ, ୧୧।୯ (ଏଜେନ୍ସି): ୟୁଏଇରେ ଚାଲିଥିବା ମହିଳା ଏସିଆ କପ୍ ଟି-୨୦ କ୍ରିକେଟ୍‌ର ଦ୍ୱିତୀୟ ସେମିଫାଇନାଲ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦୁବାଇରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଶ୍ରୀଲଙ୍କା ଅଧିନାୟିକା ଚମାରି ଅଟ୍ଟାପାଟ୍ଟୁ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ କିନ୍ତୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶେଷ ଖବର ସୁଦ୍ଧା ପାକିସ୍ତାନ ୧୩ ଓଭରରେ ୪ ୱିକେଟ ହରାଇ ୭୫ ରନ ସଂଗ୍ରହ କରିଛି। ଓପନର୍ ସୱାଲ ଜୁଲଫିକର ୧୬ ବଲରେ ୨୪, ମୁନୀବ ଅଲି ୮ ବଲରେ ୨, ଆୟେଶା ଜାଫର ୮ ବଲରେ ୭ ଓ ସଦାଫ ସାମାସ ୧୧ ବଲରେ ୮ ରନ କରି ଆଉଟ୍ ହୋଇଛନ୍ତି। ଗୁଲ୍ ଫିରୋଜା ୧୭ ରନ କରି ଅପରାଜିତ ରହିଛନ୍ତି। ଶ୍ରୀଲଙ୍କା ପକ୍ଷରୁ ଅଧିନାୟିକା ଚାମାରି ସଫଳ ବୋଲର ଭାବରେ ଦୁଇଟି ୱିକେଟ୍ ନେଇଛନ୍ତି। ଏହି ମ୍ୟାଚରେ ବିଜୟୀ ଦଳ ରବିବାର ଫାଇନାଲରେ ଭାରତକୁ ଭେଟିବ। ପୂର୍ବରୁ ଗତକାଲି ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ୪୦ ରନରେ ବାଂଲାଦେଶକୁ ପରାସ୍ତ କରିଥିଲା।

**ଏସିଆ କପ୍ ଜୁନିଅର ହକି**

# ଅଧିନାୟକ ଅନମୋଲ୍‌ଙ୍କ କମାଲ; ଫାଇନାଲରେ ଭାରତ





ବିବେକ ଲାକ୍ରା

ମୋକି, ୧୧।୯ (ଏଜେନ୍ସି)

ଚାଇନାର ମୋକିରେ ଚାଲିଥିବା ଏସିଆ କପ୍ ଜୁନିଅର ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଫାଇନାଲରେ ପ୍ରବେଶ କରିଛି। ଓଡ଼ିଆ ଖେଳାଳି ଅନମୋଲ୍ ଏକ୍କାଙ୍କ ନେତୃତ୍ୱାଧୀନ ଭାରତୀୟ ଯୁବ ଦଳ ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ୩-୧ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରିଥିଲା। ଅଧିନାୟକ ଅନମୋଲ୍ ଦୁଇଟି ଗୋଲ୍ ଦେଇ ଭାରତକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ରବିବାର ଟାଇଟଲ୍ ପାଇଁ ଲଢ଼େଇ ହେବ। ଅନ୍ୟ ଏକ ସେମିଫାଇନାଲରେ ଦକ୍ଷିଣ କୋରିଆ ୪-୧ ଗୋଲରେ ପାକିସ୍ତାନକୁ ମାତ୍ ଦେଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଭାରତ ଏଥର ବିଜୟୀ ହେଲେ କ୍ରମାଗତ ତୃତୀୟ ଓ ମୋଟ୍ ଉପରେ ଷଷ୍ଠ (୨୦୦୪, ୨୦୦୮, ୨୦୧୫, ୨୦୨୩, ୨୦୨୪)ଥର ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିବ।

ଶୁକ୍ରବାର ଭାରତ ଓ ମାଲେସିଆ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମ କ୍ୱାର୍ଟରରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟର ପ୍ରାରମ୍ଭରୁ ଅନମୋଲ୍‌ଙ୍କ ଗୋଲ୍ ବଳରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ଏହି ଅଗ୍ରଣୀ ବଜାୟ ରଖିଥିଲା। ଏହାପରେ ତୃତୀୟ କ୍ୱାର୍ଟର ମଧ୍ୟ ଗୋଲ୍‌ଶୂନ୍ୟ ଦେଖିବାକୁ ମିଳିଥିଲା। ତେବେ ନିର୍ଣ୍ଣାୟକ ଚତୁର୍ଥ କ୍ୱାର୍ଟର ବେଶ୍ ରୋମାଞ୍ଚକ ରହିଥିଲା। ୫୧ତମ ମିନିଟରେ ସୁଖବିନ୍ଦର ସିଂହ ଓ ଏହାର ତିନି ମିନିଟ୍ ପରେ ଅଧିନାୟକ ଅନମୋଲ୍ ଆଉ ଏକ ଗୋଲ୍ ଦେଇଥିଲେ। ଫଳରେ ଭାରତ ୩-୦ରେ ଏକପାଖିଆ ଅଗ୍ରଣୀ ରହିଥିଲା। ମ୍ୟାଚର ଅନ୍ତିମ ତଥା ୬୦ତମ ମିନିଟରେ ମାଲେସିଆ ଗୋଟିଏ ଗୋଲ୍ ଶୁଝିବାରେ ସମର୍ଥ ହୋଇଥିଲା। ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଆ ଗୋଲ୍‌କିପର ବିବେକ ଲାକ୍ରା ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଅପରପକ୍ଷରେ ଭାରତୀୟ ମହିଳା ଦଳ ଶନିବାର ସେମିଫାଇନାଲରେ ଦକ୍ଷିଣ କୋରିଆକୁ ଭେଟିବ। କ୍ୱାର୍ଟରରେ ଭାରତ ୧୯-୦ ଗୋଲରେ ପାକିସ୍ତାନକୁ ମାତ୍ ଦେଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS